# ସଂଚାର
THE SANCHAR

Website: sanchar.live  mail Id: sancharodisha@gmail.com
RNI NO :ODIODI/2001/04811  Postal Regd No : BN/249/15-17

Vol. 33 | ISSUE 225 | ଭାଗ ୩୩ | ସଂଖ୍ୟା ୨୨୫ | Saturday 8 November 2025 | Page 8 Rs. 5.00 | ● ଭୁବନେଶ୍ୱର ଶନିବାର ୮ ନଭେମ୍ବର ୨୦୨୫ | ୮ ପୃଷ୍ଠା, ମୂଲ୍ୟ ୫ ଟଙ୍କା





ମାସକୁ ୪ ଲକ୍ଷ ଟଙ୍କା ଅଣ୍ଟୁନି

ପୃଷ୍ଠା ୫

## ଗୌରବ ବଢ଼ାଇଲେ ଓଡ଼ିଆ ଝିଅ
# ତାଦାଶାଙ୍କୁ ଝାଡ଼ଖଣ୍ଡ ଡିଜିପି ଦାୟିତ୍ୱ
### ଡିସେମ୍ବର ୩୧ ପର୍ଯ୍ୟନ୍ତ ଦାୟିତ୍ୱରେ ରହିବେ



ଭୁବନେଶ୍ୱର/ରାଞ୍ଚି: ରାଜ୍ୟ ବାହାରେ ଓଡ଼ିଶାର ଗୌରବ ବଢ଼ାଇଛନ୍ତି ବରିଷ୍ଠ ଆଇପିଏସ୍ ଅଧିକାରୀ ତାଦାଶା ମିଶ୍ର। ଓଡ଼ିଶାରେ ଜନ୍ମିତ ଏହି ବରିଷ୍ଠ ଆଇପିଏସ୍ ଅଧିକାରୀ ଜଣଙ୍କ ଆଜି ଝାଡ଼ଖଣ୍ଡର କାର୍ଯ୍ୟକାରୀ ପୁଲିସ ମହାନିର୍ଦ୍ଦେଶକ (ଡିଜିପି) ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି। ଏହି ପଦବୀରେ ଅବସ୍ଥାପିତ ହେବାରେ ସେ ହେଉଛନ୍ତି ଝାଡ଼ଖଣ୍ଡ ପୁଲିସ୍ ଫୋର୍ସର ପ୍ରଥମ ମହିଳା। ଗତ ୧୯୯୪ ବ୍ୟାଚ୍‌ର ଏହି ଆଇପିଏସ୍ ଅଫିସର ଜଣଙ୍କ ଡିଜିପି ଅନୁରାଗ ଗୁପ୍ତାଙ୍କ ସ୍ୱେଚ୍ଛାକୃତ ଅବସର ପରେ ଆଜିଠାରୁ 'ଇନ୍-ଚାର୍ଜ ଡିଜି ଓ ଇନ୍ସପେକ୍ଟର ଜେନେରାଲ୍ ଅଫ୍ ପୁଲିସ' ଭାବେ ନିଯୁକ୍ତି ପାଇଛନ୍ତି। ଆସନ୍ତା ଡିସେମ୍ବର ୩୧ ତାରିଖରେ ସେ ଅବସର ନେବା ପର୍ଯ୍ୟନ୍ତ ଏହି ପଦରେ ରହିବେ। ଏହା ପୂର୍ବରୁ ସେ ରାଜ୍ୟର ଗୃହ ବିଭାଗରେ ସ୍ୱତନ୍ତ୍ର ସଚିବ ଭାବେ କାର୍ଯ୍ୟ କରୁଥିଲେ। ପୁଲିସ ବାହିନୀରେ ଲିଙ୍ଗଗତ ସମାନତା ଓ ଅନ୍ତର୍ଭୁକ୍ତିକରଣକୁ ପ୍ରୋତ୍ସାହିତ କରିବା କ୍ଷେତ୍ରରେ ➪ପୃଷ୍ଠା-୬

## ଆଇଆରସିର ୮୪ତମ ଅଧିବେଶନ ଉଦ୍‌ଘାଟିତ
# ଓଡ଼ିଶାକୁ ହଜାରେ କୋଟିର ଅନୁଦାନ

### ବିକାଶଧାରା ତ୍ୱରାନ୍ୱିତ ପାଇଁ ବିଶ୍ୱସ୍ତରୀୟ ଭିତ୍ତିଭୂମି ଜରୁରୀ: ଗଡ଼କରୀ
### ଓଡ଼ିଶାରେ ଗଡ଼ିବ ହାଇଡ୍ରୋଜେନ୍ ଯାନ
### ୮୦ ଲକ୍ଷ ଟନ୍ ବର୍ଜ୍ୟବସ୍ତୁରେ ତିଆରି ହୋଇଛି ରାସ୍ତା

ଭୁବନେଶ୍ୱର,୭।୧୧(ସଂଚାର ବ୍ୟୁରୋ): ଆଜି ସ୍ଥାନୀୟ ଜନତା ମଇଦାନଠାରେ ଆଜି ଇଣ୍ଡିଆନ ରୋଡ୍ସ କଂଗ୍ରେସ (ଆଇଆରସି)ର ୮୪ତମ ବାର୍ଷିକ ଅଧିବେଶନ ଉଦ୍‌ଘାଟିତ ହୋଇଥିବା ବେଳେ ଏହି ୪ଦିନିଆ କାର୍ଯ୍ୟକ୍ରମକୁ କେନ୍ଦ୍ର ସଡ଼କ ପରିବହନ ଓ ଯୋଗାଯୋଗ ମନ୍ତ୍ରୀ ଉଦ୍‌ଘାଟନ କରିଛନ୍ତି। ଏହି ଅବସରରେ କେନ୍ଦ୍ର ମନ୍ତ୍ରୀ ଓଡ଼ିଶାରେ ସଡ଼କ ଭିତ୍ତିଭୂମିର ବିକାଶ ପାଇଁ ଏକ ହଜାର କୋଟି ଟଙ୍କାର ଅନୁଦାନ




ଘୋଷଣା କରିଥିବା ବେଳେ ଏହି ଅର୍ଥ କେନ୍ଦ୍ର ସଡ଼କ ଭିତ୍ତିଭୂମି ପାଣ୍ଠି (ସିଆର୍‌ଆଇଏଫ୍)ରୁ ଯୋଗାଇ ଦିଆଯିବ ବୋଲି କହିଛନ୍ତି। ଏହି କାର୍ଯ୍ୟକ୍ରମରେ ଦେଶବିଦେଶର ପାଖାପାଖି ସାଢ଼େ ୩ ହଜାର ଇଞ୍ଜିନିୟର, ବୈଷୟିକ ବିଶେଷଜ୍ଞ, ପ୍ରଦର୍ଶକ, ପ୍ରତିନିଧି ଓ ବିଶିଷ୍ଟ ବ୍ୟକ୍ତି ଯୋଗ ଦେଇଛନ୍ତି। ସେ କହିଛନ୍ତି ଯେ ସଡ଼କ, ସେତୁ, ସୁଡ଼ଙ୍ଗ ଭଳି ଭିତ୍ତିଭୂମି ନିର୍ମାଣ ଲାଗି ବିଚାରବିମର୍ଶ ନିମନ୍ତେ ଏହା ହେଉଛି ଦେଶର ସବୁଠୁ ବଡ଼ ଜ୍ଞାନବିନିମୟ କାର୍ଯ୍ୟକ୍ରମ। ସଡ଼କ ଯୋଗାଯୋଗ ଭିତ୍ତିଭୂମି କ୍ଷେତ୍ରରେ ପ୍ରଯୁକ୍ତି, ଗବେଷଣା ଏବଂ ନବସୃଜନ ଲାଗି ବର୍ତ୍ତମାନ ହିଁ ପ୍ରକୃଷ୍ଟ ସମୟ। ଭାରତ ଏବେ ବିଶ୍ୱର ଦ୍ରୁତ ଅଭିବୃଦ୍ଧିଶୀଳ ଅର୍ଥବ୍ୟବସ୍ଥା। ଏହାକୁ ବିଶ୍ୱର ତୃତୀୟ ସର୍ବବୃହତ ଅର୍ଥବ୍ୟବସ୍ଥାରେ ପରିଣତ କରିବା ଲାଗି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସଂକଳ୍ପ ନେଇଛନ୍ତି। ଭାରତ ଏବେ ବିଶ୍ୱଗୁରୁ ଲକ୍ଷ୍ୟ ଦିଗରେ ଅଗ୍ରସର ହେଉଛି। ଏଥିପାଇଁ ବିଶ୍ୱସ୍ତରୀୟ ଭିତ୍ତିଭୂମିର ଆବଶ୍ୟକତା ରହିଛି। ମିତବ୍ୟୟୀ, ଉନ୍ନତ ମାନର ➪ପୃଷ୍ଠା-୬

## 'ବିସ୍ତୃତ ଭିତ୍ତିଭୂମି ମାଷ୍ଟର ପ୍ଲାନ'ର ପ୍ରସ୍ତୁତି ଚାଲିଛି: ମୁଖ୍ୟମନ୍ତ୍ରୀ



ଆଜି ଉଦ୍‌ଘାଟିତ ୮୪ତମ ଆଇଆର୍‌ସିରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି ଯେ ପ୍ରଧାନମନ୍ତ୍ରୀଙ୍କ ଦିଗ୍‌ଦର୍ଶନ ଓ କେନ୍ଦ୍ର ସଡକ ପରିବହନ ଓ ରାଜପଥ ମନ୍ତ୍ରୀଙ୍କ କାର୍ଯ୍ୟଦକ୍ଷତା ଯୋଗୁ ଆଜି ଉତ୍ତମ ସଡକ ନିର୍ମାଣ କ୍ଷେତ୍ରରେ ଦେଶବ୍ୟାପୀ ବ୍ୟାପକ ପରିବର୍ତ୍ତନ ଆସିଛି। ସେହିପରି୨୦୩୬ ସୁଦ୍ଧା ସମୃଦ୍ଧ ଓଡିଶା ଗଠନ ପାଇଁ ଆମେ ଓଡିଶାର ଅର୍ଥନୀତିକୁ ମଜବୁତ୍ କରୁଛୁ। ଏଥିପାଇଁ ଆମ ସରକାର ବନ୍ଦର, ସଡକ, ରେଳ ଏବଂ ବିମାନ ପରିବହନ କ୍ଷେତ୍ରର ବିକାଶ ଦିଗରେ ଉଦ୍ୟମ ଅବ୍ୟାହତ ରଖିଛି। ଏଥିପାଇଁ ନୀତି ସହ ଆଇନ ମଧ୍ୟ କାର୍ଯ୍ୟକାରୀ କରାଯାଇଛି। ସମୃଦ୍ଧ ➪ପୃଷ୍ଠା-୬

## ଜାତୀୟ ସଙ୍ଗୀତର ୧୫୦ ବର୍ଷ ପୂର୍ତ୍ତି ସ୍ମରଣୋତ୍ସବ
# ଜାତୀୟତାର ପଥ ଦେଖାଉଛି 'ବନ୍ଦେ ମାତରମ୍'

### କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହଙ୍କ ସହ ଯୋଗଦେଲେ



ପାଟନା,୭।୧୧: ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷର ପବିତ୍ର ଯାତ୍ରାକୁ ଅବିସ୍ମରଣୀୟ ରୂପ ଦେବା ସହ ବର୍ଷବ୍ୟାପୀ ସ୍ମରଣୋତ୍ସବର ଶୁଭାରମ୍ଭ କରିଛନ୍ତି। ଏହି ପରିପ୍ରେକ୍ଷୀରେ ପାଟନାରେ ମାନ୍ୟବର ଗୃହ ମନ୍ତ୍ରୀ ଶ୍ରୀ ଅମିତ ଶାହା ଏବଂ ଅନ୍ୟାନ୍ୟ ବରିଷ୍ଠ ନେତୃବୃନ୍ଦଙ୍କ ସହ ଆୟୋଜିତ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ। ଶ୍ରୀ ପ୍ରଧାନ କହିଛନ୍ତି ଯେ 'ବନ୍ଦେ ମାତରମ୍'ର ୧୫୦ତମ ବାର୍ଷିକୀ ଜାତୀୟ ଗର୍ବ ଓ ସାଂସ୍କୃତିକ ଚେତନାର ଏକ ମୁହୂର୍ତ୍ତ, ଯାହା ପ୍ରତିଟି ଭାରତୀୟଙ୍କ ମନରେ ଭାରତମାତା ➪ପୃଷ୍ଠା-୬

# ନୂଆପଡ଼ାରୁ ବିଜେପିକୁ ଟାର୍ଗେଟ କଲେ ନବୀନ

- ଓଡ଼ିଶାବାସୀଙ୍କୁ ଦଳ ଦେଇଛି ଡବଲ ଧୋକା
- ମିଛ ପ୍ରତିଶ୍ରୁତି ଓ ରଙ୍ଗ ମାରିଲେ ବିକାଶ ହୁଏନି
- ନୂଆପଡ଼ା ଓ ଖରିଆର ରୋଡ୍‌ରେ ରୋଡ୍ ଶୋ'

ନୂଆପଡ଼ା,୭।୧୧(ସଂଚାର ବ୍ୟୁରୋ): ନୂଆପଡ଼ା ଉପନିର୍ବାଚନ ପାଇଁ ପ୍ରଚାର ମଇଦାନକୁ ପୁଣି ଥରେ ଓହ୍ଲାଇଛନ୍ତି ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ। ନୂଆପଡ଼ାରେ ନବୀନ ରୋଡ୍ ଶୋ' କରିଛନ୍ତି। ଏକ ସ୍ୱତନ୍ତ୍ର ବସ୍‌ରେ ନବୀନ ଦଳୀୟ ପ୍ରାର୍ଥୀ ସ୍ନେହାଙ୍ଗିନୀ ଛୁରିଆଙ୍କ ପାଇଁ ପ୍ରଚାର କରିଛନ୍ତି। ଖରିଆର ରୋଡ୍ ଓ ନୂଆପଡ଼ା



ବ୍ଲକ୍‌ରେ ନବୀନ ଏହି ରୋଡ୍ ଶୋ'ରେ ଶାସକ ଦଳ ବିଜେପିକୁ ଟାର୍ଗେଟ୍ କରିଛନ୍ତି। ବିଜେପିକୁ ଆକ୍ଷେପ କରି କହିଛନ୍ତି ଯେ ମିଛ ପ୍ରଚାରରେ ବିକାଶ ହୁଏନାହିଁ। ଖାଲି ରଙ୍ଗ ମାରିଲେ ବିକାଶ ହୁଏ ନାହିଁ କି ମିଛ ପ୍ରତିଶ୍ରୁତିରେ ସରକାର ଚାଲେ ନାହିଁ ➪ପୃଷ୍ଠା-୬

### ଦେଢ଼ ଘଣ୍ଟା ପରେ ମିଳିଲା କ୍ଲିଅରାନ୍ସ

ଭୁବନେଶ୍ୱର: ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକଙ୍କ ହେଲିକପ୍ଟରକୁ ଭୁବନେଶ୍ୱର ବିମାନବନ୍ଦରରେ ଦେଢ଼ ଘଣ୍ଟା ଧରି ମିଳିଲାନି କ୍ଲିଅରାନ୍ସ। ଦେଢ଼ ଘଣ୍ଟା ବିଳମ୍ବରେ ଭୁବନେଶ୍ୱର ବିମାନବନ୍ଦରରୁ ଛାଡ଼ିଲା ନବୀନଙ୍କ ହେଲିକପ୍ଟର। ଆଜି ପୂର୍ବାହ୍ନ ୯ଟା ୪୫ରେ ବିମାନବନ୍ଦରରେ ପହଞ୍ଚିଥିଲେ ନବୀନ। ସାଢ଼େ ୧୧ଟାରେ ଖରିଆର ରୋଡ୍ ହେଲିପ୍ୟାଡରେ ପହଞ୍ଚିଥାନ୍ତେ ନବୀନ। ମାତ୍ର ବିଳମ୍ବରେ କ୍ଲିଅରାନ୍ସ ମିଳିବା ଯୋଗୁଁ ଖରିଆର ରୋଡରେ ମଧ୍ୟ ସେ ବିଳମ୍ବରେ ପହଞ୍ଚିଥିଲେ। ଏନେଇ ପ୍ରତିକ୍ରିୟା ରଖିଛନ୍ତି ବିମାନ ବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ। ନବୀନଙ୍କ ଫ୍ଲାଇଟ ଅପରେଟର ଫ୍ଲାଇଟ ପ୍ଲାନ ➪ପୃଷ୍ଠା-୬

# ନେତାଙ୍କୁ ଘାରିଲାଣି ଭୟ






- * ବିନା ମାଡ଼ରେ ବୋହୁଛି ରକ୍ତ
- * ଚିନ୍ତା ବଢ଼ାଇଛି ଏଆଇ ଫଟୋ
- * ବୁଲୁଛି ମାଳ ମାଳ ଡିପ୍ ଫେକ ଭିଡିଓ
- * କ୍ରାଇମବ୍ରାଞ୍ଚର ସହଯୋଗ ଲୋଡ଼ା

ଭୁବନେଶ୍ୱର,୭।୧୧(ସଂଚାର ବ୍ୟୁରୋ): ନୂଆପଡ଼ା ଉପନିର୍ବାଚନକୁ ନେଇ ସାରା ରାଜ୍ୟରେ ଏବେ ଦେଖାଯାଇଛି ରାଜନୈତିକ ଉଷ୍ମତା। ନିଜ ପସନ୍ଦର ନେତା ବାଛିବାକୁ ନୂଆପଡ଼ାବାସୀଙ୍କଠାରୁ ଅଧିକ ତତ୍ପର ବାହାର ଲୋକେ। ମାସେ ଆଗରୁ ଡେରା ପକାଇ ଉପନିର୍ବାଚନ ମାହୋଲକୁ ପୂରା ସରଗରମ କରିରଖିଛନ୍ତି। ଆଉ କିଛି ଘରେ ବସି ଡିଜିଟାଲ ମିଡିଆ ସହାୟତାରେ କାହାକୁ କଟାକ୍ଷ କଲେଣି ତ ଆଉ କେତେବେଳେ ଏଆଇ ଭିଡିଓ ସହାୟତାରେ ଫେକ ଫଟୋ ମାଧ୍ୟମରେ ଶତ୍ରୁପକ୍ଷକୁ ଟାର୍ଗେଟ କଲେଣି। ତେବେ ଏହାରି ଭିତରେ ଅତି ଲେମ୍ବୁ ଚିପୁଡ଼ିଲେ ପିତା ଭଳି ଏଆଇର ମାତ୍ରାଧିକ ବ୍ୟବହାର ଯୋଗୁଁ ଫେକ ଫଟୋ ଓ ଭିଡିଓ ଭାଇରାଲ ଘଟଣା ପାଲଟିଛି ମୁଣ୍ଡବିନ୍ଧାର ପ୍ରମୁଖ କାରଣ। ଗତ କିଛିଦିନ ହେଲା ବବି ଦାସ, ଜିତୁ ବଳବନ୍ତରାୟ, ଲିକୁ ସାହୁ, ମନମୋହନ ସାମଲଙ୍କ ପରି ପ୍ରମୁଖ ନେତାଙ୍କ ଫେକ ଫଟୋ ସୋସିଆଲ୍ ମିଡିଆରେ ବେଶ୍ ଦ୍ରୁତ ଗତିରେ ଭାଇରାଲ ହେଉଛି। କେତେବେଳେ କୁହାଯାଉଛି, ଜିତୁଙ୍କୁ ନୂଆପଡ଼ାରେ ମାଡ଼ ହେଲା ତ ଆଉ କେତେବେଳେ ଲିକୁଙ୍କ ମୁଣ୍ଡଫଟା ଭିଡିଓ ଭାଇରାଲ।

ଏସବୁ ଦେଖିବା ପରେ ଅନ୍ୟ ନେତାଙ୍କୁ ଘାରିଲାଣି ଡିପ ଫେକ ଭିଡିଓ ଓ ଫଟୋ ଚିନ୍ତା। ସାଇବର ଠକ ବା ଶତ୍ରୁପକ୍ଷ ବ୍ଲାକମେଲ ପରେ କରିପାରନ୍ତି ବଦନାମ। ନିକଟ ଅତୀତରେ ଅମିତ ଶାହା , ଅଭିନେତ୍ରୀ ➪ପୃଷ୍ଠା-୬

## ଏସ୍‌ପିଙ୍କ ଚଡ଼ି ପିନ୍ଧି
# ହଟହଟା ଆଇଆଇସି




ଅନଲାଇନରୁ ପ୍ରଡକ୍ଟ ରିସିଭ କଲେ। ପେମେଣ୍ଟ ବି କଲେ। ପିନ୍ଧିବା ପରେ ଆସିଲା ସାହେବଙ୍କ ଫୋନ। ଏସପିଙ୍କ ଚଡି ପିନ୍ଧିଥିବାରୁ ଆଇଆଇସିଙ୍କୁ କରାଗଲା କଡା ତାଗିଦ। ଶେଷରେ ଥଳକୂଳ ନପାଇ ପ୍ୟାକେଟ ଫେରାଇବା ଘଟଣା ଏବେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଛି। ଶିଳ୍ପ ସମୃଦ୍ଧ ଏକ ଜିଲ୍ଲାର ପୋଲିସ ମୁଖିଆ ତଥା ଏସପି ଓ ଆଇଆଇସିଙ୍କ ମଧ୍ୟରେ ଘଟିଛି ଏହି ଘଟଣା। ୩ ମାସ ହେଲା କାର୍ଯ୍ୟଭାର ସମ୍ଭାଳିଥିବା ଏହି ଯୁବ ଏସପି କିଛିଦିନ ତଳେ ଅନଲାଇନରୁ କମ୍ବୋ ପ୍ୟାକ ବା ୫ ଟି ଇଣ୍ଟର ନ୍ୟାସନ୍ୟାଲ ବ୍ରାଣ୍ଡର ଚଡି ମଗାଇଥିଲେ। କ୍ୟାସ ଅନ୍ ଡେଲିଭରି ସୁବିଧା ମଧ୍ୟ ରଖିଥିଲେ। କିନ୍ତୁ ରିସିଭ ପାଇଁ ନିଜ ଠିକଣା ବଦଳରେ ଜଣେ ଆଇଆଇସିଙ୍କ ଠିକଣା ଦେଇଥିଲେ। କାର୍ଯ୍ୟବ୍ୟସ୍ତତା ଯୋଗୁଁ ଆଇଆଇସି ଜଣଙ୍କୁ ଏକଥା ଜଣାଇ ପାରି ନଥିଲେ। ଅର୍ଡରର ସପ୍ତାହେ ପରେ ପାର୍ସଲ ଆସି ଡେଲିଭରି ଲୋକେସନରେ ପହଞ୍ଚିଥିଲା। ଆଇଆଇସି ମଧ୍ୟ ଅର୍ଡର କରିନଥିବାରୁ ପ୍ରଥମେ ଏହାକୁ ସେ ଗ୍ରହଣ କରୁନଥିଲେ। କିନ୍ତୁ ଭୁଲବଶତଃ ତାଙ୍କ ଘର ଲୋକେ ଅର୍ଡର କରିଦେଇଥିବେ ଭାବି ପେମେଣ୍ଟ କରିବା ସହ ଆଇଆଇସି ଜଣଙ୍କ ଉକ୍ତ ପାର୍ସଲ ରିସିଭ କରିଥିଲେ। ତାକୁ ଖୋଲିବା ବେଳକୁ ଭିତରେ ୫ଟି ନାମୀଦାମୀ ବ୍ରାଣ୍ଡର ଚଡ଼ି ରହିଥିଲା। ତାହା ପୁଣି ଠିକ ଆଇଆଇସିଙ୍କ ସାଇଜ୍‌ର। କାଳବିଳମ୍ବ ନ କରି ସେଥିରୁ ଗୋଟିଏ ପିନ୍ଧି ଦେଇଥିଲେ ସମ୍ପୃକ୍ତ ଆଇଆଇସି ଜଣଙ୍କ। କିନ୍ତୁ ଦୁର୍ଭାଗ୍ୟବଶତଃ ଠିକ ସେତିକିବେଳେ ଆସିଥିଲା ସାହେବଙ୍କ ଫୋନ୍। ପ୍ରଡକ୍ଟ ରିସିଭ ନେଇ ଫୋନକୁ ମେସେଜ ଆସିବା ପରେ ଚଡ଼ି ପ୍ୟାକେଟ ଆଣି ସରକାରୀ ବାସଭବନରେ ଦେଇଯିବାକୁ କହିଥିଲେ ଏସପି। ହେଲେ ଆଇଆଇସି ତ ଗୋଟାଏ ପିନ୍ଧିଦେଇଛନ୍ତି। ଏବେ କରିବେ କ'ଣ ? ପିନ୍ଧା ଚଡ଼ିକୁ ଭାଙ୍ଗିଭୁଙ୍ଗି ଫେରାଇଲେ ଯଦି ସାହେବ ଜାଣିବେ, ତେବେ ନକ୍ସଲ ଅଞ୍ଚଳକୁ ବଦଳି ହେବାଟା ଥୟ। ଏଭଳି ଭାବି କାନମୁଣ୍ଡ ଆଉଁଷି ଶେଷରେ ଆଇଆଇସି ଜଣଙ୍କ ୪ଟି ଚଡ଼ି ନେଇ ଏସପିଙ୍କୁ ଫେରାଇଲେ। ଆଉ ଗୋଟିଏ ଭୁଲବଶତଃ ନିଜେ ପିନ୍ଧି ଦେଇଥିବା ସ୍ୱୀକାର ମଧ୍ୟ କଲେ ସେ। ତଥାପି ଶୁଣିବାକୁ ପଡ଼ିଲା ଇଂରାଜୀ ଗାଳି। ବାହାରକୁ ଆସି ଆଇଆଇସି କୁଆଡ଼େ 'ଗଙ୍ଗା ଗଲି ଯେତିକି, ଫଳ ପାଇଲି ସେତିକି' ବୋଲି କହୁଥିବା ଚର୍ଚ୍ଚା ହେଉଛି।

## ପୀତବାସ ହତ୍ୟା ମାମଲା
# ସପକ୍ଷରେ ୨୦୯ ଆଇନଜୀବୀ



ବ୍ରହ୍ମପୁର,୭।୧୧ (ସଂଚାର ବ୍ୟୁରୋ): ଆଇନଜୀବୀ ପୀତବାସ ପଣ୍ଡା ହତ୍ୟାକାଣ୍ଡ ଘଟଣାରେ ତାଙ୍କ ପରିବାର ପକ୍ଷରୁ ଦାଖଲ ହୋଇଥିବା ମାମଲା ସପକ୍ଷରେ ୨୦୯ ଓକିଲ ଓ୍ୱକାଲତନାମା ଦାଖଲ କରିଛନ୍ତି। ପୂର୍ବରୁ ବିକ୍ରମଙ୍କ ସପକ୍ଷରେ ୪୪ରୁ ଊର୍ଦ୍ଧ୍ୱ ଓକିଲ ଓ୍ୱକାଲତନାମା ଦାଖଲ କରିଛନ୍ତି। ଗତକାଲି ବିକ୍ରମଙ୍କ ଓକିଲ ଏକ ପିଟିସନ ବ୍ରହ୍ମପୁର ଏସଡିଜେଏମଙ୍କ କୋର୍ଟରେ ଦାଖଲ କରିଥିଲେ। ସେହିପରି ପୀତବାସ ପଣ୍ଡା ହତ୍ୟା ମାମଲାରେ ବିକ୍ରମଙ୍କ ସପକ୍ଷରେ ଏକ ପିଟିସନ ଏସଡିଜେଏମଙ୍କ କୋର୍ଟରେ ଦାଖଲ ହୋଇଥିଲା। ତେବେ ଆଜି ତାଙ୍କ ବିପକ୍ଷରେ ୨୦୯ ଜଣ ଆଇନଜୀବୀ ଓ୍ୱକାଲତନାମା ଦାଖଲ କରିଛନ୍ତି। ସରକାରୀ ଓକିଲଙ୍କୁ ସହଯୋଗ କରିବା ପାଇଁ ଶତାଧିକ ଓକିଲ ଆଗେଇଆସିଛନ୍ତି। ପୀତବାସଙ୍କୁ ହତ୍ୟା କରିଥିବା ଅଭିଯୁକ୍ତମାନଙ୍କ ବିରୋଧରେ କଠୋର ଦଣ୍ଡ ବିଧାନ ପାଇଁ ଆଇନଜୀବୀମାନେ ଏପରି ପଦକ୍ଷେପ ନେଇଛନ୍ତି।ଅନ୍ୟପକ୍ଷରେ ଏହି ମାମଲାରେ ଦୁଇ ଦିନିଆ ପୁଲିସ ରିମାଣ୍ଡରେ ଥିବା ହତ୍ୟାକାରୀ ଉମା ବିଷୋୟୀ ଓ କୁରୁପତି ଭୂୟାଁଙ୍କ ସମେତ ୬ ଜଣଙ୍କ ରିମାଣ୍ଡ୍ ଅବଧି ଆଜି ଶେଷ ହୋଇଛି। ଅନ୍ୟମାନେ ହେଲେ ମଦନ ଦଳେଇ, ମଳୟ ବିଷୋୟୀ, ଯୋଗେନ୍ଦ୍ର ରାଉତ ଓ ବିଷ୍ଣୁ ପ୍ରଧାନ। ରିମାଣ୍ଡ ସମୟରେ ପୁଲିସ ସେମାନଙ୍କୁ ମୁହାଁମୁହିଁ ବସାଇ ଜେରା କରିଥିବା ଜଣାପଡ଼ିଛି।



### କାନ ଡେରିଥା

ଏଗାର ମାସରେ ପାପ
କରିକରି
କାର୍ତ୍ତିକରେ ହେଲୁ ସାଧୁ
ପୁଣ୍ୟ ମିଳିବାକୁ ବଡି ଭୋରୁ
ଉଠି
ଥଣ୍ଡା ପାଣି ଟିକେ ଗାଧୁ
ଛାଡ ଖାଇରେ ତୁ ରାନ୍ଧୁ...
ପୁଣ୍ୟ ମାସ ପରେ ପାପ
କରିଦେବେ
ଯାହାର ବିନ୍ଧୁଛି ବିନ୍ଧୁ।

■ ଦେବାଶିଷ

# କଂଗ୍ରେସ ଭୋଟ୍ ଉପରେ ଦୁଇ ଦଳର ନଜର

ଭୁବନେଶ୍ୱର,୭।୧୧(ସଂଚାର ବ୍ୟୁରୋ): ନୂଆପଡ଼ାରେ କଂଗ୍ରେସ ଭୋଟ ଉପରେ ଉଭୟ ବିଜେପି ଓ ବିଜେଡିର ନଜର। ଯେଉଁଦଳ ଅଧିକ କଂଗ୍ରେସ ଭୋଟକୁ ନିଜ ପଟକୁ ଆଣିପାରିବ ସେହି ଦଳ ବିଜୟୀ ହେବ ବୋଲି ଅଙ୍କ କଷୁଛନ୍ତି। ଏହାକୁ ଦୃଷ୍ଟିରେ ରଖି ଉଭୟ ଦଳର ନେତା ଗୋଟି ଚଳାଉଥିବାବେଳେ କଂଗ୍ରେସ ଗଡକୁ

- ଆଦିବାସୀ ଭୋଟ ହାତେଇବାକୁ ଉଦ୍ୟମ
- ଗଡ଼ ଜଗିଛନ୍ତି ଭକ୍ତ

ଖୋଦ୍ ପ୍ରଦେଶ ସଭାପତି ଭକ୍ତ ଦାସ ଜଗି ରହିଛନ୍ତି।

ନୂଆପଡ଼ାରେ ଏବେ ବିଜେପି ଓ ବିଜେଡି ଘମାଘୋଟ ପ୍ରଚାର ଚଳାଇଛନ୍ତି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୋଟିଏ ଥର ପ୍ରଚାର ସାରିଥିବା ବେଳେ ବିରୋଧିଦଳ ନେତା ନବୀନ ପଟ୍ଟନାୟକ ଦୁଇଥର ପ୍ରଚାର ସାରିଲେଣି। ନବୀନ ପ୍ରଥମେ କୋମନା ଓ ପରେ ବିଜେପି ପ୍ରାର୍ଥୀଙ୍କ ଗଡ ଖରିଆରରେ ଧୂଆଁଧାର ପ୍ରଚାର କରିଛନ୍ତି। ନବୀନଙ୍କ ପରେ ପରେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ କୋମନାରେ ବିଶାଳ ରୋଡ୍ ଶୋ' କରିଥିବାବେଳେ ଆଉ ଥରେ ନୂଆପଡ଼ା ପ୍ରଚାରରେ ଯିବାର କାର୍ଯ୍ୟକ୍ରମ ଥିବା ସୂଚନା ମିଳୁଛି।



ଉଭୟ ଦଳର ଛୋଟରୁ ବଡ଼ ନେତାମାନେ ନୂଆପଡ଼ାରେ ଡେରା ପକାଇ ନିଜ ନିଜ ଭୋଟରଙ୍କୁ ଜଗି ରହିଛନ୍ତି। ବୁଥ୍ ସ୍ତରରେ ନେତାମାନେ ଏଥିପାଇଁ ରାତି ଅନିଦ୍ରା ହୋଇ ଜଗିଛନ୍ତି। ତେବେ କଂଗ୍ରେସର ବର୍ତ୍ତମାନ ସୁଦ୍ଧା ରାଜ୍ୟ ବାହାରର କୌଣସି ଷ୍ଟାର ପ୍ରଚାରକ ଆସିପାରିନାହାନ୍ତି। ତେଲେଙ୍ଗାନାର କଂଗ୍ରେସ ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡୀଙ୍କ ନାଁ ଶୁଣାଯାଉଥିଲେ ବି ତାଙ୍କର କାର୍ଯ୍ୟକ୍ରମ ବାତିଲ ହୋଇଛି। ରାଜ୍ୟ ନେତାଙ୍କ ଭରସାରେ କଂଗ୍ରେସ ଥିବା ବେଳେ ଆରମ୍ଭରୁ ହିଁ ଭକ୍ତ ନୂଆପଡ଼ାରେ ଡେରା ପକାଇଛନ୍ତି।

ତେବେ ନୂଆପଡ଼ାର ପାଖାପାଖି ୨.୫ ଲକ୍ଷ ଭୋଟରଙ୍କ ମଧ୍ୟରୁ ଗତ ନିର୍ବାଚନରେ ୬୧ ହଜାରରୁ ଅଧିକ ଭୋଟ ବିଜେଡି ଖାତାକୁ ଯାଇଥିବା ବେଳେ ସ୍ୱାଧୀନ ଭାବେ ଲଢୁଥିବା ବର୍ତ୍ତମାନର କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କ ଖାତାକୁ ୫୦ ହଜାରରୁ ଅଧିକ ଭୋଟ ଯାଇଥିଲା। ବିଜେପି ତୃତୀୟ ସ୍ଥାନରେ ରହିଥିବା ବେଳେ ଦଳ ପାଖକୁ ପାଖାପାଖି ୪୫ ହଜାର ଭୋଟ ଯାଇଥିଲା। ଉପନିର୍ବାଚନରେ କିନ୍ତୁ ନୂଆପଡ଼ା ଗଣିତ ବଦଳିଛି। ବିଜେଡିରୁ ପ୍ରାର୍ଥୀ ହେବେ ବୋଲି ଗଣମାଧ୍ୟମକୁ ସୂଚନା ଦେଇଥିବା ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଶେଷ ମୁହୂର୍ତ୍ତରେ ବିଜେପିରୁ ପ୍ରାର୍ଥୀ ହୋଇଛନ୍ତି। ବିଜେଡି ଏଠାରେ ପୂର୍ବତନ ➪ପୃଷ୍ଠା-୬

# ଉପନିର୍ବାଚନ ପାଇଁ ଜାରି ହେଲା କଟକଣା

- ସାଇଲେଣ୍ଟ ପିରିଅଡ୍‌ରେ ସତର୍କତା ଅବଲମ୍ବନ କରିବାକୁ ପରାମର୍ଶ
- ନିର୍ବାଚନମଣ୍ଡଳୀରେ ରହିପାରିବେନି ବାହାରର ନେତା, କର୍ମକର୍ତ୍ତା
- ସୋସିଆଲ ମିଡିଆ ବ୍ୟବହାର ଉପରେ ଲାଗିଲା ଅଙ୍କୁଶ

ଭୁବନେଶ୍ୱର,୭।୧୧(ସଂଚାର ବ୍ୟୁରୋ): ନିର୍ବାଚନରେ ସ୍ୱଚ୍ଛତା ବଜାୟ ରଖିବା ଓ ମତଦାତାମାନଙ୍କ ପାଇଁ ମୁକ୍ତ, ଅବାଧ ଓ ଶାନ୍ତିପୂର୍ଣ୍ଣ ପରିବେଶ ସୁନିଶ୍ଚିତ କରିବା ପାଇଁ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ମତଦାନ ଶେଷ ହେବାର ୪୮ ଘଣ୍ଟା ପୂର୍ବ ଅବଧି, ଯାହାକୁ ସାଧାରଣତଃ ନୀରବ ଅବଧି ବା ସାଇଲେଣ୍ଟ ପିରିଅଡ୍ ବୋଲି କୁହାଯାଇଥାଏ ସେନେଇ ଏକ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶାବଳୀ ଜାରି କରିଛନ୍ତି। ଏହି ନୀରବ ଅବଧି ମଧ୍ୟରେ ରାଜନୈତିକ ଦଳମାନେ କୌଣସି ପ୍ରକାର ପ୍ରଲୋଭନ ବା ପ୍ରଭାବିତ ନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ।




ସବୁ ରାଜନୈତିକ ବ୍ୟକ୍ତି ଏବଂ କାର୍ଯ୍ୟକର୍ତ୍ତା, ଯେଉଁମାନଙ୍କୁ ସମ୍ପୃକ୍ତ ନିର୍ବାଚନମଣ୍ଡଳୀ ବାହାରୁ ଅଣାଯାଇଥାଏ, ପ୍ରଚାର ଅବଧି ଶେଷ ହେବା ପରେ ସେମାନ ସେହି ନିର୍ବାଚନ ମଣ୍ଡଳୀରେ ଆଉ ରହି ପାରିବେ ନାହିଁ। ଜିଲ୍ଲା ନିର୍ବାଚନ ଅଧିକାରୀ ଓ ଆରକ୍ଷୀ ଅଧୀକ୍ଷକ ନିର୍ବାଚନମଣ୍ଡଳୀରେ ଥିବା ସବୁ କଲ୍ୟାଣ ମଣ୍ଡପ, କମ୍ୟୁନିଟି ହଲ୍ ଆଦିରେ କୌଣସି ବାହାର ଅଞ୍ଚଳର ଲୋକ ରହୁଛନ୍ତି କି ନାହିଁ ତାହା ଯାଞ୍ଚ କରିବେ। ଲଜ୍ ଓ ଅତିଥି ଗୃହଗୁଡ଼ିକର ଅତିଥି ତାଲିକା ଯାଞ୍ଚ କରିବେ। ସୀମାନ୍ତରେ ଯାଞ୍ଚ ପୋଷ୍ଟ ସ୍ଥାପନ କରି ନିର୍ବାଚନମଣ୍ଡଳୀ ➪ପୃଷ୍ଠା-୬

## କର୍କଟ ପୀଡ଼ିତଙ୍କୁ କେନ୍ଦ୍ରାପଡ଼ା ଅର୍ବାନ ବ୍ୟାଙ୍କ ପକ୍ଷରୁ ସହାୟତା



**କେନ୍ଦ୍ରାପଡ଼ା, ୭।୧୧ (ସଂଚାର ବ୍ୟୁରୋ):** କେନ୍ଦ୍ରାପଡା ଅର୍ବାନ କୋଅପରେଟିଭ ବ୍ୟାଙ୍କ ପକ୍ଷରୁ କର୍କଟ ରୋଗରେ ପିଡିତ ଜଣେ ବ୍ୟକ୍ତିଙ୍କୁ ଆର୍ଥିକ ସହାୟତା ପ୍ରଦାନ କରାଯାଇଛି । ବ୍ୟାଙ୍କ ପରିଚାଳନା ମଣ୍ଡଳୀ ସଭାପତି ଗୁରୁପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଏହି ସହାୟତା ପ୍ରଦାନ କରାଯାଇଛି । କେନ୍ଦ୍ରାପଡ଼ା ବ୍ଲକ ଅନ୍ତର୍ଗତ ଜମ୍ବୁ ଗ୍ରାମପାୟତର କଣ୍ଡୋଟି ଗ୍ରାମର ସ୍ୱର୍ଗତ କୃଷ୍ଣ ମଲିକଙ୍କ ପୁଅ କୁଶ ମଲିକ କର୍କଟ ରୋଗରେ ପିଡିତ ହୋଇ ଚିକିତ୍ସାଧିନ ଅଛନ୍ତି । ତାଙ୍କୁ ଚିକିତ୍ସା ସହାୟତା ପାଇଁ ଅର୍ବାନ ବ୍ୟାଙ୍କର ମୁଖ୍ୟନିର୍ବାହୀ ଅଧିକାରୀ ଭାଗ୍ୟଲକ୍ଷ୍ମୀ ପଣ୍ଡା ବ୍ୟାଙ୍କ ପକ୍ଷରୁ ୫ହଜାର ଟଙ୍କାର ଆର୍ଥିକ ସହାୟତାର ଚେକ ପ୍ରଦାନ କରିଥିଲେ। ଏହି ସହାୟତା ପ୍ରଦାନ ସମୟରେ ବ୍ୟାଙ୍କର ଜେନେରାଲ ମ୍ୟାନେଜର ସୁରେଶ ଚନ୍ଦ୍ର ପରିଡା, ମ୍ୟାନେଜର(ଅଡିଟ) ଲଲାଟେନ୍ଦୁକେଶରୀ ଦାସ, ରିଲେସନସିପ ଅଧିକାରୀ ଭଞ୍ଜକିଶୋର ଜେନା ପ୍ରମୁଖ ଉପସ୍ଥିତ ଥିଲେ ।

### ଚାଷୀ ମୁଣ୍ଡରେ କାଳମୁଣ୍ଡି ଚଡ଼କ

## ଉଜୁଡ଼ିଗଲା ବିରି ଫସଲ, କେମିତି ସୁଝିବେ ଋଣ



**ଆଳି,୭।୧୧(ସଂଚାର ବ୍ୟୁରୋ):** ଗତ କିଛିଦିନ ପୂର୍ବେ କେନ୍ଦ୍ରାପଡା ଜିଲ୍ଲାର ଆ ଅଞ୍ଚଳରେ ବନ୍ୟା ପ୍ରବାହିତ ହେବାରୁ ମାସ ମାସ ଧରି ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇଥିଲା । ଏହାର ପ୍ରଭାବରେ ଚାଷ ଜମି ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା। ବନ୍ୟା ଛାଡ଼ିବା ପରେ ଚାଷୀମାନେ ପୁନଃ ଚାଷ ଲାଗି ଅଣ୍ଟା ଭିଡ଼ିଥିଲେ। କିନ୍ତୁ ଏବେ ରେହେଲାରେ ବୁଣିଥିବା ଫସଲ ନଷ୍ଟ ହେବାକୁ ବସିଲାଣି । ଏଭଳି ସ୍ଥିତି ଆଳି ବ୍ଲକ ମାନପୁର ଭେଡା ସହ ଧୋୟା ଦଣ ପଞ୍ଚାୟତ ରେ ଦେଖା ଯିବା ସହ ଚାଷୀଙ୍କ ମୁଣ୍ଡରେ ଏବେ ଚଡ଼କ ପଡ଼ିଛି । ଯେଉଁ ଆଶା ବାନ୍ଧିଥିବା ଚାଷୀ ସେ ଆଶା ଆଜି ନିରାଶା ହେବାକୁ ଯାଉଛି। କାରଣ ଏବେ ଚାଷୀର କ୍ଷେତକୁ କାଳମୁଣ୍ଡି ପୋକ ନଷ୍ଟ କରିଦେଉଛି । ଯାହା ଫଳରେ ବର୍ତ୍ତମାନ ଉଜୁଡ଼ିଗଲା ବର୍ଷକର ବିରି ଫସଲ। ଭାଙ୍ଗିଗଲା ଚାଷୀ ମାନଙ୍କ ଅଣ୍ଟା। ଚାଷୀଙ୍କ ପାଇଁ ଦାଉ ସାଜିଲେ କାଳମୁଣ୍ଡି। ହଜାର ହଜାର ହେକ୍ଟର ଜମିରେ ବିରି ଗଛକୁ ଖାଇଗଲେ କାଳମୁଣ୍ଡି ପୋକ। ସବୁଜ ଭରା ଜମି ଏବେ ଟାଙ୍ଗରା ଭୂଇଁରେ ପରିଣତ ହୋଇଛି।

ଚାରି ଚାରି ଥର ବନ୍ୟା ଆସିବାରୁ ପୁରା ଅଞ୍ଚଳ ଧୋଇ ଯାଇଥିଲା ଧାନ ଫସଲ। ଚାଷୀ ଭରଷା କରିଥିଲା ବିରି ଫସଲକୁ। ବିରି ହୋଇଥିଲେ ବର୍ଷକର ତେଲ ଲୁଣ ସଂସାର ସହିତ ଧାର କରଜ ହୁଏତ ସୁଝି ଥାଆନ୍ତା। କିନ୍ତୁ ମନ୍ଥା ବାତ୍ୟା ଆସିବାରୁ ଲଗାଣ ବର୍ଷା ଯୋଗୁ ଜମିରେ ପାଣି ଜମି ରହିବାରୁ କାଳମୁଣ୍ଡି ପୋକ ମାନେ ସବୁ ଗଛ ଖାଇ ଦେଉଛନ୍ତି। ଯାହା ଫଳରେ ଚାଷୀ ଏବେ ମୁଣ୍ଡରେ ହାତଦେଇ ବସିବା ସହ କିପରି ବ୍ୟାଙ୍କ ଋଣ ପରିଶୋଧ କରିବେ ଚିନ୍ତା ଘାରିଛି। ଅନ୍ୟ ପଟେ ସରକାର ଏହାର ଅନୁଧ୍ୟାନ କରି ସରକାରୀ ସାହାଯ୍ୟ ପାଇଁ ଚାଷୀ ଦାବି କରିଛନ୍ତି।

## ପୋଷ୍ଟ ପିଅନଙ୍କ ନାମରେ ଅଭିଯୋଗର ତଦନ୍ତ ହେବ

**ମହାକାଳପଡ଼ା,୭।୧୧(ସଂଚାର ବ୍ୟୁରୋ):** ବାରତାଙ୍ଗ ଡାକଘରେ କାର୍ଯ୍ୟରତ ପିଅନ ଶ୍ୟାମଘନ ଦାସ ଙ୍କ ନାମରେ ଅର୍ଥ ଠକେଇ, ଜାତିଆଣ ଆକ୍ଷେପ ଓ ଜୀବନରୁ ମାରିଦେବା ପାଇଁ ଧମକ ଦେବା ଘଟଣାକୁ ନେଇ ବାରତାଙ୍ଗ ଗ୍ରାମର କନକ ମଲିକ(୬୦) ବୁଧବାର ମହାକାଳପଡ଼ା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୋଲିସ ଅଭିଯୋଗ ଆଧାରରେ ୩୨୦/୨୫ ରେ ମାମଲା ରୁଜୁ କରିଥିବା ବେଳେ ଘଟଣାରେ ତୁରନ୍ତ ପଦକ୍ଷେପ ଗ୍ରହଣ କରିବାକୁ କେନ୍ଦ୍ରାପଡ଼ା ଏସ୍‌ପିଙ୍କୁ ଗୃହ ବିଭାଗ ନିର୍ଦ୍ଦେଶ ଦେଇଛି। ଅନ୍ୟପକ୍ଷରେ ଇଣ୍ଡିଆ ପୋଷ୍ଟ ତରଫରୁ ମଧ୍ୟ ତତ୍ପରତା ପ୍ରକାଶ ପାଇଛି। ଏଯାଏଁ ଠକାମୀର ଶୀକାର କିମ୍ବା ତାଙ୍କ ସମ୍ପର୍କୀୟ ତରଫରୁ କୌଣସି ଲିଖିତ ଅଭିଯୋଗ ପୋଷ୍ଟ ଅଫିସରେ ହୋଇନାହିଁ। ତଥାପି ଘଟଣାର ସତ୍ୟାସତ୍ୟ ଯାଞ୍ଚ ଏବଂ ଆବଶ୍ୟକୀୟ ତଦନ୍ତ ପାଇଁ ଖବରକାଗଜର ଉଦ୍ଧୃତିର ଏକ କପି କେନ୍ଦ୍ରାପଡ଼ା ଉତ୍ତର ଉପଖଣ୍ଡର ସହାୟକ ଡାକ ଅଧୀକ୍ଷକଙ୍କୁ ପଠାଯାଇଛି ବୋଲି ଇଣ୍ଡିଆ ପୋଷ୍ଟ ତରଫରୁ ସୂଚନା ଦିଆଯାଇଛି।

## ସମ୍ପର୍କୀୟ ଖୁଡ଼ୀ ଓ ଭଉଣୀକୁ ଅସଦାଚରଣ ଅଭିଯୋଗରେ ପୁତୁରା ଗିରଫ

**ସାଲେପୁର, ୭।୧୧ (ସଂଚାର ବ୍ୟୁରୋ):** ପାରିବାରିକ କଳହକୁ କେନ୍ଦ୍ର କରି ନିଜ ସମ୍ପର୍କୀୟ ଖୁଡ଼ୀ ଓ ସମ୍ପର୍କୀୟ ଭଉଣୀକୁ ଗାଳିଗୁଲଜ କରିବା ସହ ଅସଦାଚରଣ କରିବା ଅଭିଯୋଗରେ ସାଲେପୁର ପୁଲିସ ସମ୍ପର୍କୀୟ ପୁତୁରାକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ, ସାଲେପୁର ଥାନା ଅଧିନ ତେନ୍ତୋଳ ଗ୍ରାମର ପ୍ରଫୁଲ୍ଲ ସାମଲ ପାରିବାରିକ କଳହକୁ କେନ୍ଦ୍ର କରି ସମ୍ପର୍କୀୟ ଖୁଡ଼ି ନୟନା ସାମଲ ଓ ତାଙ୍କ ଝିଅ ପୂଜା ସାମଲକୁ ଗାଳିଗୁଲଜ କରିବା ସହ ଅସଦାଚରଣ ପ୍ରଦର୍ଶନ କରିଥିଲେ। ଏନେଇ ନୟନା ସାଲେପୁର ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପୁଲିସ ଅଭିଯୋଗକୁ ଗ୍ରହଣ କରି ଏକ ମାମଲା ରୁଜୁ କରି ଅଭିଯୁକ୍ତ ପୁତୁରା ପ୍ରଫୁଲ୍ଲକୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଆଇଆଇସି ଅନିତା ସାମଲ ପ୍ରକାଶ କରିଛନ୍ତି।

## ବନ୍ଦେ ମାତରମ୍‌ର ସାମୂହିକ ଗାନ ଓ ସ୍ୱଦେଶୀ ଶପଥ ପାଠ



**କେନ୍ଦ୍ରାପଡ଼ା,୭।୧୧(ସଂଚାର ବ୍ୟୁରୋ):** ବଙ୍କିମ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଦ୍ୱାରା ରଚିତ ରାଷ୍ଟ୍ରଗୀତ ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ଅବସରରେ କେନ୍ଦ୍ରାପଡ଼ା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ସଦଭାବନା ସଭାଗୃହରେ ଜିଲ୍ଲାପାଳ ରଘୁରାମ ଆର. ଆୟରଙ୍କ ସମେତ ଅତିରିକ୍ତ ଜିଲ୍ଲାପାଳ, ଜିଲ୍ଲାସ୍ତରୀୟ ଅଧିକାରୀ ଓ କର୍ମଚାରୀମାନେ ଉପସ୍ଥିତ ରହି ସାମୂହିକ ବନ୍ଦେ ମାତରମ ଗାନ କରିଛନ୍ତି। ଏହାସହିତ ସମସ୍ତ ବିଡ଼ିଓ, ତହସିଲଦାର ଏବଂ ଅନ୍ୟ ସମସ୍ତ କାର୍ଯ୍ୟାଳୟରେ ସାମୂହିକ ଗାନ କରାଯାଇଛି । ଏଥିସହିତ ଜିଲ୍ଲାପାଳ ସମସ୍ତଙ୍କୁ ସ୍ୱଦେଶୀ ଶପଥ ପାଠ କରାଇଥିଲେ।

ସ୍ୱଦେଶୀ ଉତ୍ପାଦ ବ୍ୟବହାର ଉପରେ ପ୍ରାଥମିକତା ଏବଂ ଆଜିର ଯୁବପିଢି ଏବଂ ପିଲାମାନଙ୍କୁ ସ୍ୱଦେଶୀ ଗ୍ରହଣ କରିବାକୁ ପ୍ରେରଣା ଏବଂ ପରବର୍ତ୍ତୀ ପିଢ଼ିକି ଏହାର ଗୁରୁତ୍ୱ ଜଣାଇବା ଇତ୍ୟାଦି ବିଷୟ ଶପଥ ପାଠରେ ଉଲ୍ଲେଖ ରହିଥିଲା । "ବନ୍ଦେ ମାତରମ"୧୫୦ ବର୍ଷ ପୂର୍ତ୍ତି ଅବସରରେ ଦିଲ୍ଲୀଠାରେ ଆୟୋଜିତ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ସହ ଅନ୍ୟ କାର୍ଯ୍ୟକ୍ରମକୁ ସିଧାପ୍ରସାରଣ କରାଯାଇଥିଲା । ଜିଲ୍ଲା ସଂସ୍କୃତି ଅଧିକାରୀ ତ୍ରିଭୁବନ ଜୟସିଂଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ସମସ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ।

### କଥା ଦେଇ କଥା ରଖିଲେ ଚିତ୍ତରଞ୍ଜନ

## ଆଲୋକଙ୍କ ଚିକିତ୍ସା ପାଇଁ କରାଇଲେ ବ୍ୟବସ୍ଥା



**ମହାକାଳପଡ଼ା,୭।୧୧(ସଂଚାର ବ୍ୟୁରୋ):** ନେତାମାନେ ପ୍ରତିଶ୍ରୁତି ଦେଇ ପୂରଣ କରୁନଥିବା ବିଭିନ୍ନ ସମୟରେ ଲୋକେ ଅଭିଯୋଗ କରିବା ଦେଖିବାକୁ ମିଳେ। ହେଲେ ଆଜି ଯେଉଁ ଘଟଣା ଘଟିଛି ତାହା ସମସ୍ତଙ୍କୁ ଆଲୋଚନା କରିବାକୁ ବାଧ କରିବ। ଜଣେ ନେତା ଜଣେ ବ୍ୟକ୍ତିଙ୍କୁ ଚିକିତ୍ସା ବ୍ୟବସ୍ଥା ପାଇଁ ଦେଇଥିବା ପ୍ରତିଶ୍ରୁତି ଆଜି ପାଳନ କରିଛନ୍ତି।

ମହାକାଳପଡ଼ା ବ୍ଲକ ଅନ୍ତର୍ଗତ ରାଜଗଡ ପଞ୍ଚାୟତ ଅଧୀନ ରାଜଗଡ ସ୍ୱାଇଁ ସାହି ଗ୍ରାମର ଆଲୋକ ସ୍ୱାଇଁ ବ୍ରେନ୍ ଷ୍ଟ୍ରୋକରେ ପୀଡିତ ହୋଇ ଘରେ ଶଯ୍ୟାଶାୟୀ ଭାବରେ ପଡ଼ି ରହିଥିଲେ। ଘରର ଆର୍ଥିକ ଅବସ୍ଥା ସ୍ୱଚ୍ଛଳ ନଥିବାରୁ ଉନ୍ନତ୍ତ ଚିକିତ୍ସା ସୁବିଧା ପାଇଁ ପରିବାର ଚିନ୍ତାରେ ପଡ଼ିଥିଲେ। ଏହି ଖବର ଜାଣିବା ପରେ ମହାକାଳପଡ଼ା ନିର୍ବାଚନ ମଣ୍ଡଳୀର ଯୁବନେତା, ରାଜ୍ୟ ଯାଦବ ମହାସଭାର ଯୁବ ସାଧାରଣ ସମ୍ପାଦକ ତଥା ଆଇନଜୀବୀ ଚିତ୍ତରଞ୍ଜନ ଦାସ ଆଲୋକଙ୍କୁ ତାଙ୍କ ବାସ ଭବନରେ ଭେଟି ସ୍ୱାସ୍ଥ୍ୟବସ୍ଥା ପଚାରି ବୁଝିଥିଲେ। ଘଟଣା ସ୍ଥଳରେ ଡାକ୍ତରଙ୍କ ସହିତ ଫୋନ୍ ଯୋଗେ କଥା ହେବାରୁ ଡାକ୍ତର ଆଲୋକଙ୍କର ଅସ୍ତ୍ରୋପଚାର ପାଇଁ ପରାମର୍ଶ କରିଥିଲେ। ଏସମ୍ପର୍କରେ ପରିବାର ଲୋକଙ୍କ ସହିତ ଆଲୋଚନା କରି ଆର୍ଥିକ ସହାୟତା ପ୍ରଦାନ କରିବା ସହିତ ତାଙ୍କୁ ତୁରନ୍ତ ଅସ୍ତ୍ରୋପଚାର ପାଇଁ ପ୍ରତିଶ୍ରୁତି ଦେଇ ଫେରିଥିଲେ ଚିତ୍ତରଞ୍ଜନ। ଶ୍ରୀ ଦାସ ଦେଇଥିବା ପ୍ରତିଶ୍ରୁତି ଆଜି ସେ ପାଳନ କରିଛନ୍ତି।

ଆଲୋକଙ୍କୁ ଆଜି ଚିକିତ୍ସା ପାଇଁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଆଲୋକଙ୍କ ସମସ୍ତ ସୁବ୍ୟବସ୍ଥା ନିଜେ ହସ୍ପିଟାଲରେ ଉପସ୍ଥିତ ରହି ଚିତ୍ତରଞ୍ଜନ ବୁଝିବା ସହିତ ଖୁବ ଶୀଘ୍ର ସୁସ୍ଥ ହୋଇ ଘରକୁ ଫେରିବାକୁ ପରିବାର ଲୋକଙ୍କୁ ଆଶ୍ୱାସନା ଦେଇଛନ୍ତି।

## ସାଇବର ଠକେଇ ସଚେତନତା ଶିବିର




**ମହାକାଳପଡ଼ା,୭।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ଜମ୍ବୁ ସାମୁଦ୍ରିକ ପୁଲିସ ପକ୍ଷରୁ ତିନୋଟି ସ୍ଥାନରେ ବୁଧବାର ସାଇବର ଠକେଇ ସଚେତନତା ଶିବିର ଜମ୍ବୁ ସାମୁଦ୍ରିକ ଥାନା ଆଇଆଇସି ସୌମ୍ୟ ରଞ୍ଜନ ବିଶ୍ୱାଳଙ୍କ ନେତୃତ୍ୱରେ କରାଯାଇଥିଲା। ଗ୍ରାମାଞ୍ଚଳର ଲୋକମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ସାଇବର ଠକମାନେ ଅର୍ଥ ଲୁଟୁଥିବାରୁ ଲୋକମାନଙ୍କୁ ସଚେତନ କରାଯିବା ପାଇଁ ସଭା, ପଥପ୍ରାନ୍ତ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଚକୁଳିଆ ପଣ୍ଡା ମାଧମରେ ନାଟକ ପରିବେଷଣ କରାଯାଇଥିଲା । ପୂର୍ବାହ୍ନରେ ଛପାଲି ଗଡା ନିକଟ ପ୍ରଭାକରପୁରରେ ଏକ କାର୍ଯ୍ୟକ୍ରମ କରାଯାଇଥିଲା। ମହାକାଳପଡ଼ା ପଞ୍ଚାୟତ ସମିତି ଉପାଧକ୍ଷ ବିଜୟ ଶୁକ୍ଳା, ସମାଜସେବୀ ଜଗା ଦଳେଇ ଅତିଥି ଭାବେ ଯୋଗଦେଇଥିବା ବେଳେ ଖରିନାସୀରେ ଅନୁଷ୍ଠିତ ଶିବିରରେ ଆଇଆଇସି ଶ୍ରୀ ବିଶ୍ୱାଳଙ୍କ ସମେତ ଖରିନାସୀ ପଞ୍ଚାୟତର ସରପଞ୍ଚ ବନିତା ରାଉତ, ସମିତିସଭ୍ୟା ରିତାବାଳା ରକ୍ଷିତ ଅତିଥି ଭାବେ ଯୋଗଦେଇଥିଲେ । ଅପରାହ୍ନରେ ଲୁଣିମାଠିଆ ଖେଳ ପଡ଼ିଆରେ ଅନୁଷ୍ଠିତ ସଚେତନତା ଶିବିରରେ ପେଟଛେଲା ସରପଞ୍ଚ ପ୍ରସନ୍ନ କୁମାର ବେହେରା, ରାମନଗର ସରପଞ୍ଚ ମିଳନ ଦେବନାଥ ଅତିଥି ଭାବେ ଯୋଗଦେଇଥିଲେ । ସାଇବର ଠକଙ୍କ ଦ୍ୱାରା ପ୍ରଲୋଭନ ବା ଭୟ ଭିତ୍ତିକ ମେସେଜ ଆସିଲେ କୌଣସି ପ୍ରକାର ଡକୁମେଣ୍ଟ ନ ଦେଇ ତୁରନ୍ତ ପୋଲିସକୁ ଖବରଦେବା ଆବଶ୍ୟକ କିମ୍ବା ଜମାଖାତା ଥିବା ବ୍ୟାଙ୍କ ସହିତ ତୁରନ୍ତ ଯୋଗାଯୋଗ କରିବାକୁ ଆଇଆଇସି ସୌମ୍ୟରଞ୍ଜନ ବିଶ୍ୱାଳ ଉପସ୍ଥିତ ଜନସାଧାରଣଙ୍କୁ ପରାମର୍ଶ ଦେଇଥିଲେ ।

## ସୁସ୍ଥ ହୋଇ ଘରକୁ ଫେରିଲେ ସାମ୍ବାଦିକ ଅରୁଣ



**ଗରଦପୁର,୭।୧୧(ସଂଚାର ବ୍ୟୁରୋ):** ଜୀବନ ମାନେ ଲଢେଇ ଏବଂ ଏହି ଲଢେଇରେ ଜିତି ଘରକୁ ଫେରିଲେ ସାମ୍ବାଦିକ ଅରୁଣ କୁମାର ମହାପାତ୍ର। ହୃଦ୍‌ରୋଗରେ ପୀଡ଼ିତ ହୋଇ ଅତି ସଫଳ ଓପନ ହାର୍ଟ ସର୍ଜରୀ ପରେ ସେ ବର୍ତ୍ତମାନ ସୁସ୍ଥ ଅଛନ୍ତି ଏବଂ ଘରକୁ ଫେରିଛନ୍ତି । ସେହି ସର୍ଜରୀ କାର୍ଡିଓଲୋଜି ବିଶେଷଜ୍ଞ ଡ. ଚନ୍ଦନ କୁମାର ରାୟ ମହାପାତ୍ର ଅରୁଣଙ୍କୁ ଦ୍ୱିତୀୟ ଜୀବନ ଦେଇଥିବା ସେ କହିଛନ୍ତି । ଡାକ୍ତର ଓ ଚିକିତ୍ସା ଦଳଙ୍କ ସତତା ଓ ପ୍ରୟାସ ସହିତ ଭଗବାନଙ୍କ କୃପାରେ ସେ ଏବେ ସମ୍ପୂର୍ଣ୍ଣ ସୁସ୍ଥ ହୋଇପାରିଛନ୍ତି । ସେ ଏହି ସଫଳ ଅଭିଜ୍ଞତା ପରେ କହିଛନ୍ତି "ଜୀବନକୁ ଦ୍ୱିତୀୟଥର ଉପହାର ମିଳିଲା ଭାବେ ଅନୁଭବ କରୁଛି । ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ ଯେଉଁମାନେ ସାହାଯ୍ୟ ଓ ସହଯୋଗର ହାତ ବଢ଼ାଇଥିଲେ, ସେମାନଙ୍କୁ ହୃଦୟରୁ କୃତଜ୍ଞତା ଜଣାଉଛି । ସାମ୍ବାଦିକ ଭାଇମାନେ, ମିତ୍ରମାନେ ଓ ଅନେକ ଅଜଣା ଲୋକଙ୍କ ଆଶୀର୍ବାଦ ଓ ଭଲପାଇବା ମୋତେ ଆଜି ନୂଆ ଜୀବନ ଦେଇଛି ।" ଘରକୁ ଫେରିଥିବା ସମୟରେ ତାଙ୍କ ପରିବାର ଓ ମିତ୍ରମାନଙ୍କ ମୁହଁରେ ଆନନ୍ଦ ଓ ଆତ୍ମସନ୍ତୋଷ ଦେଖିବାକୁ ମିଳିଛି ।

## ରକ୍ଷଣାବେକ୍ଷଣ ଅଭାବରୁ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଶୋଚନୀୟ



**ସାଲେପୁର,୭।୧୧(ସଂଚାର ବ୍ୟୁରୋ):** ସାଲେପୁର ଅଞ୍ଚଳରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଦ୍ୱାରା ପରିଚାଳିତ ପ୍ରଧାନମନ୍ତ୍ରୀ ଗ୍ରାମ ସଡ଼କ ଯୋଜନାରେ ନିର୍ମିତ ରାସ୍ତାଗୁଡିକର ରକ୍ଷଣାବେକ୍ଷଣ ଅଭାବରୁ ବର୍ଷା ଋତୁ ପରେ ଏବେ ଶୋଚନୀୟ ହୋଇପଡ଼ିଛି। ସେହି ରାସ୍ତା ଗୁଡିକ ମଧ୍ୟରୁ ମାଛୁଆତି-ପୁରୁଷୋତ୍ତମପୁର, ନଈଗୁଆଁ ଓ ବଲ୍ଲଭପୁରଠାରେ ଢ଼ଳେଇ ହୋଇଥିବା ରାସ୍ତା ପ୍ରାୟ ୧ଶହ ମିଟରରୁ ଉର୍ଦ୍ଧ୍ୱ ଫାଟି ମଝିରେ ଆଁ କରିଛି। ଏହି ରାସ୍ତାଟିର ବିଭାଗୀୟ ପ୍ୟାକେଜ୍ ନଂ-ଓ.ଆର.୦୭୨୯୭/ ଫେଜ୍-୨ ଅଟେ। ଅନେକ ସ୍ଥାନରେ ପିଚୁ ଉଠିଗଲାଣି। ଦୁଇ ପାର୍ଶ୍ୱ ଅନାବନା ଗଛରେ ପରିପୂର୍ଣ୍ଣ ହୋଇ ଜଙ୍ଗଲର ଭ୍ରମ ସୃଷ୍ଟି କରୁଛି।

ଏ ସମ୍ପର୍କରେ ବଲ୍ଲଭପୁରଠାରେ ଢ଼ଳେଇ ରାସ୍ତା ଫାଟିବା ଓ ନଈଗୁଆଁ ପୁରୁଷୋତ୍ତମପୁରଠାରେ ରାସ୍ତାରୁ ପିଚୁ ଉଠିବା ସମ୍ପର୍କରେ ଗ୍ରାମବାସୀମାନେ ପ୍ରଶାସନିକ ସ୍ତରରେ ଅଭିଯୋଗ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ୨ବର୍ଷ ହେଲାଣି ଜନୈକ ଠିକାଦାର ରକ୍ଷଣା ବେକ୍ଷଣ କାର୍ଯ୍ୟ କରୁନାହାଁନ୍ତି। ଯାହା ଫଳରେ ଯାତାୟତରେ ବହୁ ଅସୁବିଧା ଦେଖାଦେଉଛି।

ଏ ସମ୍ପର୍କରେ ସାଲେପୁର ଗ୍ରାମ ଉନ୍ନୟନ ବିଭାଗର ଉଚ୍ଚ ପଦସ୍ଥ ଅଧିକାରୀଙ୍କୁ ମଧ୍ୟ ବିଧାୟକ ପ୍ରଶାନ୍ତ ବେହେରା ଧ୍ୟାନ ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ସେହିପରି ଆର.ଡି. ଅଫିସ ଠାରୁ ମାଛୁଆତି ଛକ ପର୍ଯ୍ୟନ୍ତ ଢ଼ଳେଇ ଉଠିଯାଇଥିବାବେଳେ ଠିକାଦାର ୨ବର୍ଷ ହେଲା ମରାମତି ନକରିବାରୁ ରାସ୍ତାରେ ଯିବା ଆସିବା କରିବାରେ ଅସୁବିଧା ହେଉଛନ୍ତି। ଜନସାଧାରଣଙ୍କର ଗମନାଗମନ ସୁବିଧା ପାଇଁ ଯୁଦ୍ଧକାଳୀନ ଭିତ୍ତିରେ ଏହି ରାସ୍ତା ସବୁ ମରାମତି କରିବାପାଇଁ ପୂର୍ବତନ ଜିଲ୍ଲାପରିଷଦ ସଭ୍ୟ ଚିତ୍ତରଞ୍ଜନ ମହାନ୍ତି ଦାବି କରିଛନ୍ତି।

## ନଭେମ୍ବର ୧୩ରୁ ସାଂସଦ ଖେଳ ମହୋତ୍ସବର ଶୁଭାରମ୍ଭ

**କେନ୍ଦ୍ରାପଡ଼ା,୭।୧୧(ସଂଚାର ବ୍ୟୁରୋ):** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଆହ୍ୱାନରେ ଦେଶର ପ୍ରତି ସଂସଦୀୟ କ୍ଷେତ୍ରରେ ଆୟୋଜିତ ହେଉଥିବା ସାଂସଦ ଖେଳ ମହୋତ୍ସବ- ୨୦୨୫ କେନ୍ଦ୍ରାପଡ଼ା ଜିଲ୍ଲାରେ ଆସନ୍ତା ନଭେମ୍ବର ୧୩ ତାରିଖ ଠାରୁ ଆୟୋଜନ କରାଯିବ । କେନ୍ଦ୍ରାପଡ଼ା ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ଉପାଧକ୍ଷ ବୈଜୟନ୍ତ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଖେଳ ପାଇଁ ଲୋକସଭା ସ୍ତରୀୟ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଯାଇଛି । ନିଷ୍ପତ୍ତି ଅନୁସାରେ ନଭେମ୍ବର ୧୩ ତାରିଖରୁ ୧୮ ତାରିଖ ମଧ୍ୟରେ ମଣ୍ଡଳ/ଜିଲ୍ଲା ପରିଷଦ ଜୋନ ସ୍ତରୀୟ, ଡିସେମ୍ବର ମାସ ୦୧ ତାରିଖରୁ ଡିସେମ୍ବର ୧୦ ତାରିଖ ମଧ୍ୟରେ ବ୍ଲକ ସ୍ତରୀୟ ଓ ଡିସେମ୍ବର ୧୫ ତାରିଖରୁ ଡିସେମ୍ବର ୨୫ ତାରିଖ ପର୍ଯ୍ୟନ୍ତ କେନ୍ଦ୍ରାପଡା ଲୋକସଭା ସ୍ତରୀୟ କ୍ରୀଡା ପ୍ରତିଯୋଗିତା ମାନ ନିର୍ଦ୍ଧାରିତ ଖେଳ ପଡିଆରେ ଆୟୋଜନ କରାଯିବ । କେନ୍ଦ୍ରାପଡ଼ା ସଂସଦୀୟ କ୍ଷେତ୍ରର ପଞ୍ଜିକରଣ କରିଥିବା ପ୍ରାୟ ପଚାଶ ହଜାର ଛାତ୍ରଛାତ୍ରୀ ଓ ଯୁବ କ୍ରୀଡ଼ାବିତ ମାନଙ୍କୁ ଏହି ଖେଳ ମହୋତ୍ସବରେ ବହୁ ସଂଖ୍ୟାରେ ସାମିଲ୍ ହୋଇ ସାଂସଦ ଖେଳ ମହୋତ୍ସବ ୨୦୨୫କୁ ସଫଳ କରିବା ପାଇଁ ମହୋତ୍ସବର ସଂଯୋଜକ ସୁନାକର ବେହେରା ଅନୁରୋଧ କରିଛନ୍ତି ।

## ଉଚ୍ଚ ନ୍ୟାୟାଳୟ ଆଦେଶକୁ ଅବମାନନା

### ଜିଲ୍ଲାପାଳଙ୍କୁ ଅଭିଯୋଗ



**କେନ୍ଦ୍ରାପଡା,୭।୧୧(ସଂଚାର ବ୍ୟୁରୋ):** ରାଜକନିକା ତହସିଲ ଅଧୀନ ବ୍ୟସ୍ତ ବହୁଳ ଓଳାଭର ବଜାର ସରକାରୀ ରାସ୍ତା ଅବରୋଧ ହଟାଇବାକୁ ନିର୍ଦ୍ଦେଶ ଥିଲା ମାତ୍ର କିଛି ଅସାଧୁ ବ୍ୟବସାୟୀ ଆଇନର ଗଳା ବାଟ ଦେଇ ଉଚ୍ଚ ନ୍ୟାୟାଳୟ ରି ଏକ ରିଟ କରିଥିଲେ । ଉଚ୍ଚନ୍ୟାଳୟଙ୍କ ଆଦେଶ ମୁତାବକ ଅଭିଯୋଗ କାରୀ ୧୫ ଦିନ ମଧ୍ୟରେ ଉପଯୁକ୍ତ କାଗଜ ପତ୍ର ଦାଖଲ କରି ଉପଜିଲ୍ଲାପାଳଙ୍କ ନିକଟରେ ଅପିଲ କରିବେ ଉପଜିଲ୍ଲାପାଳ ମାସେ ଭିତରେ ଶୁଣାଣି କରି ନବେ ଦିନ ମଧ୍ୟରେ ରିପୋର୍ଟ ଉଚ୍ଚ ନ୍ୟାୟାଳୟରେ ଦେବେ। ମାତ୍ର ଏଥି ମଧ୍ୟରେ ସବୁ ସମୟ ସୀମା ସରିବା ପରେ ଏବଂ ଉପଜିଲ୍ଲାପାଳ ଦୁଇ ଦୁଇ ଥର କନିକା ତହସିଲଦାରଙ୍କୁ ଉଚ୍ଛେଦ ପାଇଁ କହିଲେ ମଧ୍ୟ ସେ ଏହାକୁ କାର୍ଯ୍ୟକାରୀ କରିପାରୁନାହାଁନ୍ତି ।

ଏପଟେ ମାନ୍ୟବର କୋର୍ଟଙ୍କୁ ମଧ୍ୟ ଅବମାନନା କଲେ ଏ ନେଇ ମୁଖ୍ୟ ଅଭିଯୋଗକାରୀ ନଳିନୀ ପୃଷ୍ଟି ଆଜି ଜିଲ୍ଲାପାଳଙ୍କୁ ସାକ୍ଷାତ କରି ତୁରନ୍ତ ଉଚ୍ଛେଦ କରି ସର୍ବ ସାଧାରଣଙ୍କ ସ୍ୱାର୍ଥ ପ୍ରତି ନଜର ଦେବାକୁ ଅନୁରୋଧ କରିଥିଲେ। ଅବରୋଧ କେସ ହୋଇଛି ସରକାରୀ ଜମି ଓ ରାସ୍ତା ଉପରେ ବିଭିନ୍ନ ବ୍ୟବସାୟ ପ୍ରତିଷ୍ଠାନ କରିଥିବା ବ୍ୟବସାୟୀମାନେ ଖୋଲାଖୋଲି ଭାବରେ ମନଇଚ୍ଛା ରାସ୍ତାକୁ ମାଡି ବ୍ୟବସାୟ କରୁଛନ୍ତି । ଯାହାଫଳରେ ଆମ୍ବୁଲାନ୍ସ, ସ୍କୁଲଗାଡି, ଦମକଳ ଇତ୍ୟାଦି ଯାତାୟତର ଅସୁବିଧା ହେବାସହ ଘଣ୍ଟା ଘଣ୍ଟା ଧରି ଟ୍ରାଫିକ ଜାମ୍ ହୋଇ ରହୁଛି । ତୁରନ୍ତ ଏହି ଜବରଦଖଲକୁ ଉଚ୍ଛେଦ କରି ମାନ୍ୟବର ଉଚ୍ଚ ନ୍ୟାୟାଳୟ ଆଦେଶକୁ କାର୍ଯ୍ୟକାରୀ କରିବାପାଇଁ ସମାଜସେବୀ ନଳିନୀକାନ୍ତ ପୃଷ୍ଟି ଜିଲ୍ଲାପାଳଙ୍କୁ ଭେଟି ଅଭିଯୋଗ କରିଛନ୍ତି ।

### ଅବକାରୀ ବିଭାଗ ପକ୍ଷରୁ ଚଢ଼ାଉ

## ୧୧୯୨ ଲିଟର ମଦ ଜବତ, ୮ ଗିରଫ



**କେନ୍ଦ୍ରାପଡ଼ା,୭।୧୧(ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଅବକାରୀ ବିଭାଗ ପକ୍ଷରୁ କେନ୍ଦ୍ରାପଡା ଟାଉନ, ଜମ୍ବୁ ସାମୁଦ୍ରିକ, ପାଟକୁରା ଓ କୁଦାନଗରୀ ଥାନା ଅନ୍ତର୍ଗତ ବିଭିନ୍ନ ସ୍ଥାନରେ ଚଢ଼ାଉ କରାଯାଇଛି । ମାହାଙ୍ଗା ଗ୍ରାମର ରମାକାନ୍ତ ବେହେରା(୬୧)ଙ୍କ ଠାରୁ ୨୮ଲିଟର ବିଦେଶୀ ମଦ, ବ୍ରହ୍ମପୁର ଗ୍ରାମର କୈଳାସ ମଲିକ(୪୦)ଙ୍କ ଠାରୁ ୨୪ଲିଟର ଦେଶୀମଦ, ପାଖିଡ ଗ୍ରାମର ରଞ୍ଜନ କୁମାର ପରିଡ଼ା(୩୨)ଙ୍କ ଠାରୁ ୩୦ଲିଟର ବିଦେଶୀ ମଦ, ଉମାକାନ୍ତ ସେଠୀ(୩୫)ଙ୍କ ଠାରୁ ୧୯ଲିଟର ବିଦେଶୀ ମଦ,ଛୋଟୀ ଗ୍ରାମର ତପିନା ମଲିକ(୩୦)ଙ୍କ ଠାରୁ ୨୨୧ଲିଟର ଦେଶୀ ରନ୍ଧା ମଦ, ପ୍ରଭାକରପୁର ଗ୍ରାମର ବଦନୀ ରାଉତ(୩୨)ଙ୍କ ଠାରୁ ୩୦ଲିଟର ଦେଶୀ ମଦ, ରମାକାନ୍ତ ରାଉତ(୩୬)ଙ୍କ ଠାରୁ ୫୨୦ଲିଟର ଦେଶୀ ରନ୍ଧା ମଦ ଓ ରାଜା ରାଉତଙ୍କ ଠାରୁ ୩୨୦ଲିଟର ଦେଶୀ ରନ୍ଧା ମଦ ଜବତ କରାଯାଇ ସେମାନଙ୍କୁ ଗିରଫ କରାଯାଇଛି। ସେମାନଙ୍କ ପାଖରୁ ସମୁଦାୟ ୧୧୯୨ଲିଟର ଚୋରା ଦେଶୀ ମଦ, ଦେଶୀ ରନ୍ଧା ମଦ ଓ ବିଦେଶୀ ମଦ ଜବତ କରାଯାଇଥିବା ବେଳେ ୮ଜଣ ଚୋରାମଦବେପାରୀଙ୍କୁ କୋର୍ଟ ଚାଲାଣ କରାଯାଇଛି। ଆଗାମୀ ଦିନରେ ଏହି ଚଢ଼ାଉ ବ୍ୟାପକ ଭାବରେ ଜାରି ରହିବ ବୋଲି ଅବକାରୀ ଅଧୀକ୍ଷକ ବିପ୍ର ଚରଣ ମଣ୍ଡଳ କହିଛନ୍ତି । ଏହି ଚଢ଼ାଉରେ ଅବକାରୀ ନିରୀକ୍ଷକ ହିତାଂଶୁଶେଖର ମଲିକ, ଅବକାରୀ ଉପନିରୀକ୍ଷକ ପ୍ରିୟଦର୍ଶୀ ମାନସରଞ୍ଜନ ମିଶ୍ରଙ୍କ ସମେତ ଅନ୍ୟ କର୍ମଚାରୀମାନେ ସାମିଲ ଥିଲେ ।

## ବେଆଇନ ବାଲିବୋଝେଇ ଟ୍ରାକ୍ଟର ଉପରେ ଚଢ଼ାଉ

**ମାର୍ଶାଘାଇ,୭।୧୧(ସଂଚାର ବ୍ୟୁରୋ):** ବେଆଇନ ଭାବେ ବାଲି ଚାଲାଣ କରୁଥିବା ଟ୍ରାକ୍ଟର ଉପରେ ମାର୍ଶାଘାଇ ତହସିଲଦାର ଶ୍ରୀକାନ୍ତ ପରିଜା ଶୁକ୍ରବାର ସକାଳେ ଅଚାନକ ଚଢ଼ାଉ କରିଥିଲେ । ସକାଳ ପ୍ରାୟ ଦଶଟା ସମୟରେ ଲୁଣାବ୍ରିଜ ନିକଟ ମଙ୍ଗଳାଛକରେ ତାଳସଙ୍ଗା ରାଜସ୍ୱ ନିରୀକ୍ଷକ ଆଶୀର୍ବାଦ ବେହେରାଙ୍କ ସହିତ ମିଶି ଦୁଇଟି ଟ୍ରାକ୍ଟରକୁ ଜବତ କରିବା ସହିତ ଜୋରିମାନା ଆଦାୟ କରାଯାଇଥିବା ଜଣାପଡିଛି । ଆଗକୁ ମାର୍ଶାଘାଇ ତହସିଲ ଅଧିନ ସମସ୍ତ ବାଲିଘାଟ ଏବଂ ଚୋରା ବାଲିଚାଲାଣ ସ୍ଥାନରେ ଚଢ଼ାଉ କରାଯିବ ବୋଲି ତହସିଲଦାର ଶ୍ରୀ ନାୟକ କହିଛନ୍ତି ।

## ମହାବିଦ୍ୟାଳୟରେ 'ବନ୍ଦେ ମାତରମ୍' ୧୫୦ ବର୍ଷ ପୂର୍ତ୍ତି ପାଳନ



**ରାଜନଗର,୭।୧୧(ସଂଚାର ବ୍ୟୁରୋ):** ରାଜନଗରସ୍ଥିତ ଶ୍ରୀ ଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ 'ବନ୍ଦେ ମାତରମ୍' ୧୫୦ ବର୍ଷ ପୂର୍ତ୍ତି ପାଳନ ହୋଇଯାଇଛି। ଅଧକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ପୌରହିତରେ ଆୟୋଜିତ କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧାପକ , ଅଧାପିକା, ଛାତ୍ର ଛାତ୍ରୀ ଓ କର୍ମଚାରୀମାନେ ଯୋଗଦାନ କରି ରାଷ୍ଟ୍ରୀୟ ସଂଗୀତ 'ବନ୍ଦେ ମାତରମ୍' ଗାନ କରିବା ସହିତ ୧୫୦ ବର୍ଷ ଐତିହ୍ୟକୁ ସ୍ମରଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଶୌକ୍ଷିକ କୋଷାଧକ୍ଷ ଅଧାପକ ବିଚିତ୍ରାନନ୍ଦ ପାଣି, ପ୍ରଶାସନିକ କୋଷାଧକ୍ଷ ଅଧାପକ ପ୍ରଣୟ କୁମାର ବେହେରା, ବ୍ୟୟ ଅଧୀକ୍ଷକ ଅଧାପକ ବାଣିଜ୍ୟ ବିଭାଗର ମୁଖ୍ୟ ଅଭିମନ୍ୟୁ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟର ସମସ୍ତ ଅଧାପକ, ଅଧାପିକା ଏବଂ କର୍ମଚାରୀମାନେ ପରିଚାଳନାରେ ସହଯୋଗ କରିଥିଲେ।

### ସଂସାରଫଳ ପ୍ରଧାନ ଶିକ୍ଷକଙ୍କ ବିରୋଧରେ ଅଭିଯୋଗ

## କାର୍ଯ୍ୟାନୁଷ୍ଠାନ ଦାବିକଲେ ଆଇନଜୀବୀ

**କେନ୍ଦ୍ରାପଡା,୭।୧୧(ସଂଚାର ବ୍ୟୁରୋ):** ସରକାରୀ ସ୍କୁଲର ପ୍ରଧାନ ଶିକ୍ଷକ ଥାଇ ବିଭିନ୍ନ ଜାଲିଆତି କାର୍ଯ୍ୟରେ ଲିପ୍ତ ଥିବା ଓ ଠକାମୀ କରି ବ୍ୟାଙ୍କରୁ ଟଙ୍କା ହଡପ କରିଥିବା ନିମାଇଁ ଚରଣ ଦାସଙ୍କ ବିରୋଧରେ ଆଇଜୀବୀମାନେ ଜିଲ୍ଲାପାଳଙ୍କୁ ଭେଟି ଦାବିପତ୍ର ପ୍ରଦାନ କରି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି । ଅଭିଯୋଗ ମୁତାବକ ପଟ୍ଟାମୁଣ୍ଡାଇ ଶିକ୍ଷା ମଣ୍ଡଳ ଅଧିନ ସଂସାରଫଳ ହାଇସ୍କୁଲ ରେ ପ୍ରଧାନ ଶିକ୍ଷକ ଥିବା ଶ୍ରୀ ଦାସ ବିଭାଗୀୟ ଅନୁମତି ବିନା ବଳଦେବଜୀଉ ନର୍ସିଂ କଲେଜ ନାମକ ଏକ ଘରୋଇ ଅନୁଷ୍ଠାନର ପରିଚାଳନା ସମିତିର ସଦସ୍ୟ ରହିଥିଲେ। ତେବେ ଏହି ଅନୁଷ୍ଠାନର ଅଧକ୍ଷ ଥିବା କଳାକାର ରାଉତଙ୍କ ଅଗୋଚରରେ କାଗଜପତ୍ର ଜାଲିଆତି କରିବା ସହ ସଂସ୍ଥା ନାମରେ ବ୍ୟାଙ୍କରେ ଥିବା ପ୍ରାୟ ୨୫ଲକ୍ଷ ଟଙ୍କା ଉଠାଇ ନେଇଥିବା ଅଭିଯୋଗ ହୋଇଛି । ଏହା ସହ ନିଜକୁ ଅଧକ୍ଷ ବୋଲି ଜାଲ କାଗଜପତ୍ରରେ ଦର୍ଶାଇ ଅନୁଷ୍ଠାନର ପଞ୍ଜାବ ନ୍ୟାସନାଲ ବ୍ୟାଙ୍କରେ ଥିବା ଆକାଉଣ୍ଟର କେୱାଇସି ପାଇଁ କାଗଜପତ୍ର ଦାଖଲ କରୁଥିବା ବେଳେ ଧରା ପଡିଥିଲେ। ଏ ବାବଦରେ ଅଧକ୍ଷ କଳାକାର ରାଉତ ଟାଉନ ଥାନାରେ ଅଭିଯୋଗ କରିବା ପରେ ଥାନା ପକ୍ଷରୁ ନିମାଇଁ ଦାସଙ୍କ ବିରୋଧରେ ଏକ ମାମଲା ରୁଜୁ ହୋଇଛି। ଅପରପକ୍ଷରେ ଜିଲ୍ଲା ଶିକ୍ଷା ଅଧିକାରୀ ଅଭିଯୋଗ ପାଇଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ନଥିବାରୁ ବଳଦେବଜୀଉ ନର୍ସିଂ କଲେଜର ଅଧକ୍ଷ କଳାକାର ରାଉତଙ୍କ ସହ ଅନ୍ୟ ଆଇନଜୀବୀ ମାନେ ଜିଲ୍ଲାପାଳଙ୍କୁ ଭେଟି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି ।

## ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ




**କେନ୍ଦ୍ରାପଡ଼ା,୭।୧୧(ସଂଚାର ବ୍ୟୁରୋ):** କୃଷି ଓ କୃଷକ ସଶକ୍ତିକରଣ ବିଭାଗ ନିର୍ଦ୍ଦେଶ କ୍ରମେ କେନ୍ଦ୍ରାପଡ଼ା ଜିଲ୍ଲା ମୁଖ୍ୟ କୃଷି କାର୍ଯ୍ୟାଳୟ ପକ୍ଷରୁ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ କୃଷି କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ସୁଶ୍ରୀ ଲିଲିତା ଦାସ ଯୋଗଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ (ସାଧାରଣ) ନବକ୍ରିଷ୍ଣ ଜେନା, ମହାକାଳପଡ଼ା ବିଧାୟକଙ୍କ ପ୍ରତିନିଧି ଜୀବନାନନ୍ଦ ସାହୁ,କୃଷି ବିଜ୍ଞାନ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଡ଼. ଅରବିନ୍ଦ ଦାସ, ଶ୍ରୀଧର ପ୍ରସାଦ ପ୍ରଧାନ, ମାର୍ଶାଘାଇ କୃଷି ଅଧିକାରୀ ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମର ମୁଖ୍ୟ ଅତିଥି ଶ୍ରୀ ଅନ୍ନ ଅଭିଯାନ ରଥର ଶୁଭାରମ୍ଭ କରିଥିଲେ । ଏହି ରଥଟି କେନ୍ଦ୍ରାପଡ଼ା ଓ ଡେରାବିଶ ବ୍ଲକ ପରିକ୍ରମା କରିବ । ପରେ ଅତିଥି ମାନେ ଶ୍ରୀ ଅନ୍ନ ଅଭିଯାନ ଏବଂ ମାଣ୍ଡିଆ ଦିବସ ଅବସରରେ ଆୟୋଜିତ ପ୍ରଦର୍ଶନୀର ଶୁଭାରମ୍ଭ କରିଥିଲେ। ବୈଠକରେ ଅତିଥି ମାନେ କୃଷି ଐତିହ୍ୟ ଓ ଜୈବ ବିବିଧତା ସଂରକ୍ଷଣରେ ମହିଳାଙ୍କ ଭୂମିକା ସମ୍ପର୍କରେ ମତ ରଖିବା ସହ ଘରୋଇ ସ୍ତରରେ ଶ୍ରୀ ଅନ୍ନ (ପୁଷ୍ଟିଶସ୍ୟ) ଶସ୍ୟ ଭିକ ବ୍ୟବହାରକୁ ପ୍ରତ୍ସାହିତ କରିବା, ଗ୍ରାମାଳ ଓ ସହରାଳରେ ପୁଷ୍ଟି ଶସ୍ୟ ଭିକ ଖାଦ୍ୟ ସଂସ୍କୃତିକୁ ପୁନଃରୁଦ୍ଧାର କରିବା ଏବଂ ଓଡିଶାକୁ ଦେଶର ମିଲେଟ ହବରେ ପରିଣତ କରିବା ଦିଗରେ ବିସ୍ତୃତ ଆଲୋଚନା କରିଥିଲେ ।

**ସରଣ୍ଡାରେ ପୁଲିସ-ମାଓବାଦୀ ଗୁଳି ବିନିମୟ**

# ଜଣେ ମାଓବାଦୀ ନିହତ

ବିଶ୍ରା,୭।୧୧(ସଂଚାର ବ୍ୟୁରୋ): ସରଣ୍ଡା ଜଙ୍ଗଲରେ ଗୁରୁବାର ସନ୍ଧ୍ୟାରେ ପୁଲିସ ଓ ମାଓବାଦୀଙ୍କ ମଧ୍ୟରେ ଏକ ଭୟଙ୍କର ଗୁଳି ବିନିମୟ ହୋଇଛି। ସୂଚନା ଅନୁସାରେ ସୁରକ୍ଷା ବାହିନୀ ପକ୍ଷରୁ ମାଓବାଦୀ ବିରୋଧୀ ଅଭିଯାନ ସମୟରେ ଜରେଇକେଲା ଥାନା ଅଧୀନସ୍ଥ ଓଡ଼ିଶା-ଝାଡ଼ଖଣ୍ଡ ସୀମାରେ ଅପରାହ୍ନ ୩ଟା ରୁ ୪ଟା ମଧ୍ୟରେ ଏହି ଘଟଣା ଘଟିଛି। ସୁରକ୍ଷା ବାହିନୀଙ୍କୁ ଦେଖି ମାଓବାଦୀମାନେ ହଠାତ୍ ଗୁଳି ଚଳାଇଥିଲେ। ଏହାର ଜବାବରେ ପୁଲିସ ପକ୍ଷରୁ ପାଲଟା ଗୁଳି ଚଳାଯାଇଥିଲା। କିଛି ସମୟ ଧରି ଗୁଳିବିନିମୟ ଜାରି ରହିଥିଲା ଏବଂ ଏଥିରେ କେତେକ ମାଓବାଦୀ ଆହତ ହୋଇଥାଇ ପାରନ୍ତି ବୋଲି ପୁଲିସ କହିଛି। ସୁରକ୍ଷା ବାହିନୀରେ ପାଲଟା କାର୍ଯ୍ୟାନୁଷ୍ଠାନ ଯୋଗୁଁ ମାଓବାଦୀମାନେ ଘଞ୍ଚଜଙ୍ଗଲ ଓ ପାହାଡ଼ିଆ ଅଞ୍ଚଳକୁ ଖସି ପଳାଇଥିବା ଜଣାପଡ଼ିଛି। ଏନକାଉଣ୍ଟର ସ୍ଥଳରୁ ପୁଲିସ ଦୁଇଟି ଏସ୍‌ଏଲ୍‌ଆର୍ ରାଇଫଲ୍ ଏବଂ ଗୋଟିଏ .୩୦୩ ରାଇଫଲ୍ ଜବତ କରିଛି। ପରେ ଜଣେ ମାଓବାଦୀ ନିହତ ହୋଇଥିବା କୁହାଯାଉଥିବାବେଳେ ସେବେଳେ ସ୍ପଷ୍ଟ ହୋଇନାହିଁ। ଏନକାଉଣ୍ଟର ନିଶ୍ଚିତ ଏବଂ ଏହି ଅଞ୍ଚଳରେ ସର୍ଚ୍ଚ ଅପରେସନ ଜାରି ରହିଥିବାବେଳେ ଅଞ୍ଚଳକୁ ସମ୍ପୂର୍ଣ୍ଣ ଘେରାବନ୍ଦୀ କରାଯାଇଥିବା ଡିଆଇଜି କହିଛନ୍ତି।

**୧୫୦ ବର୍ଷ ପୂର୍ତ୍ତି ଉତ୍ସବରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ**

# ବନ୍ଦେ ମାତରମ୍' ଦେଶର ପ୍ରଥମ ବୈପ୍ଳବିକ ସ୍ଲୋଗାନ

ଭୁବନେଶ୍ୱର,୭।୧୧(ସଂଚାର ବ୍ୟୁରୋ): ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ ଲିଖିତ ରାଷ୍ଟ୍ରୀୟ ଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ଆଜି ରବୀନ୍ଦ୍ର ମଣ୍ଡପଠାରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଥିଲେ ଯେ 'ବନ୍ଦେ ମାତରମ୍' ଦେଶର ପ୍ରଥମ ବୈପ୍ଳବିକ ସ୍ଲୋଗାନ। ଏହା କେବଳ ଏକ ଜାତୀୟତାବାଦ ଭିତ୍ତିକ ସଙ୍ଗୀତ ନୁହେଁ, ବରଂ ଦେଶ ମାତୃକାର ବନ୍ଦନା। ଯେତେବେଳେ 'ଆନନ୍ଦ ମଠ' ମାଧ୍ୟମରେ 'ବନ୍ଦେ ମାତରମ୍' ପ୍ରଥମେ ପ୍ରକାଶ ପାଇଲା, ସେତେବେଳେ ଦେଶରେ ଏକ ନୂଆ ଯୁଗ ଆରମ୍ଭ ହେଲା। ଯେତେବେଳେ ସ୍ୱାଧୀନତା ସଂଗ୍ରାମୀମାନେ ରାଜରାସ୍ତାରେ ବନ୍ଦେ ମାତରଂ, ଇନ୍‌କିଲାବ୍ ଜିନ୍ଦାବାଦ୍ ଭଳି ନାରା ଦେଇ ଜାତୀୟତାବାଦ ଗୀତର ତାଳେ ତାଳେ ବ୍ରିଟିଶ୍ ଶାସନକୁ ବିରୋଧ କରୁଥିଲେ, ସେହି ସମୟରେ ବ୍ରିଟିଶ ସରକାରର ଦୃଢ଼ ପ୍ରାଚୀର କମ୍ପି ଉଠୁଥିଲା। ରାଜ୍ୟ ସରକାର ପ୍ରଧାନମନ୍ତ୍ରୀଙ୍କ ପଦକ୍ଷେପକୁ ସ୍ୱାଗତ କରିବା ସହ ରାଜ୍ୟର ପ୍ରତି ଜିଲ୍ଲା, ବିଦ୍ୟାଳୟ, ବିଶ୍ୱବିଦ୍ୟାଳୟ, ସଂସ୍କୃତିକ କେନ୍ଦ୍ରରେ 'ବନ୍ଦେ ମାତରମ୍' ଉତ୍ସବ ପାଳନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କହିଥିଲେ। ସେହିପରି ମୁଖ୍ୟମନ୍ତ୍ରୀ ଯୁବପିଢ଼ିକୁ ଦେଶପ୍ରେମର ଭାବନାକୁ ଅନୁସରଣ କରିବାକୁ ପରାମର୍ଶ ଦେଇଛନ୍ତି।



ସେହିପରି ଆଇନ, ଅବକାରୀ ଓ ପୂର୍ତ୍ତ ବିଭାଗ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଥିଲେ ଯେ 'ବନ୍ଦେ ମାତରମ୍' କେବଳ ଏକ ଗୀତ ନୁହେଁ, ଏହା ଆମ ଦେଶର ସଂଗ୍ରାମ, ସ୍ୱାଧୀନତା ଓ ଜାତୀୟ ଗରିମାର ପ୍ରତୀକ। ଏହି ଗୀତ ମାଧ୍ୟମରେ ବଙ୍କିମଚନ୍ଦ୍ର ଚଟ୍ଟୋପାଧ୍ୟାୟ ଭାରତୀୟ ଜନମାନସରେ ଜାଗରଣ ଆଣିଥିଲେ, ଯାହା ଦେଶକୁ ସ୍ୱାଧୀନତା ଆନ୍ଦୋଳନର ପଥରେ ଅଗ୍ରସର କରିଥିଲା।

ଏହି ଅବସରରେ ଏକ ଫଟୋଚିତ୍ର ପ୍ରଦର୍ଶନୀ ଆୟୋଜିତ ହୋଇଥିବା ବେଳେ କାର୍ଯ୍ୟକ୍ରମରେ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ ସ୍ୱାଗତ ଭାଷଣ ଦେଇଥିଲେ। ସେହିପରି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଚିବ ଡଃ ଚନ୍ଦ୍ରଶେଖର ହୋତା ଧନ୍ୟବାଦ ଦେଇଥିଲେ।

**■ ନୂଆପଡ଼ାରେ ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ**

# ରାଜନୀତିରେ ଅପଶବ୍ଦ ଓ ବ୍ୟକ୍ତିଗତ କଟାକ୍ଷ ବର୍ଜନୀୟ



**ଶାଳୀନତା ଭଙ୍ଗ କରିଛନ୍ତି ବିଜେଡି ନେତାଏ**

ନୂଆପଡ଼ା,୭।୧୧(ସଂଚାର ବ୍ୟୁରୋ): ନୂଆପଡ଼ା ଉପନିର୍ବାଚନ ସକାଶେ ଆଜି ଛତିଶଗଡ଼ ଉପମୁଖ୍ୟମନ୍ତ୍ରୀ ଅରୁଣ ସାଓ ଜିଲ୍ଲା କାର୍ଯ୍ୟାଳୟଠାରେ ଏକ ସାମ୍ବାଦିକ ସମ୍ମିଳନୀରେ ରାଜନୀତିରେ ଅପଶବ୍ଦ ବ୍ୟବହାର ଓ ବ୍ୟକ୍ତିଗତ କଟାକ୍ଷର ସ୍ଥାନ ନାହିଁ। ରାଜନେତାମାନେ ଏପରି ଅଭ୍ୟାସ ବର୍ଜନ କରିବା ଉଚିତ ବୋଲି ମତ ଦେଇଛନ୍ତି। ସେ କହିଛନ୍ତି ଯେ ଗତ ୧୬ ମାସରେ ଓଡ଼ିଶାର ବିଜେପି ସରକାର ୨୧ଟିରୁ ୧୧ଟି ପ୍ରତିଶ୍ରୁତି ପାଳନ କରିସାରିଥିବାରୁ ଏହା ରାଜ୍ୟବାସୀଙ୍କ ଆସ୍ଥାଭାଜନ ହୋଇଛି। ବିଜେପି ପ୍ରାର୍ଥୀ ଜୟ ଢୋଲକିଆ ଓ ତାଙ୍କ ମା'ଙ୍କ ପ୍ରତି ବିଜେଡି ନେତାଏ ଯେପରି ଅପଶବ୍ଦ ପ୍ରୟୋଗ କରିଛନ୍ତି, ଏହାଦ୍ୱାରା ସେମାନେ ଶାଳୀନତାର ସମସ୍ତ ସୀମା ଟପିଯାଇଛନ୍ତି। ତେବେ ଆସନ୍ନ ପରାଜୟ ଭୟ ସେମାନଙ୍କୁ ଏପରି ବୟାନବାଜି କରିବାକୁ ଏକରକମ ବାଧ୍ୟ କରିଛି ବୋଲି ଶ୍ରୀ ସାଓ କହିଛନ୍ତି। ସେ କହିଛନ୍ତି ଯେ ଗତ ଦୁଇ ଦିନ ଧରି ନୂଆପଡାର ଜେଞ୍ଜରା, ଡୁମେରପାନି, ପରସଖୋଲ, ତନବତ୍ ଆଦି ଗ୍ରାମରେ ପ୍ରଚାର କରିବା ସମୟରେ ବିଜେପି ପ୍ରତି ଅଞ୍ଚଳବାସୀଙ୍କ ଅଭୂତପୂର୍ବ ସମର୍ଥନ ତାଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି ଏବଂ ନୂଆପଡ଼ାବାସୀଙ୍କ ସକାରାତ୍ମକ ଭାବନା ନିଶ୍ଚିତ ଭାବେ ଜୟଙ୍କୁ ବିଜୟୀ କରାଇବ ବୋଲି ଶ୍ରୀ ସାଓ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଓ ଓଡ଼ିଶା ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନୀତି, ଆଦର୍ଶ ଓ କାର୍ଯ୍ୟକଳାପରେ ଅନୁପ୍ରାଣିତ ହୋଇ ବିଜେପି ପ୍ରାର୍ଥୀ ଯୁବଚେହେରା ଶ୍ରୀ ଜୟ ଢୋଲକିଆ ଦଳରେ ଯୋଗଦାନ କରିଛନ୍ତି। ଏହା ନିଶ୍ଚିତ ଭାବେ ତାଙ୍କର ସ୍ୱାଧୀନତାର ଅଂଶବିଶେଷ। ଏହାକୁ ବିଜେଡି ବିରୋଧ କରିବାର କୌଣସି କାରଣନାହିଁ ବୋଲି ଶ୍ରୀ ସାଓ କହିଛନ୍ତି।

**ଆୟ ବହିର୍ଭୂତ ସମ୍ପତ୍ତି ମାମଲା**

## ପୂର୍ବତନ ତହସିଲଦାରଙ୍କୁ ୨ ବର୍ଷ ଜେଲ

ବାରିପଦା,୭।୧୧(ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ଅନ୍ତର୍ଗତ ବହଳଦାର ପୂର୍ବତନ ତହସିଲଦାର ଭୀମସେନ ମଙ୍ଗରାଜଙ୍କୁ ଆଜି ଏକ ଆୟ ବହିର୍ଭୂତ ସମ୍ପତ୍ତି ମାମଲାରେ ଦୋଷୀ ସାବ୍ୟସ୍ତ କରାଯାଇ ସଶ୍ରମ କାରାଦଣ୍ଡାଦେଶ ଦିଆଯାଇଛି। ଭୀମସେନ ଏବେ ଅବସରପ୍ରାପ୍ତ ହୋଇଥିବା ବେଳେ ଓଡ଼ିଶା ଭିଜିଲାନ୍ସ ଅନୁଯାୟୀ, ମଙ୍ଗରାଜଙ୍କୁ ଆୟ ବର୍ହିଭୂତ ସମ୍ପତ୍ତି ଠୁଳ କରିବା ଅଭିଯୋଗରେ ପିସି ଆଇନ ଅନୁସାରେ ଭିଜିଲାନ୍ସ ମାମଲାରେ ଚାର୍ଜସିଟ୍ କରାଯାଇଥିଲା। ଆଜି ତାଙ୍କୁ ବାରିପଦାର ସ୍ୱତନ୍ତ୍ର ଭିଜିଲାନ୍ସ ବିଚାରପତି ଦୋଷୀ ସାବ୍ୟସ୍ତ କରିବା ସହ ୨ ବର୍ଷ ସଶ୍ରମ କାରାଦଣ୍ଡ ଓ ୧ ଲକ୍ଷ ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଭୀମସେନ ଦୋଷୀ ସାବ୍ୟସ୍ତ କରିବା ପରେ ତାଙ୍କ ପେନସନ ବନ୍ଦ କରିବା ପାଇଁ ଭିଜିଲାନ୍ସ ଅଧିକାରୀମାନେ ଏବେ ସକ୍ଷମ ପ୍ରାଧିକରଣଙ୍କ ନିକଟରେ ଆବେଦନ କରିବେ।

## ରାଷ୍ଟ୍ରପ୍ରେମ, ଆତ୍ମବିଶ୍ୱାସ ଓ ଏକତାର ପ୍ରତୀକ: ଗୋଲକ

● ସ୍ୱଦେଶୀ ଦ୍ରବ୍ୟ ଆପଣାଇବାକୁ ଶପଥପାଠ



ଭୁବନେଶ୍ୱର,୭।୧୧(ସଂଚାର ବ୍ୟୁରୋ): ସ୍ୱାଧୀନତା ସଂଗ୍ରାମରେ ସମସ୍ତଙ୍କ ପାଇଁ ପ୍ରେରଣା ପାଲଟିଥିବା ରାଷ୍ଟ୍ରଗୀତ 'ବନ୍ଦେ ମାତରମ୍'ର ଶୀର୍ଷକକୁ ନେଇ ଦେଶର ବିଭିନ୍ନ ଭାଷାରେ ନାଟକ ପ୍ରଦର୍ଶିତ ହୋଇଛି। ସାରା ବିଶ୍ୱରେ କୌଣସି ଏକ ଗୀତର ଶୀର୍ଷକକୁ ରାଜନୈତିକ ସ୍ଲୋଗାନ ଓ ଆବାହ ସଙ୍ଗୀତ ଭାବେ ୧୫୦ ବର୍ଷ ଧରି ବ୍ୟବହାର କରିବା ଏକ ବିରଳ ଘଟଣା। ୧୫୦ ବର୍ଷ ପୂର୍ତ୍ତି ପାଳନ ଅବସରରେ ଆଜି ପ୍ରଧାନମନ୍ତ୍ରୀ ଏକ ସ୍ମାରକୀ ଡାକଟିକେଟ ଓ ୧୫୦ ଟଙ୍କିଆ ମୁଦ୍ରା ଉନ୍ମୋଚନ କରିଛନ୍ତି। ୨୬ ତାରିଖ ପର୍ଯ୍ୟନ୍ତ ଏହି ପୂର୍ତ୍ତି ଉତ୍ସବ ବିଭିନ୍ନ ବିଧାନସଭା କ୍ଷେତ୍ରରେ ଆୟୋଜିତ ହେବ ବୋଲି ଅନ୍ୟତମ ବରିଷ୍ଠ ନେତା ଅଧ୍ୟାପକ ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଓ ଭୁବନାନନ୍ଦ ତ୍ରିପାଠୀ ସୂଚନା ଦେଇଛନ୍ତି। ଏହି ଅବସରରେ ଶ୍ରୀ ମହାପାତ୍ର କାର୍ଯ୍ୟକର୍ତ୍ତାମାନଙ୍କୁ ସ୍ୱଦେଶୀ ସାମଗ୍ରୀ ଓ ବସ୍ତୁ ଆପଣାଇବାକୁ ଶପଥପାଠ କରାଇଛନ୍ତି। କାର୍ଯ୍ୟକ୍ରମରେ ପୂର୍ବତନ ଉପସଭାନେତ୍ରୀ ସୁକେଶୀ ଓରାମ, ରାଜ୍ୟ ମୁଖପାତ୍ର ସତ୍ୟବ୍ରତ ପଣ୍ଡା, ଦିଲ୍ଲୀପ ମଲ୍ଲିକ, ସୁଶାନ୍ତ ଜେନା ମଧ୍ୟ ଉପସ୍ଥିତ ଥିଲେ।

## ଘାସିରାମଙ୍କୁ ଜିତାଇବାକୁ କଂଗ୍ରେସ-ସିପିଏମ୍‌ର ଆହ୍ୱାନ

ନୂଆପଡ଼ା,୭।୧୧(ସଂଚାର ବ୍ୟୁରୋ): ସମ୍ବିଧାନ, ଧର୍ମନିରପେକ୍ଷତା ଓ ଓଡ଼ିଶାର ସମସ୍ତ ସମ୍ପ୍ରଦାୟର ଗଣତାନ୍ତ୍ରିକ ଅଧିକାରର ସୁରକ୍ଷା ପାଇଁ କଂଗ୍ରେସ ପ୍ରାର୍ଥୀ ଘାସିରାମ ମାଝୀଙ୍କୁ ଭୋଟ ଦେବା ପାଇଁ କଂଗ୍ରେସ ଏବଂ ସିପିଆଇ (ଏମ୍) ପକ୍ଷରୁ ଆହ୍ୱାନ ଦିଆଯାଇଛି। ସ୍ଥାନୀୟ କଂଗ୍ରେସ ନିର୍ବାଚନ ଅଫିସ ଖୁଣ୍ଟିଆ ଭବନଠାରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଉଭୟ ଦଳର ନେତାମାନେ କହିଛନ୍ତି ଯେ ଶାସକ ବିଜେପି ଗଣତନ୍ତ୍ର ବିରୋଧୀ ହୋଇଥିବା ବେଳେ ଏହା ବିରୋଧରେ ଭୋଟ ଚୋରି ଅଭିଯୋଗ ବି ରହିଛି। ଏହି ଦଳ ସହ ଏହାର ମିତ୍ର ବିଜେଡିକୁ ହରାଇବା ସାମ୍ପ୍ରତିକ ସମୟର ସବୁଠାରୁ ବଡ଼ ଆହ୍ୱାନ। ଏହି ସାମ୍ବାଦିକ ସମ୍ମିଳନୀରେ କଂଗ୍ରେସର ବରିଷ୍ଠ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ଗିରିଧର ଗମାଙ୍ଗ, ପୂର୍ବତନ କେନ୍ଦ୍ର ମନ୍ତ୍ରୀ ଶ୍ରୀକାନ୍ତ ଜେନା, ସିପିଆଇ(ଏମ) ର ରାଜ୍ୟ ସମ୍ପାଦକ ସୁରେଶ ଚନ୍ଦ୍ର ପାଣିଗ୍ରାହୀ ଓ ରାଜ୍ୟ ସମ୍ପାଦକମଣ୍ଡଳୀ ସଦସ୍ୟ ବଦ୍ରି ନାରାୟଣ ଦାଶ ଉପସ୍ଥିତ ଥିବା ବେଳେ କଂଗ୍ରେସ ମିଡିଆ ସେଲ ପକ୍ଷରୁ ଅରବିନ୍ଦ ଦାସ, ରଜନୀକାନ୍ତ ମହାନ୍ତି ଓ ସୁଧିର ମିଶ୍ର ପରିଚାଳନା କରିଥିଲେ।

ଏହି ଅବସରରେ ଶ୍ରୀ ଜେନା କହିଛନ୍ତି ଯେ ବିଜେପି-ବିଜେଡି ମିଳିତ ଭାବେ ରାଜ୍ୟକୁ ଲୁଟିଛନ୍ତି। ବିଜେଡି ୨୫ ବର୍ଷର ଶାସନ କାଳରେ ନୂଆପଡ଼ା ପାଇଁ କିଛି ବି କାମ କରି ନଥିବା ବେଳେ କଂଗ୍ରେସ ତା'ର ଇସ୍ତାହାରରେ ନୂଆପଡ଼ାର ବିକାଶ ନେଇ ସମ୍ପୂର୍ଣ୍ଣ ହିସାବ ଦେଇଛି। ତେଣୁ ଶ୍ରୀ ମାଝୀଙ୍କୁ ଜିତାଇ ନୂଆପଡ଼ାବାସୀ ବିକାଶ ସୁନିଶ୍ଚିତ କରିବାକୁ ସେ ଆହ୍ୱାନ ଦେଇଛନ୍ତି। ସେହିପରି ଶ୍ରୀ ପାଣିଗ୍ରାହୀ କହିଛନ୍ତି ଯେ ଡବଲ୍ ଇଞ୍ଜିନ୍ ସରକାର ଅମଳରେ ରାଜ୍ୟରେ ସାମ୍ପ୍ରଦାୟିକ ହିଂସା, ସାମାଜିକ ବିଦ୍ୱେଷ, ଦଳିତ ଉତ୍ପୀଡନ, ଆଦିବାସୀ ବିସ୍ଥାପନ ଓ ମହିଳା ନିର୍ଯାତନା





ଆଦି ଅତ୍ୟନ୍ତ ଉଦବେଗଜନକ ଭାବେ ବଢ଼ିଛି। ଏଥିସହ ରାଜ୍ୟରେ ବେକାରୀ ସମସ୍ୟା ଉତ୍କଟ ହୋଇଥିବା ବେଳେ ଆଇନ ଶୃଙ୍ଖଳା ପରିସ୍ଥିତି ବି ବିପର୍ଯ୍ୟସ୍ତ ହୋଇଛି। ବିଜେଡି-ବିଜେପି ଧ୍ରୁବୀକରଣ ରାଜନୀତି କରୁଥିବା ବେଳେ ଏହା ଗଣତନ୍ତ୍ର ଓ ଜୀବନଜୀବିକାର ଅଧିକାର ପାଇଁ ବିପଜ୍ଜନକ। ତେଣୁ ମାଟିର ପୁଅ ଘାସିରାମଙ୍କୁ ଜିତାଇବା ସହ ନୂଆପଡ଼ାବାସୀ ବିଜେଡି ଓ ବିଜେପିକୁ ପାନେ ଦେବାକୁ ଶ୍ରୀ ପାଣିଗ୍ରାହୀ ନିବେଦନ କରିଛନ୍ତି।

● ଝିରିପାଣି ପଞ୍ଚାୟତରେ ହାତୀ ଆତଙ୍କ

## ଘର ଭାଙ୍ଗିଲେ, ବର୍ତ୍ତିଗଲେ ପରିବାର ଲୋକ



ତୁମୁଡିବନ୍ଧ,୭।୧୧(ସଂଚାର ବ୍ୟୁରୋ): କନ୍ଧମାଳ ଜିଲା ତୁମୁଡିବନ୍ଧ ବ୍ଲକ ବେଲଘର ବନାଞ୍ଚଳ ଝିରିପାଣି ପଞ୍ଚାୟତରେ ଆଜି ଜଙ୍ଗଲୀ ହାତୀଙ୍କ ପ୍ରାଦୁର୍ଭାବ ଦେଖିବାକୁ ମିଳିଛି। କଳାହାଣ୍ଡି ଜିଲ୍ଲାରୁ ହାତୀପଲ ଆସି ଭଣ୍ଡାରଙ୍ଗୀ ଓ ଝିରିପାଣି ପଞ୍ଚାୟତର ଫସଲ ନଷ୍ଟ କରିବା ସହ ଘରଦ୍ୱାର ଭାଙ୍ଗିଥିବା ଜଣାପଡ଼ିଛି। ଫଳତଃ ଝିରିପାଣି ଓ ଭଣ୍ଡାରଙ୍ଗୀ ପଞ୍ଚାୟତବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ମିଳିଥିବା ସୂଚନାନୁସାରେ, ଗତକାଲି ବିଳମ୍ବିତ ରାତିରେ ଝିରିପାଣି ପଞ୍ଚାୟତର ବେହେଡ଼ାପଡ଼ା ଗ୍ରାମରେ ହାତୀପଲ ପଶି ଗଣେଶ ନାୟକଙ୍କ ଘର ଭାଙ୍ଗିଥିଲେ। ତେବେ ସୌଭାଗ୍ୟବଶତଃ ଗଣେଶ ଓ ତାଙ୍କ ପରିବାର ଲୋକେ ସେତେବେଳେ ନିକଟସ୍ଥ ଗ୍ରାମରେ ରହୁଥିବା ବନ୍ଧୁଘରକୁ ଯାଇଥିଲେ। ସକାଳୁ ଖବର ପାଇ ସେମାନେ ଘରେ ପହଞ୍ଚି ହାତୀ ଘର ଭାଙ୍ଗି ନଷ୍ଟ କରିଦେଇଥିବା ଦେଖିବାକୁ ପାଇଥିଲେ। ସେହିପରି ବାହାରେ ରହିଥିବା ଜିନିଷପତ୍ରଗୁଡ଼ିକୁ ମଧ୍ୟ ହାତୀପଲ ଭାଙ୍ଗି ନଷ୍ଟ କରିଦେଇଛନ୍ତି। ତେବେ ବିଭାଗୀୟ ଅଧିକାରୀମାନେ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ କରିଥିବା ଜଣାପଡ଼ିଛି। କ୍ଷୟକ୍ଷତି ସକାଶେ ସରକାରୀ ସହାୟତା ଅପେକ୍ଷାରେ ଶ୍ରୀ ନାୟକ ଥିବା ବେଳେ ତୁରନ୍ତ ହାତୀପଲକୁ ଘଉଡ଼େଇବା ଦିଗରେ ବନ ବିଭାଗ ପଦକ୍ଷେପ ନେବା ସକାଶେ ଅଞ୍ଚଳବାସୀ ଦାବି କରିଛନ୍ତି।

## 'ବେଇମାନ' ଓ 'ପ୍ରାର୍ଥୀ ଚୋରି' ଉଚ୍ଚାରଣ ଅଶୋଭନୀୟ: ପୁରୀ ସାଂସଦ

ନୂଆପଡ଼ା,୭।୧୧(ସଂଚାର ବ୍ୟୁରୋ): ନୂଆପଡ଼ା ଉପନିର୍ବାଚନରେ ନବୀନ ବାବୁ ଦୁଇଟି ଅପଶବ୍ଦ ବ୍ୟବହାର କରିଛନ୍ତି। 'ବେଇମାନ' ଓ 'ପ୍ରାର୍ଥୀ ଚୋରି' ଭଳି ଅପଶବ୍ଦ ତାଙ୍କ ପରି ଜଣେ ପ୍ରମୁଖ ନେତାଙ୍କ ପକ୍ଷେ ଅଶୋଭନୀୟ। ତେଣୁ ଏହାକୁ କଡ଼ା ଭାଷାରେ ନିନ୍ଦା କରୁଛି ବୋଲି କହିଛନ୍ତି ପୁରୀ ସାଂସଦ ତଥା ବିଜେପି ରାଷ୍ଟ୍ରୀୟ ମୁଖପାତ୍ର ଡା. ସମ୍ବିତ ପାତ୍ର। ଆଜି ଏଠାରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି ଯେ ନବୀନ ବାବୁଙ୍କ ଏପରି ଅପଶବ୍ଦ ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କ ପରିବାରକୁ ଆଘାତ ପହଞ୍ଚାଇଛି। ବ୍ୟକ୍ତି କୌଣସି ଦ୍ରବ୍ୟ ନୁହେଁ, ଯାହା ଚୋରି ହୋଇଯିବ। ବ୍ୟକ୍ତି ହେଉଛି ଏକ ବଞ୍ଚିଥିବା ଆତ୍ମା। ଏକଥା ବୋଧହୁଏ ନବୀନ ବାବୁ ଭୁଲିଯାଇଛନ୍ତି। ବିଜେଡି ଘୃଣ୍ୟ ରାଜନୀତି କରି ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କୁ ଏକ ଦ୍ରବ୍ୟରେ ପରିଣତ କରିଦେଇଛି, ଯାହା ଦୁଃଖର ବିଷୟ ବୋଲି ଡା. ପାତ୍ର କହିଛନ୍ତି।

ଡା. ପାତ୍ର କହିଛନ୍ତି ଯେ ଚିକିତ୍ସାଧୀନ ଥିବା ସମୟରେ ରାଜେନ୍ଦ୍ର ଢୋଲକିଆଙ୍କୁ ସହଯୋଗ କରିନଥିଲା ବିଜେଡି। ହୃଦ୍‌ଜନିତ ଓ କିଡନୀ ଭଳି ଜଟିଳ ସମସ୍ୟା ସତ୍ତ୍ୱେ ତାଙ୍କୁ କୌଣସି ବିଜେଡି ନେତା ଫୋନ୍ କରିନଥିଲେ। ରାଜେନ୍ଦ୍ର ଢୋଲକିଆଙ୍କ ପୁଅ ଜୟ ଢୋଲକିଆ ଆର୍ଥିକ



ବ୍ୟକ୍ତି କୌଣସି ଦ୍ରବ୍ୟ ନୁହେଁ, ଯାହା ଚୋରି ହୋଇଯିବ

ସହାୟତା ମାଗିଥିଲେ ବି ବିଜେଡିର କୌଣସି ନେତା ଏଥିପ୍ରତି କର୍ଣ୍ଣପାତ ବି କରିନଥିଲେ। ସେହିପରି ରାଜେନ୍ଦ୍ର ଢୋଲକିଆଙ୍କ ପାର୍ଥିବ ଶରୀରକୁ ଏୟାର ଆମ୍ବୁଲାନ୍ସରେ ଆଣିବାକୁ ବି କୌଣସି ବିଜେଡି ନେତା ତାଙ୍କ ପରିବାର ସହ ଯୋଗାଯୋଗ କରିନଥିଲେ। ଏପରିକି ଏୟାର ଆମ୍ବୁଲାନ୍ସ ବାବଦ ଅର୍ଥ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ ବି ବିଜେଡି ନେତାଏ ପଛଘୁଞ୍ଚା ଦେଇଥିଲେ। ଯିଏ ଦଳ ଓ ଦେଶ ପାଇଁ ସବୁ କରିଛି, ତାକୁ ବିଜେଡି କୌଣସି ସହଯୋଗ ନ କରିବା ଅତ୍ୟନ୍ତ ଦୁଃଖର ବିଷୟ। ଅଧିକନ୍ତୁ ଏହାକୁ ନେଇ ଦଳ ହୀନ ରାଜନୀତି କରିବା ମଧ୍ୟ ତା'ଠାରୁ ଅଧିକ ଦୁଃଖଦାୟକ ବିଷୟ ବୋଲି ଡା. ପାତ୍ର କହିଛନ୍ତି। ତେଣୁ ବିଜେଡି ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କ ପତ୍ନୀ ଓ ପରିବାର ପ୍ରତି କଟାକ୍ଷ ନ କରି ସମ୍ବେଦନଶୀଳ ଆଚରଣ କରିବାକୁ ସେ ବିଜେଡି ନେତାମାନଙ୍କୁ ପରାମର୍ଶ ଦେଇଛନ୍ତି। ଏଥିସହ ଓଡ଼ିଶାରେ ଡବଲ ଇଞ୍ଜିନ ସରକାର କ୍ଷମତାକୁ ଆସିବା ପରେ ଓଡ଼ିଶାବାସୀଙ୍କର ବିଜେପି ଉପରେ ଆସ୍ଥା ବଢ଼ିଛି। ନୂଆପଡ଼ାବାସୀ ମଧ୍ୟ ଏହି ବିକାଶ ସ୍ରୋତରେ ସାମିଲ୍ ହେବାକୁ ମନସ୍ଥ କରିବା ସହ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ବିଜୟୀ କରାଇବେ ବୋଲି ଡା. ପାତ୍ର ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସ୍ୱର୍ଗତଃ ରାଜେନ୍ଦ୍ର ଢୋଲକିଆଙ୍କ ଧର୍ମପତ୍ନୀ କଳ୍ପନା ଢୋଲକିଆ ଓ ସାନଭାଇ ଅତୁଲ ଢୋଲକିଆ, ନୂଆପଡ଼ା ଜିଲ୍ଲା ସଭାପତି କମଳେଶ ଦୀକ୍ଷିତ, ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ, ରାଜ୍ୟ ପ୍ରବକ୍ତା ମାନସ ରଞ୍ଜନ ବକ୍ସି ଉପସ୍ଥିତ ଥିଲେ।

● ଶ୍ରୀମନ୍ଦିର ସୁରକ୍ଷାରେ ପୁଣି ତ୍ରୁଟି

## ଅଣଓଡ଼ିଆ ଶ୍ରଦ୍ଧାଳୁଙ୍କୁ ଧରିଲା ଜେଟିପି

ପୁରୀ,୭।୧୧(ସଂଚାର ବ୍ୟୁରୋ): ଶ୍ରୀମନ୍ଦିର ସୁରକ୍ଷା ବ୍ୟବସ୍ଥାରେ ପୁଣି ତ୍ରୁଟି। ଚଷମାରେ ହିଡେନ୍ କ୍ୟାମେରା ଲଗାଇ ମନ୍ଦିର ଭିତରେ ପ୍ରବେଶ କରି ଅଟକ ରହିଛନ୍ତି ଜଣେ ଅଣଓଡ଼ିଆ ଶ୍ରଦ୍ଧାଳୁ। ତାଙ୍କୁ ଜେଟିପି ଜଗମୋହନ ନିକଟରୁ ଧରିଛି। ବ୍ୟକ୍ତି ଜଣଙ୍କ ଅହମ୍ମଦାବାଦର ଭରତ ପାଣ୍ଡିଆ ବୋଲି ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, ଶ୍ରୀମନ୍ଦିରକୁ ପୁଣି ଚଷମାରେ ହିଡେନ୍



କ୍ୟାମେରା ନେଇ ପାଣ୍ଡିଆ ପ୍ରବେଶ କରିଥିଲେ। ତେବେ ଜେଟିପି ତାଙ୍କୁ ଅଟକ ରଖି ପଚରାଉଚରା କରୁଛି। ସେହିଭଳି ଯାଜପୁରର ଶାନ୍ତନୁ ମିଶ୍ର ସେବାୟତ ବେଶରେ ଗର୍ଭଗୃହ ଭିତରକୁ ଯିବା ସମୟରେ ବେହରଣ ଦ୍ୱାର ନିକଟରେ ଧରାପଡ଼ିଥିବା ବେଳେ ତାଙ୍କୁ ଜେଟିପି ଗାରଦରେ ଅଟକ ରଖିଥିବା ମଧ୍ୟ ଜଣାପଡ଼ିଛି। ସୂଚନାଯୋଗ୍ୟ ଯେ ବାରମ୍ବାର ବାରଣ ସତ୍ତ୍ୱେ ଶ୍ରୀମନ୍ଦିରରେ ଏଭଳି ଘଟଣାର ପୁନରାବୃତ୍ତି ଘଟୁଛି। ସମସ୍ତ ନିୟମ ଉଲ୍ଲଙ୍ଘନ କରି ଅମାନିଆ ଶ୍ରଦ୍ଧାଳୁମାନେ ହିଡେନ୍ କ୍ୟାମେରା ନେଇ ମନ୍ଦିରରେ ପ୍ରବେଶ କରି ଫଟୋ ଭାଇରାଲ୍ କରୁଛନ୍ତି। ମନ୍ଦିର ଭିତରର ଦୃଶ୍ୟ କ୍ୟାମେରାରେ କଏଦ କରିବାକୁ ସେମାନେ ଚେଷ୍ଟା କରୁଛନ୍ତି। ବିଗତ ଦିନରେ ବାରମ୍ବାର ଶ୍ରୀମନ୍ଦିର ଉପରେ ଡ୍ରୋନ୍ ଉଡୁଥିବାର ଦୃଶ୍ୟ ମଧ୍ୟ ଦେଖିବାକୁ ମିଳିଥିଲା, ଯାହାକି ଏବେ ଚିନ୍ତାର ବିଷୟ ପାଲଟିଛି।

## ୪ ସନ୍ଦିଗ୍ଧଙ୍କୁ କାବୁ କଲେ ଗ୍ରାମବାସୀ, କାର୍ ଜବତ



ବାଙ୍ଗିରିପୋଷି, ୭।୧୧ (ସଂଚାର ବ୍ୟୁରୋ): ମୟୂରଭଞ୍ଜ ଜିଲ୍ଲା ବାଙ୍ଗିରିପୋଷି ଥାନା ଚନ୍ଦନପୁର ଗ୍ରାମରେ ଚୋର ସନ୍ଦେହରେ ୪ ଜଣ ସନ୍ଦିଗ୍ଧଙ୍କୁ କାବୁ କରିଛନ୍ତି ସ୍ଥାନୀୟ ଗ୍ରାମବାସୀ। ପୁଲିସ ସେମାନଙ୍କୁ ଗିରଫ କରିବା ସହ ସେମାନେ ବ୍ୟବହାର କରୁଥିବା କାର୍‌କୁ ମଧ୍ୟ ଜବତ କରିଛି। ମିଳିଥିବା ସୂଚନାନୁସାରେ, ଗତକାଲି ବିଳମ୍ବିତ ରାତିରେ ଏକ କାର୍ ଯୋଗେ କିଛି ବ୍ୟକ୍ତି ସନ୍ଦେହଜନକ ଭାବେ ଚନ୍ଦନପୁର ନିକଟରେ ବୁଲାବୁଲି କରୁଥିଲେ। ଗାଁରେ ବୁଲିବା ବେଳେ କିଛି ଗ୍ରାମବାସୀଙ୍କ ନଜରକୁ ଆସିଥିଲେ। ଗ୍ରାମର କିଛି ସାହସୀ ଯୁବକ ମିଳିତ ଭାବେ ସେମାନଙ୍କ ଉପରେ ଚଢ଼ାଉ କରି ଦେଇଥିଲେ। ପରେ ଖବର ପାଇ ଅନ୍ୟ ଗ୍ରାମବାସୀମାନେ ସହଯୋଗ କରିଥିଲେ। ୫ ରୁ ଊର୍ଦ୍ଧ୍ୱ ସନ୍ଦିଗ୍ଧ ଯୁବକ ଉକ୍ତ ଗାଡ଼ିରେ ଥିବା ବେଳେ ଘଟଣାସ୍ଥଳରୁ ଗ୍ରାମବାସୀ ୩ ଜଣକୁ ଧରିଥିଲେ। ଏନେଇ ଖବର ପାଇ ବାଙ୍ଗିରିପୋଷି ପୁଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିବା ପରେ ଫେରାର ହୋଇଯାଇଥିବା ସନ୍ଦିଗ୍ଧଙ୍କୁ ଖୋଜାଖୋଜି କରି ଆଉ ଜଣଙ୍କୁ ଧରିଥିଲେ। ଏହି ଘଟଣାରେ ମୋଟ ୪ ଜଣ ସନ୍ଦିଗ୍ଧଙ୍କୁ ଗିରଫ କରାଯାଇଛି।

## ଆସନ୍ତା ମାସରେ ଫେରିବ ପଥ ଉତ୍ସବ

● ୧୬ରୁ ଆରମ୍ଭ ହେବ ଷ୍ଟ୍ରିଟ୍ କାର୍ନିଭାଲ୍

ଭୁବନେଶ୍ୱର,୭।୧୧(ସଂଚାର ବ୍ୟୁରୋ): ରାଜଧାନୀକୁ ପୁଣି ଫେରିବ ପଥ ଉତ୍ସବ। ଆସନ୍ତା ଡିସେମ୍ବରରେ ପଥ ଉତ୍ସବ ଆୟୋଜନ କରିବା ସକାଶେ ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଯୋଜନା କରୁଛି। ଏହା ପୂର୍ବରୁ ଆସନ୍ତା ୧୬ ତାରିଖରେ ମାଷ୍ଟର କ୍ୟାଣ୍ଟିନ୍‌ରେ ଷ୍ଟ୍ରିଟ୍ କାର୍ନିଭାଲ ଆରମ୍ଭ ହେବ। ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଆର୍କିଟେକ୍ ଓ ବିଏମ୍‌ସିର ମିଳିତ ସହଯୋଗରେ ଏହି କାର୍ଯ୍ୟକ୍ରମ ଆରମ୍ଭ ହେବ। ସକାଳ ୭ଟାରୁ ଷ୍ଟ୍ରିଟ୍ କାର୍ନିଭାଲ ଆରମ୍ଭ ହୋଇ ଦିନ ୧୧ଟା ପର୍ଯ୍ୟନ୍ତ ଚାଲିବ। ଏଥିରେ ୩ଡି ଆର୍ଟ, ଫ୍ୟାସନ ସୋ, ଜୁମ୍ବା ସେସନ୍ସ ଓ ବିଭିନ୍ନ ପ୍ରଦର୍ଶନୀ ରହିବ। ଏହି କାର୍ଯ୍ୟକ୍ରମ ସଫଳ ହେଲେ ଆଗକୁ ଭୁବନେଶ୍ୱରର ଅନ୍ୟ ସ୍ଥାନରେ ମଧ୍ୟ ଷ୍ଟ୍ରିଟ୍ କାର୍ନିଭାଲ ଆରମ୍ଭ କରିବାକୁ ଯୋଜନା କରାଯାଇଛି। ବିଏମ୍‌ସି ପକ୍ଷରୁ ଡିସେମ୍ବର ଶେଷ ୨୦୨୬ ଜାନୁଆରୀ ପ୍ରଥମ ସପ୍ତାହରେ ପଥ ଉତ୍ସବ ହେବ। ରାଜଧାନୀର ୩ଟି ଜୋନ୍‌ରେ ଏହି ଉତ୍ସବ ଆୟୋଜନ ଯୋଜନା ରହିଛି। ଏନେଇ ବିଏମ୍‌ସିରେ ହେବାକୁ ଥିବା ପ୍ରସ୍ତୁତି ବୈଠକରେ ଏଜେନ୍ସି ଚୟନ କରାଯିବ ବୋଲି ନିଗମର ଜଣେ ବରିଷ୍ଠ ଅଧିକାରୀ ସୂଚନା ଦେଇଛନ୍ତି।

## ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପାଳିଲା 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି

ଭୁବନେଶ୍ୱର,୭।୧୧(ସଂଚାର ବ୍ୟୁରୋ): କେନ୍ଦ୍ର ସରକାରଙ୍କ ପକ୍ଷରୁ ଆଜିଠାରୁ ଆସନ୍ତା ବର୍ଷ ନଭେମ୍ବର ୭ ତାରିଖ ପର୍ଯ୍ୟନ୍ତ ଜାତୀୟ ସଂଗୀତ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ପାଳନ ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ପ୍ରଧାନମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ଜାତୀୟ କାର୍ଯ୍ୟାନ୍ୱୟନ କମିଟି (ଏନ୍‌ଆଇସି) ଦ୍ୱାରା ସ୍ମାରକୀ କାର୍ଯ୍ୟକଳାପକୁ ଅନୁମୋଦନ ମିଳିଛି। ବର୍ଷସାରା ୪ଟି ପର୍ଯ୍ୟାୟରେ ଏହି ସ୍ମୃତିଚାରଣ ପାଳନ କରାଯିବ। ଏହି ଜାତୀୟ ପଦକ୍ଷେପର ଅଂଶସ୍ୱରୂପ ପୂର୍ବ ତଟ ରେଳପଥ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ପକ୍ଷରୁ ଖୋର୍ଦ୍ଧା ରୋଡ୍ ରେଳମଣ୍ଡଳ ମୁଖ୍ୟାଳୟ ଓ କଟକ ରେଳ ଷ୍ଟେସନରେ 'ବନ୍ଦେ ମାତରମ୍' ସମୂହ ଗାନ ଆୟୋଜନ କରିଥିଲା। ଏହି କାର୍ଯ୍ୟକ୍ରମର ନେତୃତ୍ୱ ନେଇ ମଣ୍ଡଳ ରେଳ ପ୍ରବନ୍ଧକ ଆଲୋକ ତ୍ରିପାଠୀ ରେଳ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକମାନଙ୍କ ସହ ସମସ୍ତ ଶାଖା ଅଧିକାରୀ ଓ କର୍ମଚାରୀଙ୍କ ସହ ଜାତୀୟ ସଙ୍ଗୀତର ସାମୂହିକ ପରିବେଷଣରେ ଯୋଗ ଦେଇଥିଲେ। ଏହି ସମୂହ ଜାତୀୟ ସଙ୍ଗୀତ ସମସ୍ତ ଅଂଶଗ୍ରହଣକାରୀଙ୍କ ମଧ୍ୟରେ ଏକତା, ଗର୍ବ ଓ ଦେଶପ୍ରେମର ମନୋଭାବକୁ ପ୍ରତିଫଳିତ କରିଥିଲା। କାର୍ଯ୍ୟକ୍ରମକୁ ରେଳମଣ୍ଡଳର ବରିଷ୍ଠ ମଣ୍ଡଳ କାର୍ମିକ ଅଧିକାରୀ ଆରଏନଏ ପରିଡା ସଂଯୋଜନା କରିଥିଲେ। ଏକକାଳୀନ, ଖୋର୍ଦ୍ଧା ରୋଡ ରେଳମଣ୍ଡଳ ଅଧୀନରେ ଥିବା ସମସ୍ତ ଷ୍ଟେସନରେ ଅଡିଓ-ଭିଜୁଆଲ୍ ମୋଡ୍‌ରେ 'ବନ୍ଦେ ମାତରମ୍' ବଜାଯାଇଥିଲା। ଫଳରେ ରେଳମଣ୍ଡଳର ଯାତ୍ରୀ ଓ ରେଳ କର୍ମଚାରୀମାନେ ଦେଶପ୍ରେମ ପାଳନରେ ଯୋଗ ଦେଇପାରିଥିଲେ।

**■ ଶ୍ରୀ ଶ୍ରୀ ରବି ଶଙ୍କରଙ୍କ ସମ୍ଭାଷଣ**

## ଧ୍ୟାନ ଦ୍ୱାରା ମାନସିକ ଚାପ ପରିଚାଳନା ଉପରେ ଗୁରୁତ୍ୱ

ଭୁବନେଶ୍ୱର,୭।୧୧(ସଂଚାର ବ୍ୟୁରୋ): ପ୍ରସିଦ୍ଧ ଆଧ୍ୟାତ୍ମିକ ଗୁରୁ ତଥା ଦି ଆର୍ଟ ଅଫ ଲିଭିଂର ପ୍ରତିଷ୍ଠାତା ଗୁରୁଦେବ ଶ୍ରୀଶ୍ରୀ ରବି ଶଙ୍କର ଆଜି ସ୍ଥାନୀୟ ଲୋକସେବା ଭବନସ୍ଥିତ କନଭେନସନ ସେଣ୍ଟରଠାରେ 'ବିକଶିତ ଓଡ଼ିଶାରେ ଆଧ୍ୟାତ୍ମିକତା, ଶାସନରେ ନୀତି' ସଂକ୍ରାନ୍ତରେ ସମ୍ଭାଷଣ ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ବରିଷ୍ଠ ଅଧିକାରୀମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିବା ବେଳେ ରବି ଶଙ୍କର ଏକ ଶାନ୍ତି, ସଦଭାବନା ଓ ଭାଇଚାରାର ସମନ୍ୱୟରେ ସମାଜ ଗଢ଼ିବାରେ ଆଧ୍ୟାତ୍ମିକତା ଓ ନୀତିମୂଲ୍ୟର ଆବଶ୍ୟକତା ଉପରେ ଗୁରୁତ୍ୱ ଦେଇଛନ୍ତି। ସେହିପରି ଧ୍ୟାନ ଦ୍ୱାରା ମାନସିକ ଚାପ ପରିଚାଳନା, ଭାବନାତ୍ମକ ସନ୍ତୁଳନ ବୃଦ୍ଧି ଓ ବୃତ୍ତିଗତ ଜୀବନରେ କାର୍ଯ୍ୟ ଦକ୍ଷତା ବୃଦ୍ଧି ଉପରେ ମଧ୍ୟ ଆଲୋକପାତ କରିଛନ୍ତି। ସମ୍ଭାଷଣ ପରେ ଶ୍ରୀ ଶ୍ରୀ ରବି ଶଙ୍କର ଅଧିକାରୀମାନଙ୍କୁ ଏକ ଧ୍ୟାନ ଅଧିବେଶନରେ ମନୋନିବେଶ କରାଇଥିଲେ। କାର୍ଯ୍ୟକ୍ରମରେ ରାଜ୍ୟ ଉନ୍ନୟନ ଆୟୁକ୍ତ ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ ଅତିଥି ଭାବେ ଯୋଗ ଦେଇ ସ୍ୱାଗତ ଭାଷଣ ଦେଇଥିଲେ।



**ସୁଭଦ୍ରା ଶକ୍ତି ମେଳାରେ ପାରମ୍ପରିକ ସ୍ୱାଦର ମହକ**

# ବାରିପଦା ମୁଢ଼ିମାଂସ, କେନ୍ଦୁଝରର ପତ୍ରପୋଡ଼ାର ଚାହିଦା

ଭୁବନେଶ୍ୱର,୭।୧୧(ସଂଚାର ବ୍ୟୁରୋ): ସ୍ଥାନୀୟ ଇଡକୋ ପ୍ରଦର୍ଶନୀ ପଡ଼ିଆରେ ଚାଲିଥିବା ସୁଭଦ୍ରା ଶକ୍ତି ମେଳା ଦର୍ଶକମାନଙ୍କୁ ମନ୍ତ୍ରମୁଗ୍ଧ କରିଛି। ୩୦୦ରୁ ଅଧିକ ଷ୍ଟଲ୍ ସହ ଏହି ମେଳା ସ୍ୱୟଂ ସହାୟକ ଗୋଷ୍ଠୀ ଓ ଉତ୍ପାଦକ ଗୋଷ୍ଠୀମାନଙ୍କ ପାଇଁ ହସ୍ତତନ୍ତ, ହସ୍ତଶିଳ୍ପ, ଜୈବିକ ଉତ୍ପାଦ, ଘରୋଇ ସାମଗ୍ରୀ ସମେତ ମା' ମାନଙ୍କ ହାତ ତିଆରି ବିଭିନ୍ନ ପ୍ରକାରର ଉତ୍ପାଦ ପ୍ରଦର୍ଶନ ପାଇଁ ଏକ ବୃହତ ମଞ୍ଚ ସାଜିଛି। ମେଳାର ଆକର୍ଷଣ ମଧ୍ୟରେ ପାରମ୍ପରିକ ଓଡ଼ିଆ ଖାଦ୍ୟର ସମ୍ଭାର 'ସୁଭଦ୍ରା ଶକ୍ତି ମେଳା ଫୁଡ୍ କୋର୍ଟ' ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ସ୍ୱୟଂ ସହାୟକ ଗୋଷ୍ଠୀର ସଦସ୍ୟମାନେ ୫୦ଟି ସ୍ୱତନ୍ତ୍ର ଷ୍ଟଲରେ ସେମାନଙ୍କ ହାତ





ତିଆରି ଓଡ଼ିଆ ପାରମ୍ପରିକ ବ୍ୟଞ୍ଜନର ପ୍ରକୃତ ସ୍ୱାଦକୁ ପୁନର୍ଜୀବିତ କରିଛନ୍ତି। ସେଠାରେ ଦର୍ଶକମାନେ ପିଠାଠାରୁ ଆରମ୍ଭ କରି ସ୍ନାକ୍ସ ପର୍ଯ୍ୟନ୍ତ ବିଭିନ୍ନ ଖାଦ୍ୟର ମଜା ନେଉଛନ୍ତି। ବିଶେଷକରି ମୟୂରଭଞ୍ଜର ମୁଢ଼ିମାଂସ ସମସ୍ତଙ୍କ ମନ କିଣୁଛି। ମୟୂରଭଞ୍ଜ ରାସଗୋବିନ୍ଦପୁର ବ୍ଲକର ମୟୂର ମୁଢ଼ି ଉତ୍ପାଦକ ଗ୍ରୁପ୍ ପ୍ରସ୍ତୁତ ଏହି ମୁଢ଼ି ମାଂସ ସହ କେନ୍ଦୁଝରର ପତ୍ରପୋଡା, ସମ୍ବଲପୁରର ସରସତିଆ, ନିମାପଡ଼ାର ଛେନା ଝିଲ୍ଲି, ମାଣ୍ଡିଆ ପିଠା, ମିଲେଟ୍ ନୁଡଲ୍ସ ଆଦିର ଚାହିଦା ମଧ୍ୟ କାହିଁରେ କ'ଣ। ଆଜି ମେଳାର ସପ୍ତମ ସନ୍ଧ୍ୟାରେ ସାଂସ୍କୃତିକ କାର୍ଯ୍ୟକ୍ରମରେ ବାଘ ନାଚ ସହିତ ବର୍ଣ୍ଣାଲୀ ହୋତାଙ୍କ ସଙ୍ଗୀତ ଦର୍ଶକଙ୍କୁ ମୁଗ୍ଧ କରିଛି।

sanchar.live

ସମ୍ପାଦକୀୟ

SANCHAR
ସଞ୍ଚାର

ଶନିବାର ୮ ନଭେମ୍ବର ୨୦୨୫, ଭୁବନେଶ୍ୱର
Saturday 8 November 2025, Bhubaneswar

**ଜୀବନ ଅମୃତ ଅନୁଚିନ୍ତା**

ପ୍ରକୃତ ଧନ-ଆଜି ପର୍ଯ୍ୟନ୍ତ କେହି ପାର୍ଥିବ ଧନ ସଂସାରରୁ ନେଇ ଆର ପାରିକୁ ଯାଇ ନାହାଁନ୍ତି। ଯାହା ନେଇଛନ୍ତି ତାହା ସତ କର୍ମ ବା ପୁଣ୍ୟର ଫଳ। ଏହା ହିଁ ପ୍ରକୃତ ଧନ ଯାହା ଆର ପାରିରେ ସହାୟକ ହୋଇଥାଏ।

# ସଚେତନତା ନା ପରିବର୍ତ୍ତନର ସୂଚନା

ବିହାରର ବିଧାନସଭା ଚୟନ ୨୦୨୫ର ପ୍ରଥମ ପର୍ଯ୍ୟାୟରେ ୧୨୧ଟି ନିର୍ବାଚନ ମଣ୍ଡଳୀରେ ୬୪.୬୬ ପ୍ରତିଶତ ମତଦାନ ହୋଇଛି। ଏହା ରାଜ୍ୟର ଚୟନ ଇତିହାସରେ ସର୍ବୋଚ୍ଚ, ଯାହା ୨୦୨୦ର ୫୬.୧ ପ୍ରତିଶତରୁ ୮.୫ ପ୍ରତିଶତ ଅଧିକ। ଏହି ଅଙ୍କ କେବଳ ଏକ ସଂଖ୍ୟା ନୁହେଁ, ବରଂ ବିହାରର ରାଜନୈତିକ



ଦୃଶ୍ୟପଟରେ ଏକ ଗମ୍ଭୀର ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏହା ଲୋକମତର ଏକ ପରିବର୍ତ୍ତନର ସୂଚନା ଦେଉଛି, ଯେଉଁଠାରେ ସରକାରୀ ଅସନ୍ତୋଷ ଏବଂ ପରିବର୍ତ୍ତନର ଆଙ୍କାକ୍ଷା ସ୍ପଷ୍ଟ ହୋଇଥିବା ପରି ମନେ ହେଉଛି।

ବିହାରର ଚୟନ ଇତିହାସ ଦେଖିଲେ, ମତଦାନ ପ୍ରତିଶତରେ ୫ ପ୍ରତିଶତରୁ ଅଧିକ ବୃଦ୍ଧି ସରକାର ପରିବର୍ତ୍ତନର ସୂଚନା ଦେଇଛି। ୧୯୬୭ରେ ୭ ପ୍ରତିଶତର ବୃଦ୍ଧି ପରେ ସରକାର ପଡ଼ିଥିଲା, ଏବଂ ୧୯୯୦ରେ ୧୦ ପ୍ରତିଶତର ଉତଥାନ ମଧ୍ୟ ସମାନ ଫଳାଫଳ ଘଟାଇଥିଲା। ୨୦୦୫ରେ ନିତୀଶ କୁମାରଙ୍କୁ ସତ୍ତାରେ ଆଣିଥିବା ମତଦାନର ପତନ ମଧ୍ୟ ଏକ ଉଦାହରଣ। ଏବେ ଏହି ୮.୫ ପ୍ରତିଶତର ବୃଦ୍ଧି ଏକ ପ୍ରଶ୍ନ ଉଠାଇଛି: ନିତୀଶଙ୍କ ଏନ୍ଡିଏ ମେଣ୍ଟ ସରକାର କରିବେ, କିମ୍ବା ତେଜସ୍ୱୀ ଯାଦବଙ୍କ ଆର୍ଜେଡି-କଂଗ୍ରେସ୍ ଗଠବନ୍ଧନ ସତ୍ତାକୁ ଆସିବେ? ଏହି ଉଚ୍ଚ ମତଦାନର ପଛେ ଲୁଚିଥିବା କାରଣଗୁଡ଼ିକ ବିଭିନ୍ନ।

ପ୍ରଥମତଃ, ଆରଜେଡିର 'ପ୍ରତ୍ୟେକ ଘରେ ଏକ ଚାକିରି' ପ୍ରତିଶ୍ରୁତି ଏବଂ ମହିଳାମାନଙ୍କ ପାଇଁ ମାସିକ ଆୟ ଯୋଜନା ଯେଉଁଠାରେ ନିରାଶାର ଆକ୍ଷେପ କରୁଛି, ସେଠାରେ ଏହା ଏକ ଆକର୍ଷଣୀୟ ବିକଳ୍ପ ସୃଷ୍ଟି କରିଛି। ବିହାରରେ ମହିଳା ମତଦାତାଙ୍କ ସଂଖ୍ୟା ପୁରୁଷଙ୍କୁ ଅଧିକ, ଏବଂ ସେମାନଙ୍କର ମତଦାନ ହାର ମଧ୍ୟ ପୁରୁଷଙ୍କୁ ଅତିକ୍ରମ କରିଛି। ଏନ୍ଡିଏର ମହିଳା ରୋଜଗାର ଯୋଜନା ଯଦିଓ ସ୍ୱାଗତଯୋଗ୍ୟ, କିନ୍ତୁ ବେକାରୀ ଓ ଅଭାବର ସମସ୍ୟା ମହିଳାମାନଙ୍କୁ ନିରାଶ କରିଛି। ଦ୍ୱିତୀୟତଃ, ପ୍ରଶାନ୍ତ କିଶୋରଙ୍କ ଜନ ସୁରାଜ୍ ପାର୍ଟିର ପ୍ରଭାବର ପ୍ରବେଶ କରି ପୁରୁଣା ରାଜନୈତିକ ଦଳକୁ ଚ୍ୟାଲେଞ୍ଜ ଦେଉଛି, ଯାହା ଅଧିକ ଲୋକଙ୍କୁ ମତଦାନ ପାଇଁ ପ୍ରେରଣା ଦେଇଛି।

ତୃତୀୟତଃ, ନିର୍ବାଚନ କମିସନଙ୍କ ନୂଆ ଭୋଟର୍ ତାଲିକା ସଂଶୋଧନ ଯୋଜନା ଯଦିଓ ବିବାଦାସ୍ପଦ— ବିରୋଧୀ ଦଳମାନେ ଏହାକୁ ଗରିବ ଏବଂ ପୃଷ୍ଠଭାଗୀୟ ଭୋଟରଙ୍କୁ ବଞ୍ଚିତ କରିବାର ଆକ୍ଷେପ କରିଛନ୍ତି— ତଥାପି ୪୭ ଲକ୍ଷ ନାମ କାଢ଼ିବା ପରେ ମଧ୍ୟ ଏତେ ଉଚ୍ଚ ମତଦାନ ଲୋକମାନଙ୍କର ନିର୍ଦ୍ଧାରଣକୁ ପ୍ରତିଫଳିତ କରୁଛି। ବେଗୁସରାଇ (୭୬%ରୁ ଅଧିକ) ଏବଂ ଗୋପାଳଗଞ୍ଜ ଭଳି ଜିଲ୍ଲାରେ ଉଚ୍ଚ ଭୋଟିଂ ହାର ଏହାର ପ୍ରମାଣ। ଏହା ଦର୍ଶାଉଛି ଯେ ଲୋକମାନେ କେବଳ ମତ ଦେଇନାହାଁନ୍ତି, ବରଂ ଏକ ନୂତନ ବିହାରର ସ୍ୱପ୍ନ ଦେଖୁଛନ୍ତି— ଯେଉଁଠାରେ ରୋଜଗାର, ବିକାଶ ଏବଂ ସାମାଜିକ ନ୍ୟାୟ ପ୍ରାଧାନ୍ୟ ପାଇବ।

ତଥାପି, ଏହି ସଂଖ୍ୟାକୁ ଅତ୍ୟଧିକ ବ୍ୟାଖ୍ୟା କରିବା ଉଚିତ୍ ନୁହେଁ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏହାକୁ 'ଏନ୍ଡିଏର ଐତିହାସିକ ଜୟର ସୂଚନା' ଭାବେ ଦର୍ଶାଇଛନ୍ତି। ସେପଟେ ବିରୋଧୀ ଦଳମାନେ ଏହାକୁ ଅସନ୍ତୋଷର ପ୍ରମାଣ ଭାବେ ଦେଖୁଛନ୍ତି। କିନ୍ତୁ ଇତିହାସ ପୂର୍ବବର୍ତ୍ତୀ ପରିବର୍ତ୍ତନକୁ ସ୍ମରଣ କରାଉଛି। ଏହି ମତଦାନ ହାର ବିହାରର ଲୋକମାନଙ୍କର ଶକ୍ତିର ପ୍ରକାଶ— ଯାହା ରାଜନୈତିକ ଦଳକୁ ସତର୍କ କରାଇଦେଇଛି। ଯଦି ବାକି ପର୍ଯ୍ୟାୟରେ ଏହି ଧରଣର ଉତ୍ସାହ ଲାଗିରହେ, ତେବେ ବିହାରର ରାଜନୀତିରେ ଏକ ନୂତନ ଅଧ୍ୟାୟ ଆରମ୍ଭ ହେବ।

ଏହା କେବଳ ସଂଖ୍ୟା ନୁହେଁ, ଏହା ବିହାରର ଭବିଷ୍ୟତର ଏକ ମନ୍ତବ୍ୟ। ଲୋକମାନେ ପରିବର୍ତ୍ତନ ଚାହୁଁଛନ୍ତି ଏବଂ ଏହି ମତଦାନ ସେମାନଙ୍କର ଆଙ୍କାକ୍ଷାର ପ୍ରତିଧ୍ୱନି। ରାଜନୈତିକ ନେତାମାନେ ଏହାକୁ ବୁଝି ଉପଯୁକ୍ତ ନୀତି ଗ୍ରହଣ କରନ୍ତୁ, ନହେଲେ ଇତିହାସ ତାଙ୍କୁ କ୍ଷମା ଦେବନି।

# ଦର୍ପ ବାବୁ: ଜଗତସିଂହପୁରର ବିନୋବା ଭାବେ

**ତପନ ବିହାରୀ ଭଞ୍ଜ**

ସାଧାରଣ ବ୍ୟକ୍ତି ଭାବେ ଏକ ଅସାଧାରଣ ବ୍ୟକ୍ତିତ୍ୱର ଅଧିକାରୀ ଥିଲେ ଇଂ. ଦର୍ପନାରାୟଣ ଦାସ। ସେ ଜଗତସିଂହପୁର ଜିଲ୍ଲାର ବିରିଡ଼ି ବ୍ଲକ ଅନ୍ତର୍ଗତ ସଂଗ୍ରାମି ମାଟି ବାଗଲପୁର ଠାରେ ୧୯୪୦ ମସିହା ଏପ୍ରିଲ ୩୦ ତାରିଖରେ ଜନ୍ମ ଗ୍ରହଣ କରିଥିଲେ। ସେ କେବଳ ବିରିଡ଼ି ବ୍ଲକ କିମ୍ବା ଜଗତସିଂହପୁର ଅଞ୍ଚଳରେ ନୁହେଁ, ଯାଜପୁର ଜିଲ୍ଲାର ବରୀ ଓ ବଡଚଣା ଅଞ୍ଚଳର ପ୍ରତି ଘରେ ଘରେ ଜଣେ ପରିଚିତ ନାମ ଥିଲେ। ସେ ଥିଲେ ଜଣେ ଦକ୍ଷ ଇଞ୍ଜିନିୟର, ସମାଜ ସଂସ୍କାରକ, ସତ୍ୟନିଷ୍ଠ ସମାଜସେବୀ ଓ ପରୋପକାରୀ। ମାନବିକତା, ଦୟା ଓ ଦୃଢ଼ତାର ଜୀବନ୍ତ ପ୍ରତୀକ ଥିଲେ ସେ। ନିଜ କାର୍ଯ୍ୟଦକ୍ଷତା ଓ ସହାନୁଭୂତି ଦ୍ୱାରା ସେ ଲୋକମନଙ୍କ ଆଶା ଓ ପ୍ରେରଣାର ପ୍ରତୀକ ହୋଇଉଠିଥିଲେ।



ଦର୍ପ ବାବୁ ଏକ ବ୍ୟକ୍ତି ନଥିଲେ-ସେ ଥିଲେ ଏକ ଅନୁଷ୍ଠାନ। ତାଙ୍କ ଜୀବନ ଓ ଚିନ୍ତାଧାରା ନବପିଢ଼ୀ ପାଇଁ ଏକ ଆଦର୍ଶ। ତାଙ୍କ ଦୃଢ଼ତା, ସହନଶୀଳତା ଓ ସକାରାତ୍ମକ ମନୋଭାବ ହିଁ ତାଙ୍କ ଜୀବନର ସଫଳତାର ମୂଳ ଆଧାର।

ଡିପ୍ଲୋମା ଇଞ୍ଜିନିୟରିଂ କର୍ମଚାରୀ ସଂଘର ପୂର୍ବତନ ସାଧାରଣ ସମ୍ପାଦକ ଭାବେ ସେ ଦୀର୍ଘ ବର୍ଷ ଧରି ଜନସେବାରେ ନିରତ ରହିଥିଲେ। ସେହି କାରଣରୁ ସହକର୍ମୀମାନେ ତାଙ୍କୁ ସ୍ନେହଭରା ସମ୍ବୋଧନରେ "ବାଦଶାହ" ବୋଲି ଡାକୁଥିଲେ। ୟୁନିଟ୍ - ୩ ସ୍ଥିତ ଓଡିଶା ଭବନରେ ସେ ଥିଲେ ମୁଖ୍ୟ କର୍ଣ୍ଣଧାର। ତତକାଳୀନ ସମୟରେ ଅଣରାଜନୈତିକ ବ୍ୟକ୍ତି ହିସାବରେ ସେ ରାଜ୍ୟ ରାଜଧାନୀର ଜଣେ ପ୍ରଭାବଶାଳୀ ବ୍ୟକ୍ତି ହିସାବରେ ସେ ପରିଚିତ ଥିଲେ। ସଂଗ୍ରାମୀ ଫୋରମର ସଭାପତି ଓ ରେଡକ୍ରସ ସୋସାଇଟିର ଆଜୀବନ ସଦସ୍ୟ ଭାବେ ସେ ନିଜ ଜୀବନକୁ ସମାଜସେବାରେ ଉତ୍ସର୍ଗ କରିଥିଲେ। ବିରିଡ଼ି ବ୍ଲକର ବିଭିନ୍ନ ଅନୁଷ୍ଠାନରେ ସେ ଥିଲେ ମୌଡ଼ମଣି, ଓଡିଶା ସେବା ସଂଘର ପ୍ରତିଷ୍ଠାତା ଭାବେ ନିଜ ଅସାଧାରଣ ସେବାର ନେତୃତ୍ୱ ଦେଖାଇଥିଲେ।

ସେ ଅନେକ ଯୁବକଙ୍କୁ ଚାକିରୀ ଓ ଶିକ୍ଷା କ୍ଷେତ୍ରରେ ସହାୟତା କରି ତାଙ୍କ ଜୀବନ ଗଢ଼ିବାରେ ନିଶ୍ଚିତ ଭୂମିକା ନେଇଥିଲେ। ସେ ଅନେକ ଦରିଦ୍ର ଓ ମେଧାବୀ ଛାତ୍ରଛାତ୍ରୀଙ୍କୁ ଆର୍ଥିକ ସହାୟତା ପ୍ରଦାନ କରି ତାଙ୍କ ଭବିଷ୍ୟତ୍ ଗଢ଼ିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ଅଳକା ମହାବିଦ୍ୟାଳୟ ପ୍ରତିଷ୍ଠା ଓ ବିଲୁଆଖାଇ ନଦୀର ବ୍ରିଜ ନିର୍ମାଣରେ ତାଙ୍କ ଅବଦାନ ଅତୁଳନୀୟ। ଏଥିସହ ତାଙ୍କ ମାତୃଭୂମି ପ୍ରତି ବହୁତ୍ ଦୁର୍ବଳତା ଥିଲା। ୧୯୯୯ ମହାବାତ୍ୟା ସମୟରେ ସେ ରେଡକ୍ରସ ତରଫରୁ ବରୀ ଓ ବଡଚଣା ନିର୍ବାଚନ ମଣ୍ଡଳୀରେ ରିଲିଫ୍ ଦାୟିତ୍ୱ ନେଇ ଦକ୍ଷତାର ସହ କାର୍ଯ୍ୟନିର୍ବାହ କରିଥିଲେ।

ତାଙ୍କ ସହ ଆମର ପାରିବାରିକ ଓ ଆତ୍ମୀୟ ସମ୍ପର୍କ ଅତ୍ୟନ୍ତ ନିବିଡ ଥିଲା। ତାଙ୍କ ସହ କାର୍ଯ୍ୟକରିବାର ଅନେକ ସୁନ୍ଦର ସ୍ମୃତି ଆଜି ମନେ ପଡୁଛି। ତାଙ୍କ ଦେହାବସାନ ଇଞ୍ଜିନିୟରିଂ ମହଲ, ସମଗ୍ର ସମାଜ ଓ ରାଜ୍ୟ ପାଇଁ ଏକ ଅପୂରଣୀୟ କ୍ଷତି। ସେ ଆଜି ଆମ ମଧ୍ୟରେ ନଥିଲେ ମଧ୍ୟ, ତାଙ୍କ ମୂଲ୍ୟବୋଧ, ଜୀବନଦର୍ଶନ ଓ ଆଦର୍ଶ ସଦା ଆମକୁ ପ୍ରେରିତ କରିବ। ତାଙ୍କ ଇହଧାମ ପରେ ସାଧାରଣରେ ଯାହା ଆଲୋଚିତ ହୁଏ ସେ ହେଉଛନ୍ତି ଜଗତସିଂହପୁର ଅଞ୍ଚଳର ବିନୋବା ଭାବେ। ତାଙ୍କର ଅମ୍ଲାନ ସ୍ମୃତି ପ୍ରତି ପୁଣିଥରେ ଶ୍ରଦ୍ଧା ସୁମନ ଜଣାଇ ଜଗତର ନାଥ ଜଗନ୍ନାଥ ଠାରେ ତାଙ୍କ ଅମର ଆତ୍ମାର ସଦଗତି ପାଇଁ ପ୍ରାର୍ଥନା।

**ସଭାପତି, ମିଡିଆ ଫେଡରେସନ ଅଫ୍ ଓଡିଶା**
**ଭୁବନେଶ୍ୱର, ମୋବାଇଲ୍: ୭୯୭୮୫୭୦୮୬୮**

# ଓଡ଼ିଶାର ଖଣିଜ ପାଣ୍ଠି ଓ ଅଣ୍ଟି ନିଆଁ



**ଡାକ୍ତର ବିଚିତ୍ରାନନ୍ଦ ଆଚାର୍ଯ୍ୟ**

ନୂଆପଡ଼ା ନିର୍ବାଚନ ଘୋ ଘା ଆଉ କିଛି ତଥାକଥିତ ରାଜନୈତିକ ତୁମ୍ବିତୋଫାନ ଭିତରେ ରାଜ୍ୟ ରାଜନୀତି ସହିତ ଜଡ଼ିତ ଏକ ଗୁରୁତ୍ୱପୂର୍ଣ୍ଣ ଖବର ଗଣମାଧ୍ୟମର ଉହାଡ଼ରେ ରହିଯାଇଛି। ଓଡ଼ିଶାରେ ଡବଲ ଇଞ୍ଜିନ ସରକାର ଆସିବା ପରେ ପ୍ରଗତିର ବନ୍ୟା କୁଆଡ଼େ ଚାରିଆଡ଼କୁ ପ୍ରଭାବିତ କରିଛି ବୋଲି କେହି କେହି କହୁଛନ୍ତି। ତେବେ ନିକଟରେ ସୁପ୍ରିମକୋର୍ଟରେ ଏକ ଘଟଣା ଆମେ ଏଠାରେ ଉଠାଇବାକୁ ଚାହୁଁଛୁ ସହୃଦୟ ପାଠକମାନଙ୍କ ପାଖରେ। ପ୍ରକାରାନ୍ତରେ କହିବା ପାଇଁ ଗଲେ ଏହା ହିଁ ବଡ଼ ବିଡ଼ମ୍ବନା ଯେ, ନବୀନ ସରକାରଙ୍କ ପାପ ବୋଝକୁ ମୋହନ ସରକାର ଏବେ ବି ମୁଣ୍ଡେଇ ଚାଲିଛନ୍ତି। ସେଥିପାଇଁ ସୁପ୍ରିମକୋର୍ଟରୁ ଭର୍ତ୍ସନା ଶୁଣିବାକୁ ମିଳିଲା। ଓଡ଼ିଶାର ପ୍ରାଣ ହେଉଛି ଖଣି। ଖଣିରୁ ହିଁ ଓଡ଼ିଶାର ସର୍ବାଧିକ ରାଜସ୍ୱ ଆସିଥାଏ। ସର୍ବଭାରତୀୟ ସ୍ତରରେ ଖଣି ରାଜସ୍ୱ କ୍ଷେତ୍ରରେ ଓଡ଼ିଶା ଆଗୁଆ। ତେବେ ଏହି ଖଣିକୁ ଲୁଟ କରି କୋଟପତି ହେବା ପାଇଁ ଆଗ୍ରହ ବେଶୀ। ମୋହନ ସରକାର ଏ ଦିଗରେ ସୁପ୍ରିମକୋର୍ଟଙ୍କ ଆଦେଶ ପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିବେ ବୋଲି ଆଶା କରୁଛୁ।

ଗତ ସପ୍ତାହରେ କୋଇଡ଼ାର ଜିଭିପିଆର ଖଣିରେ ଚଢ଼ାଉ କଲା ଇସ୍ପାତ ଓ ଖଣି ବିଭାଗ। ବେଆଇନ ଲୁହାପଥର ପରିହବନ ଅଭିଯୋଗ ଉପରେ ଥିଲା ଏହି ଚଢ଼ାଉ। ଏହା ପୂର୍ବରୁ ରାଜ୍ୟର ଅନେକ ଖଣିରେ ବେଆଇନ ଚଢ଼ଉ ହୋଇଛି ଏବଂ କ୍ଷତି ପୂରଣ ପାଇଁ ନିର୍ଦ୍ଦେଶ ମଧ୍ୟ ଦିଆହୋଇଛି। ସଂଯୋଗକୁ ସେହି ଦିନ ସୁପ୍ରିମକୋର୍ଟ ଖଣି ସଂକ୍ରାନ୍ତରେ ଓଡ଼ିଶା ସରକାରଙ୍କୁ କଡ଼ା ଭର୍ତ୍ସନା କଲେ। ସୁପ୍ରିମକୋର୍ଟ ଶୁଣାଣି ସହ କୋଇଡ଼ାରେ ଚଢ଼ାଉର କିଛି ସମ୍ପର୍କ ଅଛି କି ନାହିଁ ଜଣାନାହିଁ କିନ୍ତୁ ଏକଥା ସ୍ପଷ୍ଟ ଭାବେ ଜଣାଅଛି ଯେ, ନବୀନ ସରକାର କରିଥିବା ପାପକୁ ମୋହନ ସରକାର ନିଜ କାନ୍ଧରେ ଏବେ ବି ବୋହି ଚାଲିଛନ୍ତି। ସେଥିପାଇଁ ସୁପ୍ରିମକୋର୍ଟଙ୍କ ଅସନ୍ତୋଷର ଶିକାର ହେବାକୁ ପଡ଼ିଲା ଓଡ଼ିଶାକୁ। ୨୦୧୭ରେ ସୁପ୍ରିମକୋର୍ଟ ୧୩୧ ଖଣି ମାଲିକଙ୍କ ବେଆଇନ ଖଣି କାର୍ଯ୍ୟ ଲାଗି ପାଖାପାଖି ୨୦ ହଜାର କୋଟି ଟଙ୍କା କ୍ଷତିପୂରଣ ଆଦାୟ ନିମନ୍ତେ ନିର୍ଦ୍ଦେଶ ଦେଇଥିଲେ। ଡିସେମ୍ବର ୩୧ ସୁଦ୍ଧା ଏହା ଆଦାୟ କରିବା ପାଇଁ ନିର୍ଦ୍ଦେଶ ଥିଲା। ସେହି ରାୟ ପରିପ୍ରେକ୍ଷୀରେ ଜିଲ୍ଲା ଖଣିଜ ପାଣ୍ଠି କଥା ଉଠିଥିଲା। ଜିଲ୍ଲାରେ ପାରିପାର୍ଶ୍ୱିକ ବିକାଶ ନିମନ୍ତେ ଡିଏମଏଫ ଗଠନ ପ୍ରକ୍ରିୟା ଆରମ୍ଭ ହେଲା। ଓଡ଼ିଶାରେ ଯେଉଁ ମେଗା ଖଣି ଦୁର୍ନୀତି ହୋଇଥିଲା ତାହାର ମୁଖ୍ୟ ପୃଷ୍ଠପୋଷକ ଥିଲେ ନବୀନ ସରକାର। ଏକଥା ଜଷ୍ଟିସ ଏମ ବି ଶାହା ତାଙ୍କ ରିପୋର୍ଟରେ ସ୍ପଷ୍ଟ ଉଲ୍ଲେଖ କରିଛନ୍ତି। ଜଷ୍ଟିସ ଶାହା ଲେଖିଛନ୍ତି ଯେ, ଭାରତର ସବୁଠୁ ବଡ଼ ଖଣି ଦୁର୍ନୀତି ଓଡ଼ିଶାରେ ଘଟିଛି। ଦୁର୍ନୀତିର ପରିମାଣ ପ୍ରାୟ ୬୦ ହଜାର କୋଟି ଟଙ୍କା। ଏତେ ବଡ଼ ମେଗା ଦୁର୍ନୀତି ବିନା ସରକାରୀ ପୃଷ୍ଠପୋଷକତା ଏବଂ ବାବୁ ମାନଙ୍କ ସହାୟତାରେ କଦାପି ସମ୍ଭବ ହୋଇନଥାନ୍ତା। ଜଷ୍ଟିସ ଶାହା ଓଡ଼ିଶା ମେଗା ଖଣି ଦୁର୍ନୀତିର ସିବିଆଇ ତଦନ୍ତ ପାଇଁ କେନ୍ଦ୍ରକୁ ସୁପାରିଶ କରିଥିଲେ। ତେବେ ତଦନ୍ତ ରିପୋର୍ଟ ଇଚ୍ଛାକୃତ ଭାବେ ଶୀତଳ ଭଣ୍ଡାରରେ ପଡ଼ି ରହିଲା ନା ଏହାକୁ ପଡ଼ି ରହିବା ପାଇଁ କୌଣସି ପେଞ୍ଚ ବା ବ୍ୟବସ୍ଥା କରାଗଲା ତାହା ଅନେକଙ୍କ ପାଇଁ ଅଜଣା ରହିଗଲା।



ଆରମ୍ଭରୁ ଖଣି ଦୁର୍ନୀତିର ସିବିଆଇ ତଦନ୍ତ ପ୍ରସ୍ତାବକୁ ନବୀନ ସରକାର ଓ ବିଜୁ ଜନତା ଦଳ ବିରୋଧ କରୁଥିଲା। ବିରୋଧ କରିବା ସ୍ୱାଭାବିକ ଥିଲା। କାରଣ ସରକାରଙ୍କ ପ୍ରୋତ୍ସାହନରେ ବାବୁମାନଙ୍କ ସହାୟତାରେ ଖଣି ଲୁଟ ଚାଲିଥିଲା। ସିବିଆଇ ତଦନ୍ତ ହୋଇଥିଲେ ସେହିମାନେ ହିଁ ବନ୍ଧା ହୋଇଥାନ୍ତେ। ତତ୍କାଳୀନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଅଦାଲତକୁ ଘୋଷଡ଼ା ହୋଇଥାନ୍ତେ। ଏଣୁ ନାନା ଫନ୍ଦିଫିକର କରାଗଲା। କିଛି ଆତ୍ମଘୋଷିତ ସାମାଜିକ କର୍ମୀ ଓ ରାଜ୍ୟ ସ୍ୱାର୍ଥବାଦୀ ଏନଜିଟିକୁ ଯାଇ ସିବିଆଇ ତଦନ୍ତ ଦାବିକୁ ଦୁର୍ବଳ କରିବାକୁ ଲାଗିଥିଲେ। ଶେଷରେ ମୋଦୀ ସରକାର ସିବିଆଇ ତଦନ୍ତ ଆଦେଶ ଦେଲେ ନାହିଁ କାରଣ ମୋଦୀଙ୍କୁ ଭଲ ଭାବେ ଜଣାଥିବା ସେ ଯେଉଁ ଅଜଣା 'କାରଣ' ଅନେକଙ୍କୁ ଜଣା ଥିଲେ ମଧ୍ୟ ଆମେ ଏଠାରେ ଉଲ୍ଲେଖ କରିବା ପାଇଁ ଚାହୁଁନୁ।

ଖାଲି ଗୋଟିଏ ସ୍ପଷ୍ଟକଥା ବିଜେଡ଼ି-ବିଜେପି ଭିତରେ ଏକ ପ୍ରକାର ମିଳିଭଗତ ଯୋଡ଼ି ରହିଥିଲା। ଯାହା ଏଯାବତ୍ ବି ରହିଛି କହିଲେ ଅତ୍ୟୁକ୍ତି ହେବନାହିଁ। ଏଣେ ସୁପ୍ରିମକୋର୍ଟ ୨୦୧୭ ମସିହାରେ ଖିଲାପକାରୀ ଖଣି ମାଲିକଙ୍କୁ ଏକ ପ୍ରକାର ରକ୍ଷା କରିଦେଲେ ଓ ପ୍ରାୟ ୨୦ ହଜାର କୋଟି ଟଙ୍କାର କ୍ଷତିପୂରଣ ଆଦାୟ କରିବା ପାଇଁ ଆଦେଶ ଦେଲେ। ରାଜ୍ୟକୁ ଲୁଟିଥିବା ଖଣି ମାଲିକମାନେ ଜେଲ ଯିବାରୁ ବର୍ତ୍ତିଗଲେ। ରାଜ୍ୟ ସରକାର ସିବିଆଇ ତଦନ୍ତ ଦାବିକୁ ଭଣ୍ଡୁର କରିବା ପାଇଁ ୨୭ଟି କମ୍ପାନୀ ଉପରେ ୫୮ ହଜାର କୋଟି ଟଙ୍କା ଜରିମାନା ଲଗାଇଥିଲେ। କିନ୍ତୁ ଏମିତି ବ୍ୟବସ୍ଥା ନବୀନ ସରକାର କରିଥିଲେ ଯେ, ଅଧିକାଂଶ ସଂସ୍ଥା ଜରିମାନା ଦେଲେ ନାହିଁ। ସୁପ୍ରିମକୋର୍ଟକୁ ଗଲେ। ସୁପ୍ରିମକୋର୍ଟଙ୍କ ରିହାତି ସତ୍ତ୍ୱେ ଆହୁରି ୨୭୦୦ କୋଟି ଟଙ୍କା ଆଦାୟ ହୋଇପାରିଲା ନାହିଁ। ସିଏଜି ତାଙ୍କ ରିପୋର୍ଟରେ ସୁଧ ସହ ପ୍ରାୟ ୪ ହଜାର କୋଟି ଟଙ୍କା ଅନାଦେୟ ପଡ଼ିଛି ବୋଲି ରିପୋର୍ଟ ଉଲ୍ଲେଖ କରିଛନ୍ତି।

ବିଡ଼ମ୍ବନା ଯେ, ନବୀନ ସରକାରଙ୍କ ପାପ ବୋଝକୁ ମୋହନ ସରକାର ଏବେ ବି ମୁଣ୍ଡେଇ ଚାଲିଛନ୍ତି। ସେଥିପାଇଁ ସୁପ୍ରିମକୋର୍ଟରୁ ଭର୍ତ୍ସନା ଶୁଣିବାକୁ ମିଳିଲା। ଓଡ଼ିଶାର ପ୍ରାଣ ହେଉଛି ଖଣି। ଖଣି ଲୁଟ କରି କୋଟପତି ହେବା ପାଇଁ ଆଗ୍ରହ ବେଶୀ। ମୋହନ ସରକାର ଏ ଦିଗରେ ସୁପ୍ରିମକୋର୍ଟଙ୍କ ଆଦେଶ ପରେ କଡ଼ା ଆଭିମୁଖ୍ୟ ଗ୍ରହଣ କରିବେ ବୋଲି ଆଶା କରୁଛୁ। ତଥାକଥିତ ଡବଲ ଇଞ୍ଜିନ ସରକାରର ନେତୃତ୍ୱ ନେଉଥିବା ମୋହନ ସରକାର ଯଦି ଭାବୁଥିବେ ସବୁ ଓଡ଼ିଆ ଲୋକ ଅନ୍ଧ - ମୁକ ଓ ବଧିର ତାହା ଭାବିବା ଭୁଲ। ଓଡ଼ିଶାର ବିକାଶରେ ଖଣି ରାଜସ୍ୱ ସିଂହଭାଗ ଦାୟିତ୍ୱ ନିର୍ବାହ କରିଥାଏ। ତେଣୁ ଏ କ୍ଷେତ୍ରରେ ନିର୍ବାଚନ ପୂର୍ବରୁ ଭାଷଣ ମାରିଥିବା ଓଡ଼ିଶାର ବିଜେପି ସରକାର ଅନ୍ତତଃ ନ୍ୟାୟାଳୟର ବିଧି ବ୍ୟବସ୍ଥାକୁ ସମ୍ମାନ ଦିଅନ୍ତୁ ଏବଂ ବିରୋଧୀଙ୍କ ପାପର ନିଆଁ ନିଜ ଅଣ୍ଟିରେ ନପୁରାନ୍ତୁ। ଓଡ଼ିଆରେ ଏକ କଥା ଅଛି - 'ଅଣ୍ଟି ନିଆଁ ସବୁକିଛି ଧ୍ୱଂସ କରେ'।

**ବିଭବ, ଆଚାର୍ଯ୍ୟ କଲୋନୀ, ବାଲିଗୁଡ଼ା, କନ୍ଧମାଳ**

# ଓଡ଼ିଶା ପୁଲିସରେ ବ୍ରେନ୍ ମ୍ୟାପିଂ, ଡିଏନଏ ପରୀକ୍ଷା



**ଯୁଧିଷ୍ଠିର ମହାରଣା**

ଅପରାଧିଙ୍କୁ ଚିହ୍ନଟ କରିବା, ସେମାନଙ୍କୁ ଧରିବା ଓ ଶେଷରେ ଅଦାଲତରେ ସେମାନଙ୍କୁ ଦଣ୍ଡିତ କରିବାର ବ୍ୟବସ୍ଥା ପାଇଁ ପୁଲିସକୁ ଅନେକ ପରିଶ୍ରମ କରିବାକୁ ପଡ଼ିଥାଏ। ଦଣ୍ଡ ବିଧାନ ବ୍ୟବସ୍ଥାରେ ବ୍ରେନ ମ୍ୟାପିଂ ଓ ଡିଏନଏ ପରୀକ୍ଷା ଏକ ଗୁରୁତ୍ୱପୂର୍ଣ୍ଣ ଅଂଶ ବିଶେଷ। ତେବେ ବଡ଼ ଖୁସିର କଥା ଓଡ଼ିଶା ପୁଲିସରେ ବ୍ରେନ ମ୍ୟାପିଂ ଓ ଅତ୍ୟାଧୁନିକ ନେକ୍ସଟ ଜେନେରେସନ ସିକ୍ୱେସିଂ ମାଧ୍ୟମରେ ଡିଏନଏ ପରୀକ୍ଷା ପାଇଁ ତଦନ୍ତକାରୀ ଅଧିକାରୀଙ୍କୁ ଅଭିଯୁକ୍ତଙ୍କୁ ନେଇ ଆଉ ରାଜ୍ୟ ବାହାରକୁ ଯିବାକୁ ପଡ଼ିବ ନାହିଁ। ଭୁବନେଶ୍ୱର ରସୁଲଗଡ଼ସ୍ଥିତ ରାଜ୍ୟ ଫରେନସିକ୍ ସାଇନ୍ସ ଲାବରେଟୋରିରେ ଏହି ବ୍ୟବସ୍ଥା ଆରମ୍ଭ ହୋଇଛି। ପୂର୍ବରୁ କୋର୍ଟଙ୍କ ନିର୍ଦ୍ଦେଶକ୍ରମେ ଅଭିଯୁକ୍ତଙ୍କୁ ବ୍ରେନ ମ୍ୟାପିଂ ପାଇଁ ଗୁଜୁରାଟ ଗାନ୍ଧୀନଗରରେ ଥିବା ଫରେନସିକ୍ ସାଇନ୍ସ ଲାବରେଟୋରିକୁ ପଠାଯାଉଥିଲା। ସେହିଭଳି ଅତ୍ୟାଧୁନିକ ଡିଏନଏ ପ୍ରୋଫାଇଲିଂ ପାଇଁ ହାଇଦ୍ରାବାଦ ପଠାଯାଉଥିଲା। ନେକ୍ସଟ ଜେନେରେସନ ସିକ୍ୱେସିଂ ଯନ୍ତ୍ରାଂଶ ମାଧ୍ୟମରେ ଅତ୍ୟାଧୁନିକ ଡିଏନଏ ପରୀକ୍ଷା କରାଯାଉଛି। ସାଧାରଣତଃ ଡିଏନଏ ଦୁଇ ପ୍ରକାର କରାଯାଇଥାଏ। ଜଣେ ମୃତକଙ୍କ ଡିଏନଏ ସହିତ ତାଙ୍କ ବାପା, ମା'ଙ୍କ ଡିଏନଏ ମେଳ କରିବା ପାଇଁ ସାଧାରଣ ଡିଏନଏ ପ୍ରୋଫାଇଲିଂ କୌଶଳ ବ୍ୟବହାର କରାଯାଏ। ଯାହାକି ପୂର୍ବରୁ ରସୁଲଗଡ଼ରେ ଥିଲା। କିନ୍ତୁ ଏବେ ଆସିଥିବା ନେକ୍ସଟ ଜେନେରେସନ ସିକ୍ୱେସିଂ ଯନ୍ତ୍ରାଂଶ ଭିନ୍ନ ଧରଣର। ଯଦି ଜଣେ ମୃତକଙ୍କର କେହି ଅଭିଭାବକ ନାହାନ୍ତି, କିନ୍ତୁ ତାଙ୍କର ଭାଇ ଭଉଣୀ ଅଛନ୍ତି, ସେ କ୍ଷେତ୍ରରେ ଏହି ଏନଜିଏସ ଯନ୍ତ୍ରାଂଶ ମାଧ୍ୟମରେ ଡିଏନଏ ପରୀକ୍ଷା କରାଯାଏ। ସେହିଭଳି ବ୍ରେନ ମ୍ୟାପିଂ ବ୍ୟବସ୍ଥାରେ ପରୀକ୍ଷା ସମୟରେ ଅଭିଯୁକ୍ତଙ୍କୁ ପ୍ରଶ୍ନ ପଚରା ଯାଏନି କି ତାଙ୍କୁ ଅଚେତ କରାଯାଏନି। ପଲିଗ୍ରାଫରେ ଧୋକା ଦେବାର ସମ୍ଭାବନା ରହିଛି। ନାର୍କୋ ଟେଷ୍ଟରେ ଜୀବନ ପ୍ରତି ବିପଦ ରହିଥାଏ। କିନ୍ତୁ ବ୍ରେନ ମ୍ୟାପିଂରେ ସେଭଳି ହେବାର ନାହିଁ। ଭାରତରେ ୨୦୦୫ରେ ଏହି ବ୍ୟବସ୍ଥା ଆରମ୍ଭ ହୋଇଥିବା କୁହାଯାଏ। ବ୍ରେନ ମ୍ୟାପିଂ ସମୟରେ ଅଭିଯୁକ୍ତଙ୍କୁ ଅପରାଧ ସମ୍ପର୍କିତ ଫଟୋ, ଭିଡ଼ିଓ କିମ୍ବା ଅପରାଧ ସହିତ ସମ୍ପର୍କ ରଖୁଥିବା ଧ୍ୱନି ଶୁଣାଯାଇଥାଏ। ଅଭିଯୁକ୍ତଙ୍କ ମସ୍ତିଷ୍କରେ ଏକ ସ୍ୱତନ୍ତ୍ର ହେଲମେଟ ପିନ୍ଧାଯାଏ। ଏଥିରେ ୩୨ଟି ତାର ଲାଗିଥାଏ। ଏହାରି ମାଧ୍ୟମରେ ବ୍ରେନ ୱେବକୁ ଜଣେ ଡାକ୍ତର ଅନୁଧ୍ୟାନ କରିଥାନ୍ତି। ଏଥିପାଇଁ ଡେଲ୍ଟା, ଥିଟା, ଆଲଫା, ବିଟା ଭଳି ଚାରି ପ୍ରକାର ତରଙ୍ଗ ବ୍ୟବହାର କରାଯାଏ। ଏଥିପାଇଁ ଇଲେକ୍ଟ୍ରୋଏନସେଫାଲୋଗ୍ରାମର ବ୍ୟବହାର କରାଯାଏ। ଅଭିଯୁକ୍ତ ଜଣକ ଅପରାଧ ସମ୍ପର୍କରେ ଏହି ସମୟରେ କ'ଣ ଭାବୁଛି, ଏହାକୁ ନେଇ ଅପରାଧୀର ମାନସିକ ସ୍ଥିତିକୁ ଅନୁଧ୍ୟାନ କରାଯାଇଥାଏ। ଯଦି ଅଭିଯୁକ୍ତ ଜଣକ ନିର୍ଦ୍ଦୋଷ ତେବେ ଏହି ଫଟୋ, ଭିଡ଼ିଓ ଓ ଧ୍ୱନିକୁ ଚିହ୍ନି ପାରିନଥାଏ। କିନ୍ତୁ ଅଭିଯୁକ୍ତ ଜଣକ ପ୍ରକୃତରେ ଏହି ମାନସିକ ସ୍ତରରେ ଏହାର ପରିବର୍ତ୍ତନ ହୋଇଥାଏ। ଏହି ପରିବର୍ତ୍ତନକୁ ହିଁ ବ୍ରେନ ମ୍ୟାପିଂରେ ଠାବ କରାଯାଇଥାଏ। ହାଇପ୍ରୋଫାଇଲ ହତ୍ୟାକାଣ୍ଡ କିମ୍ବା ଆପରାଧିକ କାର୍ଯ୍ୟକଳାପରେ ସନ୍ଦିଗ୍ଧ କିମ୍ବା ଗିରଫ ଅଭିଯୁକ୍ତଙ୍କ ଏହି ବ୍ରେନ ମ୍ୟାପିଂ କରାଯାଇଥାଏ।

ଆଇନଜୀବୀ, ଓଡ଼ିଶା **ହାଇକୋର୍ଟ, କଟକ, ମୋବାଇଲ୍: ୯୪୩୭୧୬୩୫୨୮**

# ଏଥର ନୂଆ ରୂପ ଓ ଠିକଣାରେ ବାଲିଯାତ୍ରା



**ଗଙ୍ଗାଧର ସାମଲ**

ହଜାର ବର୍ଷର ସହର ଭାବେ କଟକର ଗୌରବ। କଟକର ସବୁଠାରୁ ବଡ଼ ପରିଚୟ କହିଲେ କେହି କେହି ବାଲିଯାତ୍ରାକୁ ମଧ୍ୟ କହିଥାନ୍ତି। ସତରେ ଐତିହାସିକ ବାଲିଯାତ୍ରା ବର୍ଷକୁ ବର୍ଷ ଯେଉଁପରି ନୂଆ ଭାବନାରେ, ନୂଆ ଠିକଣାରେ, ନୂଆ ବ୍ୟବସାୟରେ, ନୂଆ ଢ଼ଙ୍ଗରଙ୍ଗରେ ବଦଳି ବଦଳି ଚାଲିଛି ତାହା ଏକ ପ୍ରକାର ବିଶ୍ୱ ପ୍ରସିଦ୍ଧର ଗୌରବ ଆଣି ଦେଇଛି। ଅନେକ ହୁଏତ ଜାଣିନଥିବେ ଏବେ ବି ଏହି ପ୍ରାଚୀନତମ ସହରରେ ଅନେକ ସାହି ରହିଛି ଯେଉଁ ଗୁଡ଼ିକ ଅବିକଳ ଗାଁର ଢ଼ଙ୍ଗରଙ୍ଗକୁ ନେଇ ଏବଂ ସେଥିରେ ଗ୍ରାମ୍ୟ ଚଳଣୀ ଓ ଜୀବନର ଚିତ୍ର। ତେଣୁ ସେ ଦୃଷ୍ଟିରୁ ଦେଖିଲେ କଟକିଆଙ୍କ ଝିଅଝିଆଣୀଙ୍କ ବାପଘରକୁ ବର୍ଷକୁ ଥରେ ବୁଲିବା ଆରମ୍ଭ ହୋଇଥାଏ ଦଶହରା ବେଳୁ। ଦଶହରା ପରେ ବାଲିଯାତ୍ରା...... ଆଉ ବାଲିଯାତ୍ରାରୁ ହରେକ ରକମର ଜିନିଷ କିଣି ସମସ୍ତେ ବି ଖୁସି। ପିଲା ଠାରୁ ବୟସ୍କ, କଲେଜ ପଢୁଆଙ୍କ ଠାରୁ ନବ ବିବାହିତା ସମସ୍ତେ ଅପେକ୍ଷା କରିଥାନ୍ତି ଏହି ବାଲିଯାତ୍ରାକୁ। ବର୍ଷ ତମାମ ଶୁନଶାନ ହୋଇ ଏକ ପ୍ରକାର ନୀରବ ହୋଇପଡ଼ିଥିବା ମହାନଦୀ ନଈପଠା ଦିନ କେତେଟା ପାଇଁ ଘୋ ଘାରେ ଫାଟିପଡ଼େ। ଦିନ କେତେଟା ପରେ ପୁଣି ପୂର୍ବପରି ସବୁ ଶୂନଶାନ ଇଏ ହେଉଛି ବାଲିଯାତ୍ରାର ଖାସିୟତ୍ କହିଲେ ଅତ୍ୟୁକ୍ତି ହେବନାହିଁ।

ଚଳିତ ବର୍ଷ ବାଲିଯାତ୍ରା ସମ୍ପୂର୍ଣ୍ଣ ନୂଆ ରୂପରେ ଓ ନୂଆ ଠିକଣାରେ କହିଲେ ଅତ୍ୟୁକ୍ତି ହେବନାହିଁ। ଗଡ଼ଗଡ଼ିଆ ମନ୍ଦିର ସାମ୍ନାରେ ପବନରେ ଆଉ ଉଡିବନି ଠୁଙ୍କାପୁରୀ। 'ଓଃ...କି ମଧୁର, ଓଃ.... କି ସ୍ୱାଦିଷ୍ଟ' ଭଳି ବାଲିଯାତ୍ରାର ନିଆରା ସ୍ୱର କିଲ୍ଲା ପଡ଼ିଆ ନୁହେଁ ବରଂ ତଳ ପଡ଼ିଆର କେଉଁ ଏକ ରୋ'ରୁ ଶୁଣିବାକୁ ମିଳିବ। ସବୁଆଡ଼େ ଡିଜିଟାଲ ସ୍କ୍ରିନ ଚିକମିକ କରିବ। ଭିଣ୍ଟେଜ କାର ପ୍ରଦର୍ଶନୀରେ ଗୋଟିଏ ଠାରୁ ବଳି ଆଉ ଗୋଟିଏ ସୌଖୀନ କାରର ପ୍ରଦର୍ଶନୀ ଦେଖିବେ ଦର୍ଶକ। କଟକ-ଇନ-କଟକରେ ଓଡ଼ିଆ ଭାଷା ଓ ସାହିତ୍ୟକୁ ନେଇ ମନଲାଖି ପରିବେଶ ସୃଷ୍ଟି ହେବ। ସେପଟେ ବଦଳିଯାଇଛି ବାଲିଯାତ୍ରା ବୋଇତ ଗେଟର ରଙ୍ଗରୂପ। ପୂର୍ବରୁ ଧୂସର ରଙ୍ଗରେ ଚିକିମିକ୍ ଆଲୁଅ ପଡ଼ିବା ପରେ ନୀଳ ସମୁଦ୍ରରେ ବୋଇତ ଯାତ୍ରା କରିବା ଭଳି ଲାଗୁଥିଲା। ଏବେ ବୋଇତର ରଙ୍ଗ ହାଲୁକା କମଳା ରଙ୍ଗର କରି ଦିଆଯାଇଛି। ତଳପଡ଼ିଆର କାର୍ତ୍ତିକେଶ୍ୱର ଗଡ଼ାରୁ ଆରମ୍ଭ ବାଲିଯାତ୍ରା ସିଲଭରସିଟି ବୋଟ କ୍ଲବ ଯାଏ ଲମ୍ବିଛି ବାଲିଯାତ୍ରାର ନବକଳେବର ରୂପ। କେବଳ ରୂପ ନୁହେଁ ଗତ କିଛି ବର୍ଷ ଧରି ଯିଏ ଯେଉଁଠି, ଯାହା ଯେଉଁଠି ଥିଲା ସେଥିରେ ବି ଅନେକ କିଛି ଏପଟସେପଟ ହେଉଛି। ତେଣୁ ଏଥର ବୁଲିବାକୁ ଆସୁଥିବା ଦର୍ଶକଙ୍କୁ ଏକ ନିଆରା ଅନୁଭବ ଦେବ କଟକ ବାଲିଯାତ୍ରା।

ଆଉ କିଛି ମୁହୂର୍ତ୍ତର ଅପେକ୍ଷା। ଐତିହାସିକ କଟକ ବାଲିଯାତ୍ରାର ଶୁଭାରମ୍ଭ ହେବ। ମହାନଦୀ ପଠାର ୬୦ ଏକର ପରିମିତ ଜମିରେ ଏଥର ମେଳା ଜମିବ। ପ୍ରଥମଥର ଏତେବଡ଼ ବିସ୍ତୀର୍ଣ୍ଣ ଇଲାକାରେ ବାଲିଯାତ୍ରା ହେଉଥିବାବେଳେ ଆୟୋଜକ ଭାବେ ଜିଲ୍ଲା ପ୍ରଶାସନ ଛୋଟବଡ଼ ସଂସ୍କାର ଆଣି ମେଳାକୁ ସରସ ସୁନ୍ଦର ଭାବେ ଆୟୋଜିତ କରିବାକୁ ଅଣ୍ଟା ଭିଡ଼ିଛି। ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଲାଣି। ତଳ ବାଲିଯାତ୍ରା ପଡ଼ିଆ ଉପରେ ନଜର ପକାଇଲେ, ଏଥର ମୋଟ ୧୪ ଲକ୍ଷ ୭୬ ହଜାର ୮୭୦ ବର୍ଗଫୁଟ ପରିମିତ ଜମିକୁ ପ୍ଲଟ ଭାବେ ଆବଣ୍ଟନ କରାଯାଇଛି। ୧ ହଜାର ୬୫୪ ଜଣ ବ୍ୟବସାୟୀ ଅଂଶ ଗ୍ରହଣ କରିବେ। ଏଥିରୁ ୩ ଲକ୍ଷ



୪ ହଜାର ୯୨୦ ବର୍ଗଫୁଟ ଜମିରେ ଜାତୀୟ ପଲ୍ଲିଶ୍ରୀ ମେଳା ଜମିବ। ୪୦ ହଜାର ବର୍ଗଫୁଟ ଲେଖାଏଁ ଜମି ଗୋଲ୍ଡ ଓ ପ୍ଲାଟିନମ ପୃଷ୍ଠପୋଷକଙ୍କୁ ପ୍ରଦାନ କରାଯାଇଛି। ୧ ଲକ୍ଷ ୮୦ ହଜାର ବର୍ଗଫୁଟ ଜମିରେ ଚକ୍ରି ଜୋନ କରାଯାଇଛି। ୧ଲକ୍ଷ ୭୪ ହଜାର ବର୍ଗଫୁଟ ଜମି କେନ୍ଦ୍ରୀୟ ଖଦି ଭଣ୍ଡାର, ୧ ଲକ୍ଷ ୨୧ ହଜାର ବର୍ଗଫୁଟ ଭେଣ୍ଡିଂଜୋନ ରହିବ।

ହଜାର ବର୍ଷର ସହର କଟକ। ପୁଣି ଦୁଇପଟେ ଦୁଇ ନଦୀ ମହାନଦୀ ଓ କାଠଯୋଡ଼ି। ଏହି ଦୁଇ ନଦୀ ଭିତରେ ରହିଛି କଟକିଆଙ୍କ ଜୀବନ ଧାରା। ବର୍ଷକୁ ଥରେ ବାଲିଯାତ୍ରା ହେଉଛି କଟକିଆଙ୍କ ଅଘୋଷିତ ସର୍ବବୃହତ୍ ଯାତ୍ରା। ଚଳିତ ଥର କଟକ-ଇନ-କଟକରେ ପାଖାପାଖି ୧୬୦୦ ଷ୍ଟଲ ପଡ଼ିଥିବାବେଳେ ଭିଡ଼ ନିୟନ୍ତ୍ରଣ ପାଇଁ କମିସନରେଟ ପୁଲିସ ପକ୍ଷରୁ ୫୦ ପ୍ଲାଟୁନ ଫୋର୍ସ ଓ ୩୦୦ ଅଫିସର ମୂତୟନ ହେବେ। ତେବେ ସବୁଠାରୁ ବଡ଼କଥା ହେଉଛି ଏଥର ବାଲିଯାତ୍ରାରେ ବିଶ୍ୱ ରେକର୍ଡ଼ କରିବାପାଇଁ ପ୍ରଶାସନ ତିନୋଟି ପଦକ୍ଷେପ ନେଇଛି। ଶାଳପତ୍ରରେ ଦଶହଜାର ଗ୍ରୀନ ବୋଟ ତିଆରି କରାଯିବ। କଟକ-ଇନ-କଟକ ଭିତରେ ଏକ ଲକ୍ଷ ବହି ସଂଗ୍ରହ କରି ମାଗଣାରେ ବଣ୍ଟାଯିବ। ବାଲିଯାତ୍ରାକୁ ଆସୁଥିବା ଲୋକମାନଙ୍କର ମତାମତକୁ ସଂଗ୍ରହ କରିବା ପାଇଁ ଷ୍ଟିକିଂ ନୋଟସ୍ ବୋର୍ଡ଼ରେ ଲଗାଯିବାକୁ ପ୍ରଶାସନ ବ୍ୟବସ୍ଥା କରିଛି। ସେହିପରି ବାଲିଯାତ୍ରାକୁ ୟୁନେସ୍କୋ ଐତିହ୍ୟ ମେଳାର ମାନ୍ୟତା ଦେବା ପାଇଁ ଏଥର ଇଣ୍ଡୋନେସିଆ ଓ କୋରିଆରୁ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିବାକୁ ଟିମ୍ ଆସୁଛନ୍ତି। ଚଳିତ ବାଲିଯାତ୍ରାର ବ୍ୟବସ୍ଥା ଟିକିଏ ବଦଳିଛି। କାର୍ତ୍ତିକେଶ୍ୱର ଗଡ଼ାରୁ ବାଲିଯାତ୍ରାରୁ ଆରମ୍ଭ ହେବା ବୋଇତ ତୋରଣରୁ ମହାନଦୀ ଆଡ଼କୁ ମୁହଁ କରି ଛିଡ଼ା ହେଲେ ବାମ ପାର୍ଶ୍ୱରେ ପ୍ରାୟ ଦୁଇଶହରୁ ଅଧିକ ଷ୍ଟଲ ବ୍ୟବସ୍ଥା କରାଯାଇଛି। ଏହି ପାର୍ଶ୍ୱରେ ସାଧାରଣତଃ ଏତେ ଷ୍ଟଲ ପୂର୍ବରୁ ରୁହେନାହିଁ କିନ୍ତୁ ଚଳିତଥର ବାଲିଯାତ୍ରାର କାୟା ବୃଦ୍ଧି କରାଯାଇଥିବାରୁ ଏହି ପାର୍ଶ୍ୱକୁ ଷ୍ଟଲ ଅଧିକ ପ୍ରଦାନ କରାଯାଇଛି। ଅନ୍ୟପକ୍ଷରେ ବୋଇତ ତୋରଣରୁ ଡାହାଣ ପାର୍ଶ୍ୱକୁ ଜାତୀୟ ପଲିଶ୍ରୀ ମେଳା, ଏମଏସଏମଇ ପାଭିଲିୟନ, ଏକ୍ସେପେରିଏନ୍ସ ଜୋନ, ଭିଣ୍ଟେଜ କାର ପ୍ରଦର୍ଶନୀ, ଖଦି ଭଣ୍ଡାର, ଡ୍ରମ ସୋ' ସହିତ ଅକ୍ଷୟ ମହାନ୍ତି ମଞ୍ଚ ରହିଛି। ତେଣୁ ମାତାମଠ ପାର୍ଶ୍ୱରୁ ଗାଡ଼ି ପାର୍କିଂ କରି ବାଲିଯାତ୍ରାରେ ପ୍ରବେଶ କରିଲେ ଲୋକେ ଗାଡ଼ି ଷ୍ଟାଣ୍ଡ ପାଖରୁ ଏ ସର୍ବବୃହତ୍ ଯାତ୍ରାର ମଜା ଉଠାଇ ପାରିବେ। ଅକ୍ଷୟ ମହାନ୍ତି ମଞ୍ଚ ପାର୍ଶ୍ୱରେ ଗୋଲଡ଼ ବ୍ଲକ କରାଯାଇଛି। ଯେଉଁଠି ଏହି ପୃଷ୍ଠପୋଷକଙ୍କୁ ସେମାନଙ୍କ ପାଭିଲିୟନ କିମ୍ବା ଷ୍ଟଲ କରିବାର ସୁଯୋଗ ଦିଆଯାଇଛି। ସେହିପରି ବୈଷ୍ଣବ ପାଣି ମଞ୍ଚ ପାର୍ଶ୍ୱରେ ପ୍ଲାଟିନମ ବର୍ଗର ପୃଷ୍ଠପୋଷକଙ୍କୁ ପ୍ରଦାନ କରାଯାଇଛି। ଗତବର୍ଷ ପରି ମହାନଦୀ କୂଳରେ ଏଥର ଗ୍ରୀନ କରିଡ଼ର ରହିଛି ଓ ମହାନଦୀରେ ଏଥର ତିନିଦିନ ଧରି ଲେଜର ଲାଇଟ ସୋ' କରାଯିବ।

କଟକ ବାଲିଯାତ୍ରାର ଗୋଟିଏ ବିଶେଷତ୍ୱ କ'ଣ ଜାଣିଛନ୍ତି? ଏଠି ଛୁଞ୍ଚିଠ ଠାରୁ ଢ଼ିଙ୍କି ମିଳେ, ଗଙ୍ଗଶିଉଳି ପତ୍ର ଠାରୁ ଆରବୀୟାନ ଖଜୁରି ବି ମିଳେ, ଆଗତ ବାହାଘରର ଝିଅ ସାଜପାଇଁ ସାମଗ୍ରୀ ସବୁ ଏଇଠି ଖରିଦ ବିକ୍ରି ହୁଏ। ବିଭିନ୍ନ ଅନୁଷ୍ଠାନ ନିଜକୁ ପ୍ରଦର୍ଶିତ କରିବାର ଉତ୍କୃଷ୍ଟ ମଞ୍ଚ ଏଠାରେ ପାଇଥାନ୍ତି। ତେବେ ବଡ଼ ଖୁସିର କଥା ଓଡ଼ିଶା ହାଇକୋର୍ଟର ତଥ୍ୟସୂଚନାଧର୍ମୀ କେନ୍ଦ୍ର ଏଠାରେ କାର୍ଯ୍ୟକ୍ରମ ସମ୍ପାଦନ କରିଥାନ୍ତି। ଓଡ଼ିଶା ହାଇକୋର୍ଟର ସ୍ୱତନ୍ତ୍ରତା, ପ୍ରତିଷ୍ଠା, ଐତିହ୍ୟ ସହ ଐତିହାସିକ ଆଇନ ନିର୍ଦ୍ଦେଶାବଳୀ ଏଠାରେ ସୂଚୀତ ଓ ପ୍ରଦର୍ଶିତ ହୋଇଥାଏ। ସରକାର ବାଲିଯାତ୍ରାରୁ କୋଟି କୋଟି ଟଙ୍କାର ରାଜସ୍ୱ ପାଇଥାନ୍ତି ଆଉ ସତରେ ବାଲିଯାତ୍ରା ଏପରି ଏକ ଜାଗା ଯେଉଁଠି ନିଜକୁ ନିଜେ ଜଣେ ହଜାଇ ଦିଏ... ଆଉ ନିଜକୁ ବି ଖୋଜି ପାଇପାରେ ଗହଳି ଭିତରୁ।

**ଆଇନଜୀବୀ, ଓଡ଼ିଶା ହାଇକୋଟ, କଟକ**
**ମୋବାଇଲ୍: ୮୩୨୮୯୪୮୬୪୩**

## ରାଜପଥରୁ ହଟାଅ ବୁଲା କୁକୁର ଓ ପଶୁ

# ୮ ସପ୍ତାହରେ ନିର୍ଦ୍ଦେଶ ମାନିବାକୁ ନିର୍ଦ୍ଦେଶ



**ନୂଆଦିଲ୍ଲୀ, ୭।୧୧:** ଶୁକ୍ରବାର ସୁପ୍ରିମକୋର୍ଟ ସାରା ଦେଶରେ ବୁଲୁଥିବା କୁକୁରମାନଙ୍କ ଉପରେ ମାମଲାର ଶୁଣାଣି କରିଥିଲେ। ବିଚାରପତି ବିକ୍ରମ ନାଥ, ବିଚାରପତି ସନ୍ଦୀପ ମେହେଟ୍ଟା ଏବଂ ବିଚାରପତି ଏନଭି ଅଞ୍ଜାରିଆଙ୍କୁ ନେଇ ଗଠିତ ଖଣ୍ଡପୀଠ ଶୁଣାଣି କରିଥିଲେ। ସୁପ୍ରିମକୋର୍ଟ ରାଜପଥ ଏବଂ ଏକ୍ସପ୍ରେସ ୱେରେ ବୁଲା ପଶୁଙ୍କ ଉପରେ ନିଷେଧ ଲଗାଇ ତୁରନ୍ତ ହଟାଇବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜଷ୍ଟିସ ନାଥ କହିଛନ୍ତି ଯେ, ଆଦେଶ ତିନୋଟି ଭାଗରେ ଅଛି। ପ୍ରଥମଟି ଅନୁପାଳନ ଉପରେ। ଆମିକସ୍ ରିପୋର୍ଟର ବିଷୟବସ୍ତୁକୁ ଆମ ଆଦେଶର ଏକ ଅବିଚ୍ଛେଦ୍ୟ ଅଂଶ ଭାବରେ ପଢ଼ାଯିବ। ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ପରବର୍ତ୍ତୀ ଶୁଣାଣି ପୂର୍ବରୁ ବ୍ୟାପକ ସତ୍ୟପାଠ ଦାଖଲ କରିବେ। ରିପୋର୍ଟରେ ଉଲ୍ଲେଖ କରାଯାଇଥିବା ତ୍ରୁଟିକୁ ଦୂର କରିବା ପାଇଁ ନିଆଯାଇଥିବା ପଦକ୍ଷେପଗୁଡ଼ିକୁ ବର୍ଣ୍ଣନା କରିବେ। ଜଷ୍ଟିସ ନାଥ କହିଛନ୍ତି ଯେ, ଦ୍ୱିତୀୟ ଆଦେଶ ରାଜସ୍ଥାନ ହାଇକୋର୍ଟଙ୍କ ନିର୍ଦ୍ଦେଶ ସହିତ ଜଡିତ। ସମସ୍ତ ରାଜ୍ୟର ନୋଡାଲ ଅଧିକାରୀମାନେ ଜାତୀୟ ରାଜପଥରୁ ବୁଲା ପଶୁମାନଙ୍କୁ ହଟାଇବା ନିଶ୍ଚିତ କରିବେ। ରାଜପଥ, ରାସ୍ତା, ଏକ୍ସପ୍ରେସ ୱେରେ ବୁଲୁଥିବା ଗୋରୁ ସମେତ ସମସ୍ତ ପଶୁଙ୍କୁ ତୁରନ୍ତ ହଟାଇବା ପାଇଁ ଏକ ମିଳିତ, ସମନ୍ୱିତ ଅଭିଯାନ ଆରମ୍ଭ କରାଯିବ। ସେ କହିଛନ୍ତି ଯେ, ସମସ୍ତ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ମୁଖ୍ୟ ସଚିବମାନେ କଡ଼ା ଅନୁପାଳନ ସୁନିଶ୍ଚିତ କରିବେ। ଅନ୍ୟଥା, ଅଧିକାରୀମାନେ ବ୍ୟକ୍ତିଗତ ଭାବରେ ଦାୟୀ ରହିବେ। ନିର୍ଦ୍ଦେଶାବଳୀ ପାଳନ ସମ୍ପର୍କରେ ଏକ ସ୍ଥିତି ରିପୋର୍ଟ ୮ ସପ୍ତାହ ମଧ୍ୟରେ ଦାଖଲ କରାଯିବ। ସୁପ୍ରିମ କୋର୍ଟ କହିଛନ୍ତି ଯେ, ତୃତୀୟ ନିର୍ଦ୍ଦେଶନାମା ସଂସ୍ଥାଗତ କ୍ଷେତ୍ର ସହିତ ଜଡିତ। ରାଜ୍ୟ ସରକାର ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକ ଦୁଇ ସପ୍ତାହ ମଧ୍ୟରେ ଜିଲ୍ଲା ହସ୍ପିଟାଲ, ସାର୍ବଜନୀନ କ୍ରୀଡା କମ୍ପ୍ଲେକ୍ସ ଏବଂ ରେଳ ଷ୍ଟେସନ ସମେତ ସମସ୍ତ ସରକାରୀ ପ୍ରତିଷ୍ଠାନକୁ ଚିହ୍ନଟ କରିବା ଉଚିତ। ବୁଲା କୁକୁରଙ୍କ ପ୍ରବେଶକୁ ରୋକିବା ପାଇଁ ଆବଶ୍ୟକ ଅନୁସାରେ ପରିସରକୁ ବାଡ଼ ସହିତ ସୁରକ୍ଷିତ କରିବା ନିଶ୍ଚିତ କରନ୍ତୁ। ଏହି କାର୍ଯ୍ୟ ଆଠ ସପ୍ତାହ ମଧ୍ୟରେ ସମାପ୍ତ କରିବାକୁ କୋର୍ଟ କହିଛନ୍ତି।

# ପାକିସ୍ତାନର ପରମାଣୁ ଗତିବିଧି ପ୍ରତି ସତର୍କ ଅଛୁ




**ନୂଆଦିଲ୍ଲୀ,୭।୧୧:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱାରା ପାକିସ୍ତାନରେ ପରମାଣୁ ପରୀକ୍ଷଣ ଦାବି ଉପରେ ଭାରତ କଡ଼ା ପ୍ରତିକ୍ରିୟା ଦେଇଛି। ବିଦେଶ ମନ୍ତ୍ରଣାଳୟ ମୁଖପାତ୍ର ଜୟସ୍ୱାଲ କହିଛନ୍ତି ଯେ, ଏହା ହିଁ ପାକିସ୍ତାନର ଇତିହାସ। ସେ କହିଛନ୍ତି ଯେ, ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଟିପ୍ପଣୀକୁ ଧ୍ୟାନରେ ରଖି ସମ୍ପୂର୍ଣ୍ଣ ଭାବେ ସତର୍କ ଅଛୁ। ପାକିସ୍ତାନ ଭୁଲ ଓ ଅବୈଧ ମାର୍ଗରେ ହିଁ ସବୁକିଛି କରୁଛି। ସେ କହିଛନ୍ତି ଯେ, ପାକିସ୍ତାନ ଦଶନ୍ଧି ଦଶନ୍ଧି ଧରି ଏହିପରି ତସ୍କରୀ କରିଆସୁଛି। ରପ୍ତାନୀ ନିୟନ୍ତ୍ରଣର ଉଲ୍ଲଂଘନ କରୁଛି। ଜୟସ୍ୱାଲ କହିଛନ୍ତି ଯେ, ଆମେ ସବୁବେଳେ ଆନ୍ତର୍ଜାତୀୟ ସମୁଦାୟର ଧ୍ୟାନ ଏହା ଉପରେ ଆକର୍ଷଣ କରିଛୁ।

ଉଲ୍ଲେଖଯୋଗ୍ୟ ଯେ, କିଛି ଦିନ ପୂର୍ବେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ତିନି ଦଶନ୍ଧି ପରେ ପରମାଣୁ ହତିଆର ପରୀକ୍ଷଣ ପୁଣି ଥରେ ଆରମ୍ଭ କରିବା ନେଇ ନିଜ ଯୋଜନାକୁ ସଠିକ୍ ଦର୍ଶାଇଥିଲେ। ଏହି ସମୟରେ ସେ କହିଥିଲେ ଯେ, ପାକିସ୍ତାନ ଓ ଚୀନ ସେହି ଦେଶ ମଧ୍ୟରେ ଅଛନ୍ତି, ଯେଉଁମାନେ ପରମାଣୁ ପରୀକ୍ଷଣ କରୁଛନ୍ତି। ଟ୍ରମ୍ପଙ୍କ ଏହି ବୟାନକୁ ଭାରତର ବିଦେଶ ମନ୍ତ୍ରଣାଳୟ ମୁଖପାତ୍ର ଉଲ୍ଲେଖ କରିଛନ୍ତି। ଆମେରିକା ରାଷ୍ଟ୍ରପତି କହିଥିଲେ ଯେ, ଉତ୍ତର କୋରିଆ ନିଶ୍ଚିତ ଭାବେ ପରୀକ୍ଷଣ କରୁଛି। ପାକିସ୍ତାନ ବି ପରୀକ୍ଷଣ କରୁଛି। ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନ ଗତ ସପ୍ତାହରେ କହିଥିଲେ ଯେ, ରୁଷ ପୋସାଇଡନ୍ ପରମାଣୁ ସକ୍ଷମ ସୁପର-ଟାର୍ପିଡୋର ପରୀକ୍ଷଣ କରିଥିଲା। ପରମାଣୁ ହତିଆର ପରୀକ୍ଷାଣର ପ୍ରକ୍ରିୟା ପୁନଃ ଆରମ୍ଭ କରିବା ନିଜ ନିଷ୍ପତ୍ତିକୁ ସଠିକ୍ ଦର୍ଶାଇଥିଲେ। ହତିଆରର ବିଶ୍ୱସନୀୟତା ସୁନିଶ୍ଚିତ କରିବା ପାଇଁ ପରୀକ୍ଷଣ ଆବଶ୍ୟକ ବୋଲି ସେ କହିଥିଲେ। ଆଜିର ସାମ୍ବାଦିକ ସମ୍ମିଳନୀରେ ସେ ଟ୍ରମ୍ପଙ୍କ ଭାରତ ଗସ୍ତ ଉପରେ ମଧ୍ୟ ବୟାନ ଦେଇଛନ୍ତି। ସେ କହିଛନ୍ତି ଯେ, ଟ୍ରମ୍ପଙ୍କ ଭାରତ ଆସିବା ଉପରେ ବର୍ତ୍ତମାନ କୌଣସି ସୂଚନା ନାହିଁ। ଏହା ଉପରେ ସୂଚନା ମିଳିବା ପରେ ସମସ୍ତଙ୍କୁ ଜଣାଯିବ।

# ରୁଷ ସେନାରେ ଅଛନ୍ତି ୪୪ ଭାରତୀୟ ଯୁବକ

### କ୍ରେମଲିନ୍ ସହ ଯୋଗାଯୋଗରେ ଅଛି ବିଦେଶ ମନ୍ତ୍ରଣାଳୟ

**ନୂଆଦିଲ୍ଲୀ,୭।୧୧:** ୟୁକ୍ରେନ ସହ ଜାରି ସଂଘର୍ଷରେ ରୁଷ ସେନାରେ ୪୪ ଭାରତୀୟ ନାଗରିକ ସୈନିକ ଭାବେ ଅଛନ୍ତି। ଭାରତର ବୈଦେଶିକ ବ୍ୟାପାର ମନ୍ତ୍ରଣାଳୟ ଶୁକ୍ରବାର ଏହି ସୂଚନା ଦେଇଛି। ମନ୍ତ୍ରଣାଳୟ କହିଛି ଯେ, ସେମାନଙ୍କ ମୁକ୍ତି ଏବଂ ଏପରି ନିଯୁକ୍ତି ପ୍ରଥା ବନ୍ଦକରିବା ପାଇଁ ଏହା ପୁଣି ଥରେ ରୁଷ ଅଧିକାରୀଙ୍କ ନିକଟରେ ମାମଲା ଉଠାଇଛୁ। ମନ୍ତ୍ରଣାଳୟର ସାପ୍ତାହିକ ପ୍ରେସ ବ୍ରିଫିଂରେ ଏମଇଏ ମୁଖପାତ୍ର ରଣଧୀର ଜୟସୱାଲ କହିଛନ୍ତି ଯେ, ଭାରତ-ରୁଷିଆ ଅଧିକାରୀ ଏବଂ ପ୍ରଭାବିତଙ୍କ ପରିବାର ଉଭୟଙ୍କ ସହିତ ଯୋଗାଯୋଗରେ ଅଛି। ଅନେକ ଭାରତୀୟ ନାଗରିକଙ୍କୁ ରୁଷିଆ ସେନାରେ ନିଯୁକ୍ତି ଦିଆଯାଇଛି ବୋଲି ଆମେ ସୂଚନା ପାଇଛୁ। ଆମେ ଏହି ମାମଲାକୁ ରୁଷିଆ କର୍ତ୍ତୃପକ୍ଷଙ୍କ ନିକଟରେ ଉଠାଇଛୁ, ସେମାନଙ୍କୁ ଯଥାଶୀଘ୍ର ଏହି ବ୍ୟକ୍ତିମାନଙ୍କୁ ମୁକ୍ତ କରିବାକୁ ଏବଂ ଏହି ନିଯୁକ୍ତି ଅଭ୍ୟାସକୁ ବନ୍ଦ କରିବାକୁ ଅନୁରୋଧ କରିଛୁ। ଆମେ ଜାଣିବା ଅନୁସାରେ, ବର୍ତ୍ତମାନ ୪୪ ଜଣ ଭାରତୀୟ ନାଗରିକ ରୁଷିଆ ସେନାରେ ସେବା କରୁଛନ୍ତି। ଡିସେମ୍ବରରେ ରୁଷ ରାଷ୍ଟ୍ରପତି ଭ୍ଲାଦିମିର ପୁଟିନଙ୍କ ଭାରତ ଗସ୍ତ କାର୍ଯ୍ୟକ୍ରମ ରହିଛି। ପୁଟିନଙ୍କ ଭାରତ ଗସ୍ତ ପୂର୍ବରୁ ଏବଂ ରୁଷିଆ-ୟୁକ୍ରେନ ଯୁଦ୍ଧରେ ଲଢ଼ିବାକୁ ବାଧ୍ୟ କରାଯାଇଥିବା ଅଭିଯୋଗରେ ଅନେକ ଭାରତୀୟ ଯୁବକଙ୍କ ପରିବାର ଦିଲ୍ଲୀର ଜନ୍ତରମନ୍ତରରେ ପ୍ରତିବାଦ କରିବା ପରେ ଏହି ମନ୍ତବ୍ୟ ଆସିଛି।

## ମଲ୍ଟିପ୍ଲେକ୍ସକୁ ନେଇ ସୁପ୍ରିମକୋର୍ଟଙ୍କ ଚେତାବନୀ

# ଦର ନକମିଲେ ଖାଲି ହୋଇଯିବ ସିନେମା ହଲ୍



**ନୂଆଦିଲ୍ଲୀ,୭।୧୧:** ସୁପ୍ରିମକୋର୍ଟ ସୋମବାର ମଲ୍ଟିପ୍ଲେକ୍ସରେ ଟିକେଟ୍ ଏବଂ ଖାଦ୍ୟପେୟର ଅଧିକ ମୂଲ୍ୟକୁ ନେଇ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। କୋର୍ଟ କହିଛନ୍ତି ଯେ, ଯଦି ଏହିପରି ଚାଲେ, ତେବେ ସିନେମା ହଲ୍ ଖାଲି ହୋଇଯିବ। ଜଷ୍ଟିସ ବିକ୍ରମ ନାଥ ଏବଂ ଜଷ୍ଟିସ ସନ୍ଦୀପ ମେହେତାଙ୍କ ବେଞ୍ଚ ମଲ୍ଟିପ୍ଲେକ୍ସ ଆସୋସିଏସନ୍ ଅଫ ଇଣ୍ଡିଆ ଏବଂ ଅନ୍ୟମାନଙ୍କ ଆବେଦନ ଶୁଣାଣି କରିବା ସମୟରେ ଏହି ମନ୍ତବ୍ୟ ଦେଇଛନ୍ତି। ଏହି ମାମଲା କର୍ଣ୍ଣାଟକ ହାଇକୋର୍ଟଙ୍କ ସେହି ନିଷ୍ପତ୍ତି ସହ ଜଡିତ, ଯେଉଁଥିରେ ଟିକେଟ୍ ମୂଲ୍ୟ ୨୦୦ ଟଙ୍କା ପର୍ଯ୍ୟନ୍ତ ସୀମିତ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ଶୁଣାଣି ସମୟରେ ଜଷ୍ଟିସ ନାଥ କହିଥିଲେ ଯେ, 'ଆପଣ ୧୦୦ ଟଙ୍କାରେ ପାଣି ବୋତଲ ଏବଂ ୭୦୦ ଟଙ୍କାରେ କଫି ନିଅନ୍ତି।' ଏହା ଉପରେ ମଲ୍ଟିପ୍ଲେକ୍ସ ଆସୋସିଏସନର ଓକିଲ ମୁକୁଲ ରୋହତଗୀ କହିଥିଲେ ଯେ , 'ତାଜ ହୋଟେଲ ମଧ୍ୟ ୧୦୦୦ ଟଙ୍କାରେ କଫି ଦିଏ, ଆପଣ ସେଠାରେ ଦାମ ସ୍ଥିର କରିବେ କି ?' ଉତ୍ତରରେ ଜଷ୍ଟିସ ନାଥ କହିଥିଲେ ଯେ, 'ସିନେମା ପୂର୍ବରୁ ହିଁ ଅବନତି ଦିଗରେ ଗତି କରୁଛି, ଯଦି ଦାମ କମ ନକରାଯାଏ ତେବେ ଲୋକେ ଆସିବା ବନ୍ଦ କରିଦେବେ।' ସେ କହିଥିଲେ ଯେ, ସିନେମାର ଆନନ୍ଦ ପ୍ରତ୍ୟେକ ବର୍ଗର ଲୋକଙ୍କୁ ମିଳିବା ଉଚିତ, କେବଳ ଧନୀମାନଙ୍କ ପାଇଁ ସୀମିତ ରହିବା ଉଚିତ ନୁହେଁ।

କର୍ଣ୍ଣାଟକ ହାଇକୋର୍ଟ ପୂର୍ବରୁ ମଲ୍ଟିପ୍ଲେକ୍ସଗୁଡ଼ିକୁ ପ୍ରତ୍ୟେକ ଟିକେଟର ବିବରଣୀ ଏବଂ ଅଡିଟ୍ ରିପୋର୍ଟ ରଖିବାକୁ ନିର୍ଦ୍ଦେଶ ଦେଇଥିଲେ, ଯାହା ଦ୍ୱାରା ଭବିଷ୍ୟତରେ ରିଫଣ୍ଡ ଦିଆଯାଇପାରିବ। ଏହା ଉପରେ ସୁପ୍ରିମକୋର୍ଟ ବର୍ତ୍ତମାନ ରୋକ ଲଗାଇଛନ୍ତି ଏବଂ ନୋଟିସ ଜାରି କରିଛନ୍ତି। କୋର୍ଟ କହିଛି ଯେ, ବର୍ତ୍ତମାନ ମଲ୍ଟିପ୍ଲେକ୍ସଗୁଡ଼ିକୁ ଆଶ୍ୱସ୍ତି ଦିଆଯାଉଛି, କିନ୍ତୁ ଏହା ନିଶ୍ଚିତ କରିବାକୁ ହେବ ଯେ, ସାଧାରଣ ଦର୍ଶକଙ୍କୁ ଲୁଟର ଶିକାର ନକରାଯାଉ। ସିନେମା ଘରଗୁଡ଼ିକର ଅବସ୍ଥା ଖରାପ ହେଉଛି। ମାତ୍ରାଧିକ ଟିକେଟ ଦର ପାଇଁ ଲୋକ ଆଉ ହଲକୁ ଯିବାକୁ ଇଚ୍ଛା କରୁନାହାନ୍ତି। ଯଦି ମୂଲ୍ୟ ନକମାଯାଏ, ତେବେ ଥିଏଟରଗୁଡ଼ିକ ଧୀରେ ଧୀରେ ଖାଲି ହୋଇଯିବେ।

## ଶାମିଙ୍କ ପୂର୍ବତନ ପତ୍ନୀ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ

# ମାସକୁ ୪ ଲକ୍ଷ ଟଙ୍କା ଅଣ୍ଟୁନି



**ନୂଆଦିଲ୍ଲୀ,୭।୧୧ :** ଚଳିବାକୁ ମାସକୁ ୪ ଲକ୍ଷ ଯଥେଷ୍ଟ ନୁହେଁ ଦର୍ଶାଇ କ୍ରିକେଟର ମହମ୍ମଦ ଶାମିଙ୍କ ପୂର୍ବତନ ପତ୍ନୀ ହାସିନ ଜାହାନ ତାଙ୍କ ଭରଣପୋଷଣ ରାଶି ବୃଦ୍ଧି ପାଇଁ ସୁପ୍ରିମକୋର୍ଟଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଶୁକ୍ରବାର ସୁପ୍ରିମକୋର୍ଟ ଏହି ଆବେଦନ ଉପରେ ପଶ୍ଚିମବଙ୍ଗ ସରକାର ଏବଂ ମହମ୍ମଦ ଶାମିଙ୍କୁ ନୋଟିସ ଜାରି କରିଛନ୍ତି। କିଛି ମାସ ପୂର୍ବେ କଲିକତା ହାଇକୋର୍ଟ ହାସିନ ଜାହାନ ଏବଂ ତାଙ୍କ ଝିଅ ପାଇଁ ମାସିକ ୪ ଲକ୍ଷ ଟଙ୍କା ଭରଣପୋଷଣ ଦେବାକୁ ନିର୍ଦ୍ଦେଶ ଦେଇଥିଲେ। ଏହି ୪ ଲକ୍ଷ ଟଙ୍କା ମଧ୍ୟରୁ ୧.୫ ଲକ୍ଷ ଟଙ୍କା ହାସିନ ଜାହାନଙ୍କ ପାଇଁ ଏବଂ ୨.୫ ଲକ୍ଷ ଟଙ୍କା ତାଙ୍କ ଝିଅ ପାଇଁ, କିନ୍ତୁ ହାସିନ ଜାହାନ ଏଥିରେ ସନ୍ତୁଷ୍ଟ ନୁହନ୍ତି ଓ ସୁପ୍ରିମକୋର୍ଟ ପହଞ୍ଚି ଯାଇଛନ୍ତି। ନିଜ ଆବେଦନରେ, ହାସିନ ଜାହାନ ଦାବି କରିଛନ୍ତି ଯେ, ମହମ୍ମଦ ଶାମିଙ୍କୁ ମାସିକ ୧୦ ଲକ୍ଷ ଟଙ୍କା ଭରଣପୋଷଣ ଦେବାକୁ ନିର୍ଦ୍ଦେଶ ଦିଆଯାଉ। ୭ ଲକ୍ଷ ଟଙ୍କା ଆବେଦନକାରୀଙ୍କ ସ୍ତ୍ରୀଙ୍କ ଖର୍ଚ୍ଚ ପାଇଁ ଏବଂ ୩ ଲକ୍ଷ ଟଙ୍କା ତାଙ୍କ ଝିଅର ଭରଣପୋଷଣ ପାଇଁ। କିନ୍ତୁ ନିଜର ପ୍ରାରମ୍ଭିକ ମନ୍ତବ୍ୟରେ, ସୁପ୍ରିମକୋର୍ଟ ହାସିନ ଜାହାନଙ୍କୁ କହିଥିଲେ ଯେ, ଏହି ଭରଣପୋଷଣ ଯଥେଷ୍ଟ ମନେ ହେଉଛି। ଏହି ମନ୍ତବ୍ୟ ଦେବା ସହ କୋର୍ଟ ବଙ୍ଗଳା ସରକାର ଏବଂ ଶାମିଙ୍କୁ ଏକ ନୋଟିସ ଜାରି କରି ଚାରି ସପ୍ତାହ ମଧ୍ୟରେ ଜବାବ ଦେବାକୁ କହିଛନ୍ତି।

● ପୁଟିନ ବିରୋଧୀ ଷଡଯନ୍ତ୍ର

# ପାକିସ୍ତାନକୁ ରୁଷ୍‌ର ଚେତାବନୀ



**ନୂଆଦିଲ୍ଲୀ, ୭।୧୧ :** ପାକିସ୍ତାନ ଉପରେ ଖପ୍ପା ରୁଷ। ସତର୍କ ରହିବାକୁ ଦେଲା ଧମକ। ଭାରତ-ପାକିସ୍ତାନ ମଧ୍ୟରେ ଲାଗି ରହିଥିବା ଉତ୍ତେଜନା ମଧ୍ୟରେ ଏବେ ରୁଷ ପାକିସ୍ତାନକୁ ଚେତାବନୀ ଦେଇଛି। ପାକିସ୍ତାନର ଏକ ଖବର କାଗଜରେ ଭୁଲ ତଥ୍ୟ ଏବଂ ରିପୋର୍ଟ ସହ ଏକ ପାଖିଆ ଖବର ପ୍ରକାଶକୁ ଜୋରଦାର ବିରୋଧ କରାଯାଇଛି। ଏନେଇ ରୁଷ ଦୂତାବାସ କଡା ଭାଷାରେ ପାକିସ୍ତାନକୁ ସମାଲୋଚନା କରିଛନ୍ତି। ଦୂତାବାସ ପକ୍ଷରୁ କୁହାଯାଇଛି ଯେ, ପାକିସ୍ତାନବାସୀ ଏପରି ମିଛ ଖବର ଉପରେ ଭରସା ନକରନ୍ତୁ। ସରକାରୀ ଭାବେ ସଠିକ ତଥ୍ୟର ତଦାରଖ କରନ୍ତୁ। ମିଛ ଖବର କାଗଜରୁ ଦୂରରେ ରୁହନ୍ତୁ। ଏପରି ଖବର କିଛି ବାହାର ଦେଶର ସ୍ୱାର୍ଥକୁ ନଜରରେ ରଖି କରାଯାଇଛି। ଆହୁରି କୁହାଯାଇଛି ଯେ, ପାକିସ୍ତାନର ଦି ଫ୍ରଣ୍ଟିଅର୍ ପୋଷ୍ଟରେ ଏକ ଖବର ପ୍ରକାଶ ପାଇଛି। ଯାହା ସମ୍ପୂର୍ଣ୍ଣ ଭାବେ ରୁଷ ବିରୋଧୀ। ଏହି ଖବରକାଗଜକୁ ପାକିସ୍ତାନୀ କହିବା କଷ୍ଟକର। କାରଣ ଏହାର ମୁଖ୍ୟାଳୟ ୱାଶିଂଟନରେ ଅଛି। ଆମେରିକୀୟ ଟିମ୍ ଖବରକାଗଜ ଉପରେ କଡା ନଜର ରଖିଥାଏ। ସେପଟେ ଖବରକାଗଜରେ ଲଗାତାର ଭାବେ ପୁଟିନ ବିରୋଧୀ ଖବର ଆସୁଛି।

# ଏଟିସି ସିଷ୍ଟମରେ ଯାନ୍ତ୍ରିକ ତ୍ରୁଟି

# ଦିଲ୍ଲୀ ବିମାନବନ୍ଦରରେ ୧୦୦ ବିମାନ ବିଳମ୍ବିତ




**ନୂଆଦିଲ୍ଲୀ,୭।୧୧:** ଦିଲ୍ଲୀ ବିମାନବନ୍ଦର ଅନୁଯାୟୀ, ଏୟାର ଟ୍ରାଫିକ୍ କଣ୍ଟ୍ରୋଲ୍ (ଏଟିସି) ସିଷ୍ଟମରେ ଏକ ଯାନ୍ତ୍ରିକ ସମସ୍ୟା ଯୋଗୁଁ ଶୁକ୍ରବାର ସକାଳେ ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରେ ଅତି କମରେ ୧୦୦ ଟି ବିମାନ ଉଡ଼ାଣ ବିଳମ୍ବିତ ହୋଇଥିଲା। ବିମାନ ସମ୍ପର୍କିତ ସର୍ବଶେଷ ସୂଚନା ପାଇଁ ଯାତ୍ରୀମାନଙ୍କୁ ସେମାନଙ୍କ ବିମାନ କମ୍ପାନୀ ସହିତ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି। ଏକ୍ସ ରେ ଏକ ପୋଷ୍ଟରେ ଦିଲ୍ଲୀ ବିମାନବନ୍ଦର ସେୟାର କରିଛି, ଏୟାର ଟ୍ରାଫିକ୍ କଣ୍ଟ୍ରୋଲ୍ ସିଷ୍ଟମରେ ଏକ ଯାନ୍ତ୍ରିକ ସମସ୍ୟା ଯୋଗୁଁ ବିମାନ ପରିଚାଳନାରେ ବିଳମ୍ବ ହେଉଛି। ଏହାର ଶୀଘ୍ର ସମାଧାନ ପାଇଁ ସମସ୍ତ ଅଂଶୀଦାରଙ୍କ ସହିତ ସକ୍ରିୟ ଭାବରେ କାମ କରୁଛି। ଯାତ୍ରୀମାନଙ୍କୁ ସର୍ବଶେଷ ଉଡ଼ାଣ ଅପଡେଟ୍ ପାଇଁ ସେମାନଙ୍କ ସମ୍ପୃକ୍ତ ଏୟାରଲାଇନ୍ସ ସହିତ ଯୋଗାଯୋଗରେ ରହିବାକୁ ପରାମର୍ଶ ଦିଆଯାଉଛି। ହୋଇଥିବା ଅସୁବିଧା ପାଇଁ ଆମେ ଆନ୍ତରିକ ଭାବରେ ଦୁଃଖିତ ବୋଲି ପୋଷ୍ଟରେ ଲେଖାଯାଇଛି। ଏୟାର ଟ୍ରାଫିକ୍ ନିୟନ୍ତ୍ରଣ ଏକ ଭୂମି-ଭିତ୍ତିକ ସେବାକୁ ବୁଝାଏ ଯେଉଁଥିରେ ନିୟନ୍ତ୍ରକମାନେ ଭୂମିରେ ଏବଂ ନିୟନ୍ତ୍ରିତ ଆକାଶମାର୍ଗ ମଧ୍ୟରେ ବିମାନର ଗତିବିଧି ପରିଚାଳନା ଏବଂ ମାର୍ଗଦର୍ଶନ କରନ୍ତି।

ଏହି ସମୟରେ, ପୂର୍ବରୁ ଏୟାର ଇଣ୍ଡିଆ 'ପାଇଲଟ୍ ପାଇଁ ଫ୍ଲେକ୍ସି କଣ୍ଟ୍ରାକ୍ଟ' ପ୍ରଚଳନ କରିଥିଲା, ଏକ ନୂତନ କାର୍ଯ୍ୟ ମଡେଲ ଯାହା ବିମାନ କର୍ମଚାରୀମାନଙ୍କୁ କାର୍ଯ୍ୟକ୍ଷମ ସୁଗମତା ବଜାୟ ରଖି ଛୋଟ ଡ୍ୟୁଟି ପ୍ୟାଟର୍ଣ୍ଣ ବାଛିବାକୁ ଅନୁମତି ଦିଏ। ଏୟାରଲାଇନ୍ସ କହିଛି ଯେ, ଏହି ଯୋଜନା ପାଇଲଟ୍‌ମାନଙ୍କ ପସନ୍ଦକୁ ରୋଷ୍ଟର ଆବଶ୍ୟକତା ସହିତ ମେଳ କରିବା ପାଇଁ ଲକ୍ଷ୍ୟ ରଖିଛି, ଦକ୍ଷତା ସହିତ ଆପତ୍ତି ନକରି କାର୍ଯ୍ୟ-ଜୀବନ ସନ୍ତୁଳନ ଉପରେ ଧ୍ୟାନ କେନ୍ଦ୍ରିତ କରୁଛି।

## 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ସମାରୋହର ଶୁଭାରମ୍ଭ

# ଡାକ ଟିକଟ ଏବଂ ସ୍ମାରକ କଏନ୍ ଜାରି କଲେ ପ୍ରଧାନମନ୍ତ୍ରୀ



**ନୂଆଦିଲ୍ଲୀ,୭।୧୧:** ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍ ୧୫୦ ବର୍ଷ ପୂର୍ତ୍ତି ସମାରୋହ ଅନୁଷ୍ଠିତ ହୋଇଛି। ରାଷ୍ଟ୍ର ଚେତନାକୁ ଜାଗ୍ରତ କରୁଥିବା ଭାବପୂର୍ଣ୍ଣ ବନ୍ଦନା ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ୍ ୧୫୦ତମ ପୂର୍ତ୍ତି ସମାରୋହ ପାଳନ କରିଛି। ଏହି ଅବସରରେ ପ୍ରଧାନମନ୍ତ୍ରୀ ମୋଦି ରାଷ୍ଟ୍ରବ୍ୟାପୀ ସ୍ମରଣୋତ୍ସବର ଶୁଭାରମ୍ଭ କରିଛନ୍ତି। ଦିଲ୍ଲୀ ଇନ୍ଦିରା ଗାନ୍ଧୀ ଇନଡୋର୍ ଷ୍ଟାଡିୟମରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। କାର୍ଯ୍ୟକ୍ରମରେ ଡାକ ଟିକଟ ଏବଂ ସ୍ମାରକ କଏନ୍ ଜାରି କରିଛନ୍ତି ପ୍ରଧାନମନ୍ତ୍ରୀ। ବଙ୍କିମଚନ୍ଦ୍ର ଚାଟାର୍ଜୀ ଜାତୀୟ ଗୀତ ବନ୍ଦେ ମାତରମ ରଚନା କରିଥିଲେ। ୧୮୭୫ ମସିହା ନଭେମ୍ବର ୭ରେ ସେ ଏହାକୁ ଲେଖିଥିଲେ। ବନ୍ଦେ ମାତରମର ୧୫୦ ବର୍ଷ ପୂର୍ତ୍ତି ଅବସରରେ ବିଭିନ୍ନ ସ୍ଥାନରେ ନାନା କାର୍ଯ୍ୟକ୍ରମ ଆୟୋଜନ କରାଯାଇଛି।

● ମାନବ ଚାଲାଣ ମାମଲା

# ଇଞ୍ଜିନିୟରଙ୍କ ଘରେ ଇଡିର ଚଢ଼ଉ

**କୋଲକାତା, ୭।୧୧(ସଂଚାର ବ୍ୟୁରୋ):** ଶୁକ୍ରବାର ସକାଳେ ପୁଣି ସହରରେ ଇଡିର ଚଢ଼ଉ। ଏଥର ଅଧିକାରୀମାନେ ମାନବ ଚାଲାଣ ମାମଲାରେ ଦକ୍ଷିଣ ଦମ୍‌ଦମ୍‌ରେ ଜଣେ ଇଞ୍ଜିନିୟରଙ୍କ ଘରେ ତଲ୍ଲାସି କରିଛନ୍ତି। ସୂତ୍ର ଅନୁସାରେ, କିଛି ଗୁରୁତ୍ୱପୂର୍ଣ୍ଣ ସୂଚନା ମିଳିପାରେ ବୋଲି ବିଶ୍ୱାସ କରାଯାଉଛି। ଅନ୍ୟପଟେ ସଲ୍ଟଲେକରେ ମଧ୍ୟ ତଲାସି ହୋଇଛି। ଇଡି ଅଧିକାରୀମାନେ ଜଗଦୀଶ ସିଂହ ନାମକ ଜଣେ ବ୍ୟକ୍ତିଙ୍କ ଘରେ ତଲାସି କରିଛନ୍ତି। କେଉଁ ମାମଲାରେ ଏହି ତଲ୍ଲାସି କରାଯାଉଛି ତାହା ଜଣାପଡ଼ିନାହିଁ। ୭ ସେପ୍ଟେମ୍ବରରେ ଇଡି ବାଲି ଚୋରାଚାଲାଣର ତଦନ୍ତ ପାଇଁ ସହରର ବିଭିନ୍ନ ସ୍ଥାନରେ ଚଢ଼ଉ କରିଥିଲା। କେନ୍ଦ୍ରୀୟ ଗୁଇନ୍ଦା ସଂସ୍ଥା ବେହାଲା ଏବଂ ଝାଡଗ୍ରାମ ସମେତ ରାଜ୍ୟର ୨୨ଟି ସ୍ଥାନରେ ତଲାସ କରିଥିଲା। ସେମାନେ ଝାଡଗ୍ରାମର ଗୋପୀବଲ୍ଲଭପୁରରେ ଶେଖ ଜାହିରୁଲ ଅଲ୍ଲୀଙ୍କ ବିଶାଳ ତିନି ମହଲା ଘରେ ତଲ୍ଲାସି କରିଥିଲେ। ଅଭିଯୋଗ ଯେ, ଦୀର୍ଘ ଦିନ ଧରି ସେହି ନଦୀରୁ ବେଆଇନ ଭାବରେ ବାଲି ଉତ୍ତୋଳନ କରାଯାଉଥିଲା। ଜାହିରୁଲ ଅଲ୍ଲୀ ନିଜେ ମଧ୍ୟ ବାଲି ବ୍ୟବସାୟରେ ଜଡିତ। ତାଙ୍କ ଘର ସହିତ ତାଙ୍କ ଗାଡି ମଧ୍ୟ ତଲାସି କରାଯାଇଥିଲା। ବେହାଲାର ଜେମ୍ସ ଲଙ୍ଗ ସରଣୀରେ ଥିବା ଏକ କାର୍ଯ୍ୟାଳୟରେ ତଲାସୀ କରାଯାଇଥିଲା। ଅନ୍ୟ ଏକ ଶାଖା ବିଧାନନଗର ସେକ୍ଟର ୫ରେ ଅଛି ଏବଂ ସୂତ୍ର ଅନୁସାରେ ସେଠାରେ ମଧ୍ୟ ତଲାସି କରାଯାଇଥିଲା। ଏହି ଘଟଣାରେ ଜିଡି ମାଇନିଂ କମ୍ପାନୀର ମୁଖ୍ୟ ଅରୁଣ ଶରାଫଙ୍କୁ ଗିରଫ କରାଯାଇଥିଲା। ଉତ୍ତର ୨୪ ପ୍ରଗଣାର ଖଡଦହ ବଜାର ନିକଟ ବିଟି ରୋଡ୍ ସଂଲଗ୍ନ ନର୍ମଦା ଆବାସନରେ ମଧ୍ୟ ଏକ ନକଲି ପାସପୋର୍ଟ ମାମଲାରେ ଏକ ଚଢ଼ଉ କରାଯାଇଥିଲା। ମନୋଜ କୁମାର ଗୁପ୍ତା ନାମକ ଜଣେ ପରିବହନ ବ୍ୟବସାୟୀଙ୍କ ଘରେ ତଲାସି କରିବା ପରେ, ଅଧିକାରୀମାନେ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ସୂଚନା ପାଇଥିଲେ।

# ସିଇସିଙ୍କୁ ପ୍ରିୟଙ୍କାଙ୍କ ଚେତାବନୀ

**ରେଗା ୭।୧୧:** ବିହାର ବିଧାନସଭା ନିର୍ବାଚନ ପାଇଁ ରାଜନୀତି ଏବେ ବେଶ ଉଷ୍ମ। ନିର୍ବାଚନ ରାଲି ମଧ୍ୟରେ ବରିଷ୍ଠ କଂଗ୍ରେସ ନେତ୍ରୀ ପ୍ରିୟଙ୍କା ଗାନ୍ଧିଙ୍କ ବୟାନ ଏବେ ରାଜନୀତିରେ ହଲଚଲ ସୃଷ୍ଟି କରିଛି। ରେଗାରେ ଅନୁଷ୍ଠିତ ଏକ ନିର୍ବାଚନୀ ସଭା ମଞ୍ଚରୁ ପ୍ରିୟଙ୍କା ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାର ଓ ଅନ୍ୟ ଅଧିକାରୀମାନଙ୍କ ଉପରେ ବର୍ଷିଛନ୍ତି। ଏଥିରେ ସେ ନିର୍ବାଚନ କମିଶନର ଓ ତାଙ୍କ ଅଧୀନସ୍ଥ ଅଧିକାରୀଙ୍କ ଉପରେ ଗୁରୁତର ଆରୋପ ଲଗାଇଛନ୍ତି। ପ୍ରିୟଙ୍କା ଏପରି ସମୟରେ ଏହି ଆରୋପ ଲଗାଇଛନ୍ତି ଯେତେବେଳେ ରାଜ୍ୟ ପ୍ରଥମ ପର୍ଯ୍ୟାୟ ଭୋଟ ଗ୍ରହଣ ସରିବା ପରେ ଦ୍ୱିତୀୟ ପର୍ଯ୍ୟାୟ ଆଡକୁ ମୁହାଁଉଛି।



ପ୍ରିୟଙ୍କା ଗାନ୍ଧି ତାଙ୍କ ସମ୍ବୋଧନରେ କହିଛନ୍ତି ଯେ, ଯଦି ନିର୍ବାଚନ ଆୟୋଗ ନିରପେକ୍ଷ ଭାବେ କାମ ନ କରନ୍ତି ତେବେ ଜନତା ଏପରି ଅଧିକାରୀଙ୍କୁ କେବେ କ୍ଷମା କରିବେ ନାହିଁ। ଏଥିରେ ସେ ଚେତାବନୀ ଦେଇ କହିଛନ୍ତି ଜ୍ଞାନେଶ କୁମାର ଯଦି ଆପଣ ଭାବୁଥାନ୍ତି ଶାନ୍ତିରେ ଆପଣଙ୍କ ରିଟାୟରମେଣ୍ଟ ହୋଇଯିବେ, ତେବେ ଆପଣଙ୍କ ଏପରି ଭାବନା ଭୁଲ। ଏପରି ହେବ ନାହିଁ। ଏଣୁ ଜନତାଙ୍କୁ ସେ ଜ୍ଞାନେଶ କୁମାରଙ୍କ ନାମ ମନେ ରଖିବା ପାଇଁ କହିଥିବା ବେଳେ ତାଙ୍କ ଅଧୀନସ୍ଥ ଦୁଇ ଅଧିକାରୀ ଏସ.ଏସ. ସନ୍ଧୁ ଓ ବିବେକ ଯୋଶୀଙ୍କ ନାମ ଭୁଲିବେନି ବୋଲି ମଧ୍ୟ କହିଛନ୍ତି। ଏମାନେ ଦେଶର ସମ୍ବିଧାନ ଓ ଗଣତନ୍ତ୍ର ସହିତ ଖେଳୁଛନ୍ତି। ଏହି ୩ ଜଣ ଆପଣଙ୍କ ଅଧିକାର ଛଡଉଛନ୍ତି। ସେମାନଙ୍କ ନାମ ମନେ ରଖନ୍ତୁ। ସେମାନଙ୍କୁ ପଦ ଓ ଆୟୋଗ ପଛରେ ଲୁଚିବାକୁ ଦିଅନ୍ତୁନି, ଯେଉଁମାନେ ଦେଶ ସହିତ ବିଶ୍ୱାସଘାତ କରୁଛନ୍ତି। ପ୍ରିୟଙ୍କା ଗାନ୍ଧି ତାଙ୍କ ଭାଷଣରେ ନିର୍ବାଚନ ପ୍ରକ୍ରିୟାରେ କଥିତ ଅନିୟମିତତା କଥା ଉଲ୍ଲେଖ କରି ହରିୟାଣା ଭଳି ବିହାରରେ ମଧ୍ୟ ଭୋଟ ସହିତ ଖେଳ ଖେଳା ଯାଉଥିବା ଅଭିଯୋଗ କରିଛନ୍ତି।

ସେ କହିଛନ୍ତି ଯେ ଜନତାଙ୍କୁ ଧୋକା ଦେବାକୁ କୌଣସି ଉଦ୍ୟମ ଏବେ ସଫଳ ହେବ ନାହିଁ। ପ୍ରିୟଙ୍କା ଏହା ବି କହିଛନ୍ତି ଯେ, ଯଦି ନିର୍ବାଚନ ଅଧିକାରୀ ଭାବୁଥାନ୍ତି ସେମାନଙ୍କ ଭୁଲ କାମ ଉପରେ ପର୍ଦ୍ଦା ପକାଇ ଦିଆଯିବ, ତେବେ ଏହା ଭୁଲ। କାରଣ ଦେଶର ଜନତା ସବୁ ଦେଖୁଛନ୍ତି। ତେବେ ପ୍ରିୟଙ୍କା ଗାନ୍ଧିଙ୍କ ପୂର୍ବରୁ ଲୋକସଭାରେ ବିରୋଧୀ ଦଳ ନେତା ରାହୁଲ ଗାନ୍ଧି ନିର୍ବାଚନ ଆୟୋଗଙ୍କ ନିରପେକ୍ଷତା ଉପରେ ପ୍ରଶ୍ନ ଉଠାଇଥିଲେ। ସେ କହିଥିଲେ ୨୦୨୪ ହରିୟାଣା ବିଧାନସଭା ନିର୍ବାଚନରେ ପାଖାପାଖି ୨୫ ଲକ୍ଷ ନକଲୀ ଭୋଟ ଉପଯୋଗ କରି ଫଳାଫଳକୁ ପ୍ରଭାବିତ କରାଯାଇଥିଲା।

# ନମାଜ ବେଳେ ଜାକାର୍ତ୍ତା ମସଜିଦରେ ବିସ୍ଫୋରଣ, ୫୪ ଆହତ



**ଜାକାର୍ତ୍ତା ୭।୧୧:** ଇଣ୍ଡୋନେସିଆ ରାଜଧାନୀ ଜାକାର୍ତ୍ତାସ୍ଥିତ ଷ୍ଟେଟ୍ ସିନିୟର ହାଇସ୍କୁଲ ୭୨ର ମସଜିଦରେ ଶୁକ୍ରବାର ନମାଜ କାଳରେ ବିସ୍ଫୋରଣ ହୋଇଛି। ଫଳରେ ୫୪ରୁ ଅଧିକ ଲୋକେ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରୁ ଅଧିକାଂଶ ସ୍କୁଲ ଛାତ୍ର ଓ ଶିକ୍ଷକ ଥିବା ଜଣାପଡିଛି। ଏହି ବିସ୍ଫୋରଣ ମଧ୍ୟାହ୍ନ ପ୍ରାୟ ସାଢେ ୧୨ଟା ବେଳେ କେଲାପା ଗାଡିଂ କ୍ଷେତ୍ର ନୌସେନା ପରିସରରେ ହୋଇଛି। ତେବେ ବିସ୍ଫୋରଣର କାରଣ ସମ୍ପର୍କରେ ଜଣା ପଡିନଥିବା ଅଧିକାରୀ କହିଛନ୍ତି।

ସୂଚନା ଅନୁସାରେ ବିସ୍ଫୋରଣ ମସଜିଦ ମୁଖ୍ୟ ହଲର ପଛପଟେ ହୋଇଛି। ଫଳରେ ଲୋକେ ଜୀବନ ବଞ୍ଚାଇବା ପାଇଁ ଯିଏ ଜୁଆଡ଼େ ପଳାଇଯିବା ବେଳେ ଅନେକ ଦଳାଚକଟାରେ ଆହତ ହୋଇଛନ୍ତି। ବିଦ୍ୟାଳୟର ଗଣିତ ଶିକ୍ଷକ ବୁଦି ଲକ୍ସୋନୋ କହିଛନ୍ତି ଯେ, ତକରୀବ ଆରମ୍ଭ ହେବାମାତ୍ରେ ଅଚାନକ ଜୋରଦାର ବିସ୍ଫୋରଣ ହୋଇଥିଲା। ଦେଖୁ ଦେଖୁ ମସଜିଦ୍ ଭିତର ଧୂଆଁରେ ଭରି ଯାଇଥିଲା। ଫଳରେ ପିଲା ଭୟରେ ମସଜିଦରୁ ବାହାରି ପଳାଇଥିଲେ। କାଚ ଖଣ୍ଡ ଦେହରେ ଗଳିଯିବା ଯୋଗୁ ଅଧିକାଂଶ ଆହତ ହୋଇଛନ୍ତି। ସମସ୍ତଙ୍କୁ ଉଦ୍ଧାର କରି ପ୍ରାଥମିକ ଚିକିତ୍ସା ଲାଗି ଗାଡିଂ ଜିଲ୍ଲା ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣା ପରେ ନୌସେନା ଓ ଜାକାର୍ତ୍ତା ପୁଲିସ ଅଞ୍ଚଳକୁ ଘେରାଉ କରି ରଖିଛନ୍ତି। ମାମଲାର ଯାଞ୍ଚ ଜାରି ଥିବା ପୁଲିସ କହିଛି।

# ୫୨ ବର୍ଷ ଯାଏଁ ତ୍ରିରଙ୍ଗା ଉଡ଼ାଇନଥିଲା ଆର୍‌ଏସ୍‌ଏସ୍: ଖଡ଼ଗେ



**ନୂଆଦିଲ୍ଲୀ,୭।୧୧:** କଂଗ୍ରେସ ସଭାପତି ମଲ୍ଲିକାର୍ଜୁନ ଖଡ଼ଗେ ବନ୍ଦେ ମାତରମର ୧୫୦ତମ ବାର୍ଷିକୀ ଅବସରରେ ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ (ଆରଏସଏସ) ଉପରେ ବର୍ଷିଛନ୍ତି। ସେ ବିଜେପିକୁ ମଧ୍ୟ ଟାର୍ଗେଟ କରିଛନ୍ତି। ଖଡ଼ଗେ ଆଜି ଏକ୍ସରେ ଏକ ପୋଷ୍ଟ ସେୟାର କରି କହିଛନ୍ତି ଯେ, ଆରଏସଏସ ୫୨ ବର୍ଷ ଧରି ଜାତୀୟ ପତାକା ଉତ୍ତୋଳନ କରିନାହିଁ। ଖଡ଼ଗେ କହିଛନ୍ତି ଯେ, ବିଜେପି ଏବଂ ଆରଏସଏସ ଦେଶର ସମ୍ବିଧାନକୁ ପରିବର୍ତ୍ତନ କରିବାକୁ ଚାହୁଁଛନ୍ତି। ଖଡ଼ଗେ ଏକ ଏକ୍ସ ପୋଷ୍ଟରେ ବନ୍ଦେ ମାତରମ ବିଷୟରେ କହିଛନ୍ତି, '୧୮୯୬ ମସିହାରୁ ଆଜି ପର୍ଯ୍ୟନ୍ତ, ପ୍ରତ୍ୟେକ କଂଗ୍ରେସ ବୈଠକରେ, ବଡ଼ ହେଉ କି ଛୋଟ, ତାହା ଏକ ସମ୍ମିଳନୀ ହେଉ କି ବ୍ଲକସ୍ତରୀୟ ବୈଠକ, ଆମେ ଗର୍ବର ସହିତ ଏବଂ ଦେଶପ୍ରେମର ସହିତ ଭାରତର ଜନସାଧାରଣଙ୍କୁ ଶ୍ରଦ୍ଧାଞ୍ଜଳି ସ୍ୱର ଭାବରେ ବନ୍ଦେ ମାତରମ ଗାନ କରିଛୁ। କଂଗ୍ରେସ ପାର୍ଟି ଆମର ମାତୃଭୂମିର ଚିରନ୍ତନ ଗୀତ, ଆମର ଏକତାର ଆହ୍ୱାନ ଏବଂ ଭାରତର ଅମର ଆତ୍ମାର ସ୍ୱର, ବନ୍ଦେ ମାତରମ ପ୍ରତି ନିଜର ଅଟଳ ବିଶ୍ୱାସକୁ ପୁନଃନିର୍ମାଣ କରୁଛି।' ଆରଏସଏସକୁ ଟାର୍ଗେଟ କରି ସେ କହିଥିଲେ, 'ଏହା ଏକ ଜଣାଶୁଣା ସତ୍ୟ ଯେ ଆରଏସଏସ ଏବଂ ସଂଘ ପରିବାର ଜାତୀୟ ଆନ୍ଦୋଳନରେ ଭାରତୀୟମାନଙ୍କ ବିରୁଦ୍ଧରେ ବ୍ରିଟିଶମାନଙ୍କୁ ସମର୍ଥନ କରିଥିଲେ।' ସେମାନେ ୫୨ ବର୍ଷ ଧରି ଜାତୀୟ ପତାକା ଉତ୍ତୋଳନ କରିନଥିଲେ ଏବଂ ଭାରତୀୟ ସମ୍ବିଧାନର ଅପବ୍ୟବହାର କରିଥିଲେ। ଆରଏସଏସ ବାପୁ ଏବଂ ବାବାସାହେବ ଆମ୍ବେଦକରଙ୍କ କୁଶପୁତ୍ତଳିକା ଦାହ କରିଥିଲା ଏବଂ ସର୍ଦ୍ଦାର ପଟେଲଙ୍କ ଭାଷାରେ, ଗାନ୍ଧୀଜୀଙ୍କ ହତ୍ୟାରେ ମଧ୍ୟ ସମ୍ପୃକ୍ତ ଥିଲା।' ଖଡ଼ଗେ କହିଥିଲେ, 'ଅପରପକ୍ଷରେ, କଂଗ୍ରେସ ଦଳ ବନ୍ଦେ ମାତରମ୍ ଏବଂ ଜନ ଗଣ ମନ ଉଭୟରେ ଅତ୍ୟନ୍ତ ଗର୍ବ ଅନୁଭବ କରେ।' ପ୍ରତ୍ୟେକ କଂଗ୍ରେସ ସଭା ଏବଂ କାର୍ଯ୍ୟକ୍ରମରେ ଉଭୟ ଗୀତ ଶ୍ରଦ୍ଧାର ସହିତ ଗାନ କରାଯାଏ, ଯାହା ଭାରତର ଏକତା ଏବଂ ଗର୍ବର ପ୍ରତୀକ।'

# ପୃଥିବୀକୁ ୧୫୦ ଥର ଧ୍ୱଂସ କରିପାରିବ ଆମେରିକା: ଟ୍ରମ୍ପ



**ୱାଶିଂଟନ, ୭।୧୧:** ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ଏକ ବୟାନକୁ ନେଇ ସାରା ବିଶ୍ୱରେ ହଇଚଇ ସୃଷ୍ଟି ହୋଇଛି। ସେ କହିଛନ୍ତି ଯେ, ଆମେରିକା ପାଖରେ ଏତେ ପରମାଣୁ ଅସ୍ତ୍ର ଅଛି ଯେ, ତାହା ବିଶ୍ୱକୁ ୧୫୦ ଥର ଧ୍ୱଂସ କରିଦେବ। କିନ୍ତୁ ଏପରି କିଛି କରିବାର କୌଣସି ଆବଶ୍ୟକତା ନାହିଁ ବୋଲି ସେ କହିଛନ୍ତି।

ଚୀନ୍ ରାଷ୍ଟ୍ରପତି ସି ଜିନପିଙ୍ଗଙ୍କ ସହ ତାଙ୍କ ସାକ୍ଷାତକୁ ଉତ୍ତମ ବୋଲି ବର୍ଣ୍ଣନା କରି ଟ୍ରମ୍ପ କହିଛନ୍ତି ଯେ, ତାଙ୍କର ଚୂଡ଼ାନ୍ତ ଲକ୍ଷ୍ୟ ହେଉଛି ଏକ ପରମାଣୁ ମୁକ୍ତ ବିଶ୍ୱ ହାସଲ କରିବା। ହ୍ୱାଇଟ୍ ହାଉସରେ ଭାଷଣ ଦେଇ ଟ୍ରମ୍ପ କହିଛନ୍ତି, 'ମୁଁ ଭାବୁଛି ପରମାଣୁ ନିରସ୍ତ୍ରୀକରଣ ଏକ ଚମତ୍କାର ଜିନିଷ ହେବ। ଆମେ ପୃଥିବୀକୁ ୧୫୦ ଥର ଉଡ଼ାଇ ଦେଇପାରିବୁ, କିନ୍ତୁ ଏହାର କୌଣସି ଆବଶ୍ୟକତା ନାହିଁ।'

ଟ୍ରମ୍ପଙ୍କ ଅନୁସାରେ, ଆମେରିକା ପାଖରେ ସର୍ବାଧିକ ସଂଖ୍ୟକ ପରମାଣୁ ଅସ୍ତ୍ର ଅଛି, ତା'ପରେ ରୁଷ ଏବଂ ଚୀନ୍ ଅଛନ୍ତି। ସେ କହିଛନ୍ତି, 'ସି ଜିନପିଙ୍ଗ ଏବଂ ଭ୍ଲାଦିମିର ପୁଟିନଙ୍କ ପରି ନେତାମାନେ ଏବେ ଅନ୍ୟ ଉଦ୍ଦେଶ୍ୟରେ ଟଙ୍କା ବ୍ୟବହାର କରିବେ। ମୁଁ ସେମାନଙ୍କ ସହ କଥା ହୋଇଛି। ଏବେ ସେମାନେ ଏପରି କାମ କରିବେ ଯାହା ଲୋକମାନଙ୍କ ପାଇଁ ଲାଭଦାୟକ ହେବ।' ଟ୍ରମ୍ପଙ୍କ ଏହି ବିବୃତ୍ତି ପରମାଣୁ ନିୟନ୍ତ୍ରଣ ଲାଗି ଆମେରିକା, ରୁଷ ଏବଂ ଚୀନ୍ ମଧ୍ୟରେ ତ୍ରିପାକ୍ଷିକ ସହଯୋଗର ସମ୍ଭାବନାର ଗୋଟିଏ ଦିନ ପରେ ଆସିଛି।

ଟ୍ରମ୍ପଗତସପ୍ତାହରେକହିଥିଲେଯେ,ଆମେରିକାପୁଣିପରମାଣୁପରୀକ୍ଷଣ କରିବ। ଏଥିପାଇଁ ପେଣ୍ଟାଗନକୁ ନିର୍ଦ୍ଦେଶ ଦିଆଯାଇଛି। ଅନ୍ୟ ଦେଶମାନେ ପରମାଣୁ ପରୀକ୍ଷଣ କରୁଛନ୍ତି, ଏଣୁ ଆମେରିକା ମଧ୍ୟ ଏହା କରିବ।

# ଆଜି ପୁଣି ନୂଆପଡ଼ା ଯିବେ ମୋହନ

**ଭୁବନେଶ୍ୱର,୭।୧୧(ସଂଚାର ବ୍ୟୁରୋ):** ମତଦାନ ତାରିଖ ପାଖେଇ ଆସୁଥିବା ବେଳେ ମଇଦାନରେ ବଳ କଷୁଛନ୍ତି ସବୁ ଦଳର ମୁଖିଆ। ଗୁରୁବାର ମୁଖ୍ୟମନ୍ତ୍ରୀ ପ୍ରଚାର କରିବା ପରେ ଆଜି ନବୀନ ପୁଣି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ମାଗିଛନ୍ତି। ଶନିବାର ପୁଣି ଯିବେ ମୋହନ ମାଝୀ। ସେପଟେ ନୂଆପଡାରେ ଡେରା ପକାଇଛନ୍ତି ପିସିସି ମୁଖିଆ।

ଭୋଟ ତାରିଖ ଯେତେ ପାଖେଇଛି ନୂଆପଡ଼ା ରାଜନୀତି ସେତେ ଉଷ୍ମ ହେଉଛି। ଛାମୁଆ ନେତାଙ୍କ ପ୍ରଚାର ପରେ ଏବେ ମଇଦାନରେ ବଳ କଷୁଛନ୍ତି ମୁଖିଆ। ଫାଇନାଲ ଫାଇଟ୍ ପୂର୍ବରୁ ଶନିବାର ପୁଣି ନୂଆପଡ଼ା ଯିବେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ। ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଧରି ପୁଣି ପ୍ରଚାର କରିବେ।

ନିର୍ବାଚନୀ ପ୍ରଚାରକୁ ବଳି ଯାଇଛି ଆରୋପ ପ୍ରତ୍ୟାରୋପ। ବିଜେଡିର ଜଣଙ୍କ ପରେ ଜଣେ ନେତା ଜୟ ଢୋଲକିଆଙ୍କୁ ସମାଲୋଚନା କରିବା ପରେ କଡ଼ା ଜବାବ ଦେଉଛି ବିଜେପି। ବେଇମାନ ଓ ପ୍ରାର୍ଥୀ ଚୋରିକୁ ନେଇ ଦୁଇ ଦଳର ନେତା ସିଧାସଳଖ ପରସ୍ପରକୁ ଟାର୍ଗେଟ କରୁଛନ୍ତି। ଜୟଙ୍କ ପରିବାର ମଧ୍ୟ ସାମନାକୁ ଆସିଛନ୍ତି।

କଂଗ୍ରେସ ମଧ୍ୟ ଜାରି ରଖିଛି ଜୋରଦାର ପ୍ରଚାର। ନୂଆପଡାର ବିଭିନ୍ନ ଗାଁରେ ଡେରା ପକାଇଛନ୍ତି ପିସିସି ସଭାପତି, ପୂର୍ବତନ ସଭାପତିଙ୍କ ସମେତ ବହୁ ଛାମୁଆ ନେତା। ଶୋଭାଯାତ୍ରା ଓ ଛୋଟ ଛୋଟ ସମାବେଶ କରି ଲୋକଙ୍କ ମନ ଜିଣିବାକୁ ଉଦ୍ୟମ କରୁଛନ୍ତି ଘାସିରାମ।

# ୧୮ ଶହ କୋଟିର ଜମି ଦୁର୍ନୀତି ନେଇ ଅଡୁଆରେ ପାର୍ଥ ପାୱାର



**ମୁମ୍ବାଇ, ୭।୧୧:** ପୁଣେର ମୁନ୍ଧୱା ଅଞ୍ଚଳରେ ୪୦ ଏକରର ଜମି ଅଛି। ଯାହାର ଆନୁମାନିକ ମୂଲ୍ୟ ୧୮ଶହ କୋଟି ଟଙ୍କା। ମାତ୍ର ପାର୍ଥ ପାୱାରଙ୍କ କମ୍ପାନି ଆମେଡିଆ ଏଣ୍ଟରପ୍ରାଇଜ ଏହାକୁ ମାତ୍ର ୩ ଶହ କୋଟି ଟଙ୍କାରେ କିଣିଛି। ଏହାର ରେଜିଷ୍ଟ୍ରେସନ ଦଲିଲରେ ଦିଗବିଜୟ ପାଟିଲଙ୍କ ନାଁ ରହିଛି। ଯିଏକି ଆମେଡିଆ ଏଣ୍ଟରପ୍ରାଇଜରେ ପାର୍ଥଙ୍କ ପାର୍ଟନର ଅଛନ୍ତି। ଏଥିଛଡ଼ା କମ୍ପାନିକୁ ଷ୍ଟାମ୍ପ ଡ୍ୟୁଟି ଛାଡ଼ କରାଯାଇଛି। ଫଳରେ ରେଜିଷ୍ଟ୍ରେସନ ଖର୍ଚ୍ଚ ମାତ୍ର ୫ଶହ ଟଙ୍କାରେ ସମ୍ଭବ ହୋଇପାରିଛି। ଏନସିପି ଶରଦ ପାୱାର ଗୋଷ୍ଠୀର ସୁପ୍ରିୟା ସୁଲେ ଏ ସମ୍ପର୍କରେ ରାଜ୍ୟ ସରକାରଙ୍କୁ ସ୍ପଷ୍ଟୀକରଣ ମାଗିଛନ୍ତି। ଆଗକୁ ଘଟଣାକୁ ନେଇ ଯେପରି ସମସ୍ୟା ନହୁଏ, ଏହାକୁ ଦୃଷ୍ଟିରେ ରଖି ରାଜ୍ୟ ସରକାର ସେଠିକାର ତହସିଲଦାରଙ୍କୁ ନିଲମ୍ବିତ କରିବା ସହିତ ଏଫଆଇଆର ଦାଖଲ କରିଛନ୍ତି। ଏହା ସହିତ ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନାବିସ ମଧ୍ୟ ଉଚ୍ଚସ୍ତରୀୟ ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ସରକାରୀ ଜମିକୁ ବ୍ୟକ୍ତିଗତ ଫାର୍ମକୁ ବିକାଯାଇ ପାରିବନି ବୋଲି ନିୟମ ରହିଛି। ତଥାପି ରେଜିଷ୍ଟ୍ରେସନ କିପରି ହେଲା? ଏହି ବିକ୍ରି ମାମଲାରେ ରାଜ୍ୟ ସରକାର ୧୫ କୋଟିର ଷ୍ଟାମ୍ପ ଡ୍ୟୁଟି ଓ ୬ କୋଟି ଟିକସ ପାଇଥାନ୍ତା। ମାତ୍ର ୫ ଶହ ଟଙ୍କାରେ ସମସ୍ତ ରେଜିଷ୍ଟ୍ରେସନର କାମ ସରିଲା କେମିତି? ଆଗକୁ ମହାରାଷ୍ଟ୍ର ପୌର ନିର୍ବାଚନ ହେବାକୁ ଯାଉଛି। ଏହି ମାମଲାରେ ନିଜର କୌଣସି ଭୂମିକା ନାହିଁ ବୋଲି ଉପମୁଖ୍ୟମନ୍ତ୍ରୀ ଅଜିତ ପାୱାର ସଫେଇ ଦେଲେ ମଧ୍ୟ ପୁଅର ଏହି ସ୍କାମ୍ ମହାଯୁତି ସରକାରଙ୍କୁ ଅଡୁଆରେ ପକାଇବା ଆଶଙ୍କା ଅଛି।

● ଅହମଦାବାଦ ବିମାନ ଦୁର୍ଘଟଣା

# ମୁଖ୍ୟ ପାଇଲଟଙ୍କୁ କ୍ଲିନଚିଟ୍, ଡିଜିସିଏକୁ ନୋଟିସ

**ନୂଆଦିଲ୍ଲୀ, ୭।୧୧:** ଅହମଦାବାଦ ବିମାନ ଦୁର୍ଘଟଣା ଏକ ଦୁଃଖଦାୟକ ଘଟଣା। କିନ୍ତୁ ଏହି ଦୁର୍ଘଟଣା ପାଇଁ ଆପଣଙ୍କ ପୁଅ କ୍ୟାପଟେନ୍ ସୁମିତ ସବରୱାଲ ଦାୟୀ ନୁହନ୍ତି। ସୁପ୍ରିମକୋର୍ଟଙ୍କ ଏହି ଟିପ୍ପଣୀ ୬୮ବର୍ଷ ପିତାଙ୍କ ଦୁଃଖ ଉପରେ ପୂର୍ଣ୍ଣଚ୍ଛେଦ ପକାଇଛି। ଅହମଦାବାଦରେ ଏୟାର ଇଣ୍ଡିଆ ବିମାନ ୧୭୧ ଦୁର୍ଘଟଣା ପାଇଁ ମୁଖ୍ୟ କ୍ୟାପଟେନ ସୁମିତ ସବରୱାଲଙ୍କୁ ପୂର୍ବରୁ ଦାୟୀ କରାଯାଉଥିଲା। ସୁପ୍ରିମକୋର୍ଟ ଏହି ମନ୍ତବ୍ୟ ଦେବା ସହ ଡିଜିସିଏଙ୍କୁ ନୋଟିସ ଜାରି କରି ପାଇଲଟ ସୁମିତଙ୍କୁ କ୍ଲିନ୍ ଚିଟ୍ ଦେଇଛନ୍ତି। ପାଇଲଟଙ୍କ ବାପା ପୁଷ୍କର ରାଜ ସବରୱାଲ ସୁପ୍ରିମକୋର୍ଟରେ ଆବେଦନ କରିଥିଲେ। ଜାତୀୟ ଓ ଅନ୍ତର୍ଜାତୀୟ ଗଣମାଧ୍ୟମ ସହ ଡିଜିସିଏ ରିପୋର୍ଟରେ ଦୁର୍ଘଟଣା ପାଇଁ ସୁମିତଙ୍କୁ ଦାୟୀ କରାଯିବାକୁ ବିରୋଧ କରି ନ୍ୟାୟ ମାଗିଥିଲେ ତାଙ୍କ ପରିବାର। ଅହମଦାବାଦରେ ଏୟାର ଇଣ୍ଡିଆ ବିମାନ ଦୁର୍ଘଟଣା ନେଇ ସୁପ୍ରିମକୋର୍ଟ ପୁଷ୍କରାଜ ସବରୱାଲଙ୍କ ଆବେଦନ ଉପରେ ଏହି ଟିପ୍ପଣୀ ଦେଇଛନ୍ତି। ପୁଷ୍କରଙ୍କ ପୁଅ ସୁମିତ ବୋଇଂ ୭୮୭ ଡ୍ରିମଲାଇନରର ପାଇଲଟ-ଇନ-କମାଣ୍ଡ ଥିଲେ। କୋର୍ଟ କେନ୍ଦ୍ର ସରକାର ଏବଂ ଡିଜିସିଏକୁ ନୋଟିସ ଜାରି କରିଛନ୍ତି, ଯେଉଁଥିରେ କୁହାଯାଇଛି ଯେ, ଦୁର୍ଘଟଣା ପାଇଁ ପାଇଲଟ-ଇନ-କମାଣ୍ଡଙ୍କୁ ଦାୟୀ କରାଯାଇପାରିବ ନାହିଁ।

# ଓଡ଼ିଆଙ୍କ ପାଇଁ କଳିଙ୍ଗସେନା ସମର୍ପିତ

**ଭୁବନେଶ୍ୱର, ୭।୧୧(ସଂଚାର ବ୍ୟୁରୋ) :** ଆଞ୍ଚଳିକ ରାଜନୈତିକ ଦଳ କଳିଙ୍ଗ ସେନା ସର୍ବଦା ଓଡ଼ିଶା ଓ ଓଡ଼ିଆମାନଙ୍କ ପ୍ରତି ସମର୍ପିତ। ରାଜ୍ୟ ଓ ରାଜ୍ୟବାସୀଙ୍କ ସ୍ୱାର୍ଥ ପାଇଁ ଦଳ ତାହାର ନିରନ୍ତର ଉଦ୍ୟମ ଜାରି ରଖିବ ବୋଲି ଆଜି ଦଳର ପ୍ରତିଷ୍ଠା ଦିବସ ପାଳନ ଅବସରରେ କହିଛନ୍ତି କଳିଙ୍ଗସେନା ସୁପ୍ରିମୋ ହେମନ୍ତ ରଥ। ପ୍ରତିଷ୍ଠା ଦିବସ ଅବସରରେ ଆୟୋଜିତ ସଭାରେ ଦଳର ସମ୍ପାଦକ ଅଶୋକ ସାହୁ, ସମୀର ପ୍ରଧାନ, ସମ୍ପାଦକ ମୋନାଲିସା ବିଶ୍ୱାଳ, ମଧୁସୂଦନ ସାହୁ, ସାଧାରଣ ସମ୍ପାଦକ ସର୍ବେଶ୍ୱର କାନ୍ତ ମହାନ୍ତି, ଲକ୍ଷ୍ମୀ ନାରାୟଣ ମହାପାତ୍ର, ଇଂ ମନୋଜ କୁମାର ନାୟକ, ସାଧାରଣ ସମ୍ପାଦକ ତଥା ମୁଖପତ୍ର ଅମୂଲ୍ୟ କୁମାର ନାୟକ, ଉପସଭାପତି ଅବଦୁଲ କୟୁମ ଖାନ. ହିମାଂଶୁ ନାୟକ ଓ ଉମାକାନ୍ତ ଜେନା ପ୍ରମୁଖ ନିଜ ନିଜର ବକ୍ତବ୍ୟରେ ଆଗାମୀ ଦିନରେ କଳିଙ୍ଗ ସେନାକୁ ଅଧିକ ଶକ୍ତିଶାଳୀ କରିବା ପାଇଁ ମତ ରଖିଥିଲେ।

# ଟ୍ରେନ୍‌ରୁ ଅଳଙ୍କାର ଚୋରି, ଗିରଫ ଅପରାଧୀ

**କୋଲକାତା, ୭।୧୧(ସଂଚାର ବ୍ୟୁରୋ):** ଚଳିତ ବର୍ଷ ନଭେମ୍ବର ୧ ତାରିଖରେ, ଓଡ଼ିଶାର ଭୁବନେଶ୍ୱରର ବାସିନ୍ଦା ଶ୍ରୀମତୀ ଗୋଲକ ଦାସ ତାଙ୍କ ପରିବାର ସଦସ୍ୟଙ୍କ ସହିତ ଅପ୍ କାମାକ୍ଷା-ପୁରୀ ଏକ୍ସପ୍ରେସରେ ଯାତ୍ରା କରୁଥିଲେ। ଟ୍ରେନ୍ ଖଡ଼ଗପୁର ଷ୍ଟେସନରେ ପହଞ୍ଚିବାକୁ ଯାଉଥିବା ବେଳେ, ଜଣେ ଦୁର୍ବୃତ୍ତ ମହିଳାଙ୍କଠାରୁ ଏକ ବ୍ୟାଗ ଛଡ଼ାଇ ନେଇ ପଳାଇଯାଇଥିଲା। ବ୍ୟାଗରେ ପ୍ରାୟ ୧୫ ଲକ୍ଷ ଟଙ୍କା ମୂଲ୍ୟର ସୁନା ଅଳଙ୍କାର ଏବଂ ଏକ ମୋବାଇଲ ଫୋନ୍ ଥିଲା। ଖଡ଼ଗପୁର ଜିଆରପିଏସରେ ଅଭିଯୋଗ ଦାଖଲ କରିବା ପରେ ପୋଲିସ ତୁରନ୍ତ ତଦନ୍ତ ଆରମ୍ଭ କରିଥିଲା। ଟ୍ରେନର ସମ୍ପୃକ୍ତ କୋଚ୍ ଭିତରେ ଥିବା ସିସିଟିଭି ଫୁଟେଜ୍ ଯାଞ୍ଚ କରିବା ପରେ ପୋଲିସ ଅଭିଯୁକ୍ତଙ୍କୁ ଚିହ୍ନଟ କରି ଗିରଫ କରିପାରିଥିଲା। ଅଭିଯୁକ୍ତ, ହାଓଡ଼ାର ମହମ୍ମଦ ନୂର ଆଲମ ଓରଫ୍ ସଦାମ ହୋସେନଙ୍କୁ ପୋଲିସ ହେପାଜତକୁ ନେଇ ଖଡ଼ଗପୁର ଜିଆରପିଏସର ତଦନ୍ତକାରୀ ଅଧିକାରୀ, ଇନ୍ସପେକ୍ଟର ପ୍ରଶାନ୍ତ କାର୍ତ୍ତିକିଆ ପଚରାଉଚରା କରିଥିଲେ। ପରେ, ହାଓଡ଼ାର ଏକ ସୁନା ଦୋକାନରୁ ସମସ୍ତ ଅଳଙ୍କାର ଉଦ୍ଧାର କରାଯାଇଥିଲା। ଦୋକାନର ମାଲିକ, ଭୁବନେଶ୍ୱରର ପ୍ରସାଦ ଶାହ ଓରଫ ମାମା, ଏବଂ ତାଙ୍କ ସହଯୋଗୀ, ଶଙ୍କର ଶାହଙ୍କୁ ଚୋରି ସାମଗ୍ରୀର କ୍ରେତା ଭାବରେ ଗିରଫ କରାଯାଇ ପୋଲିସ ହେପାଜତରେ ନିଆଯାଇଛି। ତଦନ୍ତ ସମାପ୍ତ ହେବା ପରେ ଦୋଷୀର ଦଣ୍ଡ ସୁନିଶ୍ଚିତ ହେବ।

# ନିଆଁ ଲାଗି ପୋଡ଼ିଗଲା ବସ୍

**କୋଲକାତା, ୭।୧୧(ସଂଚାର ବ୍ୟୁରୋ):** ଶୁକ୍ରବାର ସକାଳେ ରାଜାରହାଟ ନିକଟରେ ଏକ ବସ୍ କେନାଲରେ ଖସିପଡ଼ିଥିଲା। ଏହି ଘଟଣାରେ ଅନେକ ଆହତ ହୋଇଛନ୍ତି। ଦିନ ଗଡ଼ିବା ସହିତ ବିମାନବନ୍ଦର ନିକଟରେ ଏକ ସରକାରୀ ବସ୍‌ରେ ନିଆଁ ଲାଗିଯାଇଥିଲା। ପ୍ରାରମ୍ଭିକ ଭାବରେ ଅନୁମାନ କରାଯାଉଛି ଯେ ସର୍ଟସର୍କିଟ୍ ଯୋଗୁଁ ଅଗ୍ନିକାଣ୍ଡ ଘଟିଛି। ତେବେ, ଏହି ଘଟଣା ନୂଆ ନୁହେଁ, ପୂର୍ବରୁ ଏପରି ଘଟଣା ଘଟିଛି। ଏହି ବିମାନବନ୍ଦର ନିକଟରେ ଏକ ସରକାରୀ ବସ୍ ନିଆଁ ଲାଗିଯାଇଥିଲା। ସେହି ସମୟରେ ମଧ୍ୟ ବସ୍‌ଟି ଜଳିଥିଲା। କୋଲକାତାର ମୁଖୀ ଲେନ୍‌ରେ ଥିବା ଏୟାରପୋର୍ଟ ହୋଟେଲ କ୍ରସିଂ ସମ୍ମୁଖରେ ସମ୍ପୃକ୍ତ ବସ୍‌ଟି ଆସିବା ମାତ୍ରେ ହଠାତ୍ ସର୍ଟସର୍କିଟ୍ ହୋଇଯାଇଥିଲା। ମୁହୂର୍ତ୍ତ ମଧ୍ୟରେ ନିଆଁ ବ୍ୟାପିଯାଇଥିଲା। ଏଦିନ ସକାଳ ପ୍ରାୟ ୧୧ ଟା ୫୫ ସମୟରେ ଏହି ଘଟଣା ଘଟିଥିବାର ଜଣାପଡ଼ିଛି। ଚଳନ୍ତା ସମୟରେ ବସ୍‌ଟିରେ ନିଆଁ ଲାଗିଯାଇଥିବା ଜଣାପଡ଼ିଛି। ସମସ୍ତ ଯାତ୍ରୀ ଭୟଭୀତ ହୋଇ ବାହାରକୁ ବାହରି ଆସିଥିଲେ। ତେବେ, କୌଣସି ମୃତାହତର ଖବର ନାହିଁ। ସମସ୍ତ ଯାତ୍ରୀ ସୁସ୍ଥ ଥିବା ଜଣା ପଡ଼ିଛି। ଅନ୍ୟପକ୍ଷରେ, ଏଦିନ ରାଜାରହାଟର ଖାଡୋଆ କେନାଲ ଅଞ୍ଚଳରେ ଯାତ୍ରୀମାନଙ୍କୁ ନେଇ ଯାଉଥିବା ଘରୋଇ ବସ୍‌ଟି କେନାଲରେ ଖସି ପଡ଼ିଥିଲା। ଅନ୍ୟ ଏକ ବସ୍‌ଟିକୁ ଓଭ୍ ହରଟେକ ସମୟରେ ବସ୍‌ଟି କେନାଲରେ ଖସି ପଡ଼ିଥିବା ପ୍ରତ୍ୟକ୍ଷଦର୍ଶୀ କହିଛନ୍ତି। ଦୁର୍ଘଟଣାଗ୍ରସ୍ତ ବସ୍‌ର ଯାତ୍ରୀମାନଙ୍କ ଚିତ୍କାର ଶୁଣି ସ୍ଥାନୀୟ ବାସିନ୍ଦା ଘଟଣାସ୍ଥଳକୁ ଧାଇଁ ଆସିଥିଲେ। ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା। ରାଜାରହାଟ ଥାନାର ପୋଲିସ ପହଞ୍ଚିଥିଲା। ପ୍ରାୟ ଚାଳିଶ ଜଣ ଯାତ୍ରୀ ଆହତ ହୋଇଥିବା ଜଣା ପଡ଼ିଛି।

# ବ୍ରିଜ୍‌ର ରେଲିଂ ଭାଙ୍ଗି କେନାଲକୁ ଖସିପଡ଼ିଲା ବସ୍

**କୋଲକାତା, ୭।୧୧(ସଂଚାର ବ୍ୟୁରୋ):** ସାତ ସକାଳେ ଭୟଙ୍କର ଦୁର୍ଘଟଣା। ଏକ ଯାତ୍ରୀବାହୀ ବସ୍ ଏକ ବ୍ରିଜର ରେଲିଂ ଭାଙ୍ଗି କେନାଲ ଭିତରକୁ ଖସିପଡ଼ିଲା। ପୋଲିସ ସୂତ୍ରରୁ ଜଣାପଡ଼ିଛି ଯେ, ଏହି ଘଟଣାରେ ପ୍ରାୟ ୪୦ ଜଣ ଯାତ୍ରୀ ଆହତ ହୋଇଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ ସହାୟତାରେ ଶୀଘ୍ର ଉଦ୍ଧାର କାର୍ଯ୍ୟ ଆରମ୍ଭ କରାଯାଇଥିଲା। ଘଟଣାସ୍ଥଳରେ ରାଜାରହାଟ ଥାନାର ପୋଲିସ ପହଞ୍ଚିଥିଲା। ଶୁକ୍ରବାର ସକାଳେ ହାଡୋଆରୁ କରୁଣାମୟୀ ଯାଉଥିବା ଏକ ବସ୍ ହାଡୋଆ ବ୍ରିଜର ଗାର୍ଡରେଲ ସହିତ ଧକ୍କା ଦେବା ପରେ ଓଲଟି ପଡ଼ିଥିଲା। ବ୍ରିଜର ରେଲିଂ ଭାଙ୍ଗି ଯାତ୍ରୀ ଭର୍ତ୍ତି ବସ୍‌ଟି କେନାଲକୁ ଖସି ପଡ଼ିଥିଲା। ଜାଣିବାକୁ ମିଳିଛି ଯେ ବସ୍ ଭିତରେ ପ୍ରାୟ ୪୦ ଜଣ ଯାତ୍ରୀ ଥିଲେ। ଯାତ୍ରୀଙ୍କ ଚିତ୍କାର ଶୁଣି ସ୍ଥାନୀୟ ବାସିନ୍ଦାମାନେ ଘଟଣାସ୍ଥଳକୁ ଦୌଡ଼ି ଆସିଥିଲେ। ସେମାନେ ଶୀଘ୍ର ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ଏହା ପରେ, ରାଜାରହାଟ ଥାନାର ପୋଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ବସ୍‌କୁ ଉଦ୍ଧାର କରିବା କାର୍ଯ୍ୟ ଜାରି ରହିଥିଲା। ଏହା ମଧ୍ୟ ଜାଣିବାକୁ ମିଳିଛି ଯେ ବସ୍ ଭିତରେ ବହୁ ଯାତ୍ରୀ ଫସି ରହିଥିଲେ। ଆହତମାନଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ପାଇଁ ହସ୍ପିଟାଲକୁ ପଠାଯାଇଥିଲା। ପ୍ରାରମ୍ଭିକ ତଦନ୍ତରୁ ଜାଣିବାକୁ ମିଳିଛି ଯେ ବସ୍‌ଟି ଅନ୍ୟ ଏକ ବସ୍‌କୁ ଓଭରଟେକ୍ କରିବା ସମୟରେ ନିୟନ୍ତ୍ରଣ ହରାଇଥିଲା। ତେବେ, ଏପର୍ଯ୍ୟନ୍ତ ଏହି ଘଟଣାରେ କାହାର ମୃତ୍ୟୁ ହୋଇଥିବାର ସୂଚନା ମିଳିନାହିଁ। ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି।

# ୧୫ଲକ୍ଷର ବ୍ରାଉନ ସୁଗର ଜବତ, ୩ ଗିରଫ

**ଖୋର୍ଦ୍ଧା, ୭ ।୧୧(ସଂଚାର ବ୍ୟୁରୋ):** ଖୋର୍ଦ୍ଧା ଆଦର୍ଶ ଥାନା ପୋଲିସ ଗତକାଲି ଅପରାହ୍ଣରେ ବାଟମଙ୍ଗଳା ରାସ୍ତା ହାଟ ପୋଖରୀ ନିକଟରେ ଚଢ଼ଉ କରି ୧୫୦ ଗ୍ରାମ୍ ବ୍ରାଉନସୁଗର ଜବତ କରିବା ସହ ୩ ଜଣଙ୍କୁ ଗିରଫ କରିଛି। ଗିରଫମାନେ ହେଲେ , ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ମୁକୁନ୍ଦପ୍ରସାଦ ପୋଡ଼ାସାହିର ସୁରେଶ ବେହେରା(୨୩), ଭାଲିଆବାଡ଼ି ହାତିଆସୁଣିର ରିତେଶ ପଟ୍ଟନାୟକ(୨୩), ସାମନ୍ତରାପୁରର ଆର୍ତ୍ତତ୍ରାଣ ବେହେରା(୨୫)। ତେବେ ସେମାନଙ୍କଠାରୁ ଦୁଇଟି ଦୁଇଚକିଆ ଗାଡ଼ି, ତିନୋଟି ମୋବାଇଲ୍ ଓ ନଗଦ ୩୪ ହଜାର ଟଙ୍କା ଜବତ ହୋଇଛି। ଜବତ ବ୍ରାଉନସୁଗରର ଆନୁମାନିକ ମୂଲ୍ୟ ପ୍ରାୟ ୧୫ଲକ୍ଷ ଟଙ୍କା ହେବ ବୋଲି ଖୋର୍ଦ୍ଧା ଆଦର୍ଶ ଥାନାରେ ଶୁକ୍ରବାର ଅନୁଷ୍ଠିତ ସାମ୍ବାଦିକ ସମ୍ମିଳନୀରେ ଖୋର୍ଦ୍ଧା ଏସ୍‌ଡିପିଓ ନିହାର ରଞ୍ଜନ ପ୍ରଧାନ, ଖୋର୍ଦ୍ଧା ଟାଉନ ଥାନା ଅଧିକାରୀ ସଞ୍ଜୟ ନାୟକ ସୂଚନା ଦେଇଛନ୍ତି। ପୋଲିସ ସୂଚନା ମୁତାବକ , ଅଭିଯୁକ୍ତମାନେ ବେପାର କରିବା ଉଦ୍ଦେଶ୍ୟରେ ୧୫୦ଗ୍ରାମ ବ୍ରାଉନସୁଗର ନେଇ ଘଟଣାସ୍ଥଳରେ ପହଞ୍ଚିଥିଲେ। ବିଶ୍ୱସ୍ତ ସୂତ୍ରରୁ ଖବର ପାଇଁ ପୋଲିସ ଘଟଣାସ୍ଥଳରେ ଚଢ଼ଉ କରିଥିଲା।

● ଜିଲ୍ଲାପାଳଙ୍କ ହଠାତ୍ ବିନିକା ତହସିଲ ପରିଦର୍ଶନ

# କନିଷ୍ଠ ସହାୟକ ନିଲମ୍ବିତ

**ସୁବର୍ଣ୍ଣପୁର, ୭ ।୧୧(ସଂଚାର ବ୍ୟୁରୋ):** ସୁବର୍ଣ୍ଣପୁରରେ ନୂତନ ଜିଲ୍ଲାପାଳ ଭାବରେ ଡଃ. ନୃପରାଜ ସାହୁ ଯୋଗ ଦେବା ପରେ ଆସ୍ତେ ଆସ୍ତେ ଚଳଚଞ୍ଚଳ ହୋଇ ଉଠୁଛି ସମସ୍ତ ସରକାରୀ କାର୍ଯ୍ୟାଳୟ। ଜିଲ୍ଲାପାଳ ବିଭିନ୍ନ ସରକାରୀ କାର୍ଯ୍ୟାଳୟ ଗସ୍ତ କରି ଠିକ୍ ଢଙ୍ଗରେ କାର୍ଯ୍ୟ ହେଉ ନଥିବାରୁ ଅସନ୍ତୋଷ ପ୍ରକାଶ କରିବା ସହ କିଛି କର୍ମଚାରୀଙ୍କୁ ନିଲମ୍ବିତ କରିଥିବା ନଜିର ରହିଛି। ସେହିପରି ଆଜି ବିନିକା ତହସିଲ କାର୍ଯ୍ୟାଳୟ ପରିଦର୍ଶନ ବେଳେ କାର୍ଯ୍ୟରେ ଅବହେଳା ପାଇଁ କାର୍ଯ୍ୟରତ କନିଷ୍ଠ ସହାୟକ କୃଷ୍ଣଚନ୍ଦ୍ର ପଣ୍ଡାଙ୍କୁ ନିଲମ୍ବନ କରିଛନ୍ତି। କନିଷ୍ଠ ସହାୟକ ଶ୍ରୀ ପଣ୍ଡା କାର୍ଯ୍ୟରେ ଅବହେଳା ସହ ସୂଚନା ଅଧିକାର ଆଇନ ସମ୍ପର୍କିତ ରେଜିଷ୍ଟରର ପରିଚାଳନା କରି ନଥିବାରୁ ତାଙ୍କ ବିରୋଧରେ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପ୍ରକାଶ ଯେ, ଆଜି ଜିଲ୍ଲାପାଳ ହଠାତ୍ ସହସିଲ କାର୍ଯ୍ୟାଳୟରେ ପହଞ୍ଚି ସମସ୍ତ ବିଭାଗ ଗୁଡ଼ିକୁ ବୁଲି ଦେଖିଥିଲେ। ପରେ କନିଷ୍ଠ ସହାୟକ ଶ୍ରୀ ପଣ୍ଡାଙ୍କୁ ତାଙ୍କ କାର୍ଯ୍ୟ ବିଷୟରେ ପଚାରିବା ସହ ଆରଟିଆଇର ରେଜିଷ୍ଟର ଦେଖାଇବାକୁ କହିଥିବା ବେଳେ ସେ କିଛୁ ଦେଖାଇ ପାରି ନଥିଲେ। ଫଳରେ ଜିଲ୍ଲାପାଳ ଅସନ୍ତୋଷ ପ୍ରକାଶ କରିଥିଲେ।

# ଦୁଷ୍କର୍ମ ମାମଲାରେ ୧୦ ବର୍ଷ ସଶ୍ରମ କାରାଦଣ୍ଡ

**କେନ୍ଦୁଝର, ୭ ।୧୧(ସଂଚାର ବ୍ୟୁରୋ):** ଆଜି କେନ୍ଦୁଝର ଜିଲ୍ଲା ଓ ଦୌରାଜଜ୍ ଗୋପାଳ ଚନ୍ଦ୍ର ବେହେରା ଏକ ଦୁଷ୍କର୍ମ ମାମଲାର ବିଚାର କରି ଘଟଗାଁ ଥାନା ଅନ୍ତର୍ଗତ ସୀତାବିଞ୍ଜି ଗ୍ରାମର ଅଭିଯୁକ୍ତ ରମେଶ ଓରଫ୍ ନାଙ୍ଗୁ ମୁଣ୍ଡା(୨୧) କୁ ଦୁଷ୍କର୍ମ ମାମଲାରେ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିବା ସହ ୧୦ ହଜାର ଟଙ୍କା ଜରିମାନା ଏବଂ ଜରିମାନା ଅନାଦେୟ ଅଧିକ ୬ ମାସ ସଶ୍ରମ କାରା ଦଣ୍ଡାଦେଶ ଶୁଣାଇଛନ୍ତି। ଘଟଣାରୁ ପ୍ରକାଶ, ଗତ ୨୯/୧/୨୦୨୪ ରିଖ ସନ୍ଧ୍ୟା ୮ ଘଟିକା ସମୟରେ ପୀଡିତାର ପିଲାମାନେ ତାଙ୍କ ଗାଁ ପଡିଶା ଘରକୁ ଟିଭି ଦେଖିବାକୁ ଯାଇଥିଲେ। ପିଲାମାନେ ଫେରିବା ବିଳମ୍ବ ହେବାରୁ ପୀଡିତା ତା' ପିଲାଙ୍କୁ ଖୋଜିବାକୁ ଯିବା ସମୟରେ ଅଭିଯୁକ୍ତ ମୁଣ୍ଡା ଅନ୍ଧାରରର ସୁଯୋଗ ନେଇ ପୀଡିତାର ମୁହଁକୁ ହାତରେ ଚାପି ଧରି ପାଖରେ ଥିବା ଏକ ପଡିଆକୁ ଟାଣି ନେଇ ଜୋର ଜବରଦସ୍ତ ଦୁଷ୍କର୍ମ କରିଥିଲା ଓ ଧମକ ଦେଇ କହିଥିଲା କି ଏ ସଂପର୍କରେ ବାହାରେ ପ୍ରକାଶ କଲେ ଜୀବନରୁ ମାରିଦେବି। ଏହି ଘଟଣାକୁ ନେଇ ପୀଡିତା ଢେଙ୍କିକୋଟ ଫାଣ୍ଡିରେ ଅଭିଯୋଗ କରିବା ପରେ ତାହା ଘଟଗାଁ ଥାନା କେସ ନଂ. ୮୪ ତା ୩୧୧/୨୦୨୪ ରିଖରେ ଆଇପିସି ଦଫା ରୁଜୁ କରି ଆସାମୀକୁ କୋର୍ଟ ଚାଲାଣ କରିଥିଲେ। ଆଜି କେନ୍ଦୁଝର ଜିଲ୍ଲା ଓ ଦୌରାଜଜ୍ ଗୋପାଳ ଚନ୍ଦ୍ର ବେହେରା ୧୧ ଜଣ ସାକ୍ଷ୍ୟଙ୍କ ବୟାନକୁ ଭିତ୍ତ କରି ଆସାମୀକୁ ଦୋଷୀ ସାବ୍ୟସ୍ତ କରି ଉପରୋକ୍ତ ଦଣ୍ଡାଦେଶ ଶୁଣାଇଛନ୍ତି। ସରକାରଙ୍କ ତରଫରୁ ପବ୍ଲିକ ପ୍ରସିକ୍ୟୁଟର ପ୍ରଦୀପ କୁମାର ଦାସ ମକଦ୍ଦମା ପରିଚାଳନା କରୁଥିଲେ।

# ବିଜେଡିରେ ମିଶିଲେ ଜୁନେଦ



**ନୂଆପଡ଼ା,୭।୧୧(ସଂଚାର ବ୍ୟୁରୋ):** ନୂଆପଡ଼ା କଂଗ୍ରେସର ପ୍ରମୁଖ ନେତା ତଥା ଖରିଆର ରୋଡ଼ ନଗର କଂଗ୍ରେସର ପୂର୍ବତନ ସଭାପତି ମହମ୍ମଦ ଜୁନେଦ ଆଜି ବିଜେଡିରେ ସାମିଲ ହୋଇଛନ୍ତି। ପରକୋଡ଼୍ଠାରେ ଆୟୋଜିତ ଜନସଭାରେ ଦଳୀୟ ମୁଖ୍ୟ ନବୀନ ପଟ୍ଟନାୟକ ଓ ଦଳର ବରିଷ୍ଠ ନେତାଙ୍କ ଉପସ୍ଥିତିରେ ସେ ତାଙ୍କର ଶତାଧିକ ସମର୍ଥକଙ୍କ ସହ ବିଜେଡିରେ ସାମିଲ ହୋଇଛନ୍ତି। ଏ ସମ୍ପର୍କରେ ଶ୍ରୀ ଜୁନେଦ୍ କହିଛନ୍ତି ଯେ ଦୀର୍ଘ ୧୭ ବର୍ଷରୁ ଊର୍ଦ୍ଧ୍ୱ ସମୟ ଧରି କଂଗ୍ରେସରେ ନିଷ୍ଠାର ସହ କାମ କରିଥିଲେ ମଧ୍ୟ ଦଳୀୟ ନେତାମାନେ ଲୋକଙ୍କ ସହ କୌଣସି ସମ୍ପର୍କ ରଖୁନାହାନ୍ତି। ଅପରପକ୍ଷରେ ଶ୍ରୀ ପଟ୍ଟନାୟକଙ୍କ କାର୍ଯ୍ୟଧାରା ଓ ଆଦର୍ଶ ପ୍ରଭାବଶାଳୀ ହୋଇଥିବା ବେଳେ ଦଳ କ୍ଷମତାରେ ଥିବା ସମୟରେ କରିଥିବା ବିକାଶ ଅଦ୍ୱିତୀୟ।

# 'ବନ୍ଦେ ମାତରମ୍' ଏକ ବିପ୍ଳବୀ ସ୍ଲୋଗାନ

**କୋଲକାତା, ୭।୧୧(ସଂଚାର ବ୍ୟୁରୋ):** ଚଳିତ ବର୍ଷ, ଭାରତ ଅମର ଦେଶାତ୍ମବୋଧକ ଗୀତ 'ବନ୍ଦେ ମାତରମ୍'ର ଦେଢ଼ଶହ ବର୍ଷ ପାଳନ କରୁଛି। ଏହି ଗୀତଟି ପ୍ରଥମେ ୧୮୭୫ ମସିହାରେ ବଙ୍କିମ ଚନ୍ଦ୍ର ଚାଟାର୍ଜୀଙ୍କ ଦ୍ୱାରା ତାଙ୍କ ଅମର ସୃଷ୍ଟି ଆନନ୍ଦମଠରେ ରଚିତ ହୋଇଥିଲା। 'ବନ୍ଦେ ମାତରମ୍' କେବଳ ଏକ ଗୀତ ନୁହେଁ, ଏହା ଏକ ବିପ୍ଳବୀ ସ୍ଲୋଗାନ, ଯାହା ସ୍ୱାଧୀନତା ସଂଗ୍ରାମର ପ୍ରତ୍ୟେକ କୋଣରେ ବଙ୍ଗାଳୀଙ୍କ ରକ୍ତକୁ ପ୍ରଜ୍ୱଳିତ କରିଥିଲା। ଏହି ଗୀତଟି ମାତୃପ୍ରତି ସମ୍ମାନ, ଦେଶ ପ୍ରତି ପ୍ରେମ ଏବଂ ଆତ୍ମବଳିଦାନର ପ୍ରେରଣାର ଭାବନାକୁ ପ୍ରତିଫଳିତ କରେ। ଆଜି ମଧ୍ୟ, 'ବନ୍ଦେ ମାତରମ୍' ଭାରତର ଏକତା ଏବଂ ଗର୍ବର ପ୍ରତୀକ।

**ଖିଦିରପୁର ଓଡ଼ିଆ ହାଇସ୍କୁଲରେ ବନ୍ଦେ ମାତରମ୍ ସଂଗୀତର ଦେଢ଼ଶହ ବର୍ଷ ପାଳନ**

ସେହି ଦେଢ଼ଶହ ବର୍ଷ ଖିଦିରପୁର ଓଡ଼ିଆ ହାଇସ୍କୁଲ ପରିସରରେ ଉତ୍ସାହ ଓ ଉଦ୍ଦୀପନାର ସହ ପାଳନ କରାଯାଇଛି। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ରାଜେଶ କୁମାର ସେଠୀ ଛାତ୍ରଛାତ୍ରୀମାନଙ୍କୁ ଏହି ସଙ୍ଗୀତ କେମିତି ସ୍ୱାଧୀନତା ସଂଗ୍ରାମୀଙ୍କୁ ପ୍ରେରିତ କରିଥିଲା ସେ ବିଷୟରେ ବୁଝାଇ କହିଥିଲେ। ଶିକ୍ଷୟିତ୍ରୀ ନିଶା ଆଡ୍ଡିଙ୍କ ନିର୍ଦ୍ଦେଶନାରେ ଛାତ୍ରଛାତ୍ରୀମାନେ ବନ୍ଦେ ମାତରମ ଗୀତ ଗାନ କରିଥିଲେ। ପ୍ରାଥମିକ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଅମିତ ପଲାଇ ବନ୍ଦେ ମାତରମ ରଚୟିତା ପ୍ରସିଦ୍ଧ ଲେଖକ ବଙ୍କିମଚନ୍ଦ୍ର ଚାଟାର୍ଜୀର ମହନୀୟ ଜୀବନ ଓ କୃତି ଉପରେ ଆଲୋକପାତ କରିଥିଲେ। ପ୍ରାଥମିକ ବିଭାଗର ଶିକ୍ଷୟିତ୍ରୀ ପ୍ରିୟମ୍ବଦା ପଣ୍ଡା, ସସ୍ମିତା ମହାପାତ୍ର, ମାଧ୍ୟମିକ ବିଭାଗର ଶିକ୍ଷୟିତ୍ରୀ ଡକ୍ଟର ବୀଣାପାଣି ଦେବତା, ଧରାଶ୍ରୀ ପ୍ରଧାନ, ଲକ୍ଷ୍ମୀପ୍ରିୟା ମହାପାତ୍ର, ରାଜସ୍ମିତା ବେହେରା କାର୍ଯ୍ୟକ୍ରମରେ ସହଯୋଗିତା କରିଥିଲେ।

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଓଡ଼ିଶାକୁ...

ଭିତ୍ତିଭୂମି ନିର୍ମାଣ କରିବା ଆବଶ୍ୟକତା ରହିଥିବା ବେଳେ ନିର୍ମାଣ ଖର୍ଚ୍ଚ କମାଇବା ପାଇଁ ଯୋଜନା ପ୍ରଣୟନ ଉପରେ ଶ୍ରୀ ଗଡ଼କରୀ ଗୁରୁତ୍ୱାରୋପ କରିଛନ୍ତି। କେନ୍ଦ୍ର ମନ୍ତ୍ରୀ କହିଛନ୍ତି ଯେ ଭାରତର ସଡ଼କ ନେଟୱାର୍କ ବିଶ୍ୱରେ ଏକ ନମ୍ବର ହେବାକୁ ଯାଉଛି। ଉନ୍ନତ ସଡ଼କ ବିକଶିତ ହେଲେ ବାଣିଜ୍ୟ, ବ୍ୟବସାୟ ଓ ଶିଳ୍ପର ଆଗମନ ହୋଇଥାଏ। ଏସବୁକୁ ପ୍ରୋତ୍ସାହନ ମିଳିଲେ ପୁଞ୍ଜିନିବେଶ, ରୋଜଗାର ସୃଜନ ଏବଂ ଆର୍ଥିକ ଅଭିବୃଦ୍ଧିର ମାର୍ଗ ପ୍ରଶସ୍ତ ହୁଏ। ଆଇଆରସି ଅଧିବେଶନରେ ଶ୍ରେଷ୍ଠ କାର୍ଯ୍ୟପଦ୍ଧତି, ଗବେଷଣା, ନବସୃଜନ ଏବଂ କ୍ଷେତ୍ରୀୟ ଅଭିଜ୍ଞତାର ବିନିମୟ ଲାଗି ସେ ପରାମର୍ଶ ଦେଇଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶ ସଡ଼କ ନିର୍ମାଣରେ ଐତିହାସିକ ପ୍ରଗତି ହାସଲ କରିଛି। ସଡ଼କ ପରିବହନ ଏବଂ ରାଜପଥ ମନ୍ତ୍ରଣାଳୟ ଅଦ୍ୟାବଧି ସର୍ବାଧିକ ୨ ଲକ୍ଷ ୮୭ ହଜାର କୋଟି ଟଙ୍କାର ବଜେଟ୍ ଆବଣ୍ଟନ କରିଛି। ସଡ଼କ ନେଟୱାର୍କର ମୁଦ୍ରୀକରଣ ଦ୍ୱାରା ୧୫ ଲକ୍ଷ କୋଟିରୁ ଅଧିକ ସଂଗ୍ରହ ହୋଇପାରିବ। ସେହିପରି ସରକାର ଦ୍ରୁତ ଗତିରେ ରାଜପଥ ନିର୍ମାଣ କରୁଛନ୍ତି। ୨୦୧୪ରେ ୯୧ ହଜାର ୨୮୭ କିମି ରାଜପଥ ଥିବା ବେଳେ ଏବେ ଏହା ୬୦ ପ୍ରତିଶତ ବୃଦ୍ଧି ପାଇ ୧ ଲକ୍ଷ ୪୬ ହଜାର ୩୪୨ କିମିରେ ପହଞ୍ଚିସାରିଛି। ଦେଶରେ ଉନ୍ନତ ସଡ଼କ ନିର୍ମାଣ କାରଣରୁ ଆର୍ଥିକ ବିକାଶ ତ୍ୱରାନ୍ୱିତ ହୋଇଛି। ଉପାନ୍ତ ଓ ଆଦିବାସୀ ଅଞ୍ଚଳରେ ମଧ୍ୟ ଭଲ ରାସ୍ତା ନିର୍ମାଣ ହୋଇଛି। ସେହିପରି ଦେଶରେ ବିକଳ୍ପ ଇନ୍ଧନ କ୍ଷେତ୍ରରେ ରହିଥିବା ସମ୍ଭାବନା ନେଇ ସେ କହିଛନ୍ତି ଯେ ସବୁଜ ହାଇଡ୍ରୋଜେନଚାଳିତ ବାହନ ଚଳାଚଳ ପାଇଁ ୧୦ଟି ପ୍ରକଳ୍ପ କାର୍ଯ୍ୟକାରୀ କରାଯାଉଛି, ଯେଉଁଥିରୁ ଗୋଟିଏ ଓଡ଼ିଶାରେ ବି ରହିଛି। ଗବେଷଣା ଓ ନବସୃଜନ ବଳରେ ଉନ୍ନତ ସଡ଼କ ଏବଂ ବିକଳ୍ପ ଇନ୍ଧନ ଜରିଆରେ ଲଜିଷ୍ଟିକ୍ସ ଖର୍ଚ୍ଚ ହ୍ରାସ କରି ଦେଶକୁ ସମୃଦ୍ଧ କରାଯାଇପାରିବ। ସଡ଼କ ଦୁର୍ଘଟଣା କାରଣରୁ ଦେଶରେ ବର୍ଷକୁ ୧.୮୦ ଲକ୍ଷ ଲୋକଙ୍କ ପ୍ରାଣହାନି ଘଟୁଥିବାରୁ ଏନେଇ କେନ୍ଦ୍ର ମନ୍ତ୍ରୀ ଚିନ୍ତା ବ୍ୟକ୍ତ କରିଛନ୍ତି। ଡିପିଆରରେ ତ୍ରୁଟି କାରଣରୁ ଅନେକ ଦୁର୍ଘଟଣା ଘଟୁଥିବାରୁ ଏଥିରେ ସୁଧାର ଲାଗି ସେ ଇଞ୍ଜିନିୟର ଓ ଅନ୍ୟ ପେସାଦାରମାନଙ୍କୁ ଅନୁରୋଧ କରିଛନ୍ତି। ସଡ଼କ ସୁରକ୍ଷା ପାଇଁ ସ୍ୱତନ୍ତ୍ର ବଜେଟ୍ ପ୍ରସ୍ତୁତ କରାଯାଉଥିବା ବେଳେ ସଡ଼କ ଦୁର୍ଘଟଣାରେ ଆହତଙ୍କ ଜୀବନ ରକ୍ଷା କରୁଥିବା ସ୍ୱେଚ୍ଛାସେବୀଙ୍କୁ ପୁଲିସ ଜେରା କରିପାରିବ ନାହିଁ ଓ ଏଥିପାଇଁ ସରକାର ଆଇନ ଆଣିଥିବା କେନ୍ଦ୍ର ମନ୍ତ୍ରୀ କହିଛନ୍ତି। ଏହାଛଡ଼ା ପ୍ରଦୂଷଣ ରୋକିବା ସକାଶେ ଏବେ ସଡ଼କ ନିର୍ମାଣରେ ବର୍ଜ୍ୟବସ୍ତୁର ଉପଯୋଗ କରାଯାଉଛି। ଅଦ୍ୟାବଧି ୮୦ ଲକ୍ଷ ଟନ୍ ସହରାଞ୍ଚଳ ବର୍ଜ୍ୟବସ୍ତୁକୁ ରାସ୍ତା ନିର୍ମାଣରେ ଉପଯୋଗ କରାଯାଇଛି। ରାଜପଥ ନିର୍ମାଣରେ ବାୟୋ-ବିଟୁମେନ୍ ଏବଂ ପୁନଃଚକ୍ରିତ ପ୍ଲାଷ୍ଟିକ୍ ବର୍ଜ୍ୟବସ୍ତୁର ବ୍ୟବହାର ଦୀର୍ଘସ୍ଥାୟିତ୍ୱ ଏବଂ ମୂଲ୍ୟ ଦକ୍ଷତାକୁ ଆହୁରି ବୃଦ୍ଧି କରୁଛି, ଯାହା ପରିବେଶ-ସଚେତନ ବିକାଶ ପାଇଁ ଦୃଷ୍ଟିକୋଣ ସହ ସମନ୍ୱିତ ବୋଲି କେନ୍ଦ୍ର ମନ୍ତ୍ରୀ ଶ୍ରୀ ଗଡ଼କରୀ କହିଛନ୍ତି।

## ବିସ୍ତୃତ...

ଓଡ଼ିଶା ଗଠନ ପାଇଁ 'ବିସ୍ତୃତ ଭିତ୍ତିଭୂମି ମାଷ୍ଟର ପ୍ଲାନ' ପ୍ରସ୍ତୁତ କରାଯାଉଛି। ୨୦୨୫-୨୬ ଆର୍ଥିକ ବର୍ଷରେ କେନ୍ଦ୍ର ସରକାର ଓଡ଼ିଶା ପାଇଁ ୧୩ ହଜାର ୬୯ କୋଟି ଟଙ୍କାର ଜାତୀୟ ରାଜପଥ ମଞ୍ଜୁର କରିଛନ୍ତି। କେନ୍ଦ୍ର ରାଜପଥ ମନ୍ତ୍ରୀଙ୍କ ଦ୍ୱାରା ୪ ହଜାର କୋଟି ଟଙ୍କାର ୧୯ଟି ସଡକ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇଛି ଓ ୧୩ଟି ପ୍ରକଳ୍ପ ପାଇଁ ୯ ହଜାର କୋଟି ଟଙ୍କା ମଧ୍ୟ ସେ ପୂର୍ବରୁ ମଞ୍ଜୁର କରିଛନ୍ତି। ରାଜ୍ୟ ସରକାର ଗତ ୫ ବର୍ଷ ମଧ୍ୟରେ ଆମ ସରକାର ୭୫ ହଜାର କିମି ସଡ଼କ ନିର୍ମାଣ ପାଇଁ ଲକ୍ଷ୍ୟ ରଖିଛନ୍ତି। ଓଡ଼ିଶାର ସଡ଼କଗୁଡ଼ିକୁ ବିଶ୍ୱସ୍ତରୀୟ ମାନର କରିବା ପାଇଁ କେନ୍ଦ୍ର ମନ୍ତ୍ରୀ ଗୁରୁତ୍ୱ ଦେଉଛନ୍ତି। ଆଗାମୀ ଦିନରେ କେନ୍ଦ୍ର ମନ୍ତ୍ରୀଙ୍କ ଏହି ସହଯୋଗ ଓଡ଼ିଶାର ବିକାଶକୁ ଆହୁରି ତୀବ୍ର କରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ସେହିପରି ପୂର୍ତ୍ତ, ଆଇନ ଓ ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ କହିଛନ୍ତି ଯେ ଦେଶରେ ଜାତୀୟ ରାଜପଥର ବିକାଶରେ ଭାରତୀୟ ସଡ଼କ କଂଗ୍ରେସର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ଓଡ଼ିଶାରେ ଏହିଭଳି ସମ୍ମାନଜନକ ଆୟୋଜନ ଆମ ପାଇଁ ଗୌରବର କଥା। ଏହି ସମାବେଶରୁ ଯେଉଁ ନିଷ୍କର୍ଷ ଓ ନୂଆ ଚିନ୍ତାଧାରା ବାହାରିବ, ସେଗୁଡ଼ିକ ଆମ ଦେଶର ସଡ଼କ ନିର୍ମାଣ କ୍ଷେତ୍ରକୁ ସୁଦୃଢ଼ କରିବାରେ ସାହାଯ୍ୟ କରିବ। ସେହିପରି ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା କହିଛନ୍ତି ଯେ ସଡ଼କ ନିର୍ମାଣ କ୍ଷେତ୍ରରେ ଗୁଣାତ୍ମକ ମାନ ବଜାୟ ରଖିବା ପାଇଁ ବିଶ୍ୱସ୍ତରୀୟ ଚିନ୍ତାଧାରା ନେଇ କାମ କରିବାକୁ ପଡ଼ିବ। ଆୟୋଜିତ ଭାରତୀୟ ସଡ଼କ କଂଗ୍ରେସ ଗୁଣାତ୍ମକ ସଡକ ନିର୍ମାଣରେ ବୈଷୟିକ ସହାୟତା ଦେବ ବୋଲି ସେ କହିଛନ୍ତି। କାର୍ଯ୍ୟକ୍ରମରେ ସଡ଼କ ନିର୍ମାଣ, ଗବେଷଣା ଓ ଇଞ୍ଜିନିୟରିଂ କ୍ଷେତ୍ରରେ ଉଲ୍ଲେଖନୀୟ ଭୂମିକା ଓ ଅବଦାନ ରଖିଥିବା ବ୍ୟକ୍ତିବିଶେଷମାନଙ୍କୁ ସମ୍ମାନିତ କରାଯିବା ସହ ସ୍ମରଣିକା ଉନ୍ମୋଚିତ ହୋଇଥିଲା। ଏହାଛଡ଼ା ଆଇଆର୍‌ସି ସଭାପତି ପ୍ରଫେସର ମନୋରଞ୍ଜନ ପରିଡା, ମହାସଚିବ ରାହୁଲ ଗୁପ୍ତା ମଧ୍ୟ ବକ୍ତବ୍ୟ ରଖିଥିଲେ। ପୂର୍ତ୍ତ ବିଭାଗର ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ସମସ୍ତଙ୍କୁ ସ୍ୱାଗତ କରିଥିଲେ।

## କଂଗ୍ରେସ...

ମନ୍ତ୍ରୀ ସ୍ନେହାଙ୍ଗିନୀ ଛୁରିଆଙ୍କୁ ପ୍ରାର୍ଥୀ କରିଛି। ଏବେ ବିଜେପି ଓ ବିଜେଡି ବିଜୟ ପାଇଁ ପ୍ରାଣମୂର୍ଚ୍ଛା ଉଦ୍ୟମ ଚଳାଇଥିବା ବେଳେ କଂଗ୍ରେସର ଭୋଟ ଉପରେ ନଜର ପକାଇଥିବା ଲକ୍ଷ୍ୟ କରାଯାଉଛି। ଗତଥର ୫୦ ହଜାରରୁ ଅଧିକ ଭୋଟ ପାଇଥିବା ଘାସିରାମ ନିକଟକୁ ଆଦିବାସୀଙ୍କର ଅଧିକ ଭୋଟ ଆସିଥିଲା। କଂଗ୍ରେସ ଏବେ ଆଦିବାସୀଙ୍କ ଭୋଟକୁ ନିଜ ପାଖରେ ରଖିବାକୁ ଜୋରଦାର ଉଦ୍ୟମ ଚଳାଇଥିବା ବେଳେ ଆଦିବାସୀ ସଂଘ ଭିତରେ କ୍ରମଶଃ ଫାଟ ସୃଷ୍ଟି ହେବାରେ ଲାଗିଛି। ତେଣୁ ଆଦିବାସୀ ଭୋଟ୍‌କୁ ଅଧିକ ଭାବେ କିଏ ନିଜ ପଟକୁ ନେଇପାରିବେ, ସେଥିପାଇଁ ବିଜେପି ଓ ବିଜେଡିର ରଣନୀତିକାରମାନେ ଲାଗି ପଡ଼ିଛନ୍ତି। ସେହିଭଳି ବିଜେପିର ପ୍ରାର୍ଥୀ ଶେଷ ମୁହୂର୍ତ୍ତରେ ଦଳ ବଦଳ କରିଥିବାରୁ ତାଙ୍କ ସହ କର୍ମୀଙ୍କ ମଧ୍ୟରୁ ଅସନ୍ତୁଷ୍ଟଙ୍କୁ ନିଜ ପଟକୁ ଆଣିବାକୁ କଂଗ୍ରେସ ମଧ୍ୟ ଉଦ୍ୟମ ଚଳାଇଛି। ବିଶେଷ କରି ଯେଉଁମାନେ ବିଜେପି ଓ ବିଜେଡି ପ୍ରତି ବୀତସ୍ପୃହ, ସେମାନଙ୍କ ଭୋଟ ହାତେଇବା ପାଇଁ ଭକ୍ତ-ଘାସିରାମ ଯୋଡ଼ି ଲାଗି ପଡିଛନ୍ତି। ତେବେ ପରସ୍ପର ଶିବିରରୁ ପ୍ରାର୍ଥୀ ହାଇଜାକ୍ କରି କିଏ ନିର୍ବାଚନୀ ବୈତରଣୀ ପାର୍ ହେବ, ତାହା ଆଗାମୀ ୧୪ ତାରିଖରେ ଭୋଟ ଗଣତି ସମୟରେ ହିଁ ଜଣାପଡିବ।

## ତାଦାଶାଙ୍କୁ...

ତାଙ୍କର ଯଥେଷ୍ଟ ପ୍ରତିଷ୍ଠା ରହିଛି। କାର୍ଯ୍ୟରତ ମହିଳା ଅଧିକାରୀଙ୍କ ପାଇଁ ଶିଶୁ ଯତ୍ନ କେନ୍ଦ୍ର ଓ କ୍ଷେତ୍ର ଦାୟିତ୍ୱରେ ସମାନ ସୁଯୋଗ ଉପରେ ସେ ସବୁବେଳେ ଗୁରୁତ୍ୱାରୋପ କରିଆସିଛନ୍ତି। କର୍ମଚାରୀମାନେ ତାଙ୍କ ନେତୃତ୍ୱକୁ ସହାନୁଭୂତିପୂର୍ଣ୍ଣ କିନ୍ତୁ ଦୃଢ଼ ବୋଲି ବର୍ଣ୍ଣନା କରିବା ସହ ସମଗ୍ର ଦେଶର ମହିଳା ଅଧିକାରୀମାନଙ୍କ ପାଇଁ ଆଦର୍ଶ ବନିଯାଇଛନ୍ତି।

## ଜାତୀୟତାର...

ପ୍ରତି ଅତୁଟ ପ୍ରେମକୁ ପୁନର୍ବାର ଜାଗ୍ରତ କରୁଛି। ବଙ୍କିମ ଚନ୍ଦ୍ର ଚାଟର୍ଜୀଙ୍କ ଏହି କାଳଜୟୀ ରଚନା ସ୍ୱାଧୀନତା ଆନ୍ଦୋଳନ ସମୟରେ ଶକ୍ତି ଓ ଏକତାର ଉତ୍ସ ପାଲଟିଥିଲା। ଆଜି ମଧ୍ୟ ଏହା ଆମକୁ ଜାତୀୟତା ଓ କର୍ତ୍ତବ୍ୟର ପଥ ଦେଖାଇବାକୁ ପ୍ରେରଣା ଦେଉଛି। ପ୍ରଧାନମନ୍ତ୍ରୀଙ୍କ ନେତୃତ୍ୱରେ ଦେଶ 'ବିକଶିତ ଭାରତ'ର ସଂକଳ୍ପ ନେଇ ଦ୍ରୁତ ଗତିରେ ଅଗ୍ରସର ହେଉଛି। 'ବନ୍ଦେ ମାତରମ୍'ର ଏହି ଭାବନା ସାମୂହିକ ଚେତନାକୁ ଆହୁରି ମଜବୁତ କରିଛି। ଏହି ଐତିହାସିକ ଅବସର ସଂକଳ୍ପ ନେବାକୁ ଆହ୍ୱାନ କରୁଛି ଯେ ଜାତୀୟ ସ୍ୱାର୍ଥ, ଜାତୀୟ ନୀତି ଓ ଜାତୀୟ ସେବା ଆମର ପ୍ରାଥମିକତାରେ ସର୍ବୋପରି ରହିବ ଓ ଆମେ ଏକ ନୂତନ ଭାରତ ନିର୍ମାଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବୁ। ଏହି ରାଷ୍ଟ୍ର ଗୀତକୁ ସ୍ମରଣୀୟ କରିବା ସକାଶେ ପ୍ରଧାନମନ୍ତ୍ରୀ ନେଇଥିବା ବର୍ଷବ୍ୟାପୀ ସ୍ମରଣୋତ୍ସବ ପଦକ୍ଷେପ କେବଳ ଉତ୍ସବ ସହ ସେହି ରାଷ୍ଟ୍ରୀୟ ଚେତନାକୁ ପୁଣି ଥରେ ମନେ ପକାଇଦେବାର ଅବସର ସୃଷ୍ଟି କରିଛି। ଆମର ରାଷ୍ଟ୍ର ସଙ୍ଗୀତ ସ୍ୱାଧୀନତା ସଂଗ୍ରାମର ପ୍ରତିଟି ପର୍ଯ୍ୟାୟରେ ଭାରତବାସୀଙ୍କ ମଧ୍ୟରେ ଅଦମ୍ୟ ସାହସ, ଏକତା ଓ ସ୍ୱାଭିମାନ ସଞ୍ଚାର କରିଥିଲା। ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ଜାରି କରାଯାଇଥିବା ବିଶେଷ ସ୍ମାରକୀ ମୁଦ୍ରା ଓ ଡାକଟିକଟ ଅମର ରାଷ୍ଟ୍ରମନ୍ତ୍ରକୁ ଜାତିର ସାମୂହିକ ଶ୍ରଦ୍ଧାର ଏକ ଶାଶ୍ୱତ ପ୍ରତୀକ ଭାବରେ ସ୍ଥାପିତ କରୁଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି।

କେନ୍ଦ୍ର ମନ୍ତ୍ରୀ ଆହୁରି କହିଛନ୍ତି ଯେ ଏହି ମଞ୍ଚ ଆମର ସାଂସ୍କୃତିକ ଐତିହ୍ୟକୁ ଆଧୁନିକ ପ୍ରଯୁକ୍ତିବିଦ୍ୟା ସହ ଯୋଡ଼ି ଏହାକୁ ଏକ ଜାତୀୟ ଜନଆନ୍ଦୋଳନର ରୂପ ଦେଉଛି। ଏହି ଅଭିନବ ପଦକ୍ଷେପ ପ୍ରତ୍ୟେକ ନାଗରିକଙ୍କୁ ନିଜସ୍ୱ ସ୍ୱରରେ 'ବନ୍ଦେ ମାତରମ୍' ଗାନ କରି ଏହି ଗୌରବପୂର୍ଣ୍ଣ ପରମ୍ପରାର ଅଂଶୀଦାର ହେବାକୁ ସୁଯୋଗ ଦେଉଛି। ଏହି ଆୟୋଜନ ଆଗାମୀ ପିଢ଼ିର ହୃଦୟରେ ରାଷ୍ଟ୍ରଗୀତର ପ୍ରେରଣାକୁ ଆହୁରି ଅଧିକ ପ୍ରଖର କରି ରଖିବା ଦିଗରେ ଏକ ଐତିହାସିକ ପଦକ୍ଷେପ ଭାବରେ ପରିଗଣିତ ହେବ। ଏହି ଦେଶବ୍ୟାପୀ ସ୍ମୃତିଚାରଣରେ ଜାତୀୟ ଗୀତର ପୂର୍ଣ୍ଣ ସଂସ୍କରଣକୁ ସାମୂହିକ ଭାବେ ଗାନ କରିବା, ସାଂସ୍କୃତିକ ଆତ୍ମ-ଜାଗରଣର ଏକ ଜ୍ୱାଳା ପ୍ରଜ୍ୱଳିତ କରିବା ଓ ନୂତନ ପିଢ଼ିକୁ ପ୍ରେରଣା ଦେବା ପାଇଁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି।

## ନୂଆପଡ଼ାରୁ...

ବୋଲି ସେ କହିଛନ୍ତି। ନବୀନ ଆହୁରି କହିଛନ୍ତି ଯେ ବିଜୁବାବୁ ହିଁ ନୂଆପଡ଼ା ଜିଲ୍ଲା ଗଢ଼ିଥିଲେ। ଆଉ ବିଜେଡି ସରକାର ସମୟରେ ନୂଆପଡ଼ା ବିକାଶ ସହ ଯୋଡ଼ି ହୋଇଥିଲା। ବିଜେଡି ସରକାର ସମୟରେ ରାଜୁ ଭାଇ ଢୋଲକିଆ କ୍ୟାବିନେଟ ମନ୍ତ୍ରୀ ଥିଲେ ଆଉ ନୂଆପଡ଼ାର ବିକାଶ ପାଇଁ ସବୁପ୍ରକାର ସାହାଯ୍ୟ ଦେଇଥିଲି। ବିଜେଡି କଥା ନୁହେଁ କାମରେ ବିଶ୍ୱାସ କରେ। ଆମ ସରକାର ସମୟରେ ଓଡ଼ିଶାରେ ବିକାଶର ନୂଆ ଯୁଗ ଆରମ୍ଭ ହୋଇଥିଲା। କିନ୍ତୁ ଏବେ ବିକାଶ ପୂରା ବନ୍ଦ ହୋଇଯାଇଛି। ୫୦୦ ଦିନ ମଧ୍ୟରେ ୩୦୦ ୟୁନିଟ୍ ମାଗଣା ବିଜୁଳି ମିଳିଲାନି। ୩୫୦୦ ଟଙ୍କା ପେନସନ ବି ମିଳିଲାନି। ମିଳିଲା କେବଳ ଧୋକା, ଧୋକା ଡବଲ ଧୋକା ବୋଲି ନବୀନ କହିଛନ୍ତି। ବିଏସକେୱାଇରେ ସେବା ମିଳୁଥିଲା, କିନ୍ତୁ ଏବକାର ଆୟୁଷ୍ମାନ କାର୍ଡରେ କେବଳ ଟେନସନ ମିଳୁଛି। ନବୀନ ଆକ୍ଷେପ କରିଛନ୍ତି ଯେ ଗତ ୩ ତାରିଖରେ ତାଙ୍କ କୋମନା ଗସ୍ତକୁ ଭଣ୍ଡୁର କରିବା ପାଇଁ ସବୁ ପ୍ରକାର କାରସାଦି ହୋଇଥିଲା। କିନ୍ତୁ ତାହା କାମ ଦେଲାନି। ବିଜେପି ମିଛ କହି ସରକାର କରିପାରିବ, ପ୍ରାର୍ଥୀ ବି ଚୋରି କରିପାରିବ, କିନ୍ତୁ ଲୋକଙ୍କ ହୃଦୟ ଜିତିପାରିବ ନାହିଁ ବୋଲି ନବୀନ କହିଛନ୍ତି। ନୂଆପଡ଼ାବାସୀଙ୍କ ସହ, ବିଜେଡି ସହ ଓ ମୋ ସହ ବେଇମାନୀ କରାଯାଇଛି। ଆସନ୍ତା ୧୧ ତାରିଖରେ ସ୍ନେହାଙ୍ଗିନୀଙ୍କୁ ଭୋଟ୍ ଦେଇ ଏହି ବେଇମାନୀର ଜବାବ ଦେବାକୁ ନବୀନ ନୂଆପଡ଼ାବାସୀଙ୍କୁ ଅପିଲ କରିଛନ୍ତି।

## ଦେଢ଼ ଘଣ୍ଟା...

ଦାଖଲ କରିନଥିବାରୁ କ୍ଲିଅରାନ୍ସ ମିଳିବାରେ ବିଳମ୍ବ ହୋଇଥିବା ଶ୍ରୀ ପ୍ରଧାନ ସ୍ପଷ୍ଟ କରିଛନ୍ତି। ଏୟାର ଡିଫେନ୍ସ କ୍ଲିୟରାନ୍ସ ନମ୍ବର ମିଳିନଥିଲା, ସେହି କାରଣରୁ ବିଳମ୍ବ ହେଲା। କୋଲକାତାରୁ କ୍ଲିଅରାନ୍ସ ନେବା ପରେ ବିମାନ ଉଡ଼ିଛି।

## ନେତାଙ୍କୁ...

ରଶ୍ମିକା ମନ୍ଦାନା ଓ କ୍ୟାଟ୍ରିନା କୈଫଙ୍କ ଡିପ୍‌ଫେକ୍ ଫଟୋ ଓ ଭିଡିଓ ଭାଇରାଲ୍ ହେବା ପରେ ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସର ବ୍ୟବହାରକୁ ନେଇ ଚିନ୍ତା ବଢ଼ିଛି। ଜଣେ ବ୍ୟକ୍ତିଙ୍କ ଶରୀରରେ ଅନ୍ୟ ଜଣେ ବ୍ୟକ୍ତିଙ୍କ ମୁହଁକୁ ରଖି ପ୍ରସ୍ତୁତ କରାଯାଉଥିବା ଚିତ୍ର ବା ଭିଡିଓ ଯେଉଁ ପ୍ରଯୁକ୍ତି ମାଧ୍ୟମରେ ତିଆରି କରାଯାଉଛି ତାହାକୁ କମ୍ପ୍ୟୁଟର ବିଜ୍ଞାନ ଭାଷାରେ ଡିପଫେକ୍ କୁହାଯାଉଛି। ସାଇବର ଏକ୍ସପର୍ଟ ଙ୍କ ସୂଚନା ମୁତାବକ ଇଣ୍ଟରନେଟରେ ପାଖାପାଖି ୧ ଲକ୍ଷ ଡିପଫେକ ପର୍ଣ୍ଣ ଭିଡିଓ ମହଜୁଦ ରହିଥିବା ବେଳେ କିଛିଦିନ ହେବ ପ୍ରତିଦିନ ଶହେରୁ ଅଧିକ ପର୍ଣ୍ଣ ଭିଡିଓ କ୍ଲିପ ଇଣ୍ଟରନେଟରେ ଅପଲୋଡ କରାଯାଉଛି। ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ ମାଧ୍ୟମରେ ଡିପଫେକ ପର୍ଣ୍ଣଗ୍ରାଫି ଏକ ବ୍ୟବସାୟ ପାଲଟି ଯାଇଛି। ସେପଟେ ନୀତିଦିନ ପରିବାର ର ଜଣଙ୍କ ସହ ବିଭିନ୍ନ ତାରିକାରେ ସାଇବର ଠକେଇ ହେଉଛି। ରାଜନେତା ମାନେ ମଧ୍ୟ ସାରା ଭାରତରେ ଏଭଳି ଡିପଫେକ ର ଶିକାର ହେବା ଆଶଙ୍କା ଥିବାରୁ ସାଇବର ଏକ୍ସପର୍ଟଙ୍କ ସହଯୋଗ ଲୋଡିଛି କ୍ରାଇମବ୍ରାଞ୍ଚ।

## ଉପନିର୍ବାଚନ...

ବାହାରର ଯାନବାହାନ ପ୍ରବେଶ ଉପରେ ନଜର ରଖିବେ ବୋଲି ଏକ ସାମ୍ବାଦିକ ସମ୍ମିଳନୀରେ ମୁଖ୍ୟ ନିର୍ବାଚନ ଅଧିକାରୀ କହିଛନ୍ତି। ଯଦି କୌଣସି ରାଜନୈତିକ ବ୍ୟକ୍ତି ଚିକିତ୍ସା ପାଇଁ ନିର୍ବାଚନମଣ୍ଡଳୀ ଛାଡ଼ିବାକୁ ଅକ୍ଷମତା ପ୍ରକାଶ କରନ୍ତି, ତେବେ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ସହ ପରାମର୍ଶ କରି ଜିଲ୍ଲା ନିର୍ବାଚନ ଅଧିକାରୀଙ୍କ ଦ୍ୱାରା ପ୍ରସ୍ତୁତ ଏକ ମେଡିକାଲ ବୋର୍ଡ ଏହାର ଯାଞ୍ଚ କରିବ। ଏପରି ଛାଡ଼ କେବଳ ନିର୍ବାଚନ ଆୟୋଗଙ୍କ ଅନୁମୋଦନ ସହିତ ବିଚାର କରାଯିବ ଏବଂ ସମ୍ପୃକ୍ତ ବ୍ୟକ୍ତି ଭିଡିଓ ନିରୀକ୍ଷଣ ମଧ୍ୟରେ ରହିବା ସହ ସମସ୍ତ ରାଜନୈତିକ କାର୍ଯ୍ୟକଳାପରୁ ବିରତ ରହିବେ। ମତଦାନ ଶେଷ ହେବାର ୪୮ ଘଣ୍ଟା ପୂର୍ବରୁ ନିମ୍ନଲିଖିତ କାର୍ଯ୍ୟକଳାପଗୁଡିକ କଡାକଡି ଭାବେ ନିଷେଧ କରାଯାଇଛି। ଭୋଟରଙ୍କୁ ପ୍ରଭାବିତ କରିବା ଉଦ୍ଦେଶ୍ୟରେ ସଂଗୀତ, ସାଂସ୍କୃତିକ କିମ୍ବା ମନୋରଞ୍ଜନ କାର୍ଯ୍ୟକ୍ରମ ଆୟୋଜନ କରିବା ନେଇ ମଧ୍ୟ କଟକଣା ଜରି ହୋଇଛି। ଏହି ସବୁ ନିୟମର ଉଲ୍ଲଂଘନ ହେଲେ ଦୁଇ ବର୍ଷ ପର୍ଯ୍ୟନ୍ତ ଜେଲଦଣ୍ଡ, ଜରିମାନା କିମ୍ବା ଉଭୟ ହୋଇପାରେ ବୋଲି ଚେତାଇ ଦିଆଯାଇଛି। ଗଣମାଧ୍ୟମ ମଧ୍ୟ ଭୋଟରମାନଙ୍କୁ ପ୍ରଭାବିତ କରିବା ପାଇଁ ଉଦ୍ଦିଷ୍ଟ କୌଣସି ନିର୍ବାଚନ ସମ୍ବନ୍ଧୀୟ ବିଷୟବସ୍ତୁ କିମ୍ବା ଦୃଶ୍ୟର ପ୍ରସାରଣ କିମ୍ବା ପ୍ରଦର୍ଶନ କରାଯାଇପାରିବେ ନାହିଁ। କିନ୍ତୁ ଭୋଟ ହେବାକୁ ଥିବା ଅଂଚଳରେ ଭୋଟରମାନଙ୍କୁ ପ୍ରଭାବିତ କରୁନଥିବା ସାଧାରଣ ରାଜନୈତିକ ଖବରର ପ୍ରସାରଣକୁ ଅନୁମତି ଦିଆଯାଇଛି। ରାଜନୈତିକ ଦଳ, ପ୍ରାର୍ଥୀ ଓ ସେମାନଙ୍କ ସମର୍ଥକ ୪୮ ଘଣ୍ଟାର ନୀରବ ଅବଧି ମଧ୍ୟରେ ଫେସବୁକ୍, ଏକ୍ସ, ଇନଷ୍ଟାଗ୍ରାମ, ହ୍ୱାଟ୍ସଆପ୍ କିମ୍ବା ୟୁ-ଟ୍ୟୁବ୍ ଭଳି ସୋସିଆଲ୍ ମିଡିଆ ପ୍ଲାଟଫର୍ମରେ କୌଣସି ରାଜନୈତିକ ବିଷୟବସ୍ତୁର ପ୍ରସାରଣ କରିପାରିବେ ନାହିଁ।

ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି'

## ଶିଶୁ ହସିଲେ ଦୁନିଆ ହସିବ



**ଖୋର୍ଦ୍ଧା, ୭।୧୧ (ସଂଚାର ବ୍ୟୁରୋ):** ସମଗ୍ର ଶିକ୍ଷା ଖୋର୍ଦ୍ଧା ଆନୁକୂଲ୍ୟରେ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ 'ସୁରଭି-୨୦୨୫' ସ୍ଥାନୀୟ ବକ୍ସି ଜଗବନ୍ଧୁ ବିଦ୍ୟାଧର ସରକାରୀ ଉଚ୍ଚ ବିଦ୍ୟାଳୟ, ଖୋର୍ଦ୍ଧା ପରିସରରେ ଜିଲ୍ଲା ଶିକ୍ଷା ଅଧିକାରୀ, ସେ ସୋନାମିକା ରାୟଙ୍କ ସଭାପତିତ୍ୱରେ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଅଛି। ଶିଶୁମାନଙ୍କର ଉଦ୍ଦେଶ୍ୟରେ ନିଜ ବକ୍ତବ୍ୟରେ କହିଥିଲେ ଉତ୍କୃଷ୍ଟ ଚିନ୍ତାଧାରା ଓ ନିଜ ପରିଶ୍ରମ ମାଧ୍ୟମରେ ସଫଳତାକୁ ସ୍ପର୍ଶ କରିବା ସହିତ ନିଜର ଅନ୍ତର୍ନିହିତ ଗୁଣାବଳୀର ବିକାଶ କରିବା ପାଇଁ ଜୀବନର ଲକ୍ଷ୍ୟରେ ପଥରେ ଅନୁପ୍ରେରିତ ହେବା ଉଚିତ୍। ଉଦ୍‌ଘାଟନ ଉତ୍ସବରେ ମୁଖ୍ୟ ଅତିଥି ଭାବରେ ଜିଲ୍ଲାପାଳ ଅମ୍ରିତ ଋତୁରାଜ ଯୋଗଦେଇ ପିଲାମାନଙ୍କ ଉଦ୍ଦେଶ୍ୟରେ ନିଜର ଆତ୍ମଜୀବନ ମୃଜୀବନୀ ସର୍ବସମ୍ମୁଖରେ ଉପସ୍ଥାପନ କରି ନିଜର ଶିଶୁ ସମୟର ସଂଘର୍ଷକୁ ସମସ୍ତଙ୍କ ସମ୍ମୁଖରେ ପ୍ରଦାନ କରିଥିଲେ । ଯେକୌଣସି ଦିଗରେ କଷ୍ଟ କଲେ ଦିନେ ନା ଦିନେ ଭଲ ଯାଗାରେ ପହଞ୍ଚି ପାରିବ । ମୁଖ୍ୟ ବକ୍ତା ଭାବେ ମୁଖ୍ୟ ଉନ୍ନୟନ ଅଧିକାରୀ ଯଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲା ପରିଷଦ ଖୋର୍ଦ୍ଧା ଜ୍ୟୋତି ଶବ୍ଦ ଶଙ୍କର ସାହୁ ନିଜ ବକ୍ତବ୍ୟରେ ଉପସ୍ଥାପ ସ୍ଥାପନ କରି କହିଥିଲେ ଆଦର୍ଶ ବିଦ୍ୟାଳୟ ଗଠନ ଉପରେ ଗୁରୁତ୍ୱ ଦେବା ସହିତ ଗୁରୁଜୀ, ଗୁରୁମା' ମାନଙ୍କର ଅବଦାନ ଓ କର୍ତ୍ତବ୍ୟ ନିଷ୍ଠ ଏକାନ୍ତ ଜରୁରୀ ହେବା ଉଚିତ୍ ।

## ଡ୍ରଗ ଏନଫୋର୍ସମେଣ୍ଟ ଟିମ୍‌ର ଚଢ଼ାଉ

**ମାର୍ଶାଘାଇ,୭।୧୧(ସଂଚାର ବ୍ୟୁରୋ ):** ଶୁକ୍ରବାର ମାର୍ଶାଘାଇ ବଜାରରେ ଗୁଟଖା, ସିଗାରେଟ ଏବଂ ନିଶାଦ୍ରବ୍ୟଜାତ ପାନମସଲା ଦୋକାନ ଉପରେ ଜିଲ୍ଲା ଏନ୍ଫୋର୍ସମେଣ୍ଟ ଚଢ଼ାଉ କରିଥିଲା । ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼ ଗୌରାଙ୍ଗ ଚରଣ ଗିରି, ଡ୍ରଗ ଇନିସ୍ପେକ୍ଟର ସୁକାନ୍ତ କୁମାର ସାହୁ, ଅଣ ସଂକ୍ରାମକ ରୋଗ ନିୟନ୍ତ୍ରଣ ସହକାରୀ ପରିଚାଳକ ଶ୍ୟାମସୁନ୍ଦର ବିଶ୍ୱାଳ, କେନ୍ଦ୍ରାପଡ଼ା ଅବକାରୀ ପୋଲିସର ଏଏସଆଇ କବିକୁମାର ମଲିକ, ଲିଲି ସାହୁ, ଆଶୁତୋଷ ନାୟକ ଏବଂ ଫୁଡସେଫଟି ଏମଟିଏସ ପ୍ରଶାନ୍ତ କୁମାର ରାଉତ ପ୍ରମୁଖ ଏହି ଚଢ଼ାଉରେ ସାମିଲ ଥିଲେ । ୧୦ ଟି ଦୋକାନରେ ଚଢ଼ାଉ କରାଯାଇ ଗୁଟଖା, ସିଗାରେଟ୍, ପାନମସଲା ଜବତ କରାଯିବା ସହିତ ୧୮ ଶହ ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ସୂଚନା ମିଳିଛି ।

# ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସରେ 'ଶ୍ରୀ ଅନ୍ନ ଓ ଖାଦ୍ୟ ମେଳା'

**ଯାଜପୁର,୭।୧୧ (ସଂଚାର ବ୍ୟୁରୋ):** ଆଜି ପୂର୍ବାହ୍ନରେ ଯାଜପୁର ମିଶନ ଶକ୍ତି ସମ୍ମିଳନୀ କକ୍ଷରେ ଉତ୍ସାହ ଓ ଉଦ୍ୟମ ମଧ୍ୟରେ ଜିଲ୍ଲାସ୍ତରୀୟ ମାଣ୍ଡିଆ ଦିବସ ପାଳନ ହୋଇଯାଇଛି। ଏହି ଅବସରରେ "ଶ୍ରୀ ଅନ୍ନ ଓ ବିସ୍ମୃତ ଖାଦ୍ୟ ମେଳା"ର ଆୟୋଜନ କରାଯାଇଥିଲା। କାର୍ଯ୍ୟକ୍ରମଟି ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା।

ପ୍ରତିବର୍ଷ ନଭେମ୍ବର ୧୦ ତାରିଖକୁ ଓଡ଼ିଶା ସରକାର ପୁଷ୍ଟିଶସ୍ୟ ପ୍ରତି ଜନଜାଗରଣ ସୃଷ୍ଟି ପାଇଁ ମାଣ୍ଡିଆ ଦିବସ ଭାବେ ପାଳନ କରୁଛନ୍ତି। ଚଳିତ ବର୍ଷ "ଆନ୍ତର୍ଜାତୀୟ ଶ୍ରୀ ଅନ୍ନ ଓ ବିସ୍ମୃତ ଖାଦ୍ୟ ସମ୍ମିଳନୀ ୨୦୨୫" ଉପଲକ୍ଷେ ରାଜ୍ୟର ବିଭିନ୍ନ ଜିଲ୍ଲାରେ ଏହିପରି ମେଳା ଆୟୋଜିତ ହେଉଛି। ପୁଷ୍ଟିଶସ୍ୟ ମାଣ୍ଡିଆ ଏବଂ ଅନ୍ୟାନ୍ୟ ମିଲେଟ ଫସଲ କେବଳ ପୁଷ୍ଟିକର ନୁହେଁ,



ଏହା ଜଳବାୟୁ ସହଣୀ ଓ ପରିବେଶ ସହିତ ସମନ୍ୱିତ ଏକ ଦୀର୍ଘସ୍ଥାୟୀ କୃଷି ପଦ୍ଧତିର ପ୍ରତୀକ ମଧ୍ୟ ଅଟେ। ପ୍ରାଚୀନ ଦିନରେ ଯେଉଁ ଫସଲଗୁଡ଼ିକ ଆମ ସ୍ଥାନୀୟ ପରିବେଶରେ ସ୍ୱାଭାବିକ ଭାବେ ବଢ଼ୁଥିଲେ, ସେଗୁଡ଼ିକ ସମୟ ସହିତ ଭୁଲି ଯାଉଥିଲା। ଏହି କାରଣରୁ "ଶ୍ରୀ ଅନ୍ନ ଯୋଜନା" ମାଧ୍ୟମରେ ଫେରିଥରେ ମିଲେଟ ଚାଷକୁ ପୁନଃଜୀବନ ଦେବା ପ୍ରୟାସ ଚାଲିଛି।

୨୦୨୩ ମସିହାରେ ଓଡ଼ିଶା ମିଲେଟ ମିଶନ ଅଧୀନରେ ଯାଜପୁର ଜିଲ୍ଲାର ସୁକିନ୍ଦା ଓ ଦାନଗଦି ବ୍ଲକରେ ପ୍ରଥମ ଥର ପାଇଁ ମିଲେଟ ଚାଷ ଆରମ୍ଭ ହୋଇଥିଲା। ମୋଟ ୩୪୪ ହେକ୍ଟର ଜମିରେ ୭୦୦ ଚାଷୀଙ୍କ ଅଂଶଗ୍ରହଣରେ ଚାଷ ହୋଇ, ୧୩୯ କ୍ୱିଣ୍ଟାଲ ମିଲେଟ ସରକାରୀ ଦରରେ କ୍ରୟ କରାଯାଇଥିଲା। ଚଳିତ ବର୍ଷ ଏହି ଅଞ୍ଚଳରେ ୧୬୬୩ ହିତାଧିକାରୀଙ୍କୁ ନେଇ ୬୦୦ ହେକ୍ଟର ଜମିରେ ମାଣ୍ଡିଆ ଓ ଯଅ ଫସଲ ଚାଷ ହେଉଛି, ଯାହାରୁ ୬୦୦ କ୍ୱିଣ୍ଟାଲ ମିଲେଟ କ୍ରୟ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ମେଳାରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଶ୍ରେଷ୍ଠ ମାଣ୍ଡିଆ ଚାଷୀ, ସ୍ୱୟଂ ସହାୟକ ଗୋଷ୍ଠୀ, କୃଷକ ଉତ୍ପାଦକ ଗୋଷ୍ଠୀ ଓ ସହଯୋଗୀ ସଂସ୍ଥାମାନଙ୍କୁ ସମ୍ମାନିତ କରାଯାଇଥିଲା। ୬୦ ଜଣ ଚାଷୀ, ମିଶନ ଶକ୍ତି ମହିଳାମାନେ, ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ଜିଲ୍ଲା ତଥା ବ୍ଲକ ସ୍ତରୀୟ କୃଷି ଅଧିକାରୀମାନେ ଅଂଶଗ୍ରହଣ କରିଥିଲେ। ଏହି ଅବସରରେ ମାଣ୍ଡିଆ ଆଧାରିତ ଖାଦ୍ୟ ପ୍ରଦର୍ଶନୀ, ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଶ୍ରୀ ଅନ୍ନ ଉତ୍ପାଦ ପ୍ରଦର୍ଶନ ମଣ୍ଡପ ମଧ୍ୟ ସମସ୍ତଙ୍କ ଆକର୍ଷଣର କେନ୍ଦ୍ରବିନ୍ଦୁ ହୋଇଥିଲା।



## ବିଏମସିରେ 'ବନ୍ଦେ ମାତରମ'ର ୧୫୦ତମ ବର୍ଷ ପୂର୍ତ୍ତି ପାଳନ

**ବ୍ରହ୍ମପୁର,୭।୧୧ (ସଂଚାର ବ୍ୟୁରୋ):** ରାଜ୍ୟ ସଂସ୍କୃତି ବିଭାଗ ଏବଂ ନିର୍ଦ୍ଦେଶକ, ପୌର ପ୍ରଶାସନଙ୍କ ନିର୍ଦ୍ଦେଶ କ୍ରମେ ଭାରତର ରାଷ୍ଟ୍ରୀୟ ଗୀତ "ବନ୍ଦେ ମାତରମ"ର ୧୫୦ତମ ବର୍ଷ ପୂର୍ତ୍ତି ପାଳନ ଉଦ୍ଦେଶ୍ୟରେ ବ୍ରହ୍ମପୁର ମହାନଗର ନିଗମ ଦ୍ୱାରା ସ୍ମରଣ ଉତ୍ସବ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଶୁକ୍ରବାର ଦିନ ଦଶଟା ସମୟରେ ବନ୍ଦେ ମାତରମର ସମବେତ ଗାନ କରାଯାଇଥିଲା। ପରେ ପରେ ନୂଆଦିଲ୍ଲୀ ସ୍ଥିତ ଇନ୍ଦିରା ଗାନ୍ଧୀ ଇଣ୍ଡୋର ଷ୍ଟାଡ଼ିଅମରେ ଅନୁଷ୍ଠିତ ପ୍ରଧାନମନ୍ତ୍ରୀଙ୍କ ଜାତୀୟ ସ୍ତରୀୟ "ବନ୍ଦେ ମାତରମ "କାର୍ଯ୍ୟକ୍ରମର ସିଧା ପ୍ରସାରଣ ପ୍ରଦର୍ଶିତ ହୋଇଥିଲା। ଶେଷରେ ଦୈନନ୍ଦିନ ଜୀବନରେ ସ୍ୱଦେଶୀ ଏବଂ ପରିବେଶ ଅନୁକୂଳ ବସ୍ତୁ ତଥା ଭାରତୀୟ ଭାଷା ବ୍ୟବହାର କରିବା ପାଇଁ ଏକ ସମୂହ ସଂକଳ୍ପ ପାଠ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ମହାନଗର ନିଗମର ଆୟୁକ୍ତ ପ୍ରଥମେଶ ଅରବିନ୍ଦ ରାଜେଶିର୍କେ, ସମସ୍ତ କର୍ମଚାରୀ, ଅନେକ କର୍ପୋରେଟର ତଥା ନାଗରିକ ସମାଜର ପ୍ରତିନିଧି ଯୋଗ ଦେଇଥିଲେ ।

## ବରିଷ୍ଠ ପାଲା ଗାୟକ ଯୋଗେନ୍ଦ୍ର ମାର୍ଥାଙ୍କୁ 'ଗାୟକ ମଉଡମଣି' ସମ୍ମାନ



**ବାଲିଅନ୍ତା,୭।୧୧ (ସଂଚାର ବ୍ୟୁରୋ):** ସାହାରା ଜନମଞ୍ଚ ଆନୁକୂଲ୍ୟରେ ଐତିହ୍ୟ ସମ୍ପନ୍ନ କୁଆଖାଇ ବୋଇତ ବନ୍ଦାଣ ମହୋତ୍ସବରେ ଓଡ଼ିଶାର ସୁନାମ ଧନ୍ୟ ବରିଷ୍ଠ ପାଲା ଗାୟକ ଓ ପ୍ରବାଚକ ଯୋଗେନ୍ଦ୍ର ମାର୍ଥାଙ୍କୁ ଅନୁଷ୍ଠାନ ତରଫରୁ " ଗାୟକ ମଉଡମଣି" ସମ୍ମାନ ପ୍ରଦାନ କରାଯାଇଛି। ଜନମଞ୍ଚର ସଭାପତି ସହଦେବ ତରାଇଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏକ ରଙ୍ଗାରଙ୍ଗ ମନୋଜ୍ଞ ସମାରୋହରେ ମୁଖ୍ୟଅତିଥି ଭାଜପାର ପ୍ରାକ୍ତନ ରାଜ୍ୟ ଉପ ସଭାପତି ଗୋଲକ ମହାପାତ୍ର, ବିଶିଷ୍ଟ ଅତିଥି ପୋଲିସ କମିଶନର ଡକ୍ଟର ଏସ୍. ଦେବଦତ୍ତ ସିଂହ, ମୁଖ୍ୟବକ୍ତା ସାହିତ୍ୟିକ ବୈଷ୍ଣବ ଚରଣ ମହାନ୍ତି ଓ ସମ୍ମାନିତ ଅତିଥି ବେଦବିଦ୍ୟାର୍ଥୀ ଗାୟକ ଆହ୍ଲାଦ ସୁରେନ୍ଦ୍ର ନାଥ ଛୋଟରାୟ ଶ୍ରୀଯୁକ୍ତ ମାର୍ଥାଙ୍କୁ ସମ୍ମାନିତ କରିଥିଲେ।

## ହିଞ୍ଜିଳିରେ ୧୦ ପ୍ରୋବେସନାରୀ ଆଇଏଏସ୍



**ହିଞ୍ଜିଳିକାଟୁ,୭।୧୧ (ସଂଚାର ବ୍ୟୁରୋ):** ହିଞ୍ଜିଳିକାଟୁ ପୌରପରିଷଦକୁ ଦୁଇ ଦିନିଆ ଗସ୍ତରେ ଆସିଛନ୍ତି ୧୦ ଜଣ ପ୍ରୋବେସନାରୀ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ। ବୁଧବାର ରାତିରେ ପ୍ରୋବେସନାରୀ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ମାନେ ହିଞ୍ଜିଳିକାଟୁରେ ପହଞ୍ଚିବା ପରେ ପୌରପରିଷଦର ପୌର କାର୍ଯ୍ୟନିବାହୀ ଅଧିକାରି ସୁକାନ୍ତ ଚନ୍ଦ୍ର ବେଉରା ସମେତ ପୌର କର୍ମଚାରୀମାନେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ। ଗୁରୁବାର ଓ ଶୁକ୍ରବାର ଦିନ ପୌରାଞ୍ଚଳର ଏମସିସି, ଏମଆରଏଫ, ଇନଡୋର ଷ୍ଟାଡ଼ିୟମ, ଆଧୁନିକ ଯୋଗୀ ବନ୍ଧ, ପୋଚିଲିମା ସ୍ଥିତ ସାଇ ମନ୍ଦିର, ନେତାଜୀ କଲ୍ୟାଣ ମଣ୍ଡପ ସମେତ ବହୁ ଉନ୍ନୟନ ପ୍ରକଳ୍ପ ବୁଲି ଦେଖିଥିଲେ। ସରକାରୀ ଯୋଜନାର ସଫଳ କାର୍ଯ୍ୟକାରୀତା ବୁଲି ଦେଖିବା ସହ ସରକାରଙ୍କ ବିଭିନ୍ନ ଯୋଜନା କିଭଳି କାର୍ଯ୍ୟକାରୀ ହେଉଛି ତାହା ଅନୁଧ୍ୟାନ କରିଛନ୍ତି। ଗସ୍ତ ସମୟରେ ପୌର ଅଧ୍ୟକ୍ଷ ସୁବାଷ ପୋଲାଇ, କନିଷ୍ଠଯନ୍ତ୍ରୀ ମାନସ ରଞ୍ଜନ ଦାଶଙ୍କ ସମେତ ପୌର କର୍ମଚାରୀମାନେ ଉପସ୍ଥିତ ଥିଲେ।

ବିଦ୍ୟୁତ ସଂସ୍ପର୍ଶରେ ଆସି ଯୁବକ ମୃତ

## କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକ



**କାକଟପୁର/ଅସ୍ତରଙ୍ଗ,୭।୧୧ (ସଂଚାର ବ୍ୟୁରୋ):** ଗୁରୁବାର ପୂର୍ବାହ୍ନରେ ୧୧କେ.ଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ପୁରୀ ଜିଲ୍ଲା ଅସ୍ତରଙ୍ଗ ତହସିଲ ଅନ୍ତର୍ଗତ ବାହୁଡିହ ଗ୍ରାମର ସ୍ୱାଧୀନ ନାୟକଙ୍କ ୨୨ବର୍ଷୀୟ ପୁଅ ସନ୍ଦିପ ନାୟକ ଓରଫ ସୋନୁଙ୍କ ମୃତ୍ୟୁକୁ ନେଇ ଶୁକ୍ରବାର ପୂର୍ବାହ୍ନରେ ରାସ୍ତାରୋକ କରିଛନ୍ତି ଶତାଧିକ ଲୋକ।

ଗୁରୁବାର ବାହୁଡିହ ଗ୍ରାମର ସନ୍ଦିପ ନାୟକ ଏକ ଚାକୁଣ୍ଡା ଡାଳ ଭାଙ୍ଗୁଥିବା ବେଳେ ଅଳ୍ପ କିଛି ଉଚ୍ଚତା ରେ ଥିବା ୧୧କେ. ଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସିଥିଲେ। ଯାହାକି ଗୁରୁତର ହେବାରୁ ପରିବାର ଲୋକେ ଅସ୍ତରଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ନେଇଥିଲେ। ଡକ୍ଟର ମୃତ୍ୟୁ ଘୋଷଣା ପରେ ନୂଆଗଡ ସାମୁଦ୍ରିକ ଥାନାରେ ଅପମୃତ୍ୟୁ ମାମଲା ୨/୨୫ରେ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ହୋଇଥିଲା। କିନ୍ତୁ ସ୍ଥାନୀୟ ଲୋକ ବିଦ୍ୟୁତ ବିଭାଗ ଏଭଳି କାର୍ଯ୍ୟକୁ ନେଇ ଯୁବକଙ୍କ ମୃତ୍ୟୁ ହୋଇଛି। ଗରିବ ପରିବାରକୁ କ୍ଷତିପୂରଣ ଦାବୀରେ ନୂଆଗଡରୁ ଅସ୍ତରଙ୍ଗ ମୁଖ୍ୟ ରାସ୍ତାରେ ଶତାଧିକ ଲୋକ ରାସ୍ତା ରୋକ କରିଛନ୍ତି। ଘଟଣାସ୍ଥଳରେ ନୂଆଗଡ ସାମୁଦ୍ରିକ ଥାନା ପୋଲିସ ପହଂଚି ଆନ୍ଦୋଳନ କାରି ଙ୍କୁ ବୁଝାଇଥିବା ଜଣାପଡିଛି।

ଅନ୍ୟ ପଟେ ଖବର ପାଇଁ ରେଡକ୍ରସ ପାଣ୍ଠିରୁ ୧୦ହଜାର ଟଙ୍କା ସହାୟତା ରାଶି ଗୁରୁବାର ପ୍ରଦାନ କରାଯାଇଛି ବୋଲି ଅସ୍ତରଙ୍ଗ ତହସିଲଦାର ପ୍ରିୟଙ୍କା ପ୍ରିୟଦର୍ଶିନୀ ପତି ସୂଚନା ଦେଇଛନ୍ତି। ମୃତକଙ୍କ ପରିବାରକୁ ସରକାରୀସ୍ତରରେ କ୍ଷତିପୂରଣ ଦେବା ପାଇଁ ଦାବୀ କରିଛନ୍ତି।

ସରିଲା କାର୍ତ୍ତିକ, ଜମିଲା ଛାଡ଼ଖାଇ

## ହିଞ୍ଜିଳି ମାଛ ମାର୍କେଟରେ ଅସମ୍ଭାଳ ଭିଡ଼



**ହିଂଜିଳିକାଟୁ,୭।୧୧ (ସଂଚାର ବ୍ୟୁରୋ):** ଧର୍ମ ମାସ କାର୍ତ୍ତିକ ସରିଲା। କାର୍ତ୍ତିକ ପୂର୍ଣ୍ଣିମାରେ ଡ଼ଙ୍ଗା ଭସାଇ ଧର୍ମ ମାସକୁ ଶ୍ରଦ୍ଧାଳୁ ମେଲାଣି ଦେଇଛନ୍ତି। ମାସ ତମାମ ନିଷ୍ଠାର ସହ ନିରାମିଷ ଖାଦ୍ୟ ଖାଇଥିଲେ ଲୋକେ । ଆଉ ଅପେକ୍ଷା ଥିଲା ଛାଡ଼ଖାଇକୁ । ପଞ୍ଚୁକ ପରେ ପାଟିରେ ଟିକେ ଆଇଁସ ବାଜିବ। କିନ୍ତୁ ଗତକାଲି ଛାଡ଼ଖାଇରେ ଫାଙ୍କା ଫାଙ୍କା ଥିଲା ଆମିଷ ବଜାର। ମାର୍ଗଶୀର ମାସ ଗୁରୁବାର ପଡୁଥିବାରୁ ଆମିଷ ବଜାରରେ ବେପାର ମାନ୍ଦା ହୋଇଥିଲା। ଆଜି ଶୁକ୍ରବାର ଆମିଷ ବାରି ଥିବାରୁ ସକାଳୁ ସକାଳୁ ହିଞ୍ଜିଳିକାଟୁ ଆମିଷ ବଜାରରେ ପ୍ରବଳ ଭିଡ଼ ଦେଖିବାକୁ ମିଳିଥିଲା। କିଏ ଚିକେନ କିଣି ନେଇଥିଲା ତ ଆଉ କିଏ ମାଛ ,ଚିଙ୍ଗୁଡି, ମଟନ, ଅଣ୍ଡା । ତେବେ ଛାଡ଼ଖାଇରେ ମଟନର ଅଧିକ ଡିମାଣ୍ଡ ରହିଥିବା ବେଳେ ମଟନ ବ୍ୟବସାୟୀମାନେ ଆଗୁଆ ଖାସି ଆଣି ଷ୍ଟକୟାର୍ଡରେ ରଖିଛନ୍ତି । ସେହିପରି ଗ୍ରାହକଙ୍କ ଚାହିଦାକୁ ଦୃଷ୍ଟିରେ ରଖି ମାର୍କେଟରେ ଚିକେନ୍, ମାଛ, ଚିଙ୍ଗୁଡ଼ି , କଙ୍କଡ଼ା ଆଦି ପର୍ଯ୍ୟାପ୍ତ ପରିମାଣରେ ରଖାଯାଇଥିଲା । ବିଶେଷ କରି ମଟନ କେଜି ୮୫୦,ଚିକେନ କେଜି ୨୦୦,ଦେଶୀ ଚିକେନ କେଜି ୫୦୦,ଭାକୁର ଓ ରୋହି କେଜି ୨୦୦ଅଧିକ ରହିଛି । ଦାମ୍ ଅଧିକ ଥିଲେ ମଧ୍ୟ ଲୋକେ ଉତ୍ସାହ ଓ କୌତୂହଳରେ ମାଛ ମାଂସ କିଣିଛନ୍ତି।

## ଜୟଦେବ ଠିକାଦାର ସଂଘର ନବକଳେବର ଓ ପ୍ରସ୍ତୁତି ବୈଠକ

**ବାଲିଅନ୍ତା,୭।୧୧ (ସଂଚାର ବ୍ୟୁରୋ):** ନିର୍ବାଚନ ମଣ୍ଡଳୀ ପରିସରଭୁକ୍ତ ବାଲିଅନ୍ତା ଓ ବାଲିପାଟଣା ବ୍ଲକରେ ଥିବା ସମସ୍ତ ଠିକାଦାର ମାନଙ୍କୁ ନେଇ ଗଠିତ ହୋଇଥିବା "ଜୟଦେବ ଠିକାଦାର ସଙ୍ଘ'ର ଏବେ ନବକଳେବର ହୋଇ ସର୍ବ ସମ୍ମତି କ୍ରମେ "ଆମ ଜୟଦେବ ଠିକାଦାର ମହାସଙ୍ଘ" ନାମିତ କରାଯାଇଛି । ଏନେଇ ଆଜି ବାଲିଅନ୍ତା ବ୍ଲକ ଗଡ଼ଶ୍ରୀରାମପୁର ଗ୍ରାମ ନିକଟରେ ଏହି ସଂଘର ଚତୁର୍ଥ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ଏଥିରେ ଶତାଧିକ ଠିକାଦାର ଯୋଗଦେଇ ନିଜ ନିଜର ସମସ୍ୟା ଉପସ୍ଥାପନା କରିଥିଲେ ।



## ସ୍ଥାୟୀ ବିକାଶ ଲକ୍ଷ୍ୟ ଉପରେ ଜିଲ୍ଲାସ୍ତରୀୟ ତାଲିମ

**ଖୋର୍ଦ୍ଧା,୭।୧୧ (ସଂଚାର ବ୍ୟୁରୋ):** ନିରନ୍ତର ବିକାଶ ଲକ୍ଷ୍ୟ ଉପରେ ଏକ ଜିଲ୍ଲାସ୍ତରୀୟ ତାଲିମ କାର୍ଯ୍ୟକ୍ରମ ୭ ନଭେମ୍ବର ୨୦୨୫ରେ ଖୋର୍ଦ୍ଧା ଜିଲ୍ଲା ପରିଷଦର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଜିଲ୍ଲା ଅଧିକାରୀ, ଶିକ୍ଷାବିତ୍, ନାଗରିକ ସମାଜ ସଦସ୍ୟ ଏବଂ ଜିଲ୍ଲା ପରିଷଦ ପ୍ରତିନିଧିଙ୍କ ମଧ୍ୟରେ SDGs ବିଷୟରେ ସଚେତନତା ଏବଂ ବୁଝାମଣା ବୃଦ୍ଧି କରିବା ଥିଲା। ଏହି କାର୍ଯ୍ୟକ୍ରମକୁ ଜିଲ୍ଲା ପରିଷଦର ସଭାପତି, ଜିଲ୍ଲା ପରିଷଦର ଉପାଧ୍ୟକ୍ଷ, ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ଏବଂ କୋଏଟସ୍, କୋରାପୁଟର ପ୍ରଫେସର ରବି ନାରାୟଣ ପାତ୍ର ଉଦ୍‌ଘାଟନ କରିଥିଲେ। ଖୋର୍ଦ୍ଧାର ଉପନିର୍ଦ୍ଦେଶକ ଅଂଶଗ୍ରହଣକାରୀମାନଙ୍କୁ ଚାରା ଦେଇ ସ୍ୱାଗତ କରିଥିଲେ ଏବଂ ସ୍ୱାଗତ ଭାଷଣ ଦେଇଥିଲେ।




ଜିଲ୍ଲା ପରିଷଦର ନିର୍ବାହୀ ଅଧିକାରୀ ଏସ୍‌ଡିଜିଏସ୍ ହାସଲ ପାଇଁ ସ୍ଥାନୀୟ କାର୍ଯ୍ୟର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ପ୍ରଫେସର ରବି ନାରାୟଣ ପାତ୍ର ଓଡିଶାର ପରିପ୍ରେକ୍ଷୀରେ ଏସ୍‌ଡିଜିଏସ୍ ଉପରେ ମୁଖ୍ୟ ଭାଷଣ ଦେଇଥିଲେ। ଟେକ୍ନିକାଲ୍ ଅଧିବେଶନଗୁଡ଼ିକ ଶ୍ରୀମତୀ ମୃଣାଳି ପଟ୍ଟନାୟକ, ଶ୍ରୀମତୀ ମଣିମାଟାଙ୍କ ଦ୍ୱାରା ପରିଚାଳନା କରାଯାଇଥିଲା। ସୁମତି ସ୍ୱାଇଁ ଏବଂ ଡିପିଏମୟୁ, ଖୋର୍ଦ୍ଧାର ଉପନିର୍ଦ୍ଦେଶକ (ପି ଆଣ୍ଡ ଏସ) ଏସ୍‌ଡିଜି ସମୀକ୍ଷା, ତଦାରଖ ଏବଂ ସ୍ଥାନୀୟକରଣ ବିଷୟରେ ଆଲୋଚନା କରିଥିଲେ।

କାର୍ଯ୍ୟକ୍ରମରେ ଜିଲ୍ଲା ଅଧିକାରୀ, ଶିକ୍ଷାବିତ୍, ନାଗରିକ ସମାଜ ସଦସ୍ୟ ଏବଂ ଜିଲ୍ଲା ଯୋଜନା କମିଟି, ଖୋର୍ଦ୍ଧାକୁ ନିର୍ବାଚିତ ଜିଲ୍ଲା ପରିଷଦ ସଦସ୍ୟମାନେ ଅଂଶଗ୍ରହଣ କରିଥିଲେ।

## 'ବନ୍ଦେ ମାତରଂ' ମହାସମାରୋହରେ ପାଳିତ

**ନବରଙ୍ଗପୁର,୭।୧୧ (ସଂଚାର ବ୍ୟୁରୋ):** ରାଷ୍ଟ୍ରୀୟ ଚେତନାର ପ୍ରତୀକ ତଥା ଭାରତୀୟ ସ୍ୱାଧୀନତା ସଂଗ୍ରାମର ମହାନ୍ ମନ୍ତ୍ର 'ବନ୍ଦେ ମାତରମ'ର ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ (ଯାହା ୭ ନଭେମ୍ବର ୧୮୭୫ ରେ ଶ୍ରୀ ବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟଙ୍କ ଅମର କୃତି 'ଆନନ୍ଦ ମଠ'ରେ ପ୍ରକାଶିତ ହୋଇ ସମଗ୍ର ଦେଶକୁ ପ୍ରେରଣା ଦେଇଥିଲା), କେନ୍ଦ୍ର ସରକାରଙ୍କ ନିଷ୍ପତ୍ତିକ୍ରମେ ବର୍ଷବ୍ୟାପୀ ଚାଲିଥିବା ଏହି ଗୌରବମୟ ଉତ୍ସବକୁ ନବରଙ୍ଗପୁର ଜିଲ୍ଲାରେ ଭବ୍ୟ ଶ୍ରଦ୍ଧା ଓ ଉତ୍ସାହର ସହ ପାଳନ କରାଯାଇଛି। ଐତିହାସିକ ଦିବସରେ ଜିଲ୍ଲାପାଳ ଡ଼ଃ ମହେଶ୍ୱର ସ୍ୱାଇଁଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ମୁଖ୍ୟାଳୟର ଦୁଇଟି ପ୍ରମୁଖ ସ୍ଥାନ ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷ ଏବଂ ସାଇ କଲ୍ୟାଣୀ ମଣ୍ଡପରେ ବଡ଼ ଧରଣର ସମାବେଶ ଆୟୋଜନ କରାଯାଇଥିଲା। ଅଶୋକ ମେହେଟ୍ଟା ସମ୍ମିଳନୀ କକ୍ଷରେ ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ବିଶ୍ୱଜିତ୍ ବର୍ମନଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଉପସ୍ଥିତ ରହି ଦେଶଭକ୍ତିର



ବାର୍ତ୍ତା ପ୍ରଚାର କରିଥିବା ବେଳେ, ସାଇ କଲ୍ୟାଣ ମଣ୍ଡପଠାରେ ମୁଖ୍ୟ ଉନ୍ନୟନ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦର୍ବାନ, ଉପ-ଜିଲ୍ଲାପାଳ ପ୍ରକାଶ ଚନ୍ଦ୍ର ମିଶ୍ର, ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁ, ଅନ୍ୟାନ୍ୟ ଶିକ୍ଷକ/ଶିକ୍ଷୟିତ୍ରୀ ଓ ବିଦ୍ୟାଳୟର ବହୁ ଛାତ୍ରଛାତ୍ରୀ ଏକତ୍ରିତ ହୋଇଥିଲେ। ପୂର୍ବାହ୍ନ ୯.୩୦ ଘ ସମୟରେ ଉଭୟ ସ୍ଥାନରେ ପ୍ରଧାନମନ୍ତ୍ରୀଙ୍କ ବକ୍ତବ୍ୟର ସିଧା ପ୍ରସାରଣ କରାଯାଇଥିବା ବେଳେ, ଠିକ୍ ୯.୫୦ ଘଟିକାରେ ଉପସ୍ଥିତ ସମସ୍ତେ ସମସ୍ୱରରେ ରାଷ୍ଟ୍ରୀୟ ଗୀତ "ବନ୍ଦେ ମାତରମ"ର ସଂପୂର୍ଣ୍ଣ ପାଠ କରି ଏକ ଅପୂର୍ବ ଦେଶାତ୍ମବୋଧକ ବାତାବରଣ ସୃଷ୍ଟି କରିଥିଲେ।

## 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ

**ଫୁଲବାଣୀ,୭।୧୧ (ସଂଚାର ବ୍ୟୁରୋ):** ଶ୍ରୀ ବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟଙ୍କ ଲିଖିତ ଓ ଭାରତର ରାଷ୍ଟ୍ରୀୟ ସଙ୍ଗୀତ "ବନ୍ଦେ ମାତରମ "ର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ କେନ୍ଦ୍ର ସରକାରଙ୍କର ନିଷ୍ପତ୍ତି ଅନୁଯାୟୀ ବର୍ଷ ବ୍ୟାପୀ ସାରା ଦେଶ ତଥା ଆମ ରାଜ୍ୟରେ ଶ୍ରଦ୍ଧାର ସହିତ ପାଳନ କରିବା ନିମନ୍ତେ ସରକାର ନିଷ୍ପତ୍ତି ଗ୍ରହଣ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ, ଫୁଲବାଣୀଠାରେ ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ, କନ୍ଧମାଳ ଶ୍ରୀ ବେଦଭୂଷଣ ମୁଖ୍ୟ ଅତିଥିଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ ଶ୍ରୀ ରମେଶ ଚନ୍ଦ୍ର ଜେନା, ଅତିରିକ୍ତ ଜିଲ୍ଲାପାଳ, କନ୍ଧମାଳ ଶ୍ରୀ କୁଶଳ ଚନ୍ଦ୍ର ନାଏକ, ମୁଖ୍ୟ



ଉନ୍ନୟନ ଅଧିକାରୀ-ତଥା-କାର୍ଯ୍ୟନିର୍ବାହୀ ଅଧିକାରୀ, ଜିଲ୍ଲାପରିଷଦ, କନ୍ଧମାଳ ଶ୍ରୀ ଶମ୍ଭୁନାଥ ନନ୍ଦୀ, ପ୍ରକଳ୍ପ ନିର୍ଦ୍ଦେଶକ, ଜିଲ୍ଲା ସହରାଞ୍ଚଳ ଉନ୍ନୟନ ସଂସ୍ଥା, କନ୍ଧମାଳ ଶ୍ରୀ ପ୍ରବୀଣ କୁମାର ବାଣୁଆ, ଉପ-ଜିଲ୍ଲାପାଳ, ଫୁଲବାଣୀ ଶ୍ରୀ ଭିକାରୀ ସାହୁ ଓ ଅଧ୍ୟକ୍ଷ, ସରକାରୀ ଶିକ୍ଷକ ପ୍ରଶିକ୍ଷଣ ମହାବିଦ୍ୟାଳୟ, ଫୁଲବାଣୀ ଶ୍ରୀ ମଧୁପ ସୁନା ଯୋଗଦେଇଥିଲେ। ଭାରତର ରାଷ୍ଟ୍ରୀୟ ସଙ୍ଗୀତ ବନ୍ଦେ ମାତରମ ଗାନ କରାଯାଇଥିଲା ଏବଂ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସିଧା ପ୍ରସାରଣ ପ୍ରଦର୍ଶନ କରାଯାଇଥିଲା । ପ୍ରକଳ୍ପ ପ୍ରଶାସକ, ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ଫୁଲବାଣୀ -ତଥା-ଜିଲ୍ଲା ସଂସ୍କୃତି ଅଧିକାରୀ ଓ ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଶ୍ରୀ ଗଦାଧର ପାତ୍ର ପ୍ରାରମ୍ଭିକ ଅଭିଭାଷଣ ପ୍ରଦାନ କରିବା ସହିତ ଧନ୍ୟବାଦ ଅର୍ପଣ କରିଥିଲେ ।

## 'ବନ୍ଦେ ମାତରମ୍'ର ଗୁଞ୍ଜରଣରେ ଯାଜପୁର

**ଯାଜପୁର,୭।୧୧ (ସଂଚାର ବ୍ୟୁରୋ):** ଭାରତ ମାତାଙ୍କ ସ୍ତୁତି ସ୍ୱର 'ବନ୍ଦେ ମାତରମ୍' ଗୀତର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସମଗ୍ର ଦେଶ ସହିତ ଯାଜପୁରରେ ମଧ ଆଜି ଜାତୀୟ ଗର୍ବ ଓ ଦେଶଭକ୍ତିର ଅପୂର୍ବ ଦୃଶ୍ୟ ସୃଷ୍ଟି ହୋଇଥିଲା। ଗୌତମ ବୁଦ୍ଧ ସଂସ୍କୃତି ଭବନ ପରିସରରେ ଜିଲ୍ଲା ସ୍ତରୀୟ 'ବନ୍ଦେ ମାତରମ୍ @୧୫୦ ଉତ୍ସବ ଉଲ୍ଲାସପୂର୍ଣ୍ଣ ପରିବେଶରେ ପାଳିତ ହୋଇଥିଲା। ଏହି ଉତ୍ସବଟି ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ଓ ଓଡିଶା ସରକାରଙ୍କ ନିର୍ଦ୍ଦେଶ ଅନୁସାରେ ଜିଲ୍ଲା ସଂସ୍କୃତି କାର୍ଯ୍ୟାଳୟ ଏବଂ ଜିଲ୍ଲା ପ୍ରଶାସନଙ୍କ ସମ୍ମୁକ୍ତ ଆୟୋଜନରେ ସମ୍ପନ୍ନ ହୋଇଥିଲା। କଲେକ୍ଟୋରେଟ୍ କ୍ୟାମ୍ପସ ଓ ନିକଟସ୍ଥ ସରକାରୀ କାର୍ଯ୍ୟାଳୟର ସମସ୍ତ ଅଧିକାରୀ ଓ କର୍ମଚାରୀ ଗଣ ଉପସ୍ଥିତ ହୋଇ ଉତ୍ସବକୁ ସଫଳ କରିଥିଲେ। କାର୍ଯ୍ୟକ୍ରମ ଅନୁସାରେ, ପ୍ରଥମେ ସକାଳ ୯ଟା ୩୫ ମିନିଟରେ ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଇନଡୋର ଷ୍ଟାଡିୟମରୁ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ସମ୍ବୋଧନ ସିଧା ପ୍ରସାରଣ କରାଯାଇଥିଲା। ଏହା ପରେ ଠିକ୍ ୯ଃ୫୦ ମିନିଟରେ ସମସ୍ତ ଉପସ୍ଥିତ ଅଧିକାରୀ ଓ କର୍ମଚାରୀ ଏକତ୍ର ହୋଇ "ବନ୍ଦେ ମାତରମ୍"ର ଗଣ-ଆବୃତ୍ତି କରି ଜାତୀୟ ଗର୍ବ ଓ ଦେଶପ୍ରେମର ସନ୍ଦେଶ ଦେଇଥିଲେ। ଏହି ସମାନ କାର୍ଯ୍ୟକ୍ରମ ଜିଲ୍ଲାର ପ୍ରତ୍ୟେକ ବ୍ଲକ୍, ତହସିଲ, ସରକାରୀ କାର୍ଯ୍ୟାଳୟ, ସ୍କୁଲ୍ ଓ କଲେଜଗୁଡ଼ିକରେ ପାଳିତ ହୋଇଥିଲା।

# ବେଦାନ୍ତ ପକ୍ଷରୁ ଓଡ଼ିଶା ମାର୍ଶାଲ ଆର୍ଟସ୍ ଚାମ୍ପିଅନସିପ୍ ଆୟୋଜନ

**ଝାରସୁଗୁଡା,୭।୧୧ (ସଂଚାର ବ୍ୟୁରୋ):** ଭାରତର ସର୍ବବୃହତ ଆଲୁମିନିୟମ ଉତ୍ପାଦକ ବେଦାନ୍ତ ଆଲୁମିନିୟମ, ଝାରସୁଗୁଡାର ବେଦାନ୍ତ ମାର୍ଶାଲ ଆର୍ଟସ୍ ତାଲିମ କେନ୍ଦ୍ରରେ ୨୦ତମ ଓଡ଼ିଶା ରାଜ୍ୟ ସ୍କେୟ ମାର୍ଶାଲ ଆର୍ଟସ୍ ଚାମ୍ପିଅନସିପ୍ ଆୟୋଜନ କରିଥିଲା। ଓଡ଼ିଶାର ସ୍କେୟ ଆସୋସିଏସନ୍ ସହିତ ମିଳିତ ଭାବରେ ଅନୁଷ୍ଠିତ ଏହି ଚାମ୍ପିଅନସିପରେ ରାଜ୍ୟର ୧୯୦ ଜଣ ଯୁବ ଖେଳାଳି ଉତ୍ସାହଜନକ ଅଂଶଗ୍ରହଣ କରିଥିଲେ, ଯେଉଁମାନେ ଝାରସୁଗୁଡ଼ା, କଟକ, ନବରଙ୍ଗପୁର, ଖୋର୍ଦ୍ଧା, ସମ୍ବଲପୁର, ସୁନ୍ଦରଗଡ଼, ଗଞ୍ଜାମ, ରାୟଗଡ଼ା, ଅନୁଗୁଳ ଏବଂ ପୁରୀ ଭଳି ଜିଲ୍ଲାରୁ ପ୍ରତିନିଧିତ୍ୱ କରୁଥିଲେ। ଏହି କାର୍ଯ୍ୟକ୍ରମ କ୍ରୀଡ଼ା ମନୋଭାବକୁ ପାଳନ କରିବା ଏବଂ ସ୍ଥାନୀୟ ଯୁବକମାନଙ୍କ ମଧ୍ୟରେ ପାରମ୍ପରିକ ମାର୍ଶାଲ




ଆର୍ଟ ପାଇଁ ଏକ ସମାନ ଆଗ୍ରହକୁ ପ୍ରୋତ୍ସାହିତ କରିବାର ଏକ ସୁଯୋଗ ଥିଲା। ସ୍କେୟ ହେଉଛି ଏକ ପାରମ୍ପରିକ ମାର୍ଶାଲ ଆର୍ଟ ଯାହା ଜମ୍ମୁ ଏବଂ କାଶ୍ମୀର ଅଞ୍ଚଳରେ ଉତ୍ପନ୍ନ ହୋଇଥିଲା, ଅନନ୍ୟ ଖଣ୍ଡା-ଢାଲ ଯୁଦ୍ଧ କୌଶଳ ମିଶ୍ରଣ ପାଇଁ ଏହା ଜଣାଶୁଣା। ଏହା ପ୍ରାଚୀନ ଅଭ୍ୟାସଗୁଡ଼ିକୁ ଆଧୁନିକ କ୍ରୀଡା ନିୟମ ସହିତ ମିଶ୍ରଣ କରିଥାଏ ଏବଂ ବର୍ତ୍ତମାନ ଏଥିରେ ସଶସ୍ତ୍ର ଏବଂ ନିରସ୍ତ୍ର ଉଭୟ ପ୍ରକାର ଅନ୍ତର୍ଭୁକ୍ତ। ଭାରତରେ ଏକ କ୍ରୀଡା ଭାବରେ ସ୍ୱୀକୃତିପ୍ରାପ୍ତ ଏବଂ ଆନ୍ତର୍ଜାତୀୟ ସ୍କେୱୟ ମାର୍ଶାଲ ଆର୍ଟ ପରିଷଦ ଦ୍ୱାରା ସ୍ଥିରୀକୃତ ମାନକ ନିୟମ ସହିତ ସମନ୍ୱିତ, ଏହା ଜାତୀୟ ପ୍ରତିଯୋଗିତାରେ ପ୍ରମୁଖତା ହାସଲ କରିଛି, ଶୃଙ୍ଖଳିତ ତାଲିମ ଏବଂ ସାଂସ୍କୃତିକ ଐତିହ୍ୟକୁ ପ୍ରୋତ୍ସାହିତ କରିଛି।

ଏହି କାର୍ଯ୍ୟକ୍ରମରେ ଓଏସଏପି ଦ୍ୱିତୀୟ ବାଟାଲିୟନ ଝାରସୁଗୁଡାର କମାଣ୍ଡାଂଟ ପ୍ରସାଦ ତମାଙ୍ଗ ଏବଂ ଝାରସୁଗୁଡାର ଅତିରିକ୍ତ ତହସିଲଦାର ଜ୍ୟୋତି ସାହୁଙ୍କ ସମେତ ବିଶିଷ୍ଟ ଅତିଥିମାନେ ଯୋଗ ଦେଇଥିଲେ। ବେଦାନ୍ତ କର୍ମଚାରୀମାନେ ମଧ କାର୍ଯ୍ୟକ୍ରମରେ ସ୍ୱେଚ୍ଛାସେବୀ ଭାବରେ ଯୋଗଦେଇ ଯୁବ ପ୍ରତିଯୋଗୀମାନଙ୍କୁ ସକ୍ରିୟ ଭାବରେ ଉତ୍ସାହିତ କରିଥିଲେ। ଅନେକ ଯୁବ ଅଂଶଗ୍ରହଣକାରୀ, ଯେଉଁମାନେ ପ୍ରଥମ ଥର ପାଇଁ ପ୍ରତିଯୋଗିତା କରୁଥିଲେ, ସେମାନଙ୍କର ପ୍ରତିଫଳନ ଏବଂ ଆତ୍ମବିଶ୍ୱାସ ମାଧ୍ୟମରେ ଅସାଧାରଣ ପ୍ରତିଶ୍ରୁତି ପ୍ରଦର୍ଶନ କରିଥିଲେ।

**e-procurement Notice for Road work**

**Bid Identification No. SECTC-II-16 of 2025-26 dt. 29.10.2025**

| | | |
|---|---|---|
| 1. Number of the work | :- | 06(Six) numbers Roads |
| 2. Estimated Cost. (Approx) | :- | Rs. 5.04 lakh to 37.81 lakh |
| 3. Period of completion | :- | 02 (Two) calendar month |
| 4. Date & time of sale & receipt of bid document online | :- | From: 06.11.2025 at 11:00 AM To: 14.11.2025 at 5:00 PM |
| 5. Date & time of opening of bids | :- | 15.11.2025 at 11:30 AM |
| 6. Name and address of Inviting Officer | :- | O/o the Superintending Engineer, R. W. Division-II, Cuttack, Nayabazar, Cuttack-753004 |

Further details can be seen from the State Govt. portal https://tendersorissa.gov.in

Superintending Engineer
R.W. Division-II, Cuttack

ଓଡ଼ିଶାରେ ବନ୍ଦେ ମାତରମ୍‌ର ୧୫୦ ବର୍ଷପୂର୍ତ୍ତି ପାଳନ

# ରାଜ୍ୟସ୍ତରୀୟ କାର୍ଯ୍ୟକ୍ରମରେ ସାମିଲ୍ ହେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର, ୭।୧୧(ସଂଚାର ବ୍ୟୁରୋ):** ବନ୍ଦେ ମାତରମ୍ କେବଳ ଗୀତ ନୁହେଁ, ଏହା ରାଷ୍ଟ୍ରପ୍ରେମ, ତ୍ୟାଗ ଓ ବୀରତାର ପ୍ରତୀକ। ବଙ୍କିମ୍ ଚନ୍ଦ୍ର ଚଟ୍ଟୋପାଧ୍ୟାୟଙ୍କ 'ଆନନ୍ଦ

- ବନ୍ଦେ ମାତରମ୍ ଗୀତ ରାଷ୍ଟ୍ରପ୍ରେମ, ତ୍ୟାଗ ଓ ସମର୍ପଣ ଭାବର ପ୍ରତୀକ
- ଆଗାମୀ ଦିନରେ ଏହା ରାଷ୍ଟ୍ରବାଦକୁ ନୂଆ ସଂଜ୍ଞା ଦେବ: ମୁଖ୍ୟମନ୍ତ୍ରୀ

ମଠ' ଉପନ୍ୟାସରୁ ଜନ୍ମ ନେଇଥିବା ଏହି ଗୀତ ସ୍ୱାଧୀନତା ସଂଗ୍ରାମ ସମୟରେ ଦେଶବାସୀଙ୍କ ମନରେ ଜାଗୃତି, ଉତ୍ସାହ ଓ ବୈପ୍ଳବିକ ମନୋଭାବ ଜଗାଇଥିଲା ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଲୋକ ସେବା ଭବନରେ ଆୟୋଜିତ ରାଜ୍ୟସ୍ତରୀୟ ରାଷ୍ଟ୍ର ଗୀତ 'ବନ୍ଦେ ମାତରମ୍'ର ୧୫୦ ତମ କାର୍ଯ୍ୟକ୍ରମର ଉଦଘାଟନ ଅବସରରେ କହିଥିଲେ।



ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେ ଯେ, ଏହି ଗୀତର ଲୋକପ୍ରିୟତା ଓ ପ୍ରଭାବକୁ ଦେଖି ବ୍ରିଟିଶ ଶାସକମାନେ ବନ୍ଦେ ମାତରମ୍‌କୁ ବ୍ୟାନ କରିଥିଲେ, ଯାହା ଏହି ଗୀତର ଶକ୍ତିର ସ୍ପଷ୍ଟ ପ୍ରମାଣ। ଆମେ କେଉଁ ଭାଷା, କେଉଁ ଧର୍ମ ବା କେଉଁ ଅଞ୍ଚଳର ହେଲେ ବି, ଦେଶପ୍ରେମ ବିନା ଦେଶର ଉନ୍ନତି ଅସମ୍ଭବ। ବନ୍ଦେ ମାତରମ୍ ଆମ ହୃଦୟରେ ସେହି ଦେଶପ୍ରେମର ଅଗ୍ନିକୁ ପୁନଃ ଜାଗୃତ କରେ। ଯୁବପିଢ଼ି, ପିଲାମାନେ, ଛାତ୍ରଛାତ୍ରୀଙ୍କ ମଧ୍ୟରେ ଦେଶପ୍ରେମ ଜାଗ୍ରତ କରିବା ପାଇଁ ଏହି ବର୍ଷବ୍ୟାପୀ ପାଳନ ଖୁବ୍ ଗୁରୁତ୍ୱପୂର୍ଣ୍ଣ ବୋଲି ସେ ଅଭିମତ ଦେଇଥିଲେ।

ଆଜି ଆମେ ସମସ୍ତେ ସାରା ଭାରତର ଲୋକ, କାଶ୍ମୀରରୁ କନ୍ୟା କୁମାରୀ ପର୍ଯ୍ୟନ୍ତ, ବନ୍ଦେ ମାତରମ୍‌କୁ ସାମୂହିକ ଭାବେ ଗାନ୍ କରିବାର ପ୍ରଭାବ ଖୁବ୍ ସୁଦୂରପ୍ରସାରୀ। ବିଶେଷ କରି ଛୋଟ ଛୋଟ ପିଲା, ଛାତ୍ର ଓ ଯୁବକ ମାନଙ୍କ ଉପରେ ଏହାର ଖୁବ୍ ପ୍ରଭାବ ରହିବ। ଆଗାମୀ ଦିନରେ ଏହା ରାଷ୍ଟ୍ରବାଦକୁ ଏକ ନୂଆ ସଜ୍ଞା ଦେବାରେ ସଫଳ ହେବ। ଆଗାମୀ ଏକବର୍ଷ ଧରି ସମସ୍ତ ଜିଲ୍ଲାରେ ସ୍କୁଲ, କଲେଜ, ସରକାରୀ ଓ ବେସରକାରୀ ସଂଗଠନମାନଙ୍କ ମାଧ୍ୟମରେ ସାମୂହିକ ଗାନ, ସାଂସ୍କୃତିକ ଆୟୋଜନ ଓ ସଚେତନତା କାର୍ଯ୍ୟକ୍ରମ ଚାଲିବାକୁ ଯୋଜନା କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ।

କାର୍ଯ୍ୟକ୍ରମରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜା, ଉନ୍ନୟନ କମିଶନର ଅନୁ ଗର୍ଗ, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ସଚିବ ଡକ୍ଟର ବିଜୟ କେତନ ଉପାଧ୍ୟାୟ ସହ ସମସ୍ତ ବିଭାଗୀୟ ସଚିବ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମରେ ଉତ୍କଳ ସଂଗୀତ ମହାବିଦ୍ୟାଳୟର ଛାତ୍ର ଛାତ୍ରୀମାନେ ରାଷ୍ଟ୍ରଗୀତ ବନ୍ଦେ ମାତରମ୍ ଗାନ କରିଥିଲେ।

## ଆସୁଛି ଡବଲ୍ ଲଘୁଚାପ

**ଭୁବନେଶ୍ୱର,୭।୧୧(ସଂଚାର ବ୍ୟୁରୋ) :** ଆସୁଛି ଲଘୁଚାପ। ଗୋଟିଏ ଲୋପ୍ରେସର ୧୪ ତାରିଖରେ ଅନ୍ୟଟି ୧୯ ତାରିଖରେ ହେବାର ସମ୍ଭାବନା ରହିଛି। ଏନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ବାତ୍ୟା ମୋନ୍ଥା ପ୍ରଭାବରେ ବର୍ତ୍ତମାନ ପୂର୍ବକେନ୍ଦ୍ରୀୟ ଏବଂ ତତସଲଗ୍ନ ଉତ୍ତରପୂର୍ବ ବଙ୍ଗୋପସାଗରରେ ଏକ ଘୂର୍ଣ୍ଣିବଳୟ ସକ୍ରିୟ ରହିଛି। ଏହା ୧୨ ତାରିଖରେ ଦକ୍ଷିଣପୂର୍ବ ବଙ୍ଗୋପସାଗରରେ ପହଞ୍ଚିବ। ସେପଟେ ଟାଇଫୁନ୍ କାଲାମାଏଗିର ଯାହା ଫିଲିପିନ୍ସ ପ୍ରଭାବିତ କରିବ ତାର ଅବଶିଷ୍ଟାଂଶ ବଙ୍ଗୋପସାଗରରେ ଆଣ୍ଡାମାନ ସାଗର ଅଞ୍ଚଳକୁ ଅଗ୍ରସର ହେବ। ଏହି ଦୁଇ ଘୂର୍ଣ୍ଣିବଳୟ ୧୨ ତାରିଖରେ ଦକ୍ଷିଣପୂର୍ବ ଏବଂ ତତସଲଗ୍ନ ପୂର୍ବକେନ୍ଦ୍ରୀୟ ବଙ୍ଗୋପସାଗରରେ ଲୀନ ହେବେ। ଯାହା ପ୍ରଭାବରେ ୧୪ ତାରିଖରେ ଦକ୍ଷିଣପଶ୍ଚିମ ବଙ୍ଗୋପସାଗରରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବା ସମ୍ଭାବନା ରହିଛି। ତେବେ ଲଘୁଚାପ ପ୍ରଭାବରେ ରାଜ୍ୟରେ ବର୍ଷା ହେବ କି ନାହିଁ ତାହା ଜଣାପଡିନି। ଅନ୍ୟପଟେ ୧୯ ତାରିଖ ଆଡକୁ ଆଉ ଏକ ଲଘୁଚାପ ସମ୍ଭାବନା ରହିଛି। ଘୂର୍ଣ୍ଣିବଳୟ ପ୍ରଭାବରେ ଦକ୍ଷିଣ ଆଣ୍ଡାମାନରେ ଲୋପ୍ରେସର ନେଇ ପୂର୍ବାନୁମାନ କରିଛି ପାଣିପାଗ ବିଭାଗ। ତେବେ ଏହି ଲଘୁଚାପ ଉପରେ ନଜର ରହିଛି। ସେପଟେ ରାଜ୍ୟକୁ ଫେରୁଛି ଶୀତ। ୧୪ ତାରିଖରୁ ୨୦ ତାରିଖ ମଧ୍ୟରେ ରାଜ୍ୟରେ ଶୀତ ଲହରୀ ଅନୁଭୂତ ହେବ।

## ନୂଆପଡ଼ାରୁ ୧.୨୦ କୋଟିର ଅବକାରୀ ସାମଗ୍ରୀ ଜବତ

● ୧୪୩ ଗିରଫ, ୨୪୨ ମାମଲା ରୁଜୁ



**ଭୁବନେଶ୍ୱର, ୭।୧୧(ସଂଚାର ବ୍ୟୁରୋ):** ଚଳିତ ମାସ ୧୧ ତାରିଖରେ ଅନୁଷ୍ଠିତ ହେବାକୁ ଯାଉଥିବା ନୂଆପଡା ବିଧାନସଭା ଉପନିର୍ବାଚନକୁ ଦୃଷ୍ଟିରେ ରଖି ମୁଖ୍ୟ ନିର୍ବାଚନ ଅଧିକାରୀ, ଓଡିଶା ଜିଲ୍ଲା ପ୍ରଶାସନ ଓ ଅବକାରୀ ବିଭାଗକୁ ଅବକାରୀ ସାମଗ୍ରୀର ତଲାସୀ ପ୍ରକ୍ରିୟାକୁ ଜୋରଦାର କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଆଦର୍ଶ ଆଚରଣ ବିଧି ଲାଗୁ ହେବା ଦିନରୁ ଆଜି ପର୍ଯ୍ୟନ୍ତ ସ୍ଥାନୀୟ ଅବକାରୀ ବିଭାଗ ୮୬ ଲିଟର ବିଅର୍, ୪୨ ଲିଟର ବିଦେଶୀ ମଦ, ୬୯୬୩ ଲିଟର ହାତ ରନ୍ଧା ମଦ, ୧୫୧୨ ଲିଟର ବାହାର ଭାଟି ମଦ, ୬୦ କିଲୋଗ୍ରାମ ଗଞ୍ଜେଇ ଏବଂ ୧,୭୧,୩୦୦ କିଲୋଗ୍ରାମ ମହୁଲ ପୋଚ ଜବତ କରିଛନ୍ତି। ଏସବୁର ଆନୁମାନିକ ମୂଲ୍ୟ ୧ କୋଟି ୨୦ ଲକ୍ଷ ୦୩ ହଜାର ୭୫୬ ଟଙ୍କା ହେବ ବୋଲି ଅବକାରୀ ବିଭାଗ ସୂଚନା ଦେଇଛି। ଏହା ସହିତ ୮ ଗୋଟି ବାଇକ୍ ଏବଂ ଏକ ଚାରିଚକିଆ ଯାନ ମଧ୍ୟ ଅବକାରୀ ବିଭାଗ ଜବତ କରିଛି। ବର୍ତ୍ତମାନ ସୁଦ୍ଧା ୨୪୨ ଟି ଅବକାରୀ କେସ ରୁଜୁ ହୋଇଥିଲା ବେଳେ ୧୩୪ ଜଣଙ୍କୁ ଗିରଫ କରାଯାଇଥିବା ନୂଆପଡାର ଅବକାରୀ ଅଧୀକ୍ଷକ ପ୍ରକାଶ କରିଛନ୍ତି। ନିର୍ବାଚନ ସମୟରେ ବେଆଇନ୍ ଅବକାରୀ ସାମଗ୍ରୀ ଚାଲାଣକୁ ସମ୍ପୂର୍ଣ୍ଣ ପ୍ରତିହିତ କରିବା ପାଇଁ ମୁଖ୍ୟ ନିର୍ବାଚନ ଅଧିକାରୀ ଜିଲ୍ଲାପାଳ ପ୍ରଶାସନ ଓ ଅବକାରୀ ବିଭାଗକୁ ନିର୍ଦ୍ଦେଶ ଦେଇଛନ୍ତି।

## ଅଡୁଆରେ ବ୍ରହ୍ମପୁର ଏସ୍‌ପି

**ବ୍ରହ୍ମପୁର, ୭।୧୧ (ସଂଚାର ବ୍ୟୁରୋ) :** ଅଡୁଆରେ ପଡ଼ିଛନ୍ତି ବ୍ରହ୍ମପୁର ଏସପି। ଆଇନଜୀବୀ ପୀତବାସ ପଣ୍ଡା ହତ୍ୟା ମାମାଲରେ ଦେଇଥିବା ମନ୍ତବ୍ୟ ମହଙ୍ଗା ପଡ଼ିଛି। ନିର୍ବାଚନ ମାମଲାରେ ମନ୍ତବ୍ୟ ଦେଇଥିବାରୁ ବ୍ରହ୍ମପୁର ଏସ୍.ପିଙ୍କ ଠାରୁ ଶପଥ ପାଠ ତଲବ କଲେ ହାଇକୋର୍ଟ। ବ୍ୟକ୍ତିଗତ ହାଜର ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପେଣ୍ଡିଂ ଇଲେକ୍ସନ ପିଟିସନ ସମ୍ପର୍କରେ ସର୍ବସାଧାରଣରେ ମନ୍ତବ୍ୟ ଦେଇଥିଲେ ବ୍ରହ୍ମପୁର ଏସପି। ଏହି କଥାକୁ ସ୍ୱୀକାର କରିଛନ୍ତି ବ୍ରହ୍ମପୁରର ଏସପି ଡ. ଶର୍ବଣା ବିବେକ ଏମ। ଏହାପରେ ଓଡ଼ିଶା ଉଚ୍ଚ ନ୍ୟାୟାଳୟ ଆଜି ତାଙ୍କ ଆଚରଣ ଉପରେ ଏକ ଶପଥପତ୍ର ଦାଖଲ କରିବାକୁ ତାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଅଦାଲତ କହିଛନ୍ତି ଯେ, ଅକ୍ଟୋବର ୩୧ର ନିର୍ଦ୍ଦେଶ ପାଳନ କରି ଏସପି ରେଜିଷ୍ଟ୍ରାର ଜେନେରାଲଙ୍କ ନିକଟରେ ଦାଖଲ କରିଥିବା ଲିଖିତ ସ୍ପଷ୍ଟୀକରଣରେ, ଚାଲୁ ରହିଥିବା ମାମଲା ବିଷୟରେ ସାମ୍ବାଦିକମାନଙ୍କୁ କହିଥିବା ସ୍ୱୀକାର କରିଛନ୍ତି।ଏହି ସ୍ୱୀକାରୋକ୍ତିକୁ ଧ୍ୟାନରେ ରଖି ଖଣ୍ଡପୀଠ ବ୍ରହ୍ମପୁର ଏସପିଙ୍କୁ ନଭେମ୍ବର ୧୦ ସୁଦ୍ଧା ତାଙ୍କ କାର୍ଯ୍ୟକଳାପକୁ ଆହୁରି ସ୍ପଷ୍ଟ କରି ଏକ ବିସ୍ତୃତ ଶପଥପତ୍ର ଦାଖଲ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ନଭେମ୍ବର ୧୧, ୨୦୨୫ ରେ ଏହି ମାମଲାର ଶୁଣାଣି ହେବ।



ବ୍ୟକ୍ତିଗତ ହାଜର ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

## ଶଙ୍କର ପୃଷ୍ଟିର ହେବ ଲାଏ ଡିଟେକ୍ସନ ଟେଷ୍ଟ



**ଭୁବନେଶ୍ୱର,୭।୧୧(ସଂଚାର ବ୍ୟୁରୋ) :** ଶଙ୍କର ପୃଷ୍ଟିର ହେବ ଲାଏ ଡିଟେକସନ୍ ଟେଷ୍ଟ। ଲାଏ ଡିଟେକ୍ସନ ଟେଷ୍ଟ କରିବ କ୍ରାଇମବ୍ରାଞ୍ଚ। ପୁଲିସ ଏସଆଇ ପରୀକ୍ଷା ଜାଲିଆତି ମାମଲାର କିଙ୍ଗପିନ୍ ଶଙ୍କର ପୃଷ୍ଟିକୁ ମାରାଥନ ଜେରା କରାଯିବା ପରେ ଏଭଳି ନିଷ୍ପତ୍ତି ନିଆଯାଇଛି। କ୍ରାଇମବ୍ରାଞ୍ଚ ତଦନ୍ତରେ ଶଙ୍କର ସହଯୋଗ କରୁ ନଥିବା ସୂଚନା ମିଳିଛି। ଶଙ୍କର ବାରମ୍ବାର ବୟାନ ବଦଳାଇ ତଦନ୍ତକୁ ବାଟବଣା କରିବାକୁ ଚେଷ୍ଟା କରୁଛି। ସେଥିପାଇଁ କ୍ରାଇମବ୍ରାଞ୍ଚ ଶଙ୍କର ପୃଷ୍ଟିର ଲାଏ ଡିଟେକସନ୍ ଟେଷ୍ଟ କରିବାକୁ ନିଷ୍ପତ୍ତି ନେଇଛି। ଶଙ୍କର ପୃଷ୍ଟି ଓ ଦଲାଲ ଅରବିନ୍ଦ ଦାସକୁ ୫ ଦିନିଆ ରିମାଣ୍ଡରେ ଆଣି ପଚରାଉଚରା କରୁଛି କ୍ରାଇମବ୍ରାଞ୍ଚ।

## ସମ୍ ଡାକ୍ତରୀ ଛାତ୍ରଛାତ୍ରୀଙ୍କ ହ୍ୱାଇଟ୍ କୋଟ୍ ଉତ୍ସବ



**ଭୁବନେଶ୍ୱର,୭।୧୧(ସଂଚାର ବ୍ୟୁରୋ):** ଶିକ୍ଷା ଓ ଅନୁସନ୍ଧାନ (ସୋଆ)ରେ ୨୦୨୫-୨୬ ଶିକ୍ଷା ବର୍ଷ ନିମନ୍ତେ ଡାକ୍ତରୀ ପାଠ୍ୟକ୍ରମରେ ନାମ ଲେଖାଇଥିବା ନୂତନ ଏମ୍‌ବିବିଏସ୍ ଛାତ୍ରଛାତ୍ରୀଙ୍କ ନିମନ୍ତେ ଶୁକ୍ରବାର ଓରିଏଣ୍ଟେସନ୍ କମ୍ ଫାଉଣ୍ଡେସନ୍ କୋର୍ସ ପ୍ରୋଗ୍ରାମ ଏବଂ ହ୍ୱାଇଟ୍ କୋଟ ଉତ୍ସବ ଆୟୋଜିତ ହୋଇଯାଇଛି। ଭୁବନେଶ୍ୱର ସ୍ଥିତ ଇନଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍‌ସେସ ଆଣ୍ଡ ସମ୍ ହସ୍ପିଟାଲ-୧ରେ ଏମ୍‌ବିବିଏସ୍ ନୂତନ ବର୍ଷର ଛାତ୍ରଛାତ୍ରୀଙ୍କ ପାଇଁ ଏହି ସ୍ୱତନ୍ତ୍ର କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା।

ଏହି ହ୍ୱାଇଟ୍ କୋଟ ଉତ୍ସବରେ ୨୫୦ ଜଣ ଛାତ୍ରଛାତ୍ରୀ ମହର୍ଷି ଚରକଙ୍କ ଶପଥ ନେବା ସହ ମୂଲ୍ୟବୋଧ ଭିତିକ ଚିକିତ୍ସା କରିବା ନିମନ୍ତେ ଶପଥ ନେଇଥିଲେ। ଓରିଏଣ୍ଟେସନ୍ କମ୍ ଫାଉଣ୍ଡେସନ୍ କୋର୍ସ ପ୍ରୋଗ୍ରାମ୍‌ରେ ସୋଆ କୁଳପତି ପ୍ରଫେସର ପ୍ରଦୀପ୍ତ କୁମାର ନନ୍ଦ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମରେ ସୋଆର ଉପଦେଷ୍ଟା ପଦ୍ମଶ୍ରୀ ପ୍ରଫେସର ଡାକ୍ତର ଅଶୋକ କୁମାର ମହାପାତ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମର ପ୍ରଥମ ଅଧ୍ୟାୟରେ ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ସ୍ୱାଗତ ଭାଷଣ ଦେବା ସହିତ ଶିକ୍ଷାନୁଷ୍ଠାନ ବିଷୟରେ ବିବରଣୀ ପ୍ରଦାନ କରିଥିଲେ। ସେହିପରି ମେଡିକାଲ୍ ସୁପରିଟେଣ୍ଡେଣ୍ଟ ପ୍ରଫେସର (ଡାକ୍ତର) ପୁଷ୍ପରାଜ ସାମନ୍ତସିଂହାର ନୂତନ ଛାତ୍ରଛାତ୍ରୀଙ୍କୁ ଶୁଭେଚ୍ଛା ଜଣାଇଥିଲେ। ଏହି କାର୍ଯ୍ୟକ୍ରମରେ କଂଟ୍ରୋଲର ଅଫ୍ ଏଗ୍‌ଜାମିନେସନ୍ ପ୍ରଫେସର ମଞ୍ଜୁଳା ଦାସ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଫାଉଣ୍ଡେସନ୍ କୋର୍ସ କୋଅର୍ଡିନେଟର ତଥା ଫିଜିଓଲୋଜି ବିଭାଗର ମୁଖ୍ୟ ପ୍ରଫେସର (ଡାକ୍ତର) ଏଲୋରା ଦେବୀ ଧନ୍ୟବାଦ ଅର୍ପଣ କରିଥିଲେ।

ସେହିପରି ହ୍ୱାଇଟ କୋଟ୍ ଉତ୍ସବରେ ସୋଆ ଉପସଭାପତି ଶାଶ୍ୱତୀ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲର ଡିନ୍ ପ୍ରଫେସର (ଡାକ୍ତର) ସଂଘମିତ୍ରା ମିଶ୍ର ଛାତ୍ରଛାତ୍ରୀମାନଙ୍କୁ ଶପଥ ପାଠ କରାଇଥିଲେ।

## ବେଆଇନ କ୍ଲିନିକ୍ ଉପରେ ଚଢ଼ାଉ, ୮ କ୍ଲିନିକ୍ ସିଲ୍

**ଗୁଣପୁର,୭।୧୧(ସଂଚାର ବ୍ୟୁରୋ) :** ବେଆଇନ କ୍ଲିନିକ୍ ଉପରେ ଚଢ଼ାଉ କରାଯାଇଛି। ଅଚାନକ ଉପଜିଲ୍ଲାପାଳଙ୍କ ଚଢାଉ ପରେ ୮ଟି ବେଆଇନ କ୍ଲିନିକ୍ ସିଲ୍ ହୋଇଛି। ରାୟଗଡ଼ା ଜିଲ୍ଲା ଗୁଣପୁର ଉପଖଣ୍ଡରେ ବେଆଇନ ଭାବେ ଚାଲିଥିବା କ୍ଲିନିକ୍ ଗୁଡିକୁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସିଲ୍ କରିଛି। ଉପଜିଲ୍ଲାପାଳ ଯୁବ ଆଇଏଏସ୍ ଦୁଧାଲ ଅଭିଷେକ ଦିଲିପ ଅଚାନକ ଚଢାଉ କରି ବିଭିନ୍ନ କ୍ଲିନିକ୍ ଗୁଡିକୁ ଯାଞ୍ଚ କରିବା ସହ ସିଲ୍ କରିବା ପାଇଁ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗକୁ ନିର୍ଦ୍ଦେଶ ଦେଇଥିଲେ। ଆଜି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗର ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରିଙ୍କ ନେତୃତ୍ୱରେ ଏକ ଟିମ୍ ବେଆଇନ ଗଠନ କରାଯାଇଥିଲା। କ୍ଲିନିକ୍ ଗୁଡିକରେ ପହଞ୍ଚି କାଗଜପତ୍ର ଯାଞ୍ଚ କରିବା ସହ ୬ଟି କ୍ଲିନିକକୁ ସିଲ୍ କରାଯାଇଛି। ଏଥିସହ ରାମାନଗୁଡ଼ା ବ୍ଲକରେ ମଧ୍ୟ ୨ଟି ବେଆଇନ କ୍ଲିନିକ୍ ସିଲ୍ କରାଯାଇଛି। ଏନେଇ ଗୁଣପୁର ଥାନାରେ ବେଆଇନ କ୍ଲିନିକ୍ ମାଲିକମାନଙ୍କ ନାଁ ପ୍ରଶାସନ ଅଭିଯୋଗ କରିଛି। ଗୁଣପୁର ଉପଖଣ୍ଡ ରେ ଥିବା ବିଭିନ୍ନ ବେଆଇନ କ୍ଲିନିକ୍ ଉପରେ ଚଢାଉ ଜାରି ରହିବ ବୋଲି ଉପଜିଲ୍ଲାପାଳ କହିବା ସହ ଲୋକଙ୍କୁ ସରକାରୀ ଚିକିତ୍ସାଳୟକୁ ଯାଇ ଚିକିତ୍ସା କରିବା ପାଇଁ କହିଛନ୍ତି।



## କଳିଙ୍ଗା ଘାଟିରେ ଓଲଟିଲା ଯାତ୍ରୀବାହୀ ବସ୍, ୧୫ରୁ ଉର୍ଦ୍ଧ୍ୱ ଆହତ



**ଫୁଲବାଣୀ,୭।୧୧(ସଂଚାର ବ୍ୟୁରୋ):** କଳିଙ୍ଗା ଘାଟିରେ ଓଲଟିଲା ଯାତ୍ରୀବାହୀ ବସ୍। ଏଥିରେ ୧୫ରୁ ଉର୍ଦ୍ଧ୍ୱ ଯାତ୍ରୀ ଆହତ ହୋଇଛନ୍ତି। ବସ୍‌ଟି ବରଗଡରୁ ବ୍ରହ୍ମପୁର ଅଭିମୁଖେ ଆସୁଥିଲା। ସେମାନଙ୍କ ମଧ୍ୟରୁ ତିନିଜଣ ଗୁରୁତର ହୋଇଛନ୍ତି। ଘଟଣା ସ୍ଥଳରେ ଗଞ୍ଜାମ ଓ କନ୍ଧମାଳ ଜିଲ୍ଲାର ଅଗ୍ନିଶମ ବାହିନୀ, ଆମ୍ବୁଲାନ୍ସ ଏବଂ ପୁଲିସ ପହଞ୍ଚି ଉଦ୍ଧାର କାର୍ଯ୍ୟ ଚଳାଇଛନ୍ତି। ଭଞ୍ଜନଗର ମେଡିକାଲରେ ଆହତଙ୍କୁ ଭର୍ତ୍ତି କରାଯିବା ପାଇଁ ଅଣାଯାଉଛି। ଭଞ୍ଜନଗର ଅଞ୍ଚଳର ଜଣେ ଡ୍ରାଇଭର ରୂପକ ନନ୍ଦ ପ୍ରଧାନଙ୍କ କହିବା ଅନୁଯାୟୀ, ଏକ ଘରୋଇ ଯାତ୍ରୀବାହୀ ବସ୍ ଶ୍ରୀରାମ ଭଞ୍ଜନଗର ଆସୁଥିଲେ। କଳିଙ୍ଗା ଘାଟି ଗଡିବା ଆରମ୍ଭ କରିବା ମାତ୍ରେ ବସ୍‌ର ବ୍ରେକ୍ ଫେଲ୍ ହୋଇଯାଇଥିଲା। ଏହା ଜାଣିବା ପରେ ଡ୍ରାଇଭର ଅନ୍ୟ ଷ୍ଟାଫ୍‌ଙ୍କୁ କହିଥିଲେ। ହେଲେ କେହି କିଛି କରିବା ଅବସ୍ଥାରେ ନଥିଲେ। ତେବେ ବସ୍‌କୁ ସମ୍ପୂର୍ଣ୍ଣ ନ୍ୟୁଟ୍ରାଲ୍ କରି ତୁରନ୍ତ ହ୍ୟାଣ୍ଡ ବ୍ରେକ୍ ରୂପକ ଦେବା ପରେ ଗାଡ଼ି ଓଲଟି ପଡିବା ସହ ସମସ୍ତ ଯାତ୍ରୀଙ୍କ ଜୀବନ ରକ୍ଷା ପାଇଥିଲା ବୋଲି ରୂପକ ନିଜ ପ୍ରତିକ୍ରିୟାରେ ଉଲ୍ଲେଖ କରିଛନ୍ତି।

## ବିଜେପିରେ ଯୋଗଦେଲେ ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକ

**ନୂଆପଡ଼ା,୭।୧୧(ସଂଚାର ବ୍ୟୁରୋ):** ନୂଆପଡ଼ା ବିଧାନସଭା ଉପନିର୍ବାଚନରେ ବିଜେପିର ନିର୍ବାଚନୀ ପ୍ରଚାର ଯେତିକି ବୃଦ୍ଧି ପାଇବାରେ ଲାଗିଛି ଦଳରେ ନୂତନ ସଦସ୍ୟଙ୍କ ଯୋଗଦାନ ମଧ୍ୟ ବଢ଼ି ବଢ଼ି ଚାଲିଛି। ପ୍ରତ୍ୟେକ ଦିନ ବିଭିନ୍ନ ସ୍ଥାନରେ ବିଭନ୍ନ କାର୍ଯ୍ୟକ୍ରମରେ ବିଜେଡି, କଂଗ୍ରେସର ନେତା ଓ ସମର୍ଥକଙ୍କ ସମେତ ସାଧାରଣ ବର୍ଗର ଲୋକେ ମଧ୍ୟ ବିଜେପିରେ ସାମିଲ ହେବାକୁ ଲାଗିଛନ୍ତି। ଏହାକୁ ଦେଖି ବିରୋଧୀ ଭୟଭୀତ। ଏହି ଅବସରରେ ଆଜି ବିଜେପିରେ ଏକ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି। ଏଥିରେ କୋମନା ବ୍ଲକ ଜଡାମୁଣ୍ଡା ପଞ୍ଚାୟତ ଅଧୀନସ୍ଥ କୁମଟିମୁଣ୍ଡା ଗାଁର ସଂଖ୍ୟାଲଘୁ ସମ୍ପ୍ରଦାୟର ବହୁ ଲୋକ ବିଜେପିରେ ସାମିଲ ହୋଇଛନ୍ତି। ସବିର ଅଲି, ଜାକିର ମହମ୍ମଦ, ଫକିର ମହମ୍ମଦ, ଫରିଦା ଖାଁଙ୍କ ନେତୃତ୍ୱରେ ବହୁ ମହିଳା ଓ ପୁରୁଷ ଦଳରେ ସାମିଲ ହୋଇଛନ୍ତି। ରାଜ୍ୟ ସଭାପତି ମନମୋହନ ସାମଲ ସମସ୍ତ ନୂତନ ସଦସ୍ୟ ସଦସ୍ୟାଙ୍କୁ ଉତ୍ତରୀୟ ଓ ଟୋପି ଦେଇ ଦଳରେ ସ୍ୱାଗତ କରିଥିଲେ।

ରାଜ୍ୟ ସଭାପତି ଶ୍ରୀ ସାମଲ, ନୂତନ ଭାବେ ଯୋଗ ଦେଇଥିବା ସଦସ୍ୟ ସଦସ୍ୟାଙ୍କ ଉଦ୍ଦେଶ୍ୟରେ ଦେଇଥିବା ନିଜ ଅଭିଭାଷଣରେ ବିଜେପି ସରକାରର ମୂଳମନ୍ତ୍ର 'ସବ୍ କା ସାଥ, ସବ୍ କା ବିଶ୍ୱାସ, ସବ୍ କା ପ୍ରୟାସ' ଚରିତାର୍ଥ ହୋଇଛି। ଡବଲ୍ ଇଞ୍ଜିନ ସରକାରର ସମସ୍ତ ଜନକଲ୍ୟାଣକାରି ଯୋଜନାର ଲାଭ ସମାଜର ସବୁ ବର୍ଗର ଲୋକେ ପାଉଛନ୍ତି। ଆପଣମାନେ ବିଜେପିର ଡବଲ ଇଞ୍ଜିନ ସରକାରର ଡବଲ ଗତିର ବିକାଶକୁ ସମସ୍ତଙ୍କ ପାଖରେ ପହଞ୍ଚାଇ ବିଜେପି ପ୍ରାର୍ଥୀ ଜୟ ଢୋଲକିଆଙ୍କୁ ଭୋଟ ଦେବାକୁ ଅନୁରୋଧ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ରାଜ୍ୟ ପରିଷଦ ସଦସ୍ୟ ସଞ୍ଜୀବ ଜେନାଙ୍କ ସମେତ ଅନ୍ୟାନ୍ୟ ସ୍ଥାନୀୟ ନେତୃବୃନ୍ଦ ସାମିଲ ଥିଲେ।




## ଡିଭାଇଡରରେ ପିଟିହେଲା ଟୁରିଷ୍ଟ ଗାଡ଼ି, ୧୭ ଗୁରୁତର

**ଅନୁଗୋଳ,୭।୧୧(ସଂଚାର ବ୍ୟୁରୋ):** ଜାତୀୟ ରାଜପଥରେ ଡିଭାଇଡରେ ପିଟି ହେଲା ଟୁରିଷ୍ଟ ଗାଡ଼ି। ୧୭ ଜଣ ଗୁରୁତର ହୋଇଛନ୍ତି। ସମ୍ବଲପୁରର ମାଆ ସମଲେଶ୍ୱରୀ ଦର୍ଶନ ପାଇଁ ଏକ ଟୁରିଷ୍ଟ ଗାଡ଼ିର ଲୋକମାନେ ଯାଉଥିବା ବେଳେ ଯାଉଥିବା ବେଳେ ଡିଭାଇଡର ପିଟି ହୋଇଥିଲା। ୫୫ ନମ୍ବର ଜାତୀୟ ରାଜପଥର ଅନୁଗୋଳ ଜିଲ୍ଲା ହଣ୍ଡପା ଥାନା ଲୁହାମୁଣ୍ଡାଠାରେ ତୀର୍ଥଯାତ୍ରୀ ଗାଡ଼ି ଦୁର୍ଘଟଣାଗ୍ରସ୍ତ ହୋଇଛି। ଏହି ଦୁର୍ଘଟଣାରେ ଗାଡ଼ିରେ ବସିଥିବା ୧୭ ଜଣ ଗୁରୁତର ହୋଇଛନ୍ତି। ସେମାନଙ୍କୁ ଅଞ୍ଚଳବାସୀ ଉଦ୍ଧାର କରି ଚିକିତ୍ସା ପାଇଁ ଆମ୍ବୁଲାନ୍ସରେ କିଶୋରନଗର ମେଡିକାଲରେ ଭର୍ତ୍ତି କରିଛନ୍ତି। ୭ ଜଣଙ୍କ ଅବସ୍ଥା ସଂକଟାପନ୍ନ ହେବାରୁ ଅନୁଗୋଳ ଜିଲ୍ଲା ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଭୁବନେଶ୍ୱରରୁ ସମ୍ବଲପୁର ସମଲେଇ ଦର୍ଶନ କରିବା ପାଇଁ ୧୭ ଜଣ ଯାତ୍ରୀଙ୍କୁ ନେଇ ଏକ ଟୁରିଷ୍ଟ ଗାଡ଼ି ଯାଉଥିବା ବେଳେ ଚାଳକ ଭାରସାମ୍ୟ ହରାଇବାରୁ ଦୁର୍ଘଟଣା ଘଟିଥିଲା। ବଇଣ୍ଡା ଫାଣ୍ଡି ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି।



## କେନ୍ଦୁଝର ଡିଏସ୍ଏସ୍ଓ ଗିରଫ



**କେନ୍ଦୁଝର ୭।୧୧ (ସଂଚାର ବ୍ୟୁରୋ):** ଫୋନ୍ ପେ'ରେ ଲାଞ୍ଚ ନେଇ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇ କୋର୍ଟ ଚାଲାଣ ହୋଇଥିବା କେନ୍ଦୁଝର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ବିପ୍ଳବ କେଶରୀ ସାମନ୍ତରାୟଙ୍କ ସରକାରୀ ଅଫିସରେ ପହଞ୍ଚିଛି ଭିଜିଲାନ୍ସ ଟିମ୍। ଶୁକ୍ରବାର ଅପରାହ୍ନରେ କଟକ ଓ କେନ୍ଦୁଝର ଭିଜିଲାନ୍ସ ବିଭାଗର ଟିମ୍ ପହଞ୍ଚି କାର୍ଯ୍ୟାଳୟରେ କମ୍ପ୍ୟୁଟରଠାରୁ ଆରମ୍ଭ କରି ବିଭିନ୍ନ ଫାଇଲ୍ ପତ୍ର ଯାଞ୍ଚ କରୁଛି ଭିଜିଲାନ୍ସ ଟିମ୍। ଗିରଫ ଅଧିକାରୀ କେଉଁ ଏନଜିଓ ଠାରୁ ଓ ଆଉ କାହା ଠାରୁ କେତେ ଟଙ୍କା ନେଇଛନ୍ତି ଯାଞ୍ଚ କରୁଛି ଭିଜିଲାନ୍ସ ଟିମ୍। ଗୁରୁବାର ପ୍ରାଥମିକ ତଦନ୍ତ ସମୟରେ କେନ୍ଦୁଝର ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀଙ୍କର ପ୍ରାୟ ୨୦ ଲକ୍ଷରୁ ଉର୍ଦ୍ଧ୍ୱ ଟଙ୍କା ଫୋନ୍ ପେ'ରେ ନେଇଥିବା ସହ ଭୁବନେଶ୍ୱର ଆଖପାଖରେ ୧୦ଟି ପ୍ଲଟ, ଭୁବନେଶ୍ୱରରେ ୩୦୦୦ ବର୍ଗଫୁଟର ତିନି ମହଲା କୋଠା, ମଦନପୁରରେ ସିମ୍ପ୍ଲେକ୍ସ ଓ ୩ ଏକରର ଏକ ଫାର୍ମ ହାଉସ ଥିବା ତଦନ୍ତରୁ ଜଣାପଡ଼ିଛି।

## ଛାଡ଼ଖାଇରେ ବାର୍‌ହା ମାଂସ କାଟି ୨ ଗିରଫ

**ପୁରୁଣାକଟକ,୭।୧୧(ସଂଚାର ବ୍ୟୁରୋ):** ଛାଡ଼ଖାଇ ପାଇଁ ବାର୍‌ହା ଶିକାର କରି ମାଂସ କାଟୁଥିବା ବେଳେ ମାଡ଼ିବସିଲା ବନବିଭାଗ। କଟା ମାଂସ, ଅସ୍ତ୍ରଶସ୍ତ୍ର ସହ ୨ ଜଣଙ୍କୁ ଗିରଫ କରିଛି ବନବିଭାଗ। ସୂଚନା ଅନୁଯାୟୀ ହରଭଙ୍ଗା ବ୍ଲକ ମଧପୁର ରେଞ୍ଜ ଅନ୍ତର୍ଗତ ରାଣୀଗଞ୍ଜ ନିକଟସ୍ଥ ମୁଣ୍ଡେଶ୍ୱର ସଂରକ୍ଷିତ ଜଙ୍ଗଲ ନିକଟରେ ଗୁରୁବାର ସନ୍ଧ୍ୟା ପ୍ରାୟ ସାଢ଼େ ୭ଟାରେ ଦୁଇଜଣ ଶିକାରୀ ଏକ ବାର୍‌ହା ଶିକାର କରିବା ସହ ମାଂସକୁ ଜଙ୍ଗଲ ମଧ୍ୟରେ କାଟୁଥିଲେ। ଖବର ପାଇ ମାଧପୁର ରେଞ୍ଜର ଅଶିକ ଦିଗାଲଙ୍କ ନେତୃତ୍ୱରେ ଏକ ଟିମ ଚଢ଼ାଉ କରିଥିଲା। ୩୪ କେଜି କଟା ବାର୍‌ହା ମାଂସ ସହ ଦୁଇଟି ଟାଙ୍ଗିଆ ଓ ଦୁଇଟି କଟୁରି ଜବତ କରିଥିବା ବେଳେ ଦୁଇଜଣ ଶିକାରୀଙ୍କୁ ଗିରଫ କରିଥିଲା ବନବିଭାଗ। ଦୁଇଜଣ ଶିକାରୀ ହେଲେ କପିନ୍ଦ୍ର ମାଝୀ ଓ ସତ୍ୟ ବେହେରା । ଉଭୟ ପୁରୁଣାକଟକ ଥାନା ରାଣୀଗଞ୍ଜ ଗ୍ରାମର ବୋଲି ବିଭାଗୀୟ ସୂତ୍ରରୁ ପ୍ରକାଶ। ମାଂସକୁ ପୋଷ୍ଟମର୍ଟମ ପରେ ପୋତାଯାଇଥିବା ଜଣାପଡିଛି। ବନବିଭାଗ ପକ୍ଷରୁ କେସ ନମ୍ବର ୭୨/୨୫-୨୬ରେ ଏକ ମାମଲା ରୁଜୁ କରି ଉଭୟ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଥିବା ମାଧପୁର ରେଞ୍ଜ ଅଧିକାରୀ ସୂଚନା ଦେଇଛନ୍ତି।

## ଉତ୍ତରାଖଣ୍ଡରେ ଓଡ଼ିଶା ଝିଅକୁ ବୀଭତ୍ସ ହତ୍ୟା

**ରାୟଗଡ଼ା,୭।୧୧(ସଂଚାର ବ୍ୟୁରୋ):** ଉତ୍ତରାଖଣ୍ଡରେ ଓଡ଼ିଶା ଝିଅକୁ ବୀଭତ୍ସ ହତ୍ୟା। ରାୟଗଡା ଜିଲ୍ଲା ଜେକେପୁର ଅଞ୍ଚଳର ୨୩ ବର୍ଷିୟ ଝିଅ ସୃଷ୍ଟି ଶର୍ମାଙ୍କୁ ଉତ୍ତରାଖଣ୍ଡର ଲାଲପୁରରେ ବୀଭତ୍ସ ହତ୍ୟା କରାଯାଇଛି। ସୃଷ୍ଟି ରହୁଥିବା ଭଡ଼ା ଘର ମାଲିକଙ୍କ ପୁଅ ହତ୍ୟା କରିଥିବା ସ୍ପଷ୍ଟ କରିଛି ଲାଲପୁର ପୁଲିସ। ଗତ ୬ ମାସ ହେଲା ସେଠାରେ ରହି ଏକ କମ୍ପାନୀରେ ଇଣ୍ଟର୍ନସିପ୍ କରୁଥିଲେ। କାମେଶ୍ୱର ସିଂ ନାମକ ଜଣେ ବ୍ୟକ୍ତିଙ୍କ ଘରେ ଭଡ଼ାରେ ରହୁଥିଲେ। ଗତ ମଙ୍ଗଳବାର ଦିନ ପରିବାର ଲୋକେ ସୃଷ୍ଟିକୁ ଫୋନରେ ଯୋଗାଯୋଗ କରିବାରୁ କୌଣସି ଉତ୍ତର ନମିଳିବାରୁ ସୃଷ୍ଟିଙ୍କ ସଂପର୍କିୟ ବୁଧୁବାର ଦିନ ଲାଲାପୁରରେ ପହଞ୍ଚିଥିଲେ। ବହୁ ଖୋଜାଖୋଜି ପରେ ପତ୍ତା ନମିଳିବାରୁ ସ୍ଥାନୀୟ ପୁଲିସରେ ନିଖୋଜ ମାମଲା ଦାଏର କରିଥିଲେ। ପୁଲିସ ସିସିଟିଭି ଆଧାରରେ ଘର ମାଲିକଙ୍କ ପୁଅ ଅମିତ କୁମାରଙ୍କୁ ପଚରା ଉଚରା କରିଥିଲା। ସୃଷ୍ଟିଙ୍କୁ ହତ୍ୟା କରିଥିବା ସ୍ୱୀକାର କରିଥିବା ସୂଚନା ମିଳିଛି। ହତ୍ୟା କରିବା ପରେ ପଥର ବାନ୍ଧି ସ୍ଥାନୀୟ ବାଡୋର ନଦୀରେ ଫିଙ୍ଗି ଦେଇଥିବା ପୁଲିସ ଆଗରେ ଅମିତ ସ୍ୱୀକାର କରିଛି। ତେବେ ହତ୍ୟାକାଣ୍ଡର କାରଣ ଅସ୍ପଷ୍ଟ। ଅମିତକୁ ଅଟକ ରଖି ପଚରାଉଚରା କରୁଛି ପୁଲିସ। ଅନ୍ୟପଟେ ଆଜି ମୃତ ସୃଷ୍ଟିଙ୍କ ପରିବାର ଲୋକେ ଉତ୍ତରାଖଣ୍ଡ ଅଭିମୁଖେ ଯାଇଛନ୍ତି।

ଘର ମାଲିକଙ୍କ ପୁଅ ଅଟକ

ରାଜ୍ୟସ୍ତରୀୟ ପ୍ରଦ୍ୟୁମ୍ନ ବଳ ଜୟନ୍ତୀ ସମାରୋହ ଆରମ୍ଭ

## ରାଜନୀତି ଓ ସାମ୍ବାଦିକତାରେ ମୂଲ୍ୟବୋଧ ଜରୁରୀ

**ଭୁବନେଶ୍ୱର, ୭।୧୧(ସଂଚାର ବ୍ୟୁରୋ):** ରାଜନୀତି ଓ ସାମ୍ବାଦିକତାରେ ମୂଲ୍ୟବୋଧର ଆବଶ୍ୟକତା ଏବେ ଜରୁରୀ ହୋଇପଡିଛି। ସେହିପରି ସାହିତ୍ୟ କ୍ଷେତ୍ରରେ ମଧ୍ୟ ପ୍ରଗତିବାଦୀ ଚିନ୍ତାଧାରା ଆହୁରି ଅଧିକ ପ୍ରଭାବିତ ହେବାର ଆବଶ୍ୟକତା ଅଛି। ସମାଜ ଓ ସ୍ଥିତି ଯେପରିଭାବେ ବଦଳୁଛି ସେଥିରେ ପ୍ରଦ୍ୟୁମ୍ନ ବଳଙ୍କ ଆଦର୍ଶ ତଥା ବିଚାରର ପୁନଃ ଜାଗରଣ ଏକ ଆଲୋକବର୍ତ୍ତିକ ହୋଇପାରିବ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଛନ୍ତି। 'ପ୍ରଗତିବାଦୀ' ପରିସରରେ ଦୁଇଦିନିଆ ରାଜ୍ୟସ୍ତରୀୟ ପ୍ରଦ୍ୟୁମ୍ନ ବଳ ଜୟନ୍ତୀ ସମାରୋହ ଶୁକ୍ରବାର ଠାରୁ ଆରମ୍ଭ ହୋଇଛି। କବିତା ପାଠୋତ୍ସବ ଏବଂ ସାରସ୍ୱତ ସଭା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ ସହିତ ଏହି ଦୁଇ ଦିନିଆ ସମାରୋହ ଆରମ୍ଭ କରାଯାଇଥିବା ବେଳେ ଶନିବାର ଦେଶର ପ୍ରାକ୍ତନ ଲୋକପାଳ ତଥା ଝାଡଖଣ୍ଡ ହାଇକୋର୍ଟର ପୂର୍ବତନ ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ପ୍ରଦୀପ କୁମାର ମହାନ୍ତି ଜୟନ୍ତୀ ଦିବସ ସମାରୋହକୁ ଉଦଘାଟନ କରିବେ।ଶୁକ୍ରବାରର କାର୍ଯ୍ୟକ୍ରମରେ ପ୍ରଥମେ କବି ରକ୍ଷକ ନାୟକଙ୍କ ଅଧ୍ୟକ୍ଷତାରେ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। ଏଥିରେ ମୁଖ୍ୟ ଅତିଥି ଭାବରେ ବିଶିଷ୍ଟ ସାହିତ୍ୟିକା ପ୍ରଫେସର ଡଃ ସଂଘମିତ୍ରା ମିଶ୍ର, ବିଶିଷ୍ଟ ଅତିଥି ଭାବରେ ବିଶିଷ୍ଟ ସମାଜସେବିକା ଝରଣା ପଟ୍ଟନାୟକ ଓ ସମ୍ମାନିତ ଅତିଥି ଭାବରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟର ଆସୋସିଏଟ ପ୍ରଫେସର ଗୋପାଳକୃଷ୍ଣ ଆଚାର୍ଯ୍ୟ ଯୋଗ ଦେଇଥିଲେ।



ପ୍ରତିଷ୍ଠାତା: ଡାକ୍ତର ଦାମୋଦର ରାଉତ Published by Sri Rudra Pratap Das at Plot No.312, Flat No.003,Green High Appartment, Kharvel Nagar, Bhubaneswar, Dist-Khorda-751001 and Owned by Sri Saroj Kumar Nayak of Plot No.495, Nilakantha Nagar, Nayapalli, Bhubaneswar-751012 and printed by Sri Sudhir Kumar Panda at Nijukti Khabar Prakashan, TS 3/191, Mancheswar Industrial Estate, Bhubaneswar-751010, Dist-Khurda (Odisha) Ph. No. 8093008776
Editor: Himanshu Bhusan Kar
ସମ୍ପାଦକ: ହିମାଂଶୁ ଭୂଷଣ କର




# ଛାଡ଼ଖାଇରେ ୬୦ କୋଟିର ବିଜନେସ



ଭୁବନେଶ୍ୱର,୭।୧୧ (ସଂଚାର ବ୍ୟୁରୋ): ଧର୍ମ ମାସ କାର୍ତ୍ତିକ ପରଦିନ ଛାଡଖାଇ। କିନ୍ତୁ ଏଥର ଛାଡଖାଇ ଗୁରୁବାରରେ ପଡିଥିଲା, ତେଣୁ ଟିକେ ମାଛ ମାର୍କେଟ ମାନ୍ଦା ପଡିଯାଇଥିଲା। କିନ୍ତୁ ଆଜି ଶୁକ୍ରବାର ଦିନ ଛାଡଖାଇ ସ୍ପେଶାଲ ହେଉଛି। ମାସ ମାସ ଧରି ମାଛ ମାଂସ ନଖାଇ ପାଟି ଟିକେ ଅସୁଆଦିଆ ହୋଇଯାଇଥିଲା, ତେଣୁ ସକାଳୁ ସକାଳୁ ଭୁବନେଶ୍ୱରରେ ମାଛ ମାର୍କେଟରେ ଭିଡ଼ । ସକାଳ ବେଳକୁ ପାଦ ପକାଇବାକୁ ଜାଗା ନାହିଁ । ମାର୍କେଟରେ ଭଳିକି ଭଳି ମାଛ। ରୋହି, ଭାକୁର, ଭେକଟି ମାଛ ସାଂଗକୁ କଙ୍କଡା, ଚିଙ୍ଗୁଡି, ମଟନ୍ , ଚିକେନ୍, ଅଣ୍ଡା ନେବାକୁ ଲୋକଙ୍କ ଭିଡ ଜମିଛି। ନିଜ ନିଜ ପସନ୍ଦର ନନଭେଜ୍ ନେବାକୁ ଗ୍ରାହକ ବି ରେଡି। ଛାଡଖାଇ ପାଇଁ ଟିକେ ମାଛ ମାଂସର ଦର ବି ବଢ଼ିଯାଇଛି। କଙ୍କଡା ଦର ଶୁଣିଲେ ମୁଣ୍ଡ ଘାବରେଇ ଯିବ। କଙ୍କଡା କିଲ ୫ ଶହରୁ ଆରମ୍ଭ କରି ୨୫ ଶହ ଟଙ୍କା, ମଟନ୍ ୮ ଶହରୁ ୮୫୦ ରହିଛି । ମାଛର ଦାମ୍ ବି ଟିକେ ଉଚ୍ଚା ରହିଛି। ସେହିପରି ରୋହି, ଭାକୁର ୨୦୦ ଟଙ୍କା, ମିରିକାଲୀ ୨୫୦, ବାଗଦା ଚିଙ୍ଗୁଡ଼ି ୬୦୦ରୁ ୧୦୦୦, ଇଲିସି ୧୮୦୦, ବଡ଼ ଚିଙ୍ଗୁଡ଼ି ୪୮୦, ପୋହଳା ୨୦୦, ଚୁନା ମାଛ ୨୫୦, ଅକ୍ଟୋପସ ୩୦୦, ଚାନ୍ଦି ୨୫୦, ପମ୍ଫ୍ଲେଟ ୯୦୦ , କୁରାଣ୍ଡି ୩୫୦, କଣ୍ଟାଲ ୫୦୦, ଭେକଟି ୫୦୦ , କିଂଗ୍ ଫିସ୍ ୬୦୦ ଟଙ୍କା ରହିଛି। ଆଜି ଛାଡଖାଇ ପାଇଁ ଭଲ ବିଜିନେସ୍ ହୋଇଛି। ଛାଡଖାଇରେ ସମଗ୍ର ଓଡିଶାରେ ୬୦ରୁ ୭୦ କୋଟି ଟଙ୍କାର ବିଜନେସ୍ ଏବଂ କେବଳ ଭୁବନେଶ୍ୱରରେ ୫ରୁ ୭ କୋଟି ବିଜିନେସ୍ ହୋଇଥିବା କହିଛି ମାଛ ବ୍ୟବସାୟୀ ସଂଘ।

## ପଟିଆରେ ଖୋଲିଲା 'ମେଟ୍ରୋ'ର ନୂଆ ଷ୍ଟୋର୍




ଭୁବନେଶ୍ୱର, ୭।୧୧: ଫୁଟ୍ ୱେୟାର ପ୍ରେମୀଙ୍କ ପାଇଁ ଏକ ବଡ଼ ଖବର! ଭାରତର ସବୁଠାରୁ ପ୍ରମୁଖ ଫୁଟ୍ ୱେୟାର ରିଟେଲର ମେଟ୍ରୋ ବ୍ରାଣ୍ଡ ଭୁବନେଶ୍ୱର ସ୍ଥିତ ପଟିଆରେ ନୂତନ ଷ୍ଟୋର୍ ଲଞ୍ଚ କରିଛି। କିଟ୍ ମେନ୍ ରୋଡର ବଜରଙ୍ଗ ବିହାରରେ ଖୋଲିଥିବା ଏହି ନୂତନ ଆଉଟଲେଟରେ ଆପଣ ଆପଣଙ୍କ ମନପସନ୍ଦର ଜୋତା କିଣିପାରିବେ। ଏହାସହ ୱାନ୍-ଷ୍ଟପ୍ ଡେଷ୍ଟିନେସନର ପ୍ରତିଶ୍ରୁତି ଦେଇଛି କମ୍ପାନି।

ଉଦଘାଟନ ଅବସରରେ ମେଟ୍ରୋ ଏହାର ଗ୍ରାହକମାନଙ୍କ ପାଇଁ ଏକ ସ୍ପେଶାଲ ଅଫର୍ ଘୋଷଣା କରିଛି। ପାଟିଆ

### ଗ୍ରାହକଙ୍କ ପାଇଁ ବମ୍ପର ଅଫର୍: ୨୦% ରିହାତି

ଷ୍ଟୋରକୁ ଆସୁଥିବା ଗ୍ରାହକମାନେ ମେଟ୍ରୋର ବିଭିନ୍ନ ରେଞ୍ଜରେ ୨୦% ପର୍ଯ୍ୟନ୍ତ ରିହାତି ପାଇପାରିବେ। ଆଗାମୀ ଉତ୍ସବ ଏବଂ ବିବାହ ଋତୁ ପାଇଁ ଗ୍ରାହକମାନେ ଜୋତାକୁ ଅପଗ୍ରେଡ୍ କରିବାର ଏକ ଉତ୍ତମ ସମୟ।

୧୯୫୫ ମସିହାରେ ମୁମ୍ବାଇରେ ଏହାର ପ୍ରଥମ ଷ୍ଟୋର ଖୋଲିବା ପରଠାରୁ ମେଟ୍ରୋ ବ୍ରାଣ୍ଡ ବହୁତ ଆଗକୁ ବଢ଼ିଛି। ବେଷ୍ଟ ଫୁଟ ୱେୟର ପାଇଁ ପରିଚିତ ହୋଇଛି। ଯାହା ବିଶ୍ୱ ଫ୍ୟାଶନ୍ ଟ୍ରେଣ୍ଡକୁ ଆଞ୍ଚଳିକ ସ୍ତରରେ ଖୁବ ଶୀଘ୍ର ପହଞ୍ଚାଏ।

ପଟିଆର ନୂଆ ଷ୍ଟୋରରେ ଉଭୟ ପୁରୁଷ, ମହିଳା ଏବଂ ପିଲାମାନଙ୍କ ପାଇଁ ବିଭିନ୍ନ ପ୍ରକାରର ପ୍ରଡକ୍ଟ ଉପଲବ୍ଧ ହେବ। ଯାହା କଲେଜ ଠାରୁ ଆରମ୍ଭ କରି ଇଭେଣ୍ଟ ପ୍ରୋଗ୍ରାମ ପର୍ଯ୍ୟନ୍ତ ପ୍ରତ୍ୟେକ ଅବସର ପାଇଁ ଉପଯୁକ୍ତ। ମୋଚି, ୱାକୱେ, ଡା ଭିନ୍ସି ଏବଂ ଜେ. ଫଣ୍ଟିନି ଭଳି ଏହାର ଲୋକପ୍ରିୟ ଇନ-ହାଉସ୍ ବ୍ରାଣ୍ଡଗୁଡ଼ିକ ଗୋଟିଏ ଛାତ ତଳେ ପାଇପାରିବେ। ସେପ୍ଟେମ୍ବର ୨୦୨୫ ସୁଦ୍ଧା, ମେଟ୍ରୋ ବ୍ରାଣ୍ଡସ୍ ଭାରତର ୨୧୧ଟି ସହରରେ ୯୬୬ଟି ଷ୍ଟୋର ସଫଳତାର ସହ ପରିଚାଳନା କରିବ। ପ୍ରତ୍ୟେକ ଭାରତୀୟଙ୍କ ନିକଟରେ ଗୁଣାତ୍ମକ ଏବଂ ଷ୍ଟାଇଲିସ୍ ଫୁଟଓ୍ୱିୟର ଆଣିବାର ଏହାର ମିଶନକୁ ଜାରି ରଖିବ।

## ଆଜିର ସୁନା ଦର



ଆଜି ସୁନା କିଣିବାକୁ ଚାହୁଁଛନ୍ତି ବା ଯୋଜନା କରିଛନ୍ତି ତେବେ ପ୍ରଥମେ ଜାଣି ନିଅନ୍ତୁ ଆଜିର ସୁନା ଦର। ଆଜି ଭାରତୀୟ ବଜାରରେ ୨୪ କ୍ୟାରେଟ ସୁନା ୧,୨୧,୯୧୦ ଟଙ୍କା ରହିଛି। ସେହିପରି ୨୨ କ୍ୟାରେଟ ସୁନା ଦର ୧,୧୧,୭୫୦ ଟଙ୍କା ଛୁଇଁଛି। ସେହିପରି ରାଜଧାନୀ ଭୁବନେଶ୍ୱରରେ ୨୪ କ୍ୟାରେଟ୍ ସୁନା ମୂଲ୍ୟ ୧୦ ଗ୍ରାମ ପିଛା ୧,୨୧,୯୧୦ ଟଙ୍କା ରହିଥିବା ବେଳେ ୨୨ କ୍ୟାରେଟ୍ ସୁନାର ମୂଲ୍ୟ ହଜାର ୧,୧୧,୭୫୦ ଟଙ୍କାକୁ ପହଞ୍ଚିଛି। ସେହିପରି ମୁମ୍ବାଇରେ ୨୪ କ୍ୟାରେଟ୍ ମୂଲ୍ୟ ୧,୨୧,୯୧୦ ଟଙ୍କା ଓ ୨୨ କ୍ୟାରେଟ୍ ମୂଲ୍ୟ ୧,୧୧,୭୫୦ ଟଙ୍କା ରହିଛି। ନୂଆଦିଲ୍ଲୀରେ ୨୪ କ୍ୟାରେଟ୍ ୧,୨୨,୦୬୦ ଟଙ୍କା ଓ ୨୨ କ୍ୟାରେଟ୍ ୧,୧୧,୯୦୦ ଟଙ୍କା ରହିଛି। ଦକ୍ଷିଣ ଭାରତର ପ୍ରମୁଖ ସହର ଚେନ୍ନାଇରେ ୨୪ କ୍ୟାରେଟ ମୂଲ୍ୟ ୧,୨୨,୭୩୦ ଟଙ୍କା ଥିବା ବେଳେ ୨୨ କ୍ୟାରେଟ ମୂଲ୍ୟ ୧,୧୨, ୫୦୦ ଟଙ୍କା ରହିଛି। ପୂର୍ବ ଭାରତର ପ୍ରମୁଖ ସହର କୋଲକାତାରେ ଯଥାକ୍ରମେ ୧,୨୧,୯୧୦ ଓ ୧,୧୧,୭୫୦ ଟଙ୍କା ରହିଛି। ଅନ୍ୟପଟେ ରୁପା ମୂଲ୍ୟ କିଲୋ ପିଛା ୧, ୫୧,୫୦୦ ଟଙ୍କା ହୋଇଛି।

# ବେଲଜିୟମ-ସ୍ୱିଜରଲାଣ୍ଡ୍ ଜିଡିପିଠୁ ଅଧିକ ମସ୍କଙ୍କ ବେତନ



ନ୍ୟୁୟର୍କ,୭।୧୧: ବିଶ୍ୱର ସବୁଠୁ ଅଧିକ ଦରମା ପାଉଥିବା ବ୍ୟକ୍ତି ହେଲେ ଏଲନ ମସ୍କ। କେବଳ ଏତିକି ନୁହେଁ ତାଙ୍କ ଦରମା ଅନେକ ଦେଶର ଜିଡିପିଠୁ ମଧ୍ୟ ବେଶି। କିଛି ଏପରି ଘୋଷଣା କରିଛନ୍ତି ଟେସଲା କର୍ତ୍ତୃପକ୍ଷ। ନଭେମ୍ବର ୬ ତାରିଖରେ ଟେସଲା କମ୍ପାନୀର ବାର୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ଯେଉଁଥିରେ ଅଧିକାଂଶ ସେୟାର ହୋଲ୍ଡର ମସ୍କଙ୍କ ଦରମା ବାବଦ ପ୍ରସ୍ତାବକୁ ସମର୍ଥନ କରିଥିଲେ।

ପୂର୍ବରୁ ଟେସଲାର ନିବେଶକମାନେ ମସ୍କଙ୍କ ବର୍ଦ୍ଧିତ ଦରମାକୁ ସମର୍ଥନ କରିଥିଲେ। ଯେଉଁଥିରେ ତାଙ୍କ ଦରମା ୫୫.୮ ବିଲିୟନ ଡଲାର ବା ୪ ଲକ୍ଷ ୬୬ ହଜାର କୋଟି ଟଙ୍କା ଥିଲା। କିନ୍ତୁ ପରେ କୋର୍ଟ ସେୟାର ଧାରକଙ୍କ ମାମଲାର ଶୁଣାଣି କରି ନିଷ୍ପତ୍ତି ଉପରେ ରୋକ୍ ଲଗାଇଥିଲେ। ନଭେମ୍ବର ୬ରେ ପୁଣି ସମାନ ପ୍ରସ୍ତାବ ଆଗତ ହୋଇଥିଲା। ଯେଉଁଥିରେ ଦରମାକୁ ୮୩ ଲକ୍ଷ କୋଟି ଟଙ୍କା କରିବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। କୁହାଯାଉଛି ଯେ, ମସ୍କଙ୍କ ଉପରେ ନିବେଶକ ଏବଂ ସେୟାର ଧାରକଙ୍କ ଭରସା ରହିଛି। ତେଣୁ ସେମାନେ ପ୍ରସ୍ତାବକୁ ସମର୍ଥନ କରିଥିଲେ। ଅତୀତରେ ଟେସଲାର ଅନେକ କମ୍ପାନୀ ଭଲ ଲାଭ କରିଛନ୍ତି। ଯାହା ମସ୍କଙ୍କ ପାଇଁ ସମ୍ଭବପର ହୋଇଛି । ମହାକାଶ ବିଜ୍ଞାନରେ ମଧ୍ୟ ମସ୍କଙ୍କ ସ୍ପେସ ଏକ୍ସ ଭଲ ଲାଭ କରିଛି।

ଆଇଏମଏଫର ରିପୋର୍ଟକୁ ଦେଖିଲେ ମସ୍କଙ୍କ ଦରମା ଅନେକ ୟୁରୋପୀୟ ଦେଶର ଜିଡିପିଠୁ ଢେର ଅଧିକ। ପୋଲାଣ୍ଡର ଜିଡିପି ୯୮୦ ବିଲିୟନ ଡଲାର ଥିବା ବେଳେ ସ୍ୱିଜରଲାଣ୍ଡର ଜିଡିପି ୯୪୭ ବିଲିୟନ ଡଲାର। ସେହିପରି ବେଲଜିୟମ, ସ୍ୱିଡେନ୍, ଆୟାରଲ୍ୟାଣ୍ଡର ଜିଡିପିଠାରୁ ମଧ୍ୟ ମସ୍କଙ୍କ ଦରମା ଅଧିକ। ଅନ୍ୟ ଦିଗରେ ମସ୍କଙ୍କ ନୂଆ ଦରମାକୁ ସମାଲୋଚନା କରିଛି ଟେସଲା ଟେକଡାଉନ୍। ସଂଗଠନ ପକ୍ଷରୁ କୁହାଯାଇଛି ଯେ, ଟେସଲା ଗାଡି ବିକ୍ରିରେ ହ୍ରାସ ପରିଲକ୍ଷିତ ହୋଇଛି। କାରର ସୁରକ୍ଷାକୁ ନେଇ ଅନେକ ପ୍ରଶ୍ନ ଉଠିଛି। ଏପରିକି ତାଙ୍କର ରାଜନୈତିକ ବିଚାରଧାରା ଗ୍ରାହକଙ୍କୁ କମ୍ପାନୀଠାରୁ ଦୂରରରେ ରଖୁଛି।

## ପାର୍ବଣରେ ଜମିଲା ଗାଡ଼ି ବିକ୍ରି
# ୪୨ ଦିନରେ ବିକ୍ରି ହେଲା ରେକର୍ଡ ସଂଖ୍ୟକ ୫୨ ଲକ୍ଷ ଗାଡ଼ି

ନୂଆଦିଲ୍ଲୀ, ୭।୧୧: ଚଳିତ ବର୍ଷ ପାର୍ବଣ ଋତୁରେ ରେକର୍ଡ ଭାଙ୍ଗିଲା ଭାରତର ଅଟୋ ସେକ୍ଟର। ଫେଡେରେସନ ଅଫ୍ ଅଟୋମୋବାଇଲ୍ ଡିଲର୍ସ ଆସୋସିଏସନ୍ (ଏଫଏଡିଏ)ର ତଥ୍ୟ ଅନୁଯାୟୀ, ଏଥର ୪୨ ଦିନିଆ ପାର୍ବଣ ଋତୁରେ ଯାନର ଖୁଚୁରା ବିକ୍ରୟ ୨୧% ବୃଦ୍ଧି ପାଇ ୫୨, ୩୮, ୪୦୧ ୟୁନିଟ୍ ହୋଇଛି। ଯାହା ଗତ ବର୍ଷର ୪୩, ୨୫, ୬୩୨ ୟୁନିଟ୍ ତୁଳନାରେ ବହୁତ ଅଧିକ। ଏହି ସମୟ ମଧ୍ୟରେ, ପାସେଞ୍ଜର ଗାଡ଼ିର ବିକ୍ରି ୨୩% ବୃଦ୍ଧି ପାଇ ୭,୬୬,୯୧୮ ୟୁନିଟ୍ ରହିଛି।ସେହିଭଳି ଦୁଇଚକିଆ ବିକ୍ରି ୨୨% ବୃଦ୍ଧି ପାଇ ୪୦, ୫୨, ୫୦୩ ୟୁନିଟ୍ ରହିଛି। ଏଫଏଡିଏ ସଭାପତି ସି.ଏସ୍. ବିଘ୍ନେଶ୍ୱର କହିଛନ୍ତି ଯେ, ଏହି ପାର୍ବଣ ଋତୁରେ ହୋଇଥିବା ବିକ୍ରି, ଭାରତର ଅଟୋ ସେକ୍ଟରର ଖୁଚୁରା ବିକ୍ରି ଇତିହାସର ସବୁଠୁ ବଡ଼। ଜିଏସଟି ୨.୦ ଯୋଗୁ ମଧ୍ୟବିତ୍ତ ବର୍ଗଙ୍କ ପାଇଁ ଯାନବାହାନ କିଣିବା ସରଳ ଓ ସହଜ ହୋଇଛି। କମ୍ପାକ୍ଟ ଓ ୪ ମିଟରରୁ କମ୍ ଆକାରର ଗାଡ଼ି ଚାହିଦା ସବୁଠୁ ଅଧିକ ରହିଛି। ଗ୍ରାମାଞ୍ଚଳର ମଧ୍ୟ ଗାଡ଼ି ବିକ୍ରି ଆଖିଦୃଶିଆ ଭାବରେ ବଢ଼ିଛି। ଏହା ବାଦ ଇଲେକ୍ଟ୍ରିକ୍ ଗାଡ଼ି ପ୍ରତି ମଧ୍ୟ ଗ୍ରାହକଙ୍କ ଆଗ୍ରହ ବଢ଼ିଛି। ତିନି ଚକିଆ ଏବଂ କର୍ମସିଆଲ ଇଭି ଗାଡ଼ିର ବିକ୍ରି ଯଥାକ୍ରମେ ୯% ଏବଂ ୧୫% ଅଭିବୃଦ୍ଧି ରେକର୍ଡ କରିଛି। ଯାତ୍ରୀବାହୀ ଯାନ ସେଗମେଣ୍ଟରେ ମାରୁତି ସୁଜୁକି ୨.୩୯ ଲକ୍ଷ ୟୁନିଟ୍ ବିକ୍ରି କରି ୧୮ ପ୍ରତିଶତ ଅଭିବୃଦ୍ଧି ହାସଲ କରିଛି। ଏହା ପରେ ଟାଟା ମୋଟର୍ସ ୧୩ ପ୍ରତିଶତ ବୃଦ୍ଧି ପାଇ ୭୫,୩୫୨ ୟୁନିଟ୍ ଏବଂ ମହିନ୍ଦ୍ରା ୯ ପ୍ରତିଶତ ବୃଦ୍ଧି ପାଇ ୬୭,୯୧୮ ୟୁନିଟ୍ ବିକ୍ରି କରିଛି। ହୁଣ୍ଡାଇ ମୋଟର ଇଣ୍ଡିଆର ଖୁଚୁରା ବିକ୍ରୟ ଅକ୍ଟୋବର ୨୦୨୫ରେ ୭ ପ୍ରତିଶତ ହ୍ରାସ ପାଇ ୬୫,୪୪୨ ୟୁନିଟ୍ ହୋଇଛି। ଦୁଇଚକିଆ ଯାନ ସେଗମେଣ୍ଟରେ ହିରୋ ମୋଟୋକର୍ପ ଆଗରେ ରହିଛି। ୨୦୨୪ ଅକ୍ଟୋବରରେ କମ୍ପାନି ବିକ୍ରି କରିଥିବା ୫, ୭୭, ୬୭୮ ତୁଳନାରେ ଏଥର ବିକ୍ରି ୭୨% ବଢି ପାଇ ୯, ୯୪, ୭୮୭ ୟୁନିଟ୍ ହୋଇଛି। ଏହା ପରେ ହୋଣ୍ଡା ମୋଟରସାଇକେଲ୍ ଏବଂ ସ୍କୁଟର ଇଣ୍ଡିଆର ୪୮% ବୃଦ୍ଧି ପାଇ ୮, ୨୧, ୯୭୬ ୟୁନିଟ୍ ଏବଂ ଟିଭିଏସ ମୋଟର ବିକ୍ରୟ ୫୮% ବୃଦ୍ଧି ପାଇ ୫, ୫୮, ୦୭୫ ୟୁନିଟ୍ ହୋଇଛି।

## ଆଜିର ପେଟ୍ରୋଲ, ଡିଜେଲ୍ ଦର

ତେବେ ଗୋଟେ ଦୁଇଟି ସହରକୁ ଛାଡିବା ପରେ ପ୍ରମୁଖ ସହର ଗୁଡିକରେ ପେଟ୍ରୋଲ ଓ ଡିଜେଲ ମୂଲ୍ୟରେ ପରିବର୍ତ୍ତନ ହୋଇନି। ପ୍ରତିଦିନ ତେଲର ନୂଆ ଦର ନିର୍ଦ୍ଧାରଣ କରାଯାଇଥାଏ। ହେଲେ ଭୁବନେଶ୍ୱରରେ କମିଛି ପେଟ୍ରୋଲ ଏବଂ ଡିଜେଲ ଦାମ୍। ଆଜି ଭୁବନେଶ୍ୱରରେ ପେଟ୍ରୋଲ ଦର ୧୦୧.୧୬ ପଇସା ରହିଥିବା ବେଳେ ଡିଜେଲ ଦାମ୍ ପ୍ରତି ଲିଟର ପିଛା ୯୨.୭୪ ପଇସା ରହିଛି। ସେହିପରି ଦିଲ୍ଲୀରେ ପେଟ୍ରୋଲ ଲିଟର ପିଛା ୯୪ ଟଙ୍କା ୭୭ ପଇସା ଓ ଡିଜେଲ ଦର ୮୭ ଟଙ୍କା ୬୭ ପଇସା ହୋଇଛି। ମୁମ୍ବାଇରେ ପେଟ୍ରୋଲ ଲିଟର ପିଛା ୧୦୩ ଟଙ୍କା ୫୦ ପଇସା ହୋଇଥିବା ବେଳେ ଡିଜେଲ ଲିଟର ପିଛା ୯୦.୦୩ ଟଙ୍କା ରହିଛି। ସେହିପରି କୋଲକାତାରେ ପେଟ୍ରୋଲ ଦର ୧୦୫.୪୧ ଟଙ୍କା ଥିବାବେଳେ ଡିଜେଲ ଦର ୯୨ ଟଙ୍କା ୦୨ ପଇସା ରହିଛି। ଚେନ୍ନାଇରେ ପେଟ୍ରୋଲ ଦର ୧୦୦ ଟଙ୍କା ୯୦ ପଇସା ଥିବା ବେଳେ ଡିଜେଲ ଦାମ ୯୨ ଟଙ୍କା ୪୯ ପଇସା ରହିଛି।



## ଚ୍ୟବନପ୍ରାଶକୁ ନେଇ ତେଜିଲା ବିବାଦ
# କୋର୍ଟରେ ମୁହାଁମୁହିଁ ହେଲେ ଡାବର-ପତଞ୍ଜଳି

ନୂଆଦିଲ୍ଲୀ, ୭।୧୧: ନିଜକୁ ବେଷ୍ଟ ବୋଲି କୁହ ପଛେ ଅନ୍ୟକୁ ଠକ ବୋଲି କହିପାରିବ ନାହିଁ। ଆୟୁର୍ବେଦ ସାମଗ୍ରୀ ପ୍ରସ୍ତୁତ କରୁଥିବା ଯୋଗ ଗୁରୁ ବାବା ରାମଦେବଙ୍କ କମ୍ପାନୀ ପତଞ୍ଜଳିକୁ କିଛି ଏଭଳି ଭାଷାରେ ଶୁଣାଇଦେଇଛନ୍ତି କୋର୍ଟ। ବାସ୍ତବରେ ଦିଲ୍ଲୀ ହାଇକୋର୍ଟରେ ଡାବର ଇଣ୍ଡିଆ ଏବଂ ପତଞ୍ଜଳି ଆୟୁର୍ବେଦ ମଧ୍ୟରେ ଏକ ଆଇନଗତ ବିତର୍କ ପରେ, କୋର୍ଟ ତାଙ୍କର ରାୟ ସଂରକ୍ଷିତ ରଖିଛନ୍ତି। ମାମଲାଟି ପତଞ୍ଜଳିର ନୂତନ ସ୍ୱତନ୍ତ୍ର ଚ୍ୟବନପ୍ରାଶ ବିଜ୍ଞାପନ ସହିତ ଜଡିତ, ଯାହା ଅନ୍ୟ ସମସ୍ତ ବ୍ରାଣ୍ଡକୁ ଠକ ବୋଲି ଅଭିହିତ କରିଥିଲା।

ଦିଲ୍ଲୀ ହାଇକୋର୍ଟରେ ଏକ ଶୁଣାଣି ସମୟରେ, ବିଚାରପତି ତେଜସ କାରିଆ ପତଞ୍ଜଳିକୁ କଠୋର ଭାବରେ ପ୍ରଶ୍ନ କରିଥିଲେ, "ତୁମେ ନିଜକୁ ସର୍ବୋତ୍ତମ କହିପାରିବ, କିନ୍ତୁ ଅନ୍ୟମାନଙ୍କ ଉତ୍ପାଦକୁ 'ଠକ' କହିପାରିବ ନାହିଁ।" 'ଠକ' ଶବ୍ଦଟି ନକାରାତ୍ମକ ଏବଂ ଅପମାନଜନକ। ଶବ୍ଦକୋଷରେ ଏଭଳି ଅନ୍ୟ କୌଣସି ଶବ୍ଦ ଆପଣ ପାଇପାରିବେ ନାହିଁ କି?" ଡାବରଙ୍କ ପ୍ରତିନିଧିତ୍ୱ କରୁଥିବା ଓକିଲ ଦିଲ୍ଲୀ ହାଇକୋର୍ଟରେ ଯୁକ୍ତି ଦେଇଥିଲେ ଯେ ଏହି




ବିଜ୍ଞାପନ କେବଳ ଡାବର ନୁହେଁ ବରଂ ସମଗ୍ର ଚ୍ୟବନପ୍ରାଶ ଶିଳ୍ପର ପ୍ରତିଷ୍ଠାକୁ କ୍ଷତି ପହଞ୍ଚାଏ। "ଆମେ ଏକ ୧୦୦ ବର୍ଷ ପୁରୁଣା କମ୍ପାନୀ, ଆମର ୬୧ ପ୍ରତିଶତ ବଜାର ଅଂଶ ଅଛି, ଏବଂ ଏହି ବିଜ୍ଞାପନ ମାତ୍ର ପାଞ୍ଚ ଦିନରେ ୯୦ ନିୟୁତ ଥର ଦେଖାଯାଇଛି। ଏହା ଲୋକଙ୍କ ମଧ୍ୟରେ ଭୟ ଏବଂ ଦ୍ୱନ୍ଦ୍ୱ ସୃଷ୍ଟି କରିବାର ଏକ ପ୍ରୟାସ," ଓକିଲ ଯୁକ୍ତି ଦେଇଥିଲେ।

ଓକିଲ ଏହା ମଧ୍ୟ କହିଛନ୍ତି ଯେ ପତଞ୍ଜଳି ମିଥ୍ୟା ଦାବି କରୁଛି ଯେ ଏହାର ଚ୍ୟବନପ୍ରାଶରେ ୫୧ଟି ଆୟୁର୍ବେଦିକ ଔଷଧ ଏବଂ କେସର ରହିଛି, ଯଦିଓ କେନ୍ଦ୍ର ସରକାର ପୂର୍ବରୁ ଏପରି ଦାବିକୁ ଭ୍ରାମକ ଘୋଷଣା କରିଥିଲେ। ଓକିଲ ଯୁକ୍ତି କରିଥିଲେ ଯେ "ସ୍ୱତନ୍ତ୍ର" ଶବ୍ଦର ବ୍ୟବହାର ମଧ୍ୟ ନିୟମ ଉଲ୍ଲଂଘନ କରେ, କାରଣ ଆୟୁର୍ବେଦିକ ଔଷଧର ନାମରେ ଏପରି ଶବ୍ଦ ଯୋଡିବା ବେଆଇନ। ଦିଲ୍ଲୀ ହାଇକୋର୍ଟରେ ପତଞ୍ଜଳିର ଓକିଲ ଯୁକ୍ତି ଦେଇଥିଲେ ଯେ, "ଆମେ କୌଣସି କମ୍ପାନୀକୁ ଠକ କହୁନାହୁଁ। ଏହା କେବଳ ମାର୍କେଟିଂ ଭାଷା। ମୁଁ କହିପାରିବି ଯେ ମୋର ଉତ୍ପାଦ ସର୍ବୋତ୍ତମ। ଡାବର ଏ ବିଷୟରେ ଅତ୍ୟଧିକ ସମ୍ବେଦନଶୀଳ ହେଉଛି।"

ଉଭୟ ପକ୍ଷର ଯୁକ୍ତି ଶୁଣିବା ପରେ, ଦିଲ୍ଲୀ ହାଇକୋର୍ଟ ତାଙ୍କ ନିଷ୍ପତ୍ତି ସଂରକ୍ଷିତ ରଖିଛନ୍ତି। ପରବର୍ତ୍ତୀ ଶୁଣାଣିରେ ପତଞ୍ଜଳିକୁ ଏହାର ବିଜ୍ଞାପନରେ "ଠକ" ଭଳି ଶବ୍ଦ ବ୍ୟବହାର କରିବାରୁ ନିଷେଧ କରାଯିବ କି ନାହିଁ ତାହା ନିର୍ଣ୍ଣୟ କରାଯିବ।

## ଇଡେଲ୍‌ଗିଭ୍ ହୁରୁନ୍ ଇଣ୍ଡିଆ ଫିଲାନ୍‌ଥ୍ରୋପି ତାଲିକା ପ୍ରକାଶ
# ୧୦,୩୮୦ କୋଟି ଦାନ କଲେ ଧନକୁବେର

ନୂଆଦିଲ୍ଲୀ, ୭।୧୧: ଦେଶର ଦାନବୀର ଅରବପତିମାନେ ଚଳିତ କ୍ୟାଲେଣ୍ଡର ବର୍ଷରେ ମୋଟ ୧୦,୩୮୦ କୋଟି ଟଙ୍କା ଦାନ କରିଛନ୍ତି। ଇଡେଲ୍‌ଗିଭ୍ ହୁରୁନ୍ ଇଣ୍ଡିଆ ଫିଲାନ୍‌ଥ୍ରୋପି ତାଲିକା୨୦୨୫ରେ ଏହା ପ୍ରକାଶ ପାଇଛି। ଏହି ତାଲିକାରେ ୧୯୧ ଅରବପତି ରହିଛନ୍ତି, ଯେଉଁଥିରୁ ୧୨ ଜଣ ହେଉଛନ୍ତି ନୂଆ। ଗତ ୩ ବର୍ଷରେ ଦାନ ପରିମାଣରେ ୮୫% ବୃଦ୍ଧି ଘଟିଥିବା ଜଣାପଡ଼ିଛି। ତାଲିକାରେ ଶୀର୍ଷରେ ଅଛନ୍ତି ଏଚ୍‌ସିଏଲ୍ ଟେକ୍ନୋଲୋଜିଜ୍‌ର ପ୍ରତିଷ୍ଠାତା ଶୀବ ନାଦାର ଏବଂ ପରିବାର। ଏ ବର୍ଷ ନାଦାର ଦାନ କରିଛନ୍ତି ୨,୭୦୮ କୋଟି ଟଙ୍କା। ଏଥିସହିତ ସେ ୫ ବର୍ଷରେ ଚତୁର୍ଥ ଥର ପାଇଁ ଭାରତର ସବୁଠାରୁ ଦାନୀ ବ୍ୟକ୍ତିଙ୍କ ମାନ୍ୟତା ବଜାୟ ରଖିଛନ୍ତି। ନାଦାରଙ୍କ ଯୋଗଦାନକୁ ଯଦି ହିସାବ କରାଯାଏ, ତେବେ ଦିନକୁ ସେ ଦାନ କରିଛନ୍ତି ହାରାହାରି ୭.୪ କୋଟି ଟଙ୍କା। ବାର୍ଷିକ ଆଧାରରେ ଏଥିରେ ୨୬% ଅଭିବୃଦ୍ଧି ଦେଖିବାକୁ ମିଳିଛି। ଶୀବ ନାଦାର ଫାଉଣ୍ଡେସନ୍ ଜରିଆରେ ସେ ଏହି କାର୍ଯ୍ୟରେ ଲିପ୍ତ ଅଛନ୍ତି। ତାଙ୍କର ଏହି ସଂସ୍ଥା ଶିକ୍ଷା, କଳା ଏବଂ ସଂସ୍କୃତି ଉପରେ ଧ୍ୟାନକେନ୍ଦ୍ରିତ କରିଥାଏ। ତାଲିକାରେ ଥିବା ଶ୍ରେଷ୍ଠ ୧୦ ଦାନବୀର ମୋଟ ୫,୮୩୪ କୋଟି ଟଙ୍କା ଦାନ କରିଛନ୍ତି। ଗତବର୍ଷ ତୁଳନାରେ ଏହା ୨୬% ଅଭିବୃଦ୍ଧି। ମୋଟ ଦାନ ପରିମାଣରେ ଏମାନଙ୍କ ମିଳିତ ଯୋଗଦାନ ରହିଛି ୫୬%। ଚଳିତ ବର୍ଷ ଶ୍ରେଷ୍ଠ ୧୦ ସ୍ଥାନରେ ପ୍ରବେଶ କରିଛନ୍ତି ହିନ୍ଦୁଜା ପରିବାର, ସୁଧୀର ଏବଂ ସମୀର ମେହେଟ୍ଟା ଓ ସାଇରସ ଏବଂ ଆଦର ପୁନାୱାଲା। ଏମାନେ ଯଥାକ୍ରମେ ସପ୍ତମ, ନବମ ଏବଂ ଦଶମ ସ୍ଥାନରେ ରହିଛନ୍ତି। ୬୮ ବର୍ଷୀୟ ମୁକେଶ ଅମ୍ବାନି ଏବଂ ପରିବାର ୬୨୬ କୋଟି ଟଙ୍କା ଦାନ ସହ ଦ୍ୱିତୀୟ ସ୍ଥାନରେ ରହିଛନ୍ତି। ରିଲାଏନ୍ସ ଫାଉଣ୍ଡେସନ ଜରିଆରେ ସେ ଦାତବ୍ୟ କାର୍ଯ୍ୟରେ ଲିପ୍ତ ଅଛନ୍ତି। ତାଙ୍କ ଫାଉଣ୍ଡେସନ ବିଶେଷ କରି ଶିକ୍ଷା, ଗ୍ରାମୀଣ ବିକାଶ, ଚିକିତ୍ସା, ମହିଳା ସଶକ୍ତିକରଣ ଏବଂ ଐତିହ୍ୟ ସଂରକ୍ଷଣ କ୍ଷେତ୍ରରେ କାର୍ଯ୍ୟ କରୁଛି। ରିପୋର୍ଟ ଅନୁସାରେ, ଗତ ୫ ବର୍ଷରେ ଦେଶର ଶ୍ରେଷ୍ଠ ୨୫ ଦାନବୀର ମୋଟ ୫୦,୦୦୦ କୋଟି ଟଙ୍କା ଦାନ କରିଛନ୍ତି। ଉକ୍ତ ହିସାବରେ ଏମାନେ ଦିନକୁ ଦେଇଛନ୍ତି ହାରାହାରି ୪୬ କୋଟି ଟଙ୍କା। ରିପୋର୍ଟ ଅନୁସାରେ, ମୁମ୍ବାଇରେ ସବୁଠାରୁ ଅଧିକ ୨୮% ଦାନବୀର ଅଛନ୍ତି।

## ରପ୍ତାନୀ ହୋଇଥିବା ଇ-ବସ୍‌କୁ ନିଜ ଦେଶରେ ରିମୋଟ ସାହାଯ୍ୟରେ ନିୟନ୍ତ୍ରଣ କରିପାରିବ ଚୀନ

ନୂଆଦିଲ୍ଲୀ, ୭।୧୧: ବିଦେଶକୁ ରପ୍ତାନୀ କରୁଥିବା ଇଲେକ୍ଟ୍ରିକ ବସ୍‌ଗୁଡ଼ିକୁ ଚୀନ ନିଜ ଦେଶର ରିମୋଟ ସାହାଯ୍ୟରେ ନିୟନ୍ତ୍ରଣ କରିପାରିବ ବୋଲି ଜଣାପଡ଼ିଛି। ଚୀନ ଚାହିଁଲେ ଏଗୁଡ଼ିକୁ ବନ୍ଦ କରିପାରିବ ଏହାକୁ ଚାଲୁ କରିପାରିବ। ଏଭଳି ସୂଚନା ଜଣାପଡ଼ିବା ପରେ ଚୀନ ଠାରୁ ସାମଗ୍ରୀ କିଣୁଥିବା ଦେଶଗୁଡ଼ିକ ମନରେ ଭୟ ସୃଷ୍ଟି ହୋଇଛି। ଯଦି ଚୀନ ବସଗୁଡ଼ିକୁ ନିୟନ୍ତ୍ରଣ କରିପାରୁଛି, ତେବେ ସେ ଯୁଦ୍ଧ ଅସ୍ତ୍ରଗୁଡ଼ିକୁ ବି ନିୟନ୍ତ୍ରଣ କରିପାରିବ ବୋଲି ଦେଶଗୁଡ଼ିକ ମନରେ ଚିନ୍ତା ଘାରିଛି। ରିମୋଟ୍ କଣ୍ଟ୍ରୋଲ୍ ସାହାଯ୍ୟରେ ବସ୍ ନୟନ୍ତ୍ରଣ କରିବା ଘଟଣା ପ୍ରଥମ ନରୱେ ଜଣାପଡ଼ିଛି। ଏଠାରେ ସାର୍ବଜନୀନ ପରିବହନ କର୍ତ୍ତୃପକ୍ଷ(ପବ୍ଲିକ ଟ୍ରାନ୍ସପୋର୍ଟ ଅଥୋରିଟି) ବସ୍‌ଗୁଡ଼ିକୁ ବିଦେଶରୁ ନିୟନ୍ତ୍ରଣ କରାଯାଇପାରିବ ବୋଲି ଜାଣିବାକୁ ପାଇଛନ୍ତି। ଓସ୍ଲୋର ପବ୍ଲିକ ଟ୍ରାନ୍ସପୋର୍ଟ ଅପରେଟର ସଂସ୍ଥା ରୁଟର, ଚୀନ୍ ନିର୍ମିତ ୟୁଟୋଙ୍ଗ ଇଲେକ୍ଟ୍ରିକ୍ ବସ୍‌ଗୁଡ଼ିକର ସୁରକ୍ଷା ନେଇ ଅଡିଟ୍ କରିଥିଲା। ଏଥିରେ ଜାଣିବାକୁ ପାଇଥିଲେ ଯେ ବସଗୁଡ଼ିକରେ ମୋବାଇଲ୍ ନେଟୱାର୍କ କେନେକ୍ସନ ଏବଂ ରିମୋଟ ସଫ୍ଟୱେର୍ ଆକ୍ସେସ ଏମ୍ବେଡ୍ କରାଯାଇଛି। ଏଥିରେ ନିର୍ମାତାଙ୍କୁ ଡାଇଗ୍ନୋଷ୍ଟିକ୍ସ ଏବଂ ଅପଡେଟ୍ କରିବାକୁ ଅନୁମତି ମିଳିଥାଏ, ଯାହାର ଅର୍ଥ ହେଉଛି ବସ୍‌ଗୁଡ଼ିକୁ ଦୂରରୁ ବି ବନ୍ଦ କରାଯାଇପାରିବ।

# ଦରମା ନ ମିଳିବାରୁ ଦୁଇ ସାହିକୁ 'ବସୁଧା' ଜଳଯୋଗାଣ ବନ୍ଦ



**କନ୍ଧମାଳ,୭।୧୧ (ସଂଚାର ବ୍ୟୁରୋ):** କନ୍ଧମାଳ ଜିଲ୍ଲା କ ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ମଗଡ଼ିଙ୍ଗିଆ ଗ୍ରାମରେ ଦୀର୍ଘ ୭ ବର୍ଷ ଧରି କାମ କରୁଥିଲେ ମଧ ଦୁଇଜଣ ପମ୍ପ ଚାଳକଙ୍କୁ ଦରମା ନ ମିଳିବାରୁ ବସୁଧାରୁ ପାନୀୟ ଜଳ ଯୋଗାଣ ବନ୍ଦ କରିଦେଇଛନ୍ତି ପମ୍ପ ଚାଳକ ସୀମାଞ୍ଚଳ ଦିଗାଲ ଓ ପରମାନନ୍ଦ ମଲ୍ଲିକ। ଏପରି ଘଟଣା ଦେଖିବାକୁ ମିଳିଛି କନ୍ଧମାଳ ଜିଲ୍ଲା କ.ନୂଆଗାଁ ବ୍ଲକ ବଣ୍ଡଗୁଡ଼ା ପଞ୍ଚାୟତ ମଗଡ଼ିଙ୍ଗିଆ ଗ୍ରାମରେ । ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଲିଖିତ ଅଭିଯୋଗ କରିଥିଲେ ମଧ ସୁଫଳ ମିଳିଲା ନାହିଁ।

ଦୁଇ ସାହି ବାସିନ୍ଦାଙ୍କୁ ସେ ପାଉଣା ପାଇଁ ଅନୁରୋଧ କରିଥିଲେ। ଗ୍ରାମବାସୀ କିଛି ବୁଝିଲେ ନାହିଁ, ତେଣୁ ବସୁଧା ଟାଙ୍କିରୁ ପାଣି ଛାଡ଼ିବା ପାଇଁ ସୀମାଞ୍ଚଳ ଦିଗାଲ ମନା କରିଦେଇ ଥିଲେ। ମଗଡ଼ିଙ୍ଗିଆ ଗ୍ରାମର ଦୁଇଟି ସାହିରୁ ଗୋଟିଏ କପଗୁଡ଼ା ସାହିକୁ ଦୁଇ ବର୍ଷରୁ ଅଧିକ ବସୁଧା ପାଣି ଟୋପାଏ ମିଳି ନାହିଁ। ପାଣି ଟୋପାଏ ପାଇଁ ୧୨ଶହରୁ ଅଧିକ ପରିବାର ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହେଉଛନ୍ତି । ବିନା ଦରମାରେ ଗ୍ରାମବାସୀଙ୍କୁ ସକାଳ ଓ ସନ୍ଧ୍ୟା ସମୟରେ ପାଣି ଯୋଗାଇଦେବା ମୋ ପାଇଁ ଅସମ୍ଭବ ବୋଲି ସୀମାଞ୍ଚଳ ଦିଗାଲ କହିଛନ୍ତି। ସରପଞ୍ଚଙ୍କୁ ସମସ୍ୟାର ସମାଧାନ କରିବା ପାଇଁ ଅନୁରୋଧ କରାଯାଇଥିଲେ ମଧ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଶୁଦ୍ଧ ପାନୀୟଜଳ ଯୋଗାଣ ସମସ୍ୟାର ସମାଧାନ ଦିଗରେ ଚେଷ୍ଟା କରାଯିବ ବୋଲି ବାଲିଗୁଡ଼ା ବିଧାୟକ ଚକ୍ରମଣି କହଁର କହିଛନ୍ତି ।

# ଠିକାଦାରଙ୍କୁ ସୁରକ୍ଷା ଦେଉଛନ୍ତି ପୂର୍ତ୍ତ ବିଭାଗ ଯନ୍ତ୍ରୀ

## ମୁଖ୍ୟମନ୍ତ୍ରୀଙ୍କ ନିକଟରେ ଫେରାଦ ହେଲେ ସ୍ଥାନୀୟ ବାସିନ୍ଦା





**ବିଞ୍ଝାରପୁର,୭।୧୧ (ସଂଚାର ବ୍ୟୁରୋ):** ଅଧାପନ୍ତରିଆ କାମ କରି ଠିକାଦାର ମାରିଲେ ଛୁ। ଜିଲ୍ଲାପାଳଙ୍କ ନିକଟରେ ଏନେଇ ଅଭିଯୋଗ କରିଥିଲେ ସ୍ଥାନୀୟ ବାସିନ୍ଦା ଆଉ କାର୍ଯ୍ୟାନୁଷ୍ଠାନ ନେବାକୁ ପୂର୍ତ୍ତବିଭାଗକୁ ଦିଆଯାଇଥିଲା ନିର୍ଦ୍ଦେଶ। କିନ୍ତୁ ନିଦାବିଷ୍ଟ ସାଜିଲା ପୂର୍ତ୍ତ ବିଭାଗ ଆଉ ଠିକାଦାରଙ୍କୁ ସୁରକ୍ଷା ଦେବାକୁ ଯାଇ ନୀରବ ଦ୍ରଷ୍ଟା ସାଜିଲେ ପୂର୍ତ୍ତ ବିଭାଗ ବିଞ୍ଝାରପୁର ଉପଖଣ୍ଡର ଯନ୍ତ୍ରୀ। କୌଣସି ସଫଳ ନମିଳିବାରୁ ବାଧ ହୋଇ ମୁଖ୍ୟମନ୍ତ୍ରୀଙ୍କ ଅଭିଯୋଗ ଶୁଣାଣୀରେ ଅଭିଯୋଗ କଲେ ସ୍ଥାନୀୟ ବାସିନ୍ଦା।

ବିଂଝାରପୁର ପୂର୍ତ୍ତବିଭାଗ ଉପଖଣ୍ଡର ଅଧିନସ୍ଥ ବ୍ଲକ ଛକ ଫତେପୁର ଭାୟା ଶିଶିରଣା ରାସ୍ତାରୁ ଆସିଛି ଅନିୟମିତତାର ଅଭିଯୋଗ। ଅଭିଯୋଗ ଅନୁଯାୟୀ ଅବଧି ସରିଲା ପରେ ବି ରାସ୍ତା କାମ ସରି ନାହିଁ। ନିର୍ମାଣାଧୀନ ରାସ୍ତାକୁ ଅଧାପନ୍ତରିଆ ଭାବେ ଛାଡ଼ି ଦେଇଛନ୍ତି ଠିକାଦାର। ରାସ୍ତାର ନିର୍ମାଣ କାର୍ଯ୍ୟ ୨୦୨୪ ଡିସେମ୍ବର ୪ ତାରିଖରେ ଆରମ୍ଭ ହୋଇ ୨୦୨୫ ଜୁନ ମାସରେ ସରିବା କଥା । କିନ୍ତୁ ଅବଧି ସରିଲା ପରେ ରାସ୍ତା କାର୍ଯ୍ୟ ଅଧାରେ ଅଟକିଛି। ରାସ୍ତାର ନିର୍ମାଣ କାର୍ଯ୍ୟ ପାଇଁ ୪ କୋଟି ୧୫ ଲକ୍ଷ ୬୩ ହଜାର ବ୍ୟୟ ବରାଦ ମଧ ହୋଇଛି। କିନ୍ତୁ ସବୁ ପରେ ବି ଢୋଲ ଭିତରେ ମୂଷା। ରାଜ୍ୟ ରାଜକୋଷରୁ ବ୍ୟୟ ବରାଦ ହୋଇଥିବା କୋଟି କୋଟି ଟଙ୍କା କାହା ସ୍ୱାର୍ଥରେ ତାକୁ ନେଇ ପ୍ରଶ୍ନ ଉଠିଛି।

ଖାଲି ସେତିକି ନୁହଁ ହୋଇଥିବା ଢଳାଇ ରାସ୍ତାର ଓସାର ମଧ ଠିକ ସେ ହେଉ ନାହିଁ। ନିର୍ଦ୍ଧାରିତ ଓସାର ଠାରୁ କମ ହୋଇଥିବା ଅଭିଯୋଗ କରିଛନ୍ତି ସ୍ଥାନୀୟ ବାସିନ୍ଦା। ନିଜର ମୁନାଫା ଖୋର ନୀତି ମାଇଁ ଠିକାଦାର ନିଜ ସୁବିଧା ଅନୁସାରେ ରାସ୍ତାର ଓସାର ନିର୍ଦ୍ଧାରଣ କରିଥିବା ଅଭିଯୋଗ ହୋଇଛି। ତେବେ ସମ୍ପୃକ୍ତ ଠିକାଦାର ଦିନ ପରିବର୍ତ୍ତେ ରାତିରେ କରୁଥିବା ବେଳେ ବିଭାଗୀୟ ଅଧିକାରୀ କାର୍ଯ୍ୟ କ୍ଷେତ୍ରରେ ଅନୁପସ୍ଥିତ ରହୁଥିବା ପୂର୍ବରୁ ଅଭିଯୋଗ ହୋଇଥିଲା। ରାସ୍ତା କାର୍ଯ୍ୟରେ ବ୍ୟବହୃତ ବାଲି ଗୋଡି ଭାଗ ମାପରେ ତାଳ ମେଳ ରହୁନଥିବା ମଧ ଅଭିଯୋଗ ହୋଇଥିଲା।

# ଛାଡ଼ଖାଇରେ ଆମିଷ ବଜାର ଖାଁ ଖାଁ

**ସୁବର୍ଣ୍ଣପୁର,୭।୧୧ (ସଂଚାର ବ୍ୟୁରୋ):** କାର୍ତ୍ତିକ ମାସ ପରେ ଗତକାଲି ମାର୍ଗଶୀର ମାସ ଗୁରୁବାର ଦିନ ଛାଡଖାଇ ପଡି ଥିବାରୁ ଆମିଷ ବଜାରରୁ ମୁଁହ ମୋଡ଼ିଥିଲେ ଲୋକେ। ଆଜି ଶୁକ୍ରବାର ଦିନ ଛାଡଖାଇ ପାଳନ କରୁଥିବାରୁ ଆମିଷ ବଜାରରେ ପ୍ରବଳ ଗହଳି ହେବା ନେଇ ଆଶା ବାନ୍ଧି ବସିଥିଲେ ଆମିଷ ବେପାରୀ। କିନ୍ତୁ ଆଜି ଆମିଷ ବଜାର ଦେଖିଲା ବେଳକୁ ଖାଁ ଖାଁ ଲାଗୁଥିଲା। ଆମେ ପରିବା ବଜାରରେ ଥିବା କିଛି ଲୋକଙ୍କୁ ପଚାରି ବୁଝିବାରୁ ଆସ୍ତେ ଆସ୍ତେ ଜନସାଧାରଣରେ ଆମିଷ ମୋହ ତୁଟୁ ଥିବା କିଛି ବ୍ୟକ୍ତି ପ୍ରକାଶ କରିଥିଲେ । କାରଣ ପଚାରିବାରୁ କିଛି ଯୁବଗୋଷ୍ଠୀ ସୋସିଆଲ ମିଡିଆରେ ପ୍ରେମାନନ୍ଦଜୀ ମହାରାଜଙ୍କ ସହ ଅନେକ ବାବାଙ୍କ ନୀତିବାଣୀର ମହତ୍ତ୍ୱ ପ୍ରକାଶ କରିବା ସହ ହିନ୍ଦୁ ଧର୍ମ ଅନୁସାରେ ଜୀବଜନ୍ତୁଙ୍କୁ ହତ୍ୟା କରି ମାଛ ମାଂସ ଖାଇବା ମହାପାପ ଉଦାହରଣ ଦେବା ସହ ପରିତ୍ୟାଗ କରିଥିବା କଥା ପରିପ୍ରକାଶ କରିଥିଲେ ।



# ରୋତ କଲେଜରେ 'ବନ୍ଦେ ମାତରମ୍' କାର୍ଯ୍ୟକ୍ରମ





**ବଲାଙ୍ଗୀର,୭।୧୧ (ସଂଚାର ବ୍ୟୁରୋ):** ଆଗଲପୁର ପଞ୍ଚାୟତ ସମିତି ମହାବିଦ୍ୟାଳୟ, ବାଣୀନିକେତନ, ରୋତରେ ଆଜି 'ବନ୍ଦେ ମାତରମ୍' ସଂଗୀତର ୧୫୦ ବର୍ଷ ପୂର୍ତ୍ତି ଉତ୍ସବ ପାଳିତ ହୋଇଯାଇଛି। ଉଚ୍ଚଶିକ୍ଷା ବିଭାଗ, ଓଡ଼ିଶା ସରକାରଙ୍କ ନିର୍ଦ୍ଦେଶରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମହାବିଦ୍ୟାଳୟର ଅଧକ୍ଷ ପ୍ରଦୀପ କୁମାର ଷଡଙ୍ଗୀ ସଭାପତିତ୍ୱ କରିଥିବା ବେଳେ ସଭା ପ୍ରାରମ୍ଭରେ ସମସ୍ତ ଛାତ୍ରଛାତ୍ରୀ, ଅଧାପକ, ଅଧାପିକା ଓ କର୍ମଚାରୀ ସମବେତ ଭାବରେ 'ବନ୍ଦେ ମାତରମ୍' ଜାତୀୟ ସଙ୍ଗୀତକୁ ଗାନ କରିଥିଲେ। ଅଧାପକ ଡକ୍ଟର ଅନ୍ତର୍ଯ୍ୟାମୀ ନାୟକ, ଡକ୍ଟର ସୁବିଜ୍ଞ ଗଡତ୍ୟା, ଶାନ୍ତନୁ ପାଢ଼ୀ, ବୁଦ୍ଧଦେବ ପଣ୍ଡା, ଛାତ୍ରୀ ଆକାଂକ୍ଷା ନାୟକ, ଛାତ୍ର ବନ୍ତ ସାହୁ ପ୍ରଭୃତି ବକ୍ତବ୍ୟ ରଖିଥିଲେ। ସଭାକୁ ଅଧାପକ ଡକ୍ଟର ଲିଙ୍ଗରାଜ ମେହେର ସଂଯୋଜନା କରି ଶେଷରେ କୃତଜ୍ଞତା ଜ୍ଞାପନ କରିଥିଲେ। ଏହି ଅବସରରେ ଛାତ୍ରଛାତ୍ରୀଙ୍କ ମଧରେ ସେହି ସଂପର୍କିତ ପ୍ରବନ୍ଧ ଲିଖନ, କବିତା ଲିଖନ, ଚିତ୍ରାଙ୍କନ ଓ କୁଇଜ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ଆଇ.କ୍ୟୁ.ଏ.ସି ସଂଯୋଜକ ଦୈତାରି ଶବର, ସହ-ସଂଯୋଜକ ନୀଳାମ୍ବର ବାରିକ ଓ ମାନସ କୁମାର ପରିଚାଳନା କରିଥିଲେ।

# ଡିସେମ୍ବର ୬ରୁ କୁମାରସ୍ୱାମୀ ମହୋତ୍ସବ

## ଦେବଗିରିରେ ଚାଲିବ ଗୋସିଂହ ଦୈତ୍ୟଙ୍କ ରାଜୁତି

**ନର୍ଲା,୭।୧୧ (ସଂଚାର ବ୍ୟୁରୋ):** ଦେବଗିରି ସାଂସ୍କୃତିକ ଅନୁଷ୍ଠାନର ୩୩ତମ ବାର୍ଷିକ ଉତ୍ସବ ତଥା ରାଜ୍ୟସ୍ତରୀୟ କୁମାରସ୍ୱାମୀ ମହୋତ୍ସବ-୨୦୨୫ ଆସନ୍ତା ଡିସେମ୍ବର ୬ରୁ ୮ ତାରିଖ ପର୍ଯ୍ୟନ୍ତ ତିନିଦିନ ଧରି ଅନୁଷ୍ଠିତ ହେବ। କଳାହାଣ୍ଡି ଜିଲ୍ଲା ନର୍ଲା ବ୍ଲକ ବୁଢ଼ୀପଦର ସ୍ଥିତ ଦେବଗିରି ସାଂସ୍କୃତିକ ଅନୁଷ୍ଠାନରେ ଏନେଇ ପ୍ରସ୍ତୁତି ଆରମ୍ଭ ହୋଇଥିବା ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିଜୟ କୁମାର ଧଙ୍ଗଡ଼ାମାଝୀ ପ୍ରକାଶ କରିଛନ୍ତି।



ବିଗତ ବର୍ଷ ପରି ଚଳିତ ବର୍ଷ ମଧ କୁମାରସ୍ୱାମୀ ମହୋତ୍ସବର ମୁଖ୍ୟ ଆକର୍ଷଣ ରହିବ 'ଗୋସିଂହ ଦୈତ୍ୟ ଦରବାର'। ପ୍ରାଚୀନ ଲୋକନୃତ୍ୟ ଡମ୍ ବଜା, ଢାପ୍, ବନାବାଡ଼ି, ଘୁମୁରା ସହ ରାଜ୍ୟର ଅନେକ ଲୋକସଂସ୍କୃତିରେ ଦୁଲୁକିବ ମଞ୍ଚ।

ଗୋସିଂହ ଦୈତ୍ୟ ଭୂମିକାରେ ଅଭିନୟ କରିବେ ଅନୁଷ୍ଠାନର ମୁଖ୍ୟ ଉପଦେଷ୍ଟା ବିଜୟ ଧଙ୍ଗଡ଼ାମାଝୀ। ଏହି ମହୋତ୍ସବରେ ଡମ୍ ବଜା, ଶିଙ୍ଗ୍ ବଜା, ବଜାଶାଲ୍, ଢାପ୍, ବନାବାଡ଼ି, ଘୁଡୁକା, ଓଡ଼ିଶୀ, ଖଞ୍ଜଣି ସହ ଯାଦବ ଝିଅମାନଙ୍କ ବାଡ଼ିଖେଳ, ଦୁର୍ଲାନଚା, ସୋନପୁରର ମାଁ ତୁଳସୀ ମହିଳା ଦଣ୍ଡନୃତ୍ୟ ଏବଂ ରାଜ୍ୟର ବିଭିନ୍ନ ପ୍ରାନ୍ତର ଲୋକନୃତ୍ୟ ପ୍ରଦର୍ଶିତ ହେବ। ଏହି ଅବସରରେ ରାଜ୍ୟର ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିତ୍ୱମାନଙ୍କୁ ସମ୍ମାନିତ କରାଯିବାକୁ ସ୍ଥିରୀକୃତ ହୋଇଛି।

# ଇ.ସି ପାଇଁ ଜମି କ୍ରେତା ଓ ବିକ୍ରେତା ବାରଦୁଆର

**କଣାସ,୭।୧୧ (ସଂଚାର ବ୍ୟୁରୋ):** ପୁରୀ ଜିଲ୍ଲା କଣାସ ବ୍ଲକ ଚିଲିକା ଉପକୂଳରେ ଅବସ୍ଥାପିତ ହୋଇଥିବା ବେଳେ ଏହା ଏକ ଅନୁନ୍ନତ ଅଞ୍ଚଳ ଭାବେ ସରକାରୀ କାଗଜପତ୍ରରେ ଲିପିବଧ ଅଛି। ଏହି ଅଞ୍ଚଳର ଜମିବାଡି ବିକ୍ରି କରିବା ପାଇଁ ୨୦୦୦ ମସିହା ପୂର୍ବରୁ ସବରେଜେଷ୍ଟ୍ରି କାର୍ଯ୍ୟାଳୟ, ତହସିଲ କାର୍ଯ୍ୟାଳୟ ସତ୍ୟବାଦୀ ଓ ପୁରୀରେ ରହିଥିଲା। ଅଞ୍ଚଳର ଲୋକମାନେ କଣାସରେ ଏକ ତହସିଲ ଏବଂ ସବରେଜେଷ୍ଟ୍ରି କାର୍ଯ୍ୟାଳୟ ଖୋଲିବା ପାଇଁ ବାରମ୍ବାର ଦାବି କରିବାରୁ ୨୦୦୦ ମସିହାରେ କଣାସ ଠାରେ ସବରେଜେଷ୍ଟ୍ରି କାର୍ଯ୍ୟାଳୟ ଓ ତହସିଲି କାର୍ଯ୍ୟାଳୟ ଖୋଲାଯାଇଥିଲା। ବର୍ତ୍ତମାନ ଯେଉଁ ଜମି କ୍ରେତା ଓ ବିକ୍ରେତା ଜମି ବିକା

**ସରକାର ଦୃଷ୍ଟି ଦେବାକୁ ଦାବି**

କିଣା କରିବା ପାଇଁ ସବରେଜେଷ୍ଟ୍ରି କାର୍ଯ୍ୟାଳୟକୁ ଯାଉଛନ୍ତି ସେମାନଙ୍କୁ ୩୩ ବର୍ଷର ଇ.ସି ଆଣିବା ପାଇଁ ବାଧ କରାଯାଉଛି। ଇ.ସି ପାଇଁ ଜମି କ୍ରେତା ଓ ବିକ୍ରେତା କଣାସ, ଡେଲାଙ୍ଗ, ସତ୍ୟବାଦୀ ଏବଂ ବ୍ରହ୍ମଗିରି ସବରେଜେଷ୍ଟ୍ରି କାର୍ଯ୍ୟାଳୟରୁ ଇ.ସି ଆଣିବା ପାଇଁ ପଡୁଥିବାରୁ କ୍ରେତା ଓ ବିକେତ୍ରା ନକେଦମ୍ ହେଉଛନ୍ତି।

କଣାସ ଠାରେ ସବରେଜେଷ୍ଟ୍ରି କାର୍ଯ୍ୟାଳୟ ସ୍ଥାପନ କରିବା ଠାରୁ ଦୀର୍ଘ ୨୫ ବର୍ଷର ଇ.ସି ଦାଖଲ କରାଗଲେ କ୍ରେତା ଓ ବିକ୍ରେତା ବାରଦୁଆର ହେବାକୁ ପଡନ୍ତା ନାହିଁ ବୋଲି କ୍ରେତା ଓ ବିକ୍ରେତାମାନେ ମତ ପ୍ରକାଶ କରିଛନ୍ତି। କଣାସ ଠାରୁ ୫୦ ବର୍ଷର ଇ.ସି କାଢି ଜମି କିଣା ବିକା କରିବା ପାଇଁ କ୍ରେତା ଓ ବିକ୍ରେତାମାନେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ନୀଳଗିରିକୁ ଜିଲ୍ଲା ଦାବିରେ ବୈଠକ

**ନୀଳଗିରି,୭।୧୧ (ସଂଚାର ବ୍ୟୁରୋ):** ନୀଳଗିରି ଏକ ଆଦିବାସୀ ବହୁଳ ଅଞ୍ଚଳ ହୋଇଥିବା ବେଳେ ନୀଳଗିରିକୁ ସ୍ୱତନ୍ତ୍ର ଜିଲ୍ଲା ଘୋଷଣା ଦାବିରେ ବିଭିନ୍ନ ସମୟରେ ସରକାରଙ୍କ ଠାରେ ଦାବି ହୋଇଆସୁଛି। ଗତ ସେପ୍ଟେମ୍ବର ୧୬ ତାରିଖ ୨୦୨୪ରେ ଏନେଇ ଏକ ବିଶାଳ ଜନ ସମାବେଶରେ ନୀଳଗିରିକୁ ତୁରନ୍ତ ସରକାର ଜିଲ୍ଲା ଘୋଷଣା କରନ୍ତୁ ବୋଲି ଦୃଢ଼ ଦାବି ହୋଇଥିଲା। ସରକାରଙ୍କ ପକ୍ଷରୁ କୌଣସି ସକରାତ୍ମକ ପରିଣାମ ମିଳିପାରିନାହିଁ। ଏବେ ସରକାର ଗ୍ରାମପଞ୍ଚାୟତ, ବ୍ଲକ ଓ ଜିଲ୍ଲା ପୁର୍ନଗଠନ କରିବାର ଯୋଜନା କରୁଛନ୍ତି ବୋଲି ବିଭିନ୍ନ ଗଣମାଧମରୁ ଜାଣିବା ପରେ ଶୁକ୍ରବାର ଅପରାହ୍ନରେ ନୀଳଗିରି ଡାକବଙ୍ଗଳା ଠାରେ ଜିଲ୍ଲା କ୍ରିୟାନୁଷ୍ଠାନ କମିଟିର ଆବାହକ ପୂର୍ବତନ ବିଧାୟକ ଚିତ୍ତରଞ୍ଜନ ଷଡ଼ଙ୍ଗୀଙ୍କ ଆବାହନ ରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି।

ଏହି ବୈଠକରେ ଶ୍ରୀ ଷଡ଼ଙ୍ଗୀ କହିଥିଲେ ସରକାରଙ୍କ ଏହି ସୁଯୋଗକୁ ନୀଳଗିରି ବାସି ହାତଛଡା ନକରି ସଂଘବଦ୍ଧ ଭାବେ ଆଗେଇ ଆସିବା ପାଇଁ ଆହ୍ୱାନ ଦେଇଥିଲେ। ନୀଳଗିରି ଗଡଜାତ ନଭେମ୍ବର ୧୪ ତାରିଖ ଦିନ ଭାରତ ବର୍ଷରେ ସାମିଲ ହୋଇଥିଲା। ତେଣୁ ଆସନ୍ତା ନଭେମ୍ବର ୧୪ ତାରିଖରେ ଗଡଜାତ ମିଶ୍ରଣ ଉତ୍ସବରେ ସମସ୍ତେ ଯୋଗଦାନ କରିବାକୁ ଶ୍ରୀ ଷଡ଼ଙ୍ଗୀ ନୀଳଗିରିବାସିଙ୍କୁ ନିବେଦନ କରିଥିଲେ। ନିକଟରେ ଉଚ୍ଚନ୍ୟାୟାଳୟରେ ଏକ ଜାଚିକା ଦାୟର ପାଇଁ ନିଷ୍ପତ୍ତି ନିଆଯିବା ସହ ସରକାରି ସ୍ତରରେ ମଧ୍ଯ ଉଦ୍ୟମ ଜାରି ରଖିବାକୁ ସ୍ଥିର କରାଗଲା। ଏହି ବୈଠକରେ ସୁରେଶ ବେହେରା, ପିତାମ୍ବର ସିଂ, ଅନାଦି ବେହେରା, ରେଖା ହେମ୍ବ୍ରମ, ପରମାନନ୍ଦ ପାତ୍ର, ପ୍ରକାଶ ଚୈଧୁରୀ, ସୁନିଲ ଚନ୍ଦ୍ର ପ୍ରଧାନ, ବାଞ୍ଛାନିଧି ପାତ୍ର ପ୍ରମୁଖ ବୁଦ୍ଧିଜୀବୀମାନେ ଉପସ୍ଥିତ ଥିଲେ।

# ଛାତ୍ରବୃତ୍ତି ଅନ୍‌ଲାଇନ୍ ଆବେଦନ ପାଇଁ ଛାତ୍ରଛାତ୍ରୀ ହଟହଟା

**କଣାସ, ୭।୧୧ (ସଂଚାର ବ୍ୟୁରୋ):** ରାଜ୍ୟ ସରକାର ମେଧାବି ଛାତ୍ରଛାତ୍ରୀମାନଙ୍କୁ ବୃତ୍ତି ଅର୍ଥ ପ୍ରଦାନ ପାଇଁ ଅନଲାଇନ୍‌ରେ ଆବେଦନ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଦୁଃଖ ଏବଂ ପରିତାପର ବିଷୟ ମେଧା ଛାତ୍ରଛାତ୍ରୀମାନଙ୍କର +୨ ଓ +୩ ପରୀକ୍ଷା ୪ମାସ ଥିବା ବେଳେ ଛାତ୍ରଛାତ୍ରୀମାନେ ମେଧାବୃତ୍ତି ଆବେଦନ କରିବା ପାଇଁ ଆନ୍‌ଲାଇନ୍‌ରେ ଜନସେବା କେନ୍ଦ୍ରମାନଙ୍କରେ ଦୀର୍ଘ ସମୟ ଧରି ଲାଇନ୍‌ରେ ଠିଆ ହେଉଥିବା ଦେଖିବାକୁ ମିଳୁଛି। କିନ୍ତୁ ୱେବ୍‌ସାଇଟ୍ ଖୋଲୁନଥିବାରୁ ବାରମ୍ବାର ଜନସେବା କେନ୍ଦ୍ରକୁ ଆସି ଫେରୁଥିବାରୁ ପାଠପଢ଼ା ଗୁରୁତ୍ୱର ବ୍ୟାଘାତ ସୃଷ୍ଟି ହେଉଥିବାରୁ ଛାତ୍ରଛାତ୍ରୀମାନଙ୍କ ମଧରେ ଆସନ୍ତୋଷ ଦେଖାଦେଇଛି।

# ପାଟଣେଶ୍ୱରୀ ମନ୍ଦିରର ୧୫୦ ବର୍ଷ ପୂର୍ତ୍ତି ଅବସରରେ ସ୍ମରଣିକା ଲେଖା ଆବଶ୍ୟକ

**ବଲାଙ୍ଗିର, ୭।୧୧ (ସଂଚାର ବ୍ୟୁରୋ):** ବଲାଙ୍ଗିର ପାଟଣା ରାଜ୍ୟର ଇଷ୍ଟଦେବୀ ମା' ପାଟଣେଶ୍ୱରୀ ଦେବୀଙ୍କ ପୀଠରେ ୧୮୭୨ ମସିହାରେ ନୂତନ ନକ୍ସା ତିଆରି ହୋଇ ରାଜଧାନୀ ସ୍ଥାପନ ହୋଇଥିଲା । ସେହି ଦିନ ଠାରୁ ଆଜି ପର୍ଯ୍ୟନ୍ତ ୧୫୦ ବର୍ଷ ପୂର୍ତ୍ତି ହୋଇଯାଇଛି । ଏହି ଉଦ୍ଦେଶ୍ୟରେ ଦେବାଳୟ ଓ ଐତିହ୍ୟ ସୁରକ୍ଷା କମିଟି ମା' ପାଟଣେଶ୍ୱରୀ ଦେବୀଙ୍କର କିମ୍ବଦନ୍ତୀ ଓ ଐତିହ୍ୟ ଏବଂ ତନ୍ତ୍ରମନ୍ତ୍ର, ମା'ଙ୍କ ଆବିର୍ଭାବ, ଭକ୍ତମାନଙ୍କର ଆସ୍ଥା ବିଶ୍ୱାସର ଦେବୀ ଏବଂ ମା'ଙ୍କ ମହିମା ଆଗାମୀ ଜାନୁଆରୀ ମାସରେ ମା' ପାଟଣେଶ୍ୱରୀ ମହୋତ୍ସବ ଅନୁଷ୍ଠିତ ହେବାକୁ ଯାଉଥିବାରୁ ଏହି ଉଦ୍ଦେଶ୍ୟରେ ସ୍ମରଣିକା ପ୍ରକାଶିତ ହେବ । ଅବିଭକ୍ତ ବଲାଙ୍ଗିର ଜିଲ୍ଲା ବିଭିନ୍ନ ଗ୍ରାମର ଦେବାଦେୀଙ୍କୁ ନେଇ ମଧ୍ୟ ଏଥିରେ ପ୍ରକାଶ ପାଇବ । ଲୋକକଥା, ପ୍ରଚୀନ ସାଂସ୍କୃତିକ ପରଂପରା ଓ ଐତିହ୍ୟ ପୂଜା ପରଂପରା ଏଥିରେ ପ୍ରକାଶ ପାଇବ । patneswaridevibgr.150@gmailରେ ଲେଖା ପଠାଇବା ପାଇଁ ଦେବାଳୟ ସୁରକ୍ଷା କମିଟି ସଭାପତି ଜୟକୃଷ୍ଣ ମିଶ୍ର ନିବେଦନ କରିଛନ୍ତି ।

# ନିରନ୍ତର ବିକାଶ ଲକ୍ଷ୍ୟ ସମ୍ବନ୍ଧୀୟ ଜିଲ୍ଲାସ୍ତରୀୟ ପ୍ରଦର୍ଶନୀ

**ସୁନ୍ଦରଗଡ଼,୭।୧୧ (ସଂଚାର ବ୍ୟୁରୋ):** ଶୁକ୍ରବାର ସ୍ଥାନୀୟ ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟ ଠାରେ ସୁନ୍ଦରଗଡ଼ ଜିଲ୍ଲାର ସମସ୍ତ ବ୍ଲକ ମାନଙ୍କୁ ପ୍ରତିନିଧିତ୍ୱ କରୁଥିବା ବିଭିନ୍ନ ବିଦ୍ୟାଳୟ ମାନଙ୍କରୁ ଆସିଥିବା ଛାତ୍ରଛାତ୍ରୀମାନେ ନିରନ୍ତର ବିକାଶ ଲକ୍ଷ୍ୟ ସମ୍ବନ୍ଧୀୟ ଏକ ଜିଲ୍ଲା ସ୍ତରୀୟ ପ୍ରଦର୍ଶନୀରେ ଅଂଶ ଗ୍ରହଣ କରିଥିଲେ। ଏହି ଅବସରରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ସୁରଞ୍ଜନ କୁମାର ସାହୁ ଏହି ପ୍ରଦର୍ଶନୀକୁ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ।



ଏହି କାର୍ଯ୍ୟକ୍ରମରେ ଅନ୍ୟତମ ଅତିଥି ଭାବରେ ଯୋଗଦେଇ ଭାରତୀୟ ପ୍ରଶାସନିକ ସେବା ଅଧିକାରୀ ସୁଶ୍ରୀ ଫାବି ରଶିଦ୍ ଅଂଶ ଗ୍ରହଣ କରିଥିବା ଛାତ୍ର ଛାତ୍ରୀ ମାନଙ୍କୁ ଉତ୍ସାହିତ କରିଥିଲେ। ସୁନ୍ଦରଗଡ଼ ଜିଲ୍ଲାର ୧୪ ଗୋଟି ବ୍ଲକରୁ ମୋଟ ୨୨ ଜଣ ଛାତ୍ରଛାତ୍ରୀ ନିରନ୍ତର ବିକାଶ ଲକ୍ଷ୍ୟ ସମ୍ବନ୍ଧୀୟ ୧୭ ଗୋଟି ଲକ୍ଷ୍ୟକୁ ନେଇ ଭିନ୍ନ ଭିନ୍ନ ପ୍ରକଳ୍ପ ବା କାର୍ଯ୍ୟକାରୀ ପ୍ରକଳ୍ପ ପ୍ରଦର୍ଶିତ କରିଥିଲେ।

ଏହି କାର୍ଯ୍ୟକ୍ରମରେ ବାଲିଶଙ୍କରା ଗଇକନପାଲି ବାଳିକା ଉଚ୍ଚ ବିଦ୍ୟାଳୟର ସପ୍ନା ବନଚୁଆ ଏବଂ ଜାନକୀ ଖୁଣ୍ଟିଆ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ସୁନ୍ଦରଗଡ଼ ସ୍ଥିତ ଭବାନୀ ଶଙ୍କର ଉଚ୍ଚ ବିଦ୍ୟାଳୟର ବେବି ଚନ୍ଦନ ଓ ଆର୍ଯ୍ୟାନ ଅମାତ୍ ଦ୍ୱିତୀୟ ଏବଂ ରାଜଗାଙ୍ଗପୁର ରାଷ୍ଟ୍ରୀୟ ବିଦ୍ୟାଳୟର ଜ୍ଞାନ ରଞ୍ଜନ ସାମଲ ଓ ଆଦିତ୍ୟ ପ୍ରଦୀପ ତୃତୀୟ ସ୍ଥାନ ଅଧିକାର କରିଥିଲେ। କାର୍ଯ୍ୟକ୍ରମର ଅନ୍ତିମ ଚରଣରେ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୫ର ସାଂସ୍କୃତିକ କାର୍ଯ୍ୟକ୍ରମରେ ଉପରୋକ୍ତ ଶ୍ରେଷ୍ଠ ବିବେଚିତ ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ଏବଂ ମାନପତ୍ର ପ୍ରଦାନ କରାଯାଇଥିଲା। ଜିଲ୍ଲା ଯୋଜନା କାର୍ଯ୍ୟାଳୟର କର୍ମକର୍ତ୍ତା ମାନେ ଏହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ ।

# ଦୁର୍ଘଟଣାରେ ଜଣେ ମୃତ, ଦୁଇ ଗୁରୁତର



**ଗରଦପୁର,୭।୧୧(ସଂଚାର ବ୍ୟୁରୋ):** ଶୁକ୍ରବାର ରାତି ପ୍ରାୟ ୯ଟା ସମୟରେ ପାଟକୁରା ଥାନା ଅର୍ନ୍ତଗତ ଗରଦପୁର ସୀଙ୍ଗିଟିଆ ରାସ୍ତାରେ ଘଟିଛି ମର୍ମନ୍ତୁଦ ଦୁର୍ଘଟଣା । ଦୁଇ ବାଇକ୍ ମୁହାଁମୁହିଁ ହେବା ଫଳରେ ଘଟଣା ସ୍ଥଳରେ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ମୃତ ବ୍ୟକ୍ତି ଜଣଙ୍କ ପାଟକୁରା ଥାନା ଅଧୀନ ଡ଼ାହାଳପୁର ଗ୍ରାମର ରଘୁନାଥ ସ୍ୱାଇଁ(୪୫) ହୋଇଥିବା ବେଳେ ପଦ୍ମପୁର ଗ୍ରାମର ସୁନିଲ ରାଉତ(୨୮) ଗୁରୁତର ଆହତ ହୋଇ ପ୍ରଥମେ ପାଟକୁରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ଼ ଡ଼ାକ୍ତରଖାନାରେ ଭର୍ତ୍ତି କରାଯାଇଛି । ମାନସ ପ୍ରଧାନ (୩୦) ନାମକ ଯୁବକ ସାମାନ୍ୟ ଆହତ ହୋଇ ପାଟକୁରା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସିତ ହେଉଥିବା ଜଣାପଡିଛି ।

# ଜିଲ୍ଲାସ୍ତରୀୟ ଶିଶୁ ମହୋତ୍ସବ ସୁରଭି ଓ ଛାୟା ସଂସଦ ପ୍ରତିଯୋଗିତା

**ନବରଙ୍ଗପୁର, ୭।୧୧ (ସଂଚାର ବ୍ୟୁରୋ):** ସାଇ କଲ୍ୟାଣୀ ମଣ୍ଡପ ଠାରେ ଜିଲ୍ଲା ସ୍ତରୀୟ ଶିଶୁ ମହୋତ୍ସବ ସୁରଭି - ୨୦୨୫ ଓ ଛାୟା ସଂସଦ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଅଛି । ଜିଲ୍ଲା ଶିକ୍ଷା ଅଧିକାରୀ ଛତ୍ରପତି ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କର୍ଯ୍ୟକର୍ମରେ ଜିଲ୍ଲାପାଳ ଡ ମହେଶ୍ୱର ସ୍ୱାଇଁ ମୁଖ୍ୟ ଆତିଥି ଭାବେ ଯୋଗ ଦେଇଥିଲେ। ସୁରଭି ମାଧମରେ ଛାତ୍ର ଛାତ୍ରୀ ମାନଙ୍କର ଲୁକ୍କାୟିତ ପ୍ରତିଭା ର ପରିପ୍ରକାଶ ହୋଇପାରିବ ଏବଂ ନବରଙ୍ଗପୁର ଜିଲ୍ଲା ର ଲୋକକଳାର ମହକ ସାରା ରାଜ୍ୟରେ ସୁନାମ ଆଣିବ । କାର୍ଯ୍ୟକ୍ରମ ରେ ସି ଡି ଓ,ଜିଲ୍ଲା ପରିଷଦ ବିରଞ୍ଚି ନାରାୟଣ ଦର୍‌ବାନ ଉପ ଜିଲ୍ଲାପାଳ ପ୍ରକାଶ କୁମାର ମିଶ୍ର, ଜିଲ୍ଲା ମଙ୍ଗଳ ଅଧିକାରୀ ରବୀନ୍ଦ୍ର ପାଲକା, ଜିଲ୍ଲା ଶିଶୁ ମଙ୍ଗଳ ଅଧିକାରୀ ସୁରେଶ ପଟ୍ଟନାୟକ , ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ କେଶବ ମେହେର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଛାତ୍ର ଛାତ୍ରୀ ମାଙ୍କୁ ଉତ୍ସାହିତ କରିଥିଲେ । ଏହି କାର୍ଯକ୍ରମ ରେ ୩୩ ବିଭାଗରେ ୬୦୦ ରୁ ଉର୍ଦ୍ଧ ଛାତ୍ର ଛାତ୍ରୀ ଯୋଗ ଦେଇଥିଲେ। ବାପୁଜୀ ଉଚ୍ଚ ବିଦ୍ୟାଳୟ ତେନ୍ତୁଳିଖୁଣ୍ଟି ସାଂସ୍କୃତିକ କାର୍ଯ୍ୟକ୍ରମ ରେ ପ୍ରଥମ ସ୍ଥାନ ଅଧିକାର କରିଥିଲେ । ଚନ୍ଦନା ମଲ୍ଲିକ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ପ୍ରକାଶ ମହାଲିକ ଅତିରିକ୍ତ ଜିଲ୍ଲା ଶିକ୍ଷା ଅଧିକାରୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହା ବ୍ୟତୀତ ଜିଲ୍ଲା ସ୍ତରୀୟ ଛାୟା ସଂସଦ କାର୍ଯ୍ୟକ୍ରମରେ ୧୯ ଗୋଟି ପି ଏମ ଶ୍ରୀ ଉଚ୍ଚ ବିଦ୍ୟାଳୟର ୧୬୨ ଜଣ ଛାତ୍ର ଛାତ୍ରୀ ଭାଗ ନେଇଥିଲେ। ସେମାନଙ୍କର ମଧରେ ବିଭିନ୍ନ ରାଜ୍ୟର କଳା ,ସଂସ୍କୃତି ,ବେଶଭୂଷା ଓ ଐତିହ୍ୟ ସ୍ଥାନ କୁ ପ୍ରଦର୍ଶନ କରା ଯାଇଥିଲା ।

# ସାଇବର ସଚେତନତା କାର୍ଯ୍ୟକ୍ରମ





**ବୈପାରୀଗୁଡା,୭।୧୧ (ସଂଚାର ବ୍ୟୁରୋ):** ବୈପାରୀଗୁଡା ପୁଲିସ ପକ୍ଷରୁ ସାଇବର ସଚେତନତା ଶିବିର ବୈପାରୀଗୁଡା ବ୍ଲକ ପରିସର ଠାରେ ଅନୁଷ୍ଠିତ ହୋଇଯାଇଛି। ବୈପାରୀଗୁଡା ଥାନା ଅଧିକାରୀ ଡମ୍ବରୁଧର ବଡ଼ିଆଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବୈପାରୀଗୁଡା ପଂଚାୟତ ସମିତି ଅଧକ୍ଷ ପ୍ରଶାନ୍ତ ଗୁପ୍ତା, ସ୍ଥାନୀୟ ଜିଲ୍ଲା ପରିଷଦ ଏମ ରାଜେଶ୍ୱର ,ସରପଞ୍ଚ ସୂର୍ଯ୍ୟମଣି ନାୟକ, ସମିତି ସଭ୍ୟ ମଞ୍ଜୁଲତା ପଟ୍ଟନାୟକ, ଉପସ୍ଥିତ ରହିଥିଲେ। ପ୍ରଥମେ ବୈପାରୀଗୁଡା ଥାନାରୁ ଏକ ସଚେତନତା ରାଲି ବୈପାରୀଗୁଡା ସହର ପରିକ୍ରମା କରିଥିଲା ଏବଂ ସମସ୍ତ ପଥଚାରୀଙ୍କୁ ସଚେତନତା ପତ୍ର ବଣ୍ଟନ କରାଯାଇଥିଲା। ପରେ ବ୍ଲକ ପରିସରରେ ପଥପ୍ରାନ୍ତ ନାଟକ ମାଧମରେ ସାଇବର ଠକ କିପରି ଭାବେ ପ୍ରଲୋଭନ ଦେଖାଇ ଠକୁଛନ୍ତି ଏନେଇ ସଚେତନ କରାଯାଇଥିଲା।

# ସଂସ୍କୃତ ମହାବିଦ୍ୟାଳୟରେ 'ବନ୍ଦେ ମାତରମ୍' ଉତ୍ସବ ଉଦ୍‌ଘାଟିତ

**କବିସୂର୍ଯ୍ୟନଗର,୭।୧୧ (ସଂଚାର ବ୍ୟୁରୋ):** ସ୍ଥାନୀୟ ଡଃ. ଘନଶ୍ୟାମ ମିଶ୍ର ସଂସ୍କୃତ ମହାବିଦ୍ୟାଳୟ ଶ୍ରେଣୀ ପ୍ରକୋଷ୍ଠରେ ଶୁକ୍ରବାର ଦିନ ବନ୍ଦେ ମାତରମ୍ ଉତ୍ସବ ଉଦ୍‌ଘାଟିତ ହୋଇଯାଇଛି। ଉକ୍ତ ଉତ୍ସବରେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡଃ. ଅବନୀ ରଞ୍ଜନ ମିଶ୍ର ସଭାପତିତ୍ୱ କରିଥିବା ବେଳେ ଏହି ଅନୁଷ୍ଠାନର ଦର୍ଶନ ବିଭାଗର ବରିଷ୍ଠ ଅଧ୍ୟାପକ ହେମନ୍ତ କୁମାର ଗନ୍ତାୟତ ମୁଖ୍ୟବକ୍ତା ରୂପେ ଯୋଗଦାନ କରିଥିଲେ ।



ଅଧ୍ୟାପକ ଗନ୍ତାୟତ ବକ୍ତବ୍ୟ ଦେଇ କହିଥିଲେ ଯେ ବନ୍ଦେ ମାତରମ୍ ଏକ ରାଷ୍ଟ୍ର ଭକ୍ତି କବିତା , ଯାହାକି ବଙ୍କିମ ଚନ୍ଦ୍ର ଚଟୋପାଧ୍ୟାୟଙ୍କ ଦ୍ୱାରା ୧୮୮୨ ମସିହାରେ ଆନନ୍ଦ ମଠ ଉପନ୍ୟାସରେ ଲେଖାଯାଇଥିଲା । ଏହି କବିତାଟି ଉଭୟ ସଂସ୍କୃତ ଓ ବଙ୍ଗଳା ଭାଷାର ମିଶ୍ରଣରେ ରଚନା ହେବା ସହ ମା' ଦୁର୍ଗାଙ୍କୁ ଭାରତ ମାତାଙ୍କ ଅବତାର ସହିତ ତୁଳନା କରି ତାଙ୍କୁ ବନ୍ଦନା କରାଯାଇଛି। ପୁନର୍ବାର ଇତିହାସକୁ ମନେ ପକାଇବାକୁ ଅଧ୍ୟାପକ ଗନ୍ତାୟତ କହିଥିଲେ ଭାରତୀୟ ସ୍ୱାଧୀନତା ସଂଗ୍ରାମରେ ଏହି କବିତାର ଭୂମିକା ଅତ୍ୟନ୍ତ ଗୁରୁତ୍ୱ ବହନ କରିଥିଲା। ବନ୍ଦେ ମାତରମ୍ କବିତାଟିକୁ ପ୍ରଥମ ଥର ପାଇଁ ରବୀନ୍ଦ୍ରନାଥ ଠାକୁର ୧୮୯୬ରେ କଂଗ୍ରେସ ଅଧିବେସନରେ ଆବୃତ୍ତି କରିଥିଲେ ଏବଂ ୧୯୫୦ରେ ସରକାରୀ ଭାବରେ ଭାରତ ଗଣରାଜ୍ୟର ରାଷ୍ଟ୍ର ଗାନ ମର୍ଯ୍ୟାଦା ପାଇଥିଲା ବୋଲି ଉପସ୍ଥିତ ଥିବା ସମସ୍ତ ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ, ଛାତ୍ର ଓ ଛାତ୍ରୀମାନଙ୍କୁ ଅବଗତ କରାଇଥିଲେ।

# ଇଷ୍ଟଜୋନ ଟେଣ୍ଟ, ସାଉଣ୍ଡ, ଲାଇଟ ଓ ସପ୍ଲାୟର୍ସ ମାଲିକ ସଙ୍ଘର ବାର୍ଷିକ ଉତ୍ସବ

**ଦଶରଥପୁର,୭।୧୧ (ସଂଚାର ବ୍ୟୁରୋ):** ଦଶରଥପୁର ବ୍ଲକର ଇଷ୍ଟଜୋନ ଟେଣ୍ଟ, ସାଉଣ୍ଡ, ଲାଇଟ ଓ ସପ୍ଲାୟର୍ସ ମାଲିକ ସଙ୍ଘ ପକ୍ଷରୁ ଆଜି ୭ମ ବାର୍ଷିକ ଉତ୍ସବ ମଙ୍ଗଳପୁର ସ୍ଥିତ ଥାଲକୁଡ଼ି ବିଜୁ କଲ୍ୟାଣ ମଣ୍ଡପ ଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆଜି ସକାଳ ୯ଘଟିକା ସମୟରେ ମାଲିକ ସଙ୍ଘ ପକ୍ଷରୁ ମଲ୍ଲୀକାପୁର ଠାରେ ଥିବା ବୃଦ୍ଧାଶ୍ରମକୁ ଯାଇ ବୃଦ୍ଧବୃଦ୍ଧା ମାନଙ୍କୁ ବସ୍ତ୍ର ଓ ଖାଦ୍ୟ ବଣ୍ଟନ କରିଥିଲେ। ପରେ ବିଷ୍ଣୁ ଚରଣ ପୃଷ୍ଟିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ଜଗତ କୁମାର ନାୟକ, ମୁଖ୍ୟ ବକ୍ତା ଭାବେ ଅଶୋକ କୁମାର ପାଣିଗ୍ରାହୀ,



ସମ୍ମାନିତ ଅତିଥିଭାବେ ମାନସ ସନ୍ଧିବିଗ୍ରହ, ସମ୍ପାଦକ ସର୍ବେଶ୍ୱର ଜେନା ପ୍ରମୁଖ ଯୋଗ ଦେଇଥିଲେ। ଟେଣ୍ଟ ହାଉସର ମାଲିକମାନେ ଅନେକ ସମୟରେ ବିଭିନ୍ନ ସମସ୍ୟାରେ ଶିକାର ହେଉଥିବାରୁ ଟେଣ୍ଟ ହାଉସର ମାଲିକ ମାନେ ଏପରି ଏକତ୍ରିତ ହୋଇ ରହିଲେ ସମସ୍ୟାର ସମାଧାନ ହୋଇପାରିବ ବୋଲି ମୁଖ୍ୟ ଅତିଥି ତାଙ୍କ ବକ୍ତବ୍ୟରେ ମତବ୍ୟକ୍ତ କରିଥିଲେ।

ଏହି ଅବସରରେ ଟେଣ୍ଟ ହାଉସ ମାଲିକ ସଙ୍ଘ ତରଫରୁ ଦଶରଥପୁର ବ୍ଲକର କର୍ତ୍ତବ୍ୟରତ ସାମ୍ବାଦିକ ତଥା ଉତ୍କଳ ସାମ୍ବାଦିକ ସଙ୍ଘର ସଭାପତି ଜୟପ୍ରକାଶ ନାୟକ, ସାମ୍ବାଦିକ ମନୋରଞ୍ଜନ ମଲ୍ଲିକ,ସାମ୍ବାଦିକ ଚନ୍ଦ୍ରଶେଖର ସାହୁ, ସାମ୍ବାଦିକ ମନୋଜ ପୃଷ୍ଟିଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସେହିପରି ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖନିୟ ପ୍ରତିଭା ମାନଙ୍କୁ ମଧ ଏହି ମଞ୍ଚରେ ସମ୍ମାନିତ କରାଯାଇ ଥିଲା। ଏହି କାର୍ଯ୍ୟକ୍ରମରେ ପ୍ରାୟ ୧୫୦ରୁ ଉର୍ଦ୍ଧ ଟେଣ୍ଟ ମାଲିକମାନେ ଯୋଗ ଦେଇଥିଲେ।

# ମୁକ୍ତିଲାଭ କଲା 'ସୁଇଟ୍ ଭାଣିଜୀ' ଗୀତ





**ଲାଞ୍ଜିଗଡ଼,୭।୧୧ (ସଂଚାର ବ୍ୟୁରୋ):** ସମ୍ବଲପୁରୀ ଜଗତରେ ପ୍ରଥମ ଥର ପାଇଁ ଭାଣିଜୀ ମାନଙ୍କ ପାଇଁ ଗୀତଟିଏ ହୋଇଛି। ଏହି ଗୀତରେ ବଲାଙ୍ଗୀର ସିକୁଆଁର ବି.କାର୍ତ୍ତିକ କଣ୍ଠଦାନ କରିଥିବା ବେଳେ ଗୀତକୁ ଲେଖିଛନ୍ତି କଳାହାଣ୍ଡି ଜିଲ୍ଲା ପାଣିମୁଣ୍ଡାର ବି.ଥୟରାମ୍ ଠେଲା। ଏଥିରେ ମ୍ୟୁଜିକ୍ ନିର୍ଦ୍ଦେଶନା ଦେଇଛନ୍ତି ହମିତ୍ ସାଗର ଓ ବି.କାର୍ତ୍ତିକ। ଏହି ଗୀତ ତୃପ୍ତିମୟୀ ମ୍ୟୁଜିକ୍ ୟୁଟୁବ୍ ଚେନାଲରେ ଶୁଭମୁକ୍ତି ପାଇଛି। ବର୍ତ୍ତମାନ ଏହି ଗୀତ ବେଶ୍ ଭାଇରାଲ ହେବାରେ ଲାଗିଛି ଓ ଓଡ଼ିଶାର କୋଣ ଅନୁକୋଣରେ ଶୁଣିବାକୁ ମିଳୁଥିବାବେଳେ ସମ୍ବଲପୁରୀ ଜଗତରେ ପ୍ରଥମ ଥର ପାଇଁ ମାମୁଁ ନିଜ ଭାଣିଜୀକୁ କେତେ ଭଲ ପାଇ ଥାଆନ୍ତି ତାହାକୁ ନେଇଁ ବର୍ଣ୍ଣନା କରି ବି.ଥୟରାମ ଠେଲା ଅତି ସୁନ୍ଦର ଭାବେ ଲେଖି ଗୀତରେ ପରିଣତ କରିଥିବାବେଳେ ସଂଗୀତ ପ୍ରେମୀ ମାନଙ୍କ ମଧରେ ଉତ୍ସାହ ଦେଖିବାକୁ ମିଳିଛି।

ସଂଚାର SANCHAR
ଶନିବାର ୮ ନଭେମ୍ବର ୨୦୨୫
ସ୍ୱାସ୍ଥ୍ୟ






# 'ଫ୍ୟାଟି ଲିଭର'ର ପୂର୍ବାଭାସ

ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଂଶ ହେଉଛି ଲିଭର। ଅନେକ ହୁଏତ ଏହି ଲିଭର ବିଶେଷକରି ଫ୍ୟାଟି ଲିଭର ସମ୍ପର୍କରେ ଅଜଣା ଥାଆନ୍ତି। କିନ୍ତୁ ଏହି ଫ୍ୟାଟି ଲିଭର ଘାତକ ହୋଇ ଶରୀରର କ୍ଷତି କରିବା ବେଳକୁ ଶରୀରର ଅନେକ ଅଂଶ ସଂକ୍ରମିତ ହେବାସହ ରୋଗୀ ଜଣଙ୍କ ଗୁରୁତର ମଧ୍ୟ ହୋଇଯାଇଥାଏ। ଆମ ଶରୀରର ନିରବ ନାୟକ ଯକୃତ ବା ଲିଭର ପୋଷକୀୟ ସଂରଚନା, ଶରୀର ଗଠନ, ପୁଷ୍ଟିସାର ସଂଶ୍ଳେଷଣ ଓ ବିଷ ହରଣରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିଭାଇଥାଏ। ଶରୀର ସୁରକ୍ଷାକାରୀ ଗୁଣ ସତ୍ତ୍ୱେ ଏହା 'ଫ୍ୟାଟି ଲିଭର' ବା 'ଚର୍ବିଳ ଯକୃତ' ଭଳି ରୋଗରେ ଆକ୍ରାନ୍ତ ହୋଇଥାଏ। ଯକୃତ କୋଷରେ ଅତ୍ୟଧିକ ଚର୍ବି ଜମା ହେବା ଦ୍ୱାରା ଏହି ଅବସ୍ଥା ଦେଖାଦିଏ ଏବଂ ପ୍ରଦାନ, ଯନ୍ତ୍ରଣା ଓ ଅନ୍ୟାନ୍ୟ ଦୀର୍ଘକାଳୀନ ସମସ୍ୟା ସୃଷ୍ଟି କରେ। 'ଫ୍ୟାଟି ଲିଭର'ର କିଛି ପ୍ରାକ୍ ଲକ୍ଷଣ ବିଷୟରେ ଜାଣନ୍ତୁ ଯକୃତ ବିଶେଷଜ୍ଞଙ୍କ କହିବାନୁସାରେ, ତଳିପେଟ ଧୀରେ ଧୀରେ ପୃଥୁଳକାୟ ହେବା 'ଫ୍ୟାଟି ଲିଭର'ର ପୂର୍ବାଭାସ। କ୍ଳାନ୍ତି ଅନୁଭବ ହେବା କି ବ୍ୟସ୍ତବିବ୍ରତ ଲାଗିବା ମଧ୍ୟ ଏହି ରୋଗର ଅନ୍ୟ ଏକ ପ୍ରାକସୂଚନା। ପିଞ୍ଜରାର ଡାହାଣ ପାଖ ତଳେ ଅସ୍ୱସ୍ତି ଅନୁଭବ କରିବା ମଧ୍ୟ ଏକ ପ୍ରମୁଖ ସଂକେତ ହୋଇପାରେ। ସେହିପରି ପ୍ରବଳ ଚୁଟି ଝଡ଼ିବା, ମୁହଁରେ ବ୍ରଣ ଉଠିବା, ବାରମ୍ବାର ଓକାର ଆସିବା ଓ ଭୋକ ନ ଲାଗିବା ବି ଏହାର ଲକ୍ଷଣ ହୋଇପାରେ। ଏଭଳି ଲକ୍ଷଣ ଦେଖିଲେ ଡାକ୍ତରଙ୍କ ସହ ପରାମର୍ଶ କରି ଆବଶ୍ୟକ ଚିକିତ୍ସା ଆରମ୍ଭ କରିବା ଜରୁରୀ। 'ଫ୍ୟାଟି ଲିଭର'ର ଆଶଙ୍କା ହ୍ରାସ କରିବାର କେତେକ ଉପାୟ ହେଲା - ପ୍ରକ୍ରିୟାକୃତ ଖାଦ୍ୟ ବଦଳରେ ପନିପରିବା, ଫଳମୂଳ ଓ ସ୍ୱାସ୍ଥ୍ୟପ୍ରଦ ଚର୍ବି ଗ୍ରହଣ କରିବା ମଦ୍ୟପାନ, ପ୍ରକ୍ରିୟାକୃତ ଶର୍କରା ଓ ଚିନି ଆଦି ଗ୍ରହଣକୁ ପାରୁ ପର୍ଯ୍ୟନ୍ତ କମ କରିବା। ଫ୍ୟାଟି ଲିଭର ପାଇଁ ସତର୍କତା ହେଉଛି ସୁଷମ ଖାଦ୍ୟ ଖାଆନ୍ତୁ, ବିଶୁଦ୍ଧ ପାଣି ପିଅନ୍ତୁ, ଆମିଷ ଖାଦ୍ୟ ଓ ସମସ୍ତ ପ୍ରକାର ନିଶାଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ, ସକାଳୁ ଯୋଗ ପ୍ରାଣାୟମ ଏକ ଖୁବ ଭଲ ଅଭ୍ୟାସ। ଫ୍ୟାଟି ଲିଭରକୁ ନେଇ ସେପରି ଚିନ୍ତିତ ହେବା ଅନୁଚିତ। ଶରୀରକୁ ଆଦୌ ସୁସ୍ଥ କରିବା ନିମିତ୍ତ ଅତ୍ୟଧିକ ପ୍ରୋଟିନଯୁକ୍ତ ଖାଦ୍ୟ ଗ୍ରହଣ କରନ୍ତୁ ନାହିଁ। ଲିଭର ଜନିତ କୌଣସି ସମସ୍ୟା ଦେଖାଦେଲେ ତୁରନ୍ତ ଲିଭର ବିଶେଷଜ୍ଞଙ୍କ ପରାମର୍ଶ ନେବା ଜରୁରୀ। ତେବେ ପେଟ ଯନ୍ତ୍ରଣା ହେଉଥିବା ସମୟରେ ମନଇଛା ପେନକିଲର ଗ୍ରହଣ କରନ୍ତୁ ନାହିଁ। ପ୍ରଚୁର ଜଳପାନ କରି ଶରୀରକୁ ସର୍ବଦା ଆର୍ଦ୍ର ରଖିବା। ସର୍ବୋପରି ନିୟମିତ ବ୍ୟାୟାମ ସହ ଶରୀରର ଓଜନ ଉପରେ ନିଘା ରଖିବା ଦରକାର।

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର
ପୂର୍ବତନ ବିଭାଗୀୟ ମୁଖ୍ୟ, ହେପାଟୋଲୋଜି ବିଭାଗ,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
ମୋବାଇଲ୍: ୯୪୩୭୦୫୧୯୫୭

# ଶୀତରତୁରେ କନ୍ଦମୂଳ ସ୍ୱାସ୍ଥ୍ୟ ପାଇଁ ଉପକାରୀ



ଆପଣମାନେ ତ ଜାଣିଥିବେ ଶୀତରତୁରେ ଅନେକ ପ୍ରକାରର ଫଳମୂଳ, ପନିପରିବା ଇତ୍ୟାଦି ଭରପୂର ପରିମାଣରେ ମିଳିଥାଏ। ଏହା ସହ ଶୀତରତୁରେ ମଧ୍ୟ ଏହି ସବୁ ଜିନିଷର ଦର କମ ରହିଥାଏ। ଯାହାକୁ ଆପଣ ବହୁତ ସହଜରେ କିଣିପାରିବେ। କିନ୍ତୁ ମାର୍କେଟରୁ ପନିପରିବା କିଣିବା ଅପେକ୍ଷା ନିଜ ବାଡିରେ ଲଗାଯାଇଥିବା ପନିପରିବା ଯଥେଷ୍ଟ ଭଲ ହୋଇଥାଏ। ତେବେ ଯାହାକୁ ଖାଇ ନିଜକୁ ସୁସ୍ଥମନେ କରିପାରିବେ। କାହିଁକି ନା ମାର୍କେଟରେ ମିଳୁଥିବା ପରିବାରେ ସାର, ବିଶ ଇତ୍ୟାଦି ପଡିଥାଏ, ଯାହାକୁ ଖାଇଲେ ସ୍ୱାସ୍ଥ୍ୟ ସମସ୍ୟା ବଢ଼ିବାକୁ ଲାଗିଥାଏ। ଏଥିପାଇଁ ଯଦି ଆପଣ ବାଡିରେ ଲଗାଯାଇଥିବା ପନିପରିବାକୁ ଖାଆନ୍ତି, ତାହେଲେ ଆପଣଙ୍କର କୌଣସି ପ୍ରକାରର ଅସୁବିଧା ହେବ ନାହିଁ। ଅନେକ ପ୍ରକାରର ରୋଗରୁ ମଧ୍ୟ ଆରୋଗ୍ୟ ପାଇପାରିବେ। କିନ୍ତୁ ଆପଣ ଜାଣିଛନ୍ତି କି, ଏମିତି ଏକ ଫଳ ଅଛି ଯାହା ସ୍ୱାଦରେ ପରିପୂର୍ଣ୍ଣ ରହିବା ସହ ଅନେକ ଭିଟାମିନରେ ମଧ୍ୟ ଭରପୁର ରହିଛି। ତାହେଲେ ଆସନ୍ତୁ ସେହି ଫଳ ବିଷୟରେ ଜାଣିବା।

ତେବେ ସେହି ଫଳର ନାମ ହେଉଛି 'କନ୍ଦମୂଳ'। ଯାହା ସ୍ୱାଦରେ ପରିପୂର୍ଣ୍ଣ ହୋଇଥାଏ ଏବଂ ଅନେକ ପ୍ରକାରର ଭିଟାମିନ୍ ମଧ୍ୟ ଯୋଗାଇଥାଏ। ଯେଉଁଥିରେ ଫାଇବର, ଭିଟାମିନ୍ 'ଏ', ଭିଟାମିନ୍ 'ସି ' ଏବଂ ବି ୬ ଗୁଣ ରହିଛି । ଏହା ବ୍ୟତୀତ ପୋଟାସିୟମ ଏବଂ ମାଙ୍ଗାନିଜ୍ ଭଳି ମିନେରାଲ ମଧ୍ୟ ରହିଛି। କନ୍ଦମୂଳ ସ୍ୱାସ୍ଥ୍ୟ ପାଇଁ ବେସ୍ ଲାଭଦାୟକ ହୋଇଥାଏ। କନ୍ଦମୂଳରେ ଅନେକ ପ୍ରକାରର ଖାଦ୍ୟ ପ୍ରସ୍ତୁତ କରାଯାଏ। ଶୀତରତୁରେ ଆପଣ ପ୍ରତ୍ୟେକ ଦିନ ଗୋଟିଏ କନ୍ଦମୂଳ ଖାଇବା ନିହାତି ଆବଶ୍ୟକ। ଏହାକୁ ଖାଇବା ଦ୍ୱାରା ଶରୀରକୁ ଅନେକ ପ୍ରକାରର ଭିଟାମିନ୍ ଏବଂ ପୋଷକ ତତ୍ତ୍ୱ ମିଳିଥାଏ।

ତ୍ୱଚା ପାଇଁ ଲାଭଦାୟକ: କନ୍ଦମୂଳରେ ଆଣ୍ଟିଅକ୍ସିଡାଣ୍ଟ ଭରପୂର ହୋଇଥାଏ ଯାହା ସ୍କିନକୁ ଟାଇଟ୍ ରଖିବାରେ ସାହାଯ୍ୟ କରିଥାଏ। ଏହା ସ୍କିନକୁ ଫ୍ରି' ରେଡିକାଲ ଦ୍ୱାରା ହେଉଥିବା କ୍ଷତିରୁ ରକ୍ଷା କରିଥାଏ। କିଛି ପୁରୁଣା ରୋଗକୁ ଠିକ୍ କରିବାରେ ଏହି ଫଳ ସାହାଯ୍ୟ କରିଥାଏ। ଆପଣ ଏହାକୁ ଅନେକ ଉପାୟରେ ଖାଇପାରିବେ, ଯେମିତିକି ସିଜାଇ ଖାଇପାରିବେ, ରୋଷେଇରେ ସାମିଲ୍ କରିପାରିବେ ଏବଂ ଏହାକୁ କେହି କେହି ପୋଡିକି ମଧ୍ୟ ଖାଇଥାନ୍ତି। ଏହା ସହ ଏହାକୁ ଖାଇଲେ ଅନେକ ରୋଗରୁ ମଧ୍ୟ ଆରୋଗ୍ୟ ହୋଇପାରିବେ। ଆଖି ପାଇଁ ଲାଭଦାୟକ: କନ୍ଦମୂଳରେ ଭିଟାମିନ୍ ଏ' ବହୁତ ପରିମାଣରେ ମିଳିଥାଏ। ଯାହା ଆଖି ପାଇଁ ବେସ୍ ଲାଭ ଦାୟକ ହୋଇଥାଏ। ଏହା ସହ ବିଟା-କ୍ୟାରୋଟିନ୍ ମିଳିଥାଏ ଯାହା ଷ୍ଟ୍ରେସକୁ କମ କରିଥାଏ। ହଜମ ପ୍ରକ୍ରିୟାରେ ଉନ୍ନତି ଆଣିବା ସହ ବ୍ଲଡ୍ ପ୍ରେସରକୁ ମଧ୍ୟ କଣ୍ଟ୍ରୋଲ କରିବାରେ ସାହାଯ୍ୟ କରିଥାଏ।

ଡାଇବେଟିସ୍‌ରେ କନ୍ଦମୂଳ: ଆପଣମାନେ ତ ଜାଣିଥିବେ ସବୁ ଫଳ ଅପେକ୍ଷା କନ୍ଦମୂଳରେ ମିଠାର ପରିମାଣ କମ୍ ଥାଏ। ଯାହାକୁ ଡାଇବେଟିସ୍ ରୋଗୀମାନେ ମଧ୍ୟ ଖାଇପାରିବେ, ଏଥିରେ କୌଣସି ଅସୁବିଧା ହୁଏ ନାହିଁ। ଏହାସହ ଏହାର ଟେଷ୍ଟ ମଧ୍ୟ ବହୁତ ଭଲ ହୋଇଥାଏ। ଯାହାକୁ ଛୋଟ ଛୁଆ ଠାରୁ ଆରମ୍ଭ କରି ବଡ ଲୋକମାନେ ମଧ୍ୟ ଖାଇଥାନ୍ତି। ଏହାକୁ ଖାଇବା ଦ୍ୱାରା ଆପଣଙ୍କ ଏନର୍ଜି ଲେବୁଲ ବଢ଼ିଥାଏ।

ଓଜନକୁ କମ୍ କରେ 'କନ୍ଦମୂଳ': ଓଜନ କମ କରିବାରେ ସାହାଯ୍ୟ କରିଥାଏ କନ୍ଦମୂଳ। ଆପଣ ଏହାକୁ ଡାଏଟରେ ମଧ୍ୟ ସାମିଲ୍ କରିପାରିବେ। କନ୍ଦମୂଳ ଖାଇବା ଦ୍ୱାରା ଇମ୍ୟୁନିଟି ମଜବୁତ୍ ରହିଥାଏ। ଏଥିରୁ ମିଳୁଥିବା ଭିଟାମିନ୍ ସି' ଏବଂ ଇ' ଆପଣଙ୍କ ତ୍ୱଚାକୁ ସୁନ୍ଦର ରଖିବାରେ ସାହାଯ୍ୟ କରିଥାଏ। ଏହା ସହ ଏଥିରେ ମିଠାର ପରିମାଣ କମ୍ ଥିବାରୁ ଓଜନ କମ୍ ହୋଇଯାଇଥାଏ। ତେଣୁ ଆପଣ ଯଦି ସୁସ୍ଥ ରହିବାକୁ ଚାହୁଁଛନ୍ତି, ତେବେ ପ୍ରତ୍ୟେକ ଦିନ ଗୋଟିଏ କନ୍ଦମୂଳ ଖାଇବା ନିହାତି ଆବଶ୍ୟକ। ଯାହା ଫଳରେ ଆପଣ ସୁସ୍ଥ ରହିବେ ଏବଂ କୌଣସି ପ୍ରକାରର ସ୍ୱାସ୍ଥ୍ୟ ସମସ୍ୟା ହେବ ନାହିଁ।

# ଶୀତରତୁରେ ଫେସ୍ ଡ୍ରାଏ ହେଉଛି କି ?

ଆସିଲାଣି ଶୀତରତୁ। ସମସ୍ତଙ୍କୁ ଶୀତରତୁ ବହୁତ ପସନ୍ଦ ହୋଇଥାଏ। କାହିଁକି ନା ଏହି ରତୁରେ ପରିବେଶ ସୁନ୍ଦର ଦେଖାଯିବା ସହ ଶରୀର ମଧ୍ୟ ଫିଟ୍ ରହିଥାଏ। ଏହାସହ ଶୀତରତୁ ଯେତିକି ଭଲ ସେତିକି ଖରାପ ମଧ୍ୟ ହୋଇଥାଏ। କାରଣ ଶୀତୁରତୁରେ ଅନେକ ପ୍ରକାରର ସମସ୍ୟା ସୃଷ୍ଟି ହୋଇଥାଏ। ଯେମିତିକି ଫେସ୍ ଡ୍ରାଏ ହୋଇଯାଏ, ସ୍କିନ୍ ଖରାପ ଦେଖାଯିବା ସହ ଗୋଡ ମଧ୍ୟ ଫାଟିଥାଏ। ଫେସ୍ ଡ୍ରାଏକୁ ନେଇ ସମସ୍ତେ ଚିନ୍ତାରେ ରହିଥାନ୍ତି। ଏହାସହ ଫେସରେ ଅନେକ ପ୍ରକାର ଜିନିଷ ମଧ୍ୟ ବ୍ୟବହାର କରିଥାନ୍ତି। କାରଣ ଆମ ଶରୀରରେ ଫେସ ହିଁ ମୁଖ୍ୟ ଅଂଶ ହୋଇଥାଏ। ସମସ୍ତେ ଚାହିଁଥାନ୍ତି ଯେ ଫେସ କିପରି ଗ୍ଲୋ କରିବ। ହେଲେ ଶୀତରତରେ ଫେସ୍ ଆଦୌ ଗ୍ଲୋ କରି ନଥାଏ ବରଂ ଅଧିକ ଖରାପ ଦେଖାଯାଇଥାଏ।

ଖାସ୍ କରି ଝିଅମାନେ ଅଧିକ ଟେନସନରେ ପଡିଯାଆନ୍ତି। କାରଣ ସେ ପ୍ରାୟତଃ ସବୁ ସମୟରେ ମେକପ୍ ନେଇଥାନ୍ତି ହେଲେ ଶୀତରତୁରେ ମେକପ୍ ନେବା ବହୁତ କଷ୍ଟ ହୋଇଯାଇଥାଏ। ଏହି ରତୁରେ ଫେସ ଡ୍ରାଏ ହୋଇଥାଏ ସେଥିପାଇଁ ମେକଅପ୍ ନେଲେ ସୁନ୍ଦର ଦେଖାଯିବା ବଦଳରେ ଖରାପ ଦେଖାଯାଇଥାନ୍ତି। ଶୀତରତୁରେ ଅନେକ ପ୍ରକାରର ଲୋସନ ଏବଂ କ୍ରିମ୍ ବ୍ୟବହାର କରିଥାନ୍ତି ଏବଂ ସେହି ଲୋସନ କିମ୍ବା କ୍ରିମ୍ ୧-୨ ଘଣ୍ଟା ଭିତରେ ସୁଖିଯାଏ। ଏହିଭଳି ଅନେକ ପ୍ରଡକ୍ଟ ବ୍ୟବହାର କେଲେ ମଧ୍ୟ କୌଣସି ରେଜଲ୍ଟ ମିଳି ନଥାଏ। ଯାହାକୁ ନେଇ ବହୁତ ଟେନସନ୍ ବଢ଼ିଯାଏ। ହେଲେ ଆଜି ଆମେ ଆପଣଙ୍କୁ ଏପରି କିଛି ଟିପ୍ସ ବିଷୟରେ କହିବୁ ଯାହାକୁ ବ୍ୟବହାର କଲେ ଶୀତରତୁରେ ଫେସ ଗ୍ଲୋ କରିବା ସହ ଅନେକ ପ୍ରକାର ଫାଇଦା ମଧ୍ୟ ମିଳିବ। ତେବେ ଆସନ୍ତୁ ଜାଣିବା ସେହି ଟିପ୍ସ ବିଷୟରେ।

ଏହି ଟିପ୍ସର ନାମ ହେଉଛି 'ନଡିଆ ତେଲ'। ଯଦି ନଡିଆ ତେଲକୁ ଫେସରେ ମସାଜ୍ କରାଯାଏ ତେବେ ଡ୍ରାଏ ନେସ ଦୂର ହୋଇଯାଇଥାଏ। ଖାସ୍ କରି ଶୀତରତରେ ଫେସରେ ନଡିଆ ତେଲ ମସାଜ୍ କରିବା ନିହାତି ଆବଶ୍ୟକ। ଏହି ନଡିଆ ତେଲ ଅନେକ ଲୋସନଠାରୁ ବେଟର ହୋଇଥାଏ। କାରଣ ଲୋସନ ଲଗାଇଲେ ସେ ୧-୨ ଘଣ୍ଟା ମଧ୍ୟରେ ସୁଖିଯାଇଥାଏ ହେଲେ ନଡିଆ ତେଲ ଦିନସାରା ଫେସକୁ ଚମକାଇଥାଏ। ଏହାସହ ମେକପ୍ ହଟାଇବା ପାଇଁ ମଧ୍ୟ ନଡିଆ ତେଲ ବ୍ୟବହାର କରାଯାଇଥାଏ। ନଡିଆ ତେଲ ଲଗାଇବା ଦ୍ୱାରା ସ୍କିନ୍ ନରମ ହେବା ସହ ଚମକ ମଧ୍ୟ ଆଣିଥାଏ। ଏହା ସହ ଏହି ତେଲକୁ ବ୍ୟବହାର କରିବା ଫଳରେ ଫେସର ଦାଗ ଏବଂ ପିମ୍ପଲ ଦୂର ହୋଇଥାଏ। ନଡିଆ ତେଲ ତ୍ୱଚାରେ ଲଗାଇବା ଫଳରେ କୋଲେଜନ୍ର ଉତ୍ପାଦନ ସୃଷ୍ଟି ହୋଇଥାଏ, ଯାହା ଫଳରେ ବାର୍ଦ୍ଧକ୍ୟ ଜନିତ ସମସ୍ୟା ଦୂର ହୋଇଯାଇଥାଏ। ଏହା ସହ ଆପଣ ବହୁତ ୟଙ୍ଗ ମଧ୍ୟ ଦେଖାଯିବେ। ଆପଣଙ୍କର ସୁନ୍ଦରତା ଆହୁରି ଦ୍ୱିଗୁଣ ବଢ଼ିଯିବ। ଏହା ସହ ନଡିଆ ତେଲ ଲଗାଇବା ଫଳରେ ଆଲର୍ଜି ଦୂର ହୋଇଥାଏ। ତେବେ ଆପଣ ଯଦି ଶୀତରତରେ ସୁନ୍ଦର ଦେଖାଯିବାକୁ ଚାହାଁନ୍ତି ତାହାଲେ ନିୟମିତ ଭାବେ ନଡିଆ ତେଲ ଫେସରେ ମସାଜ କରନ୍ତୁ। ଆପଣଙ୍କ ଫେସ ଗ୍ଲୋ କରିବା ସହ ଅନେକ ଫାଇଦା ମଧ୍ୟ ମିଳିବ।



# ପିଲାମାନେ ପାଟିରେ ଆଙ୍ଗୁଠି ପୁରାଉଛନ୍ତି କି ?

ଆରେ ପାଟିରେ ଆଙ୍ଗୁଠି କାହିଁକି ପୁରାଉଛୁ ? ରୋଗ ହେବ....ହାତରେ କେତେ ଧୂଳି ଲାଗିଛି ଦେଖିଲୁ। ଏମିତି କେତେ କଟକଣାରେ ବାପା, ମା' ତାଙ୍କ ପିଲାଙ୍କୁ ତାଗିଦ କୁରୁଥିବାର ଦେଖିଥିବେ। ବାରମ୍ବାର ହାତ ଧୋଉଥିବେ। ସ୍ୱଚ୍ଛତା ଉପରେ ବୁଝାଉଥିବାର ମଧ୍ୟ ଦେଖାଯାଏ। କିନ୍ତୁ ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ମତରେ ଜନ୍ମରୁ ୨ ବର୍ଷର ଛୁଆଙ୍କ ପାଇଁ ଏହା ଉପକାରୀ ବୋଲି କୁହାଯାଇଥାଏ।



**କ'ଣ ରହିଛି ଉପକାରିତା:** ଯେତେବେଳେ ପିଲାମାନେ ପାଟିରେ ଆଙ୍ଗୁଠି ପୁରାଇଥାନ୍ତି, ଏହା ସେମାନଙ୍କ ଆତ୍ମଶାନ୍ତି ଦେଇଥାଏ ବୋଲି କହିଛନ୍ତି। ଯେତେବେଳେ ସେମାନଙ୍କୁ ବିରକ୍ତି ଆସିଥାଏ ସେମାନେ ଆଙ୍ଗୁଠି ଚୋଷିବାଦ୍ୱାରା ଶାନ୍ତି ମିଳିଥାଏ। ଏହା ଏକ ପ୍ରାକୃତିକ ଉପାୟ ଯାହା ଦ୍ୱାରା ପିଲାଟି ନିଜକୁ ସାନ୍ତ୍ୱନା ଦେଇଥାଏ। ଯେତେବେଳେ ପିଲାମାନଙ୍କର ନୂଆ ନୂଆ ଦାନ୍ତ ଉଠେ, ସେମାନେ ଅସହଜ ଅନୁଭବ କରନ୍ତି। ଏପରି ପରିସ୍ଥିତିରେ, ସେଥିରୁ ଆରାମ ପାଇବା ପାଇଁ ସେମାନେ ପାଟିରେ ବାରମ୍ବାର ଆଙ୍ଗୁଠି ପୂରାନ୍ତି। ଏହା ସେମାନଙ୍କୁ ବହୁତ ଆରାମଦାୟକ ଅନୁଭବ କରାଏ। କିଛି ଗବେଷଣା ଅନୁଯାୟୀ, ପିଲାମାନଙ୍କ ପାଟିରେ ଆଙ୍ଗୁଠି ରଖିବା ସେମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ପାଇଁ ସହାୟକ ହୋଇଥାଏ କାରଣ ଏହା ଶରୀରକୁ ହାଲୁକା ଜୀବାଣୁ ସହିତ ମୁକାବିଲା କରିବା ଶିଖିବାରେ ସାହାଯ୍ୟ କରେ। ପିଲାମାନେ କ୍ଷୀର ପିଇବା ପରେ ନିଦ୍ରା ଅନୁଭବ କରନ୍ତି, ସେମାନେ ଜୋରରେ ଆଙ୍ଗୁଳି ଚୋବାଇବା ଆରମ୍ଭ କରନ୍ତି। ଏପରି ପରିସ୍ଥିତିରେ, ବୁଝିଯିବା ଯେ ପିଲାଟି ନିଦ୍ରା ଅନୁଭବ କରୁଛି। ଯଦି ପିଲାଟି ପାଟିରେ ଆଙ୍ଗୁଠି ପୁରାଇ ହସୁଛି, ତେବେ ବୁଝିବାକୁ ହୁଏ ଯେ ସେ ନିଜ ଖୁସି ବ୍ୟକ୍ତ କରୁଛନ୍ତି। ଏପରି କିଛି ଛୋଟ ଛୋଟ କଥାକୁ ଧ୍ୟାନ ଦେବା ଆବଶ୍ୟକ ହୋଇଥାଏ।

**ଏହି ଅଭ୍ୟାସ କେବେଠାରୁ ବନ୍ଦ କରିବା:** କିଛି ଜିନିଷ ଛୋଟ ବୟସରେ ଭଲ ଲାଗିଥାଏ ଓ କିଛି ସ୍ୱାସ୍ଥ୍ୟ ପାଇଁ ଉପଯୋଗ ମନେ ହୁଏ। କିନ୍ତୁ ଧୀରେ ଧୀରେ ଏହି ଅଭ୍ୟାସ ବଡ଼କାଳେ ରୋଗର କାରଣ ସାଜେ। ଯଦି ଆପଣଙ୍କ ପିଲା ୩ରୁ ୪ ବର୍ଷର ହୋଇଯାଏ ଏବଂ ସେ ଲଗାତାର ନିଜ ଆଙ୍ଗୁଠି ଚୋଷୁଛି, ତେବେ ଏହା ତାଙ୍କ ଦାନ୍ତର ବିକାଶକୁ ପ୍ରଭାବିତ କରିପାରେ ବୋଲି ମତ ରହିଛି। ବାରମ୍ବାର ଆଙ୍ଗୁଠି ଚୋବାଇଲେ ଚର୍ମ ସଂକ୍ରମଣ କିମ୍ବା ଜୀବାଣୁ ହେବାର ଆଶଙ୍କା ମଧ୍ୟ ବଢ଼ିଥାଏ।

# ହ୍ରାସ ପାଉଛି ପୁରୁଷଙ୍କ ଶୁକ୍ରାଣୁ କମୁଛି ପ୍ରଜନନ କ୍ଷମତା



ନୂଆଦିଲ୍ଲୀ: ପ୍ରତ୍ୟେକ ବ୍ୟକ୍ତିଙ୍କ ନିଜସ୍ୱ ସନ୍ତାନ ଜନ୍ମ ଏକ ପ୍ରାଥମିକ ଅଧିକାର। ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ଭେ ଅନୁସାରେ ଓଡ଼ିଶାରେ ଦମ୍ପତିଙ୍କ ଯେଉଁଭଳି ପ୍ରଜନନ କ୍ଷମତା ହ୍ରାସ ପାଉଛି ଅନେକଙ୍କ ଅଭିଭାବକ ହେବାର ସ୍ୱପ୍ନକୁ ଧୂଳିସାତ୍ କରୁଛି। ୧୯୯୨-୯୩ (ଏନ୍ଏଫ୍ଏଚ୍ଏସ୍-୧)ରେ ପ୍ରଜନନ ହାର ୨.୯% ଥିଲା। ୨୦୧୯-୨୧ (ଏନ୍ଏଫ୍ଏଚ୍ଏସ୍-୫)ରେ ଏହା ୧.୮%ରେ ପହଞ୍ଚିଛି। ୧୯୯୮-୯୯ରେ ୨.୫%, ୨୦୦୫-୦୬ରେ ୨.୪%, ୨୦୧୫-୧୬ରେ ୨.୧% ଥିଲା। ଭାରତ ଏବେ ୬ଷ୍ଠ ପର୍ଯ୍ୟାୟ ସର୍ଭେ (ଏନ୍ଏଫ୍ଏଚ୍ଏସ୍-୬) କରିବାକୁ ଯାଉଛି। ପ୍ରଥମଥର ପାଇଁ ମୁମ୍ବାଇର ଇଣ୍ଟର୍ନ୍ୟାସନାଲ୍ ଇନଷ୍ଟିଚ୍ୟୁଟ୍ ଫର୍ ପପୁଲେସନ୍ ସାଇନ୍ସେସ୍ ହିଁ ଏହି ସର୍ଭେ ଆୟୋଜନ କରୁଛି। ଏନ୍ଏଫ୍ଏଚ୍ଏସ୍-୬ ପ୍ରଜନନ, ଶିଶୁ ଓ ଶିଶୁ ମୃତ୍ୟୁହାର ତଥା ଅନ୍ୟାନ୍ୟ ପରିବାର କଲ୍ୟାଣ ଓ ସ୍ୱାସ୍ଥ୍ୟନିୟାମକ ଭଳି ପ୍ରମୁଖ ସୂଚକାଙ୍କ ପାଇଁ ଜାତୀୟ, ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ଓ ଜିଲ୍ଲାସ୍ତରୀୟ ଆକଳନ ରିପୋର୍ଟ ପ୍ରଦାନ କରିବ। ତେବେ ବର୍ତ୍ତମାନ ଯେଉଁଭଳି ଅବସ୍ଥା ରହିଛି ଆଗାମୀ ଦିନରେ ପ୍ରଜନନ କ୍ଷମତା ହ୍ରାସ ପାଇବାର ଆଶଙ୍କା କମିଯିବ ବୋଲି କିଛି କହିହେବ ନାହିଁ। ଏଥିପାଇଁ କେବଳ ମହିଳାଙ୍କ ବିଳମ୍ବରେ ବିବାହ, ଦୀର୍ଘ ଦିନ ଧରି ପ୍ରୋଟେକ୍ସନ୍‌ର ବ୍ୟବହାର ନୁହେଁ ବରଂ ପୁରୁଷଙ୍କ ଶୁକ୍ରାଣୁ ହ୍ରାସ ମଧ୍ୟ ସମାନ ପରିମାଣରେ ଦାୟୀ। ଏକ ରିପୋର୍ଟ ଅନୁଯାୟୀ, ମୋଟ୍ ପ୍ରଜନନ ହାର (ଟିଏଫ୍ଆର୍) ପ୍ରତି ମହିଳା ୨.୦ ସନ୍ତାନକୁ ହ୍ରାସ ପାଇଛି, ଯାହା ପ୍ରଜନନର ବଦଳସ୍ତର (ପ୍ରତି ମହିଳା ୨.୧ ସନ୍ତାନ)ରେ ରହିଛି। ସେହିପରି ପ୍ରତି ୧୦୦୦ ପୁରୁଷରେ ୧୦୨୦ ମହିଳାଙ୍କ ଲିଙ୍ଗ ଅନୁପାତ ୧୮୮୧ ପରଠାରୁ ସର୍ବାଧିକ ରେକର୍ଡ ହୋଇଛି, କିନ୍ତୁ ଜନ୍ମ ସମୟରେ ପୁରୁଷଙ୍କ ପ୍ରତି ଲିଙ୍ଗ ଅନୁପାତ ବିକୃତ ରହିଛି। କିଛି ରାଜ୍ୟରେ, ଏନ୍ଏଫ୍ଏଚ୍ଏସ୍-୪ ତୁଳନାରେ ଶିଶୁଙ୍କ ଶରୀରରେ ଷ୍ଟଣ୍ଟିଙ୍ଗ୍, ଅବକ୍ଷୟ ଓ କମ୍ ଓଜନ ସ୍ଥିତି ଆହୁରି ଖରାପ ହୋଇଛି। ବାଲ୍ୟ ବିବାହର ଜାତୀୟ ହାର ହ୍ରାସ ପାଇଛି, ଯଦିଓ ତ୍ରିପୁରା, ପଶ୍ଚିମବଙ୍ଗ, ମଣିପୁର ଓ ପଞ୍ଜାବ ଭଳି ରାଜ୍ୟରେ ଏହା ବୃଦ୍ଧି ପାଇଛି। ଏନ୍ଏଫ୍ଏଚ୍ଏସ୍-୫ ଶିଶୁ ଟୀକାକରଣ, ସୂକ୍ଷ୍ମ ପୋଷକ ତତ୍ତ୍ୱ ଅଭାବ, ରତୁସ୍ରାବକାଳୀନ ସ୍ୱଚ୍ଛତା, ମଦ୍ୟପାନ, ତମାଖୁ ବ୍ୟବହାର, ଉଚ୍ଚ ରକ୍ତଚାପ ଓ ମଧୁମେହ ଭଳି ଅଣ-ସଂକ୍ରାମକ ରୋଗ ବିଷୟରେ ମଧ୍ୟ ତଥ୍ୟ ସଂଗ୍ରହ କରିଥିଲା।

ଏକ ରିପୋର୍ଟ ଆଧାରରେ, ୭୦ ବର୍ଷ ମଧ୍ୟରେ ପୁରୁଷଙ୍କ ଶୁକ୍ରାଣୁ ୫୦ ପ୍ରତିଶତ ହ୍ରାସ ପାଇଛି। ପରିବେଶ ଓ ଜୀବନଶୈଳୀ ପରିବର୍ତ୍ତନ ସାଙ୍ଗକୁ ଅତ୍ୟଧିକ ଫାଷ୍ଟଫୁଡ୍ ଖାଇବା, ନିଶାଦ୍ରବ୍ୟ ସେବନ, ଆବଶ୍ୟକ ପରିମାଣର ଶୋଇବାର ଅଭାବ, କମ୍ପ୍ୟୁଟର୍ ଓ ମୋବାଇଲ୍‌ର ମାତ୍ରାଧିକ ବ୍ୟବହାର ଯୋଗୁଁ ଏଭଳି ହେଉଛି। ଓଡ଼ିଶା ପରିପ୍ରେକ୍ଷୀରେ ନିଶା ସହିତ ମଧୁମେହ ଓ ମାତ୍ରାଧିକ ଚିନ୍ତା ପୁରୁଷଙ୍କ ଶୁକ୍ରାଣୁ ସଂଖ୍ୟାକୁ କମାଇବାରେ ଲାଗିଛି। ଯାହାର ସିଧାସଳଖ ପ୍ରଭାବ ପ୍ରଜନନ କ୍ଷମତା ଉପରେ ପଡୁଛି।

# ସ୍ୱେଚ୍ଛାସେବୀ ସଂଗଠନ ତରଫରୁ ରକ୍ତଦାନ ଶିବିର



## ୧୭ ୟୁନିଟ୍ ରକ୍ତ ସଂଗୃହୀତ

**ନୟାଗଡ଼,୭।୧୧ (ସଂଚାର ବ୍ୟୁରୋ):** ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତର ଅଭାବ ଲାଗି ରହିଛି। ଯେଉଁଥି ପାଇଁ ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି ରୋଗୀ ଓ ରୋଗୀଙ୍କ ଆଟେଡ଼ାଣ୍ଟ । ଏହାକୁ ଦୃଷ୍ଟିରେ ରଖି ନୟାଗଡ଼ ଅଞ୍ଚଳର ଯୁବ ସମାଜସେବୀ ଓ ଅନୁଷ୍ଠାନ ଆଗଭର ହୋଇ ଆଜି ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଥିବା ରକ୍ତ ଭଣ୍ଡାର ଗୃହରେ ରକ୍ତଦାନ ଶିବିର ଆୟୋଜନ କରିଥିଲେ । ଯୁବ ଛାତ୍ର ସମାଜସେବୀ ଅଶ୍ୱିନୀ କୁମାର ସେଠୀ, ଗିଭ୍ ବ୍ଲଡ ସେଭ୍ ଲାଇଫ ସଙ୍ଗଠନ ଓ ଇନଫିନିଟ କଲେଜ୍ ଅଫ ହୋଟେଲ ମ୍ୟାନେମେଣ୍ଟ ସହଭାଗିତାରେ ଆୟୋଜିତ ରକ୍ତଦାନ ଶିବିରକୁ ନୟାଗଡ଼ ଏସଡିପିଓ ଜ୍ୟୋତି ରଞ୍ଜନ ସାମନ୍ତରାୟ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ରକ୍ତଦାନ ଶିବିରର ଶୁଭାରମ୍ଭ କରିବା ସହ ନିଜେ ରକ୍ତ ଦାନ କରି ଜନସାଧାରଣଙ୍କ ପ୍ରେରଣା ପାଲଟିଥିଲେ। ଏବଂ ଯୁବ ରକ୍ତଦାତା ମାନଙ୍କୁ ରକ୍ତଦାନ କରିବା ପାଇଁ ଉତ୍ସାହିତ କରାଇଥିଲେ । ଅନ୍ୟତମ ଅତିଥି ଭାବେ ଅତିରିକ୍ତ ଜିଲ୍ଲା ଚିକିତ୍ସାଧିକାରୀ ଶୁଶାନ୍ତ କୁମାର ବେହେରା, ଟାଉନ ଥାନା ଆଇଆଇସି ରଶ୍ମିରଂଜନ ପ୍ରଧାନ, ସମାଜସେବୀ ଭାଗିରଥି ବାଇ, ଇନଫିନିଟ କଲେଜ୍ ଅଫ ହୋଟେଲ ମ୍ୟାନେମେଣ୍ଟ ଅଧକ୍ଷ ମିର୍ ସାହିଦ୍ ଅଲ୍ଲୀ, ଓ ସମ୍ପାଦିକା ସଂଯୁକ୍ତା ମହାରଣା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶିବିରରେ ମୋଟ ୧୭ ୟୁନିଟ ରକ୍ତ ସଂଗ୍ରହ ହୋଇଥିବା ସୂଚନା ମିଳିଛି।

ତେବେ ପ୍ରତ୍ୟେକ ସଂଗଠନ ଆଗଭର ହୋଇ ରକ୍ତଦାନ ଶିବିର ଆୟୋଜନ କରନ୍ତୁ ଏବଂ ନୟାଗଡ଼ ଜିଲ୍ଲାରୁ ରକ୍ତ ଅଭାବ ଦୂର କରନ୍ତୁ ବୋଲି ନୟାଗଡ଼ ଏସଡିପିଓ ଆହ୍ୱାନ ଦେଇଛନ୍ତି ।

# ଅବୈଧ ଭାବେ ଚାଲୁଥିବା ଶପିଂ ମଲ୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି



**ରାୟଗଡା,୭।୧୧ (ସଂଚାର ବ୍ୟୁରୋ):** ରାୟଗଡା ସହରର ରାଜପଥ ଜେ.କେ. ପୁର ରୋଡ୍ ନିକଟସ୍ଥ ଭି-୨ ଶପିଂ ମଲ୍ କୌଣସି ବିଲ୍ଡିଂ କମ୍ପ୍ଲିସନ୍ ସାର୍ଟିଫିକେଟ୍ ସିସି ଅକ୍ୟୁପେନ୍ସି ସାର୍ଟିଫିକେଟ୍ ଓସି ଟ୍ରେଡ୍ ଲାଇସେନ୍ସ ଓ ଅନ୍ୟାନ୍ୟ ଆବଶ୍ୟକ ଅନୁମତି ନଥିବା ସତ୍ୱେ ଅବୈଧ ଭାବେ ଚାଲୁ ହୋଇଥିବା ଗଭୀର ଅଭିଯୋଗ ଏବେ ଜନମନସରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ହଇଛି। ହଜାର ହଜାର ଲୋକଙ୍କ ଭିଡ଼ ଲାଗୁଥିବା ଏହି ମଲ୍‌ରେ ଅଗ୍ନିକାଣ୍ଡ, ବିଦ୍ୟୁତ୍ ଦୁର୍ଘଟଣା ଭଳି ବୃହତ୍ ବିପଦ ସମ୍ଭାବନା ନେଇ ଚିନ୍ତା ଅଭିବ୍ୟକ୍ତ ହେଉଛି।

ନିୟମ ଅନୁଯାୟୀ, କୌଣସି ବାଣିଜ୍ୟିକ ଭବନ ଖୋଲାପୂର୍ବରୁ ପ୍ରଶାସନ ତରଫରୁ ସମସ୍ତ ପ୍ରମାଣ ପତ୍ର ଯାଞ୍ଚ ଓ ଅନୁମୋଦନ ଅତ୍ୟାବଶ୍ୟକ। କିନ୍ତୁ ଏହି ମଲ୍ ସେମସ୍ତ ନିୟମକୁ ଲଂଘନ କରି ଚାଲୁ ହୋଇଯାଇଥିବାରୁ ଜିଲ୍ଲା ପ୍ରଶାସନଙ୍କ ଭୂମିକା ନେଇ ପ୍ରଶ୍ନ ଉଠିଛି। ନିରୀହ ଜନସାଧାରଣଙ୍କ ସୁରକ୍ଷାକୁ ବିପଦରେ ପକାଇ ପ୍ରଶାସନ ଅବହେଳା କିପରି କରିପାରିଲା ବୋଲି ଅଞ୍ଚଳବାସୀମାନେ ପ୍ରଶ୍ନକରୁଛନ୍ତି। ଏହି ଅନିୟମିତତା ନେଇ ମାନବ ଅଧିକାର କର୍ମୀ ବିଶ୍ୱରାଜ ଛିଞ୍ଚାଣି, ସ୍ୱର୍ଣ୍ଣମଞ୍ଜୁରୀ ପାଳ, ସାମ୍ବାଦିକ ରାଜ କୁମାର ଲିମା ଓ ଅନ୍ୟାନ୍ୟ ବୁଦ୍ଧିଜୀବୀମାନେ ଆଜି ଅତିରିକ୍ତ ଜିଲ୍ଲାପାଳ ନବୀନ ନାୟକଙ୍କ ମାଧ୍ୟମରେ ଜିଲ୍ଲାପାଳ, ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଏକ ଲିଖିତ ଅଭିଯୋଗ ପ୍ରଦାନ କରିଛନ୍ତି। ଅଭିଯୋଗରେ ତୁରନ୍ତ ଯୁଗ୍ମ ତଦନ୍ତ, ମଲ୍‌କୁ ସିଲ୍ କରିବା ଓ ଦାୟୀ ଅଧିକାରୀମାନଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

ଏହା ସହିତ ଅଭିଯୋଗକାରୀମାନେ ପ୍ରଶ୍ନ ଉଠାଇଛନ୍ତି ରାୟଗଡା ଏକ ଆଦିବାସୀ-ବହୁଳ ଜିଲ୍ଲା ହୋଇଥିବାବେଳେ ବିନା ସୁରକ୍ଷା ଓ ବିନା ତଦନ୍ତରେ ଏପରି ଭବନଗୁଡ଼ିକୁ କିପରି ଅନୁମୋଦନ ଦିଆଯାଉଛି? କିଛି ଜିଲ୍ଲାସ୍ତରୀୟ ଅଧିକାରୀ ହାତଗୁଂଜା ନେଇ ସହଯୋଗ କରୁଥିବେ କି? ଏହା ଏକ ଗୁରୁତର ପ୍ରଶ୍ନବାଚୀ ଚିହ୍ନ ସୃଷ୍ଟି କରିଛି।

ଶେଷରେ, ଅଭିଯୋଗକାରୀମାନେ ପ୍ରଶାସନକୁ ଅନୁରୋଧ କରିଛନ୍ତି ଯେ, ଜନସାଧାରଣଙ୍କ ସୁରକ୍ଷା ନିମନ୍ତେ ନିଆଯାଇଥିବା ଦୃଷ୍ଟାନ୍ତମୂଳକ ପଦକ୍ଷେପ ସର୍ବସାଧାରଣଙ୍କୁ ଅବଗତ କରାଯାଉ।

# ସ୍କାଉଟ୍, ଗାଇଡ୍ ପ୍ରତିଷ୍ଠା ଦିବସ ପାଳିତ



**କଣାସ,୭।୧୧ (ସଂଚାର ବ୍ୟୁରୋ):** କଣାସ ବ୍ଲକ ସିରେଇ ଗ୍ରାମପଞ୍ଚାୟତର ସିରେଇ ଗ୍ରାମରେ ପ୍ରତିଷ୍ଠିତ ବିଶ୍ୱନାଥ ସ୍ମୃତି ବିଦ୍ୟାନିକେତନର ସ୍କାଉଟ୍ ଭବନରେ ଆଜି କଣାସ ବ୍ଲକର ବିଭିନ୍ନ ସ୍କୁଲର ସ୍କାଉଟ୍, ଗାଇଡି ମାନଙ୍କୁ ନେଇ ସ୍କାଉଟ, ଗାଇଡି ପ୍ରତିଷ୍ଠା ଦିବସ ପାଳିତ ହୋଇଯାଇଛି। ଅନୁଷ୍ଠିତ ସଭାରେ ରାଜ୍ୟ ମୁଖ୍ୟ କମିଶନରଙ୍କ ଅନୁମୋଦନ କ୍ରମେ ରାଜପାଳଙ୍କ ଠାରୁ ସୋସିଆଲ୍ ସରଭିସ୍ ଷ୍ଟାର ଓ୍ୱାଡ ପ୍ରାପ୍ତ ସମାସଜ ସେବୀ ସୁକାନ୍ତ କିଶୋର ସାମନ୍ତରାୟ ସଭାପତି ଭାବେ ଯୋଗଦେଇ ବିଶ୍ୱ ସ୍କାଉଟ୍, ଗାଇଡି ପ୍ରତିଷ୍ଠା ଦିବସର ଐତିହାସ ଓ ସାଂସ୍କୃତି ସ୍ମୃତିଚାରଣ କରିଥିଲେ। ପ୍ରଧାନଶିକ୍ଷକ ଧନ୍ୟବାଦ ଅର୍ପଣ କରିବାପରେ ସ୍କାଉଟ୍, ଗାଇଡି ଛାତ୍ରଛାତ୍ରୀମାନେ ଶୋଭାଯାତ୍ରାରେ ଯାଇ କଣାସ ବ୍ଲକ, ତହସିଲ କାର୍ଯ୍ୟାଳୟ, ଥାନ, ଡାକ୍ତରଖାନା, ବ୍ୟାଙ୍କ, ଆଦାଲତ, ବିଦ୍ୟୁତ୍ ବିଭାଗ, ଅଗ୍ନିଶ୍ରମ କାର୍ଯ୍ୟାଳୟକୁ ଯାଇ ଟୋକନ୍ ଫ୍ଲାଗ ଲଗାଇ ସମ୍ବର୍ଦ୍ଧନା ଜଣାଇଥିଲେ। ସମାଜରେ ଭଲ ମଣିଷ ଟିଏ ହେବା ପାଇଁ ସ୍କାଉଟ୍ ଗାଇଡିରେ ଦିକ୍ଷତ ହେବା ନିମନ୍ତେ ସମ୍ମାନସ୍ପଦ ଓ ପୂଜ୍ୟସ୍ପଦ ବ୍ୟକ୍ତି ଭାବେ ପିଲାମାନଙ୍କୁ ଆର୍ଶବାଦ ପ୍ରଦାନ କରିଥିଲେ।

# ପୂର୍ବତନ ବିଧାୟକଙ୍କ ଜନ୍ମଦିନ ପାଳନ



**ରାଜନଗର,୭।୧୧(ସଂଚାର ବ୍ୟୁରୋ):** ରାଜନଗର ନିର୍ବାଚନମଣ୍ଡଳୀର ପୂର୍ବତନ ବିଧାୟକ ତଥା ବିଜୁ ଜନତା ଦଳର ଯୁବ ନେତା ଅଂଶୁମାନ ମହାନ୍ତିଙ୍କ ୪୩ ତମ ଜନ୍ମଦିନ ଆଜି ବିଜୁ ଜନତା ଦଳ କାର୍ଯ୍ୟାଳୟରେ ପାଳିତ ହୋଇଯାଇଛି। ଏଥିରେ ବରିଷ୍ଠ ନେତା ଦେବେନ୍ଦ୍ର କୁମାର ଜେନା ,ଅଶୋକ କୁମାର ବଳ ,ରବୀନ୍ଦ୍ର ପଢ଼ିହାଡ଼ି ରଞ୍ଜନ କୁମାର ମହାନ୍ତି, ରବୀନ୍ଦ୍ର ରାଉତ , ଶତ୍ରୁଘ୍ନ ପରିଡ଼ା, ସରୋଜ ଜେନା, ଅଲେଖ ବେହେରା, ଦାମୋଦର ମହାନ୍ତି,ସୁଧୀର ପାଲ ,ରଞ୍ଜନ ରାଉତ, ମାନସ ପ୍ରଧାନ ପ୍ରମୁଖ ବହୁ ବିଜେଡି ନେତା କର୍ମକର୍ତ୍ତା, ଶୁଭେଚ୍ଛୁ ଓ ସମର୍ଥକ ସାମିଲ ହୋଇ ଅଂଶୁମାନଙ୍କ ଦୀର୍ଘ ଜୀବନ କାମନା କରି ବିଭିନ୍ନ ଦେବା ଦେବୀ ମନ୍ଦିରରେ ଦୀପଦାନ କରିବା ସହିତ କେକ୍ କାଟି ଶ୍ରୀ ମହାନ୍ତିଙ୍କ ୪୩ ତମ ଜନ୍ମଦିନ ପାଳନ କରିଥିଲେ ।

# ମାର୍ଶାଘାଇ ଥାନା ପକ୍ଷରୁ ସାଇବର ସୁରକ୍ଷା ସଚେତନତା



**ମାର୍ଶାଘାଇ,୭।୧୧(ସଂଚାର ବ୍ୟୁରୋ):** କେନ୍ଦ୍ରାପଡ଼ା ଜିଲ୍ଲା ମାର୍ଶାଘାଇ ଥାନା ପକ୍ଷରୁ ସାଇବର ଠକେଇ ସଚେତନତାର ଏକ କାର୍ଯ୍ୟକ୍ରମ ଥାନାଧିକାରୀ ତପନ କୁମାର ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାରିଣୀ ଆବାସିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଅଧ୍ୟକ୍ଷ ଜ୍ଞାନରଞ୍ଜନ କୁଣ୍ଡ,କେନ୍ଦ୍ରାପଡ଼ା ଉପ ଆରକ୍ଷୀ ଅଧୀକ୍ଷକ ସରୋଜ କୁମାର ସାହୁ, ଉପଖଣ୍ଡ ଆରକ୍ଷୀ ଅଧୀକ୍ଷକ ଜ୍ୟୋତିରଞ୍ଜନ ଗୌଡ଼, ଅତିରିକ୍ତ ଆରକ୍ଷୀ ନିରୀକ୍ଷକ ନାରାୟଣ ସାହୁ ପ୍ରମୁଖ ଯୋଗଦେଇ ଉପସ୍ଥିତ ୭ ଶହରୁ ଅଧିକ ଛାତ୍ର ଛାତ୍ରୀଙ୍କୁ ସଚେତନ କରାଇଥିଲେ।

ସାଧାରଣ ଲୋକମାନଙ୍କୁ ବିଭିନ୍ନ ପ୍ରଲୋଭନ ଦେଖାଇ ସାଇବର ଠକମାନେ ଅର୍ଥ ଲୁଟ କରିବା, ବ୍ୟକ୍ତିଗତ ତଥ୍ୟ ଚୋରି, ବ୍ଲାକମେଲ, ମିଥ୍ୟାପ୍ରଲୋଭନ ଦେଖାଇ ସର୍ବସ୍ୱାନ୍ତ କରୁଥିବାରୁ ସେମାନଙ୍କ ମଧ୍ୟରେ ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପଥପ୍ରାନ୍ତ ସଭା ମାଧ୍ୟମରେ ଚକୁଳିଆ ପଣ୍ଡା ଗୀତ, ସାଂସ୍କୃତିକ କାର୍ଯ୍ୟକ୍ରମ, ନାଟକ ପରିବେଷଣ, ମାସ୍କଟ ପ୍ରଦର୍ଶନର ଆୟୋଜନ କରାଯାଇଥିଲା। ସେହିପରି ଜାତୀୟ ରାଜପଥ ପାର୍ଶ୍ୱସ୍ଥ କାନପୁର, ବଡ଼ପାଳ ଗଡା, ଟିକରପଙ୍ଗା ସମେତ ମାର୍ଶାଘାଇ ମହାବିଦ୍ୟାଳୟ ପରିସରରେ ସଚେତନତା ଶିବିର କରାଯାଇଥିଲା ।

# ରଙ୍ଗିଆମୁଣ୍ଡା ପକ୍ଷରୁ ମେଗା ସ୍ୱାସ୍ଥ୍ୟ ଶିବିରର ଆୟୋଜନ




**ସୁନ୍ଦରଗଡ଼, ୭।୧୧ (ସଂଚାର ବ୍ୟୁରୋ):** ଶୁକ୍ରବାର ସୁନ୍ଦରଗଡ ଜିଲ୍ଲା ସେବକ ରଙ୍ଗିଆମୁଣ୍ଡା କାର୍ଯ୍ୟାଳୟ ପରିସର ରେ ଏକ ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଓ ଚିକିତ୍ସା ଶିବିର ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକ ଓ ମୁରଲୀକ୍ରୀଷ୍ଣା ଫାଉଣ୍ଡେସନ ତଥା କ୍ରୀଷ୍ଣା ବିକାଶ ସୁପର ସ୍ପେଶିଆଲିଟି ହସ୍ପିଟାଲର ମିଳିତ ଉଦ୍ୟମରେ ଅନୁଷ୍ଠିତ ହୋଇଯାଇଛି । ଏହି ମେଗା ସ୍ୱାସ୍ଥ୍ୟ ପରୀକ୍ଷା ଶିବିରକୁ ଓଡିଶାର ମାନ୍ୟବର ଉପ ବାଚସ୍ପତି ଭବାନୀଶଙ୍କର ଭୋଇ ଉଦଘାଟନ କରି ଗ୍ରାମାଞ୍ଚଳର ଲୋକଙ୍କୁ ସ୍ୱାସ୍ଥ୍ୟ ସେବା ଯୋଗାଇବାରେ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସେବକର ଭୂମିକା ଅତୁଳନୀୟ, ଏହିପରି କାର୍ଯ୍ୟକ୍ରମ ଏକ ସୁସ୍ଥ ସମାଜ ଗଠନ ଦିଗରେ ପଥ ପ୍ରଦର୍ଶକ ହେବ ବୋଲି ମତପ୍ରଦାନ କରିଥିଲେ।

କ୍ରୀଷ୍ଣା ବିକାଶ ସୁପର ସ୍ପେଶିଆଲିଟି ହସ୍ପିଟାଲ ତରଫରୁ ବିଭିନ୍ନ ବିଶେଷଜ୍ଞ ଡାକ୍ତର ମାନଙ୍କ ମଧ୍ୟରେ ଔଷଧ ବିଭାଗର ବରିଷ୍ଠ ଡାକ୍ତର ଡ. ମନୋଜ କୁମାର ଉପାଧ୍ୟାୟ, ଅସ୍ଥିଶଲ୍ୟ ବିଭାଗର ଡ.ନାରାୟଣ ପ୍ରସାଦ ମିଶ୍ର, ଗ୍ୟାଷ୍ଟ୍ରୋଏଣ୍ଟ୍ରୋଲୋଜି ବିଭାଗର ଡ. ମୁକ୍ତିପ୍ରକାଶ ମେହେର, ଚର୍ମରୋଗ ବିଶେଷଜ୍ଞ ଡ. ଦେବାନ୍ସି ସାରାଓ୍ୱାଗି, ଦନ୍ତ ଚିକିତ୍ସକ ଡ. ଶ୍ରଦ୍ଧାସୁମନ ପାଲ, ଛାତି ଓ ଫୁସଫୁସ ରୋଗ ବିଶେଷଜ୍ଞ ଡ. ସନ୍ତୋଷ ପାଣିଗ୍ରାହୀ, ତଥା ଲାୟନ୍ସ ଚକ୍ଷୁ ହସ୍ପିଟାଲର ଅଭିଜ୍ଞ ଚକ୍ଷୁ ଚିକିତ୍ସକ ମାନେ ଅଂଶଗ୍ରହଣ କରି ରୋଗୀଙ୍କ ମାଗଣା ସ୍ୱାସ୍ଥ୍ୟ ପରୀକ୍ଷା, ପରାମର୍ଶ ସହିତ ଔଷଧ ବଣ୍ଟନ କରିଥିଲେ।

# ରାଷ୍ଟ୍ରଗୀତ 'ବନ୍ଦେ ମାତରମ'ର ୧୫୦ବର୍ଷ ପୂର୍ତ୍ତି ଉତ୍ସବ



**ନୟାଗଡ଼, ୭।୧୧ (ସଂଚାର ବ୍ୟୁରୋ):** ଜିଲ୍ଲାପାଳଙ୍କ ସଦଭାବନା ଗୃହରେ ରାଷ୍ଟ୍ରଗୀତ "ବନ୍ଦେ ମାତରମ"ର ୧୫୦ବର୍ଷ ପୂର୍ତ୍ତି ଉତ୍ସବ ପାଳିତ ହୋଇଯାଇଛି। ନୟାଗଡ଼ ଜିଲ୍ଲାପାଳ ଅକ୍ଷୟ ସୁନିଲ ଅଗ୍ରୱାଲା ମୁଖ୍ୟ ଅତିଥି ଭାବେ ଯୋଗ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଙ୍କ ସହ ଜିଲ୍ଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ୍ ରାଉତ, ଅତିରିକ୍ତ ଜିଲ୍ଲାପାଳ ରୋଜିନ ଦାସ, ଅତିରିକ୍ତ ଜିଲ୍ଲାପାଳ ବିଜୟାନନ୍ଦ ନାୟକ, ଉପ ଜିଲ୍ଲାପାଳ କର୍ଣ୍ଣଦେବ ସମାଦ୍ଦାର ମଞ୍ଚାସିନ ହୋଇଥିଲେ । ଜିଲ୍ଲା ସ୍ତରୀୟ ଅଧିକାରୀ ଓ କର୍ମଚାରୀ ଲିଙ୍କ୍ ଯୋଗେ ସାମୁହିକ ବନ୍ଦେ ମାତରଂ ଗାନ କାର୍ଯ୍ୟକ୍ରମରେ ଯୋଡ଼ି ହୋଇଥିଲେ। ପରେ ପରେ ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ବକ୍ତବ୍ୟର ସିଧା ପ୍ରସାରଣରେ ସମସ୍ତେ ଉପସ୍ଥିତ ରହି କାର୍ଯ୍ୟକ୍ରମ ବିଷୟରେ ଅବଗତ ହୋଇ ଥିଲେ। ସେହିପରି ମୁନିସପାଲିଟି, ଏନଏସି, ବ୍ଲକ କାର୍ଯ୍ୟାଳୟରେ ଏବଂ ତହସିଲ କାର୍ଯ୍ୟାଳୟ ଠାରେ ରାଷ୍ଟ୍ର ଗୀତ ବନ୍ଦେ ମାତରଂ ଗାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି ।

# ଅଂଶୁମାନ ମହାନ୍ତିଙ୍କ ଜନ୍ମଦିନରେ ଶୁଭେଚ୍ଛା ଜଣାଇଲେ ପଟ୍ଟାମୁଣ୍ଡାଇର ବହୁ ଶୁଭଚିନ୍ତକ



**ପଟ୍ଟାମୁଣ୍ଡାଇ, ୭।୧୧ (ସଂଚାର ବ୍ୟୁରୋ):** ଆଜି ପୂର୍ବତନ ବିଧାୟକ ଅଂଶୁମାନ ମହାନ୍ତିଙ୍କ ଜନ୍ମତିଥିରେ ତାଙ୍କର ପଟ୍ଟାମୁଣ୍ଡାଇ ଅଂଚଳର ବହୁ ଶୁଭ ଚିନ୍ତକମାନେ ଏକତ୍ରିତ ହୋଇ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି। ଏହି ଉପଲକ୍ଷେ ଶ୍ରୀ ମହାନ୍ତିଙ୍କ ଶୁଭକାମନାକରି ପଟ୍ଟାମୁଣ୍ଡାଇ ମେଡିକାଲରେ ରୋଗିମାନଙ୍କୁ ଫଳ ଓ୍ୱଣ୍ଟନ ଓ ସ୍ଥାନୀୟ ରାମମନ୍ଦିରରେ ୧୦୮ ଦୀପ ଦାନକରି ଅଂଶୁମାନ ମହାନ୍ତିଙ୍କ ଶୁଭକାମନାକରି ଆର୍ଶୀବାଦ ଭିକ୍ଷା କରିଥିଲେ। ଏହି କାର୍ଯ୍ୟକ୍ରମରେ ଅମୂଲ୍ୟ ପ୍ରଧାନ,ମଳୟ ଓଝା,ଆଲୋକ ଧଳ, ନରେଶ ଜେନା, ମନୋରଞ୍ଜନ କର, ଲକ୍ଷ୍ମୀଧର ବାରିକ, ହିରଣ୍ୟ ରାଉତ, ଏସକେ ଅମରୁଲ, ଦିଲ୍ଲୀପ ମହାନ୍ତି, ନିରଞ୍ଜନ ସେଠୀ,ସମିର ଜେନା, ଦେବାଶିଷ ମହାନ୍ତି,ଅମିତ ନାୟକ, ଦେଓ୍ୱାଶିଷ ନାୟକ,ଅସିମ ମହାନ୍ତି, କୀର୍ତ୍ତି ଚନ୍ଦ୍ର ନାୟକ ,ଓଁକାର ମହାନ୍ତି,ଓ୍ୱଣ୍ଟି ଦାସ,ପିଣ୍ଟୁ ଚୈଧୁରୀ, କେଦାର ରାଉତ, ବିରଞ୍ଚି ନାରାୟଣ ଚୈଧୁରୀ,ମଦନ କୁମାର ଦାସ,ବ୍ରଜ ନାୟକ,ସୁରଥ ସ୍ୱାଇଁ ଓ ମଧୁସୂଦନ ଦାସ ପ୍ରମୁଖ ସାମିଲ ହୋଇ ଦୀର୍ଘାୟୁ କାମନା କରିଥିଲେ।

# ଜିଲ୍ଲାରେ ସମବେତ ଭାବେ ଗାନ ହେଲା 'ବନ୍ଦେ ମାତରମ'

**ସୁନ୍ଦରଗଡ଼, ୭।୧୧ (ସଂଚାର ବ୍ୟୁରୋ):** ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମର ଶୁକ୍ରବାର ୧୫୦ ବର୍ଷ ପୂର୍ତ୍ତି ହୋଇଅଛି। ଏହି ଅବସରରେ ରାଜ୍ୟରେ ସମବେତ ଭାବେ ରାଷ୍ଟ୍ରୀୟ ଗୀତ ବନ୍ଦେ ମାତରମ ଗୀତ ଗାନ କରାଯାଇଅଛି। ଏହା ଛଡ଼ା ସମସ୍ତ ବିଦ୍ୟାଳୟ, ମହା ବିଦ୍ୟାଳୟ ମାନଙ୍କରେ ମଧ୍ୟ 'ବନ୍ଦେ ମାତରମ୍'ର ୧୫୦ ତମ ବର୍ଷ ପୂର୍ତ୍ତି ପାଳନ କରାଯିବା ସହିତ ରାଷ୍ଟ୍ରୀୟ ଗୀତର ଗାନ କରାଯାଇଛି। ଏହି ଅବସରରେ ସ୍ଥାନୀୟ ସଦଭାବନା ଭବନ ଠାରେ 'ବନ୍ଦେ ମାତରମ୍'ର ୧୫୦ ବର୍ଷ ପୂର୍ତ୍ତି ପାଳନ କରାଯିବା ସହିତ ସମବେତ ଭାବେ ବନ୍ଦେ ମାତରମ ଗାନ କରାଯାଇଥିଲା। ସେହିଭଳି ଦିଲ୍ଲୀ ସ୍ଥିତ ଇନ୍ଦିରା ଗାନ୍ଧୀ ଇନ୍‌ଡୋର୍ ଷ୍ଟାଡିୟମ୍ ଠାରେ ଆୟୋଜିତ ହୋଇଥିବା ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଯୋଗ ଦେଇ ଉଦ୍‌ବୋଧନ ଦେଇଥିଲେ।

ଜିଲ୍ଲା ସ୍ତରୀୟ କାର୍ଯ୍ୟକ୍ରମରେ ଏହି ଜାତୀୟ ସ୍ତରୀୟ କାର୍ଯ୍ୟକ୍ରମର ଲାଇଭ୍ ଷ୍ଟ୍ରିମିଂ ମଧ୍ୟ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲାପାଳ ଡ଼ା ଶୁଭଙ୍କର ମହାପାତ୍ର, ଅତିରିକ୍ତ ଜିଲ୍ଲାପାଳ ସୂରଜ ପଟ୍ଟନାୟକ, ଜାତୀୟ ସୂଚନା ବିଜ୍ଞାନ କେନ୍ଦ୍ରର ଜିଲ୍ଲା ସୂଚନା ବିଜ୍ଞାନ ଅଧିକାରୀ କାନ୍ଦ୍ରା ହେମ୍ବ୍ରମ, ଜିଲ୍ଲା ସଂସ୍କୃତି ଅଧିକାରୀ ନନ୍ଦିନୀ ମୁଣ୍ଡାରୀ, ଅନ୍ୟାନ୍ୟ ଜିଲ୍ଲା ସ୍ତରୀୟ ଅଧିକାରୀ ଏବଂ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟର କର୍ମଚାରୀ ମାନେ ଯୋଗ ଦେଇଥିଲେ।

# ଧାମନଗର ପୁଲିସ ତରଫରୁ ସାଇବର ସୁରକ୍ଷା ଅଭିଯାନ




**ଧାମନଗର, ୭।୧୧ (ସଂଚାର ବ୍ୟୁରୋ):** ରାଜ୍ୟ ପୋଲିସ ବିଭାଗ ପକ୍ଷରୁ ସାଇବର ଠକେଇ ରୋକିବା ପାଇଁ ଦୃଢ଼ ପଦକ୍ଷେପ ଗ୍ରହଣ କରାଯାଇଛି। "ରୁହନ୍ତୁ ଯାଞ୍ଚ କରନ୍ତୁ,ସୁରକ୍ଷିତ ରୁହନ୍ତି" ଏହି ପରିପ୍ରେକ୍ଷୀରେ ଧାମନଗର ପୁଲିସ ତରଫରୁ ସାଇବର ସୁରକ୍ଷା ଅଭିଯାନ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ପ୍ରଥମ ପର୍ଯ୍ୟାୟରେ ଏସ ଡି ପି ଓ ଶ୍ରୀ ସେଠୀ ଥାନାର ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ଶପଥ ପାଠ କରାଇଥିଲେ। ପରେ ଶୁକ୍ରବାର ସକାଳ ୧୦ ସମୟରେ ଧାମନଗର ପୋଲିସ ତରଫରୁ ଆଇଆଇସି ରଞ୍ଜନ କୁମାର ସେଠୀଙ୍କ ତତ୍ତ୍ୱାବଧାନରେ ଥାନା ପରିସରରେ ସଚେତନତା ଅଭିଯାନ ରଥର ଶୁଭାରମ୍ଭ ହୋଇଥିବା ବେଳେ ଲୋକମାନଙ୍କ ଭିତରେ ସଚେତନତା ସୃଷ୍ଟି କରିବା ପାଇଁ ଯୁବକ ଓ ଛାତ୍ରଛାତ୍ରୀ ମାନେ ଫ୍ଲାକ କାର୍ଡ ଧରି ଏକ ସଚେତନତା ଶୋଭାଯାତ୍ରା ଥାନାରୁ ବାହାରି ବଜାର ପରିକ୍ରମା କରି ବ୍ଲକ କାର୍ଯ୍ୟାଳୟ ପର୍ଯ୍ୟନ୍ତ ପହଞ୍ଚି ଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ସେଠାରେ ପଞ୍ଚାୟତ ସମିତି ସଭାଗୃହ ପରିସରରେ ବିଡିଓ ବନବିହାରି ଦିନ୍ଦାଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମକୁ ଅଧ୍ୟାପକ ଚିନ୍ମୟ ଜେନା ପରିଚାଳନା କରିଥିବା ବେଳେ ଥାନା ଅଧିକାରୀ ଶ୍ରୀ ରଞ୍ଜନ ସେଠୀ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ଏନ ଏ ସି ଅଧ୍ୟକ୍ଷା ନିବେଦିତା ଜେନା,ବରେଣ୍ୟ ଅତିଥି ଭଦ୍ରକ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଂଶୁମାନ ଦ୍ୱିବେଦୀ,ମୁଖ୍ୟ ବକ୍ତା ଭାବେ ଧାମନଗର ଏସ୍ ଡି ପି ଓ ତ୍ରିଲୋଚନ ସେଠୀ,ସମ୍ମାନିତ ଅତିଥି ଭାବେ ଦୟାନିଧି ଦାଶ ଆଇଆଇସି ଜିଲ୍ଲା ହେଡକ୍ୱାଟର,ଉପାଧ୍ୟକ୍ଷ ଜଗବନ୍ଧୁ ପ୍ରଧାନ,ଉପାଧ୍ୟକ୍ଷ ଓସିମ ଏଜଦାନି କାଦିରୀ ଯୋଗ ଦେଇ ସାଇବର ଠକେଇ ସମ୍ପର୍କରେ ବ୍ୟାପକ ଆଲୋଚନା କରିଥିଲେ।

# ରଘୁନାଥ ଉଚ୍ଚ ବିଦ୍ୟାଳୟରେ ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ 'ବନ୍ଦେ ମାତରଂ' ସଂଗୀତ ଗାନ କାର୍ଯ୍ୟକ୍ରମ




**ବୈଶିଙ୍ଗା, ୭।୧୧ (ସଂଚାର ବ୍ୟୁରୋ):** ବୈଶିଙ୍ଗା ଥାନା ଅନ୍ତର୍ଗତ ଅଁଳା ଗ୍ରାମ ପଞ୍ଚାୟତ ଅଧୀନ ରାଇକମା ସ୍ଥିତ ରଘୁନାଥ ଉଚ୍ଚ ବିଦ୍ୟାଳୟରେ ୧୫୦ ବର୍ଷ ପୂର୍ତ୍ତି ଉପଲକ୍ଷେ ବଙ୍କିମ ଚନ୍ଦ୍ର ଚାଟାର୍ଜୀ ଙ୍କ ରଚିତ "ବନ୍ଦେ ମାତରଂ" ସଂଗୀତ ଗାନ କାର୍ଯ୍ୟ କ୍ରମ ଅନୁଷ୍ଠିତ ହୋଇ ଯାଇଛି। ପ୍ରଧାନ ଶିକ୍ଷକ ଶ୍ରୀ ଅଜିତ କୁମାର ଜେନା ଙ୍କ ମାର୍ଗଦର୍ଶନ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ୨୮୦ ଜଣଛାତ୍ର ଛାତ୍ରୀ ସମେତ ସମସ୍ତ ଶିକ୍ଷକ ଅଣଶିକ୍ଷକ ପ୍ରାର୍ଥନା ସଭାରେ ସମୂହ ଗାନ ରେ ଏକତ୍ରିତ ହୋଇ ରାଷ୍ଟ୍ର ଆରାଧନା ଓ ଦେଶପ୍ରୀତି ର ଏହି କାଳଜୟୀ ରାଷ୍ଟ୍ରୀୟ ସଂଗୀତ ବନ୍ଦେ ମାତରଂ ଗାନ କରିଥିଲେ।

ଅପରାହ୍ନରେ ପ୍ରଧାନ ଶିକ୍ଷକ ଙ୍କ ପୌରହିତ୍ୟରେ ଆୟୋଜିତ ଏକ ସଭାରେ ବିଦ୍ୟାଳୟର ସମସ୍ତ ଶିକ୍ଷକ ମଞ୍ଚାସୀନ ହୋଇ ବନ୍ଦେ ମାତରଂ ସଂଗୀତ ର ରଚୟୀତା ବଙ୍କିମ ଚନ୍ଦ୍ର ଚାଟାର୍ଜୀ ଙ୍କ ଏହି ସଙ୍ଗୀତ ର ଅର୍ଥ ଓ ଗାନ ର ଉଦ୍ଦେଶ୍ୟ ସମ୍ବନ୍ଧରେ ଆଲୋକପାତ କରିଥିଲେ। "ବନ୍ଦେ ମାତରଂ"ବିଷୟ ବସ୍ତୁ ଉପରେ ଅନୁଷ୍ଠିତ କୁଇଜ୍, ପ୍ରବନ୍ଧ, ଚିତ୍ରାଙ୍କନ ଓ ସଂଗୀତ ପ୍ରତିଯୋଗୀତାର କୃତି ଛାତ୍ର ଛାତ୍ରୀ ମାନଙ୍କୁ ପୁରସ୍କୃତ କରା ଯାଇ ଥିଲା। ଶିକ୍ଷକ ଶ୍ରୀ ଶୁଭବନ୍ତ ନାୟକଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଶିକ୍ଷକ ଶ୍ରୀ ନିରଞ୍ଜନ ବାରିକ୍, ବଂଶୀଧର ଗିରି, ହରେକୃଷ୍ଣ ମହାନ୍ତ ଓ ଶୁଭାଶିଷ ପଣ୍ଡା ନିଜ ନିଜର ସାରଗର୍ଭକ ବକ୍ତବ୍ୟ ରଖିଥିଲେ। ନବମ ଶ୍ରେଣୀ ଛାତ୍ରୀ ତନ୍ମୟା ସାହୁ ଧନ୍ୟବାଦ୍ ଅର୍ପଣ କରିଥିଲେ।

### କଳିଙ୍ଗନଗର ଅଞ୍ଚଳରେ ପୁଷ୍ଟି ସାଧନ ଓ ଅଞ୍ଚଳବାସୀଙ୍କ ଉତ୍ତମ ସ୍ୱାସ୍ଥ୍ୟ ପାଇଁ

# ଟାଟା ଷ୍ଟିଲ ଫାଉଣ୍ଡେସନର ପୋଷଣ ପ୍ରକଳ୍ପ



**ଯାଜପୁର ରୋଡ଼, ୭।୧୧ (ସଂଚାର ବ୍ୟୁରୋ):** ଶିକ୍ଷା ଏବଂ ସ୍ୱାସ୍ଥ୍ୟ କ୍ଷେତ୍ରରେ ଅଧିକ ଉନ୍ନତି ଆଣିବା ଦିଗରେ ଟାଟା ଷ୍ଟିଲ ଫାଉଣ୍ଡେସନ୍ (ଟିଏସଏଫ) ଅନେକ କାର୍ଯ୍ୟକ୍ରମମାନ ହାତକୁ ନେଇଛି । କୁପୋଷଣ ଏବଂ ଅପପୁଷ୍ଟି ସ୍ଥିତିରେ ଅଧିକ ସୁଧାର ପାଇଁ ମଧ୍ୟ ଏହା ଅନେକ ପଦକ୍ଷେପ ଗ୍ରହଣ କରିଛି । ଏ ନେଇ ଟିଏସଏଫ ସ୍ଥାନୀୟ ପ୍ରଶାସନ ସହିତ ମିଳିତ ଭାବେ ୨୦୨୩ ମସିହାରେ ପ୍ରୋଜେକ୍ଟ ପୋଷଣ ଆରମ୍ଭ କରିଥିଲା, ଯାହା ଯାଜପୁର ଜିଲ୍ଲାର ଦାନଗଦି ଓ ସୁକିନ୍ଦା ଏବଂ ଗଞ୍ଜାମ ଜିଲ୍ଲାର ଛତ୍ରପୁର ଓ ରଙ୍ଗେଇଲୁଣ୍ଡା ବ୍ଲକ୍ ରେ ପୁଷ୍ଟିକର ଖାଦ୍ୟ ସ୍ଥିତିରେ ଉନ୍ନତି ଆଣିବା ଲକ୍ଷ୍ୟରେ କାର୍ଯ୍ୟ କରିଆସୁଛି।

ସ୍ଥାନୀୟ ଅଞ୍ଚଳବାସୀ, ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ର ଓ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀଙ୍କ ଦଳ ସହ ସମନ୍ୱୟ ରକ୍ଷା କରି, ପ୍ରୋଜେକ୍ଟ ପୋଷଣ ସରକାରୀ ପ୍ରୟାସଗୁଡ଼ିକୁ ସମ୍ପୂର୍ଣ୍ଣ କରିବା ପାଇଁ ଅନେକ ପଦ୍ଧତି ଅନୁସରଣ କରୁଛି। କୁପୋଷଣ ପ୍ରତିରୋଧ ପରିଚାଳନା, ସ୍ୱାସ୍ଥ୍ୟକର୍ମୀଙ୍କ ଦକ୍ଷତା ବୃଦ୍ଧି, ସ୍ଥାନୀୟ ସ୍ୱାସ୍ଥ୍ୟ କେନ୍ଦ୍ରଗୁଡ଼ିକୁ ସଶକ୍ତ କରିବା, ପୁଷ୍ଟିକର ଖାଦ୍ୟ ଏବଂ ସୁସ୍ଥ ଜୀବନ ବିଷୟରେ ଲୋକମାନଙ୍କ ମଧ୍ୟରେ ସଚେତନତା ବୃଦ୍ଧି କରିବା ଆଦି କ୍ଷେତ୍ରରେ କାର୍ଯ୍ୟ କରୁଛି ।

ଏହି ପୋଷଣ ପ୍ରକଳ୍ପ ଅଧୀନରେ ସୁକିନ୍ଦା ଓ ଦାନଗଦି ଅଞ୍ଚଳରେ ୩୭,୦୦୦ ରୁ ଅଧିକ ମହିଳା ଓ କିଶୋରୀମାନେ ପୋଷଣ ସଚେତନତା କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ । ଯେଉଁଥିରେ ପାଞ୍ଚ ବର୍ଷରୁ କମ ବୟସର ପ୍ରାୟ ୧୯,୦୦୦ ରୁ ଅଧିକ ଶିଶୁଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୧,୭୦୦ ରୁ ଅଧିକ ଶିଶୁଙ୍କୁ ସ୍ୱତନ୍ତ୍ର ଧ୍ୟାନ ଦିଆଯିବା ସହିତ ସଠିକ୍ ପୋଷଣ ପ୍ରଦାନ କରାଯାଇ ସେମାନଙ୍କ ଗତିବିଧିରେ ଉନ୍ନତି ଅଣାଯାଇପାରିଛି । ଏଥି ସମେତ ରକ୍ତହୀନତା ନିରାକରଣ ପାଇଁ ମଧ୍ୟ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯାଇଛି। ଯେଉଁଥିରେ ୧୬,୦୦୦ରୁ ଅଧିକ ମହିଳା ଏବଂ କିଶୋରୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ସେମାନଙ୍କ ମଧ୍ୟରୁ ୬,୦୦୦ ଜଣଙ୍କୁ ଚିକିତ୍ସା ସୁବିଧା ପ୍ରଦାନ କରାଯିବା ସହିତ ପୁଷ୍ଟିକର ଖାଦ୍ୟ ପରାମର୍ଶ, ଏବଂ ଆଇରନ ସପ୍ଲିମେଣ୍ଟ ଆଦି ପ୍ରଦାନ କରାଯାଇଛି ।

# ପ୍ରଦୂଷଣ ନେଲା ଆଉ ଏକ ଜୀବନ

**କଳିଙ୍ଗନଗର, ୭।୧୧ (ସଂଚାର ବ୍ୟୁରୋ):** ଯାଜପୁର ଜିଲ୍ଲା ଦାନଗଦୀ ବ୍ଲକ ଧୂଳିଗଡ଼ ପଞ୍ଚାୟତର ମାନଗୋବିନ୍ଦ ପୁରା ଗାଁ ଟି ସୁକିନ୍ଦା ରୋଡ଼ ରେଲୱେ ସାଇଡିଙ୍ଗକୁ ଲାଗି ରହିଛି, ଏହି ଗାଁ ର ନୀଳପଦା ସାହି (୧୧ ନମ୍ବର) ୱାର୍ଡର ୩୫ ଟି ପରିବାରର ର ସମସ୍ତ ଘର ରେଲୱେ ପ୍ଲଟକୁ ଲାଗିକି ରହିଛି ଫଳରେ ରେଳ ପ୍ଲଟରେ ଯେଉଁ କଞ୍ଚାମାଲ କୋଇଲା, କ୍ଲିଙ୍କର, ଲୁହାପଥର ଗୁଣ୍ଡ, ଜିପଶମ ଦିନରାତି ୨୪ଘଣ୍ଟା ଅନଲୋଡିଙ୍ଗ ହୋଇ ହାଓ୍ୱା ଯୋଗେ କାରଖାନା ପରିସରକୁ ପରିବହନ ହେବା ଦ୍ୱାରା ଧୂଳି ଉଡି ବ୍ୟାପକ ବାୟୁ ଜଳ ପ୍ରଦୂଷିତ ହେଉଛି, ଏହି ମାତ୍ରାଧିକ ବାୟୁ ଜଳ ପ୍ରଦୂଷିଣ ରେ ଅଣନିଶ୍ୱାସୀ ହୋଇ, ଆକ୍ରାନ୍ତ ହୋଇ ଏହି ନୀଳପଦା, ସୁଆଁଲ, ଗୁଳାସାହି ରେ କିଛି ବର୍ଷ ହେଲା ୧୫୫ରୁ ଉର୍ଦ୍ଧ ଲୋକଙ୍କ ମୃତ୍ୟୁ ହେଲାଣି, ଏହି କ୍ରମ ରେ କୀଡୀନି ଜନିତ ରୋଗରେ ପୀଡିତ ହୋଇ ନୀଳପଦା ସାହିର ସ୍ୱର୍ଗତ ଭରତ ବେହେରା ଙ୍କର ଏକମାତ୍ର ପୁତ୍ର ବୋଧିରାମ ବେହେରା (୫୪) ବର୍ଷ ଆଜି ଆଖି ବୁଝିଛନ୍ତି, ସ୍ୱର୍ଗତ ବୋଧିରାମ ବେହେରା ଅଞ୍ଚଳରେ ବୋଧିଆ ଭାଇ ବୋଲି ଘରେ ଘରେ ଅତି ପ୍ରିୟ ମଣିଷ ଥିଲେ, ସେ ଜଣେ ମେଳାପୀ, ମିଷ୍ଟଭାସି ଓ ଧର୍ମପରାୟଣ ବ୍ୟକ୍ତି ଥିଲେ, ପ୍ରଦୂଷଣ ଜନିତ ରୋଗରେ ପୀଡିତ ହୋଇ ତିନିଦିନ ପୂର୍ବରୁ କଟକ ମେଡିକାଲ ଓ ପରେ ପରେ ଭୁବନେଶ୍ୱର ର ଏକ ଘରୋଇ ହସ୍ପିଟାଲ ରେ ଚିକିତ୍ସିତ ହେଉଥିବା ଅବସ୍ଥରେ ଆଜି ତାଙ୍କର ମୃତ୍ୟୁ ହୋଇଥିଲା, ମାନଗୋବିନ୍ଦପୁର ସ୍ଥିତ ନୀଳପଦା ବାସ ଭବନରେ ତାଙ୍କ ମର ଶରୀର ପହଁଚିଲା ପରେ ଗାଁ ରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିଲା, ଶହ ଶହ ଲୋକ ତାଙ୍କର ଶେଷ ଦର୍ଶନ କରିବା ପାଇଁ ଭିଡ଼ କରିଥିଲେ, ପୁରୀ ସ୍ୱର୍ଗଦ୍ୱାର ରେ ତାଙ୍କର ଅନ୍ତିମ ସତ୍କାର ପାଇଁ ତାଙ୍କୁ ନିଆଇଥିଲା, ନୀଳପଦା ସାହି ଟି ପ୍ଲଟ ର ଶୂନ୍ୟ ମିଟର ରେ ଅଛି. ବାରମ୍ବାର ଜିଲ୍ଲାପାଳଙ୍କ ଜନ ଅଭିଯୋଗ ଶୁଣାଣୀ ରେ ପ୍ରଦୂଷଣ ରୋକିବା ପାଇଁ, ସ୍ୱାସ୍ଥ୍ୟ ଶିବିର କରିବା , କି ବିସ୍ଥାପିତ କରିବା ପାଇଁ ଅଭିଯୋଗ ହେଉଥିଲେ ମଧ ପ୍ରଶାସନ ନୀରବ.. କେତେ ମୁଣ୍ଡ ଆଉ ଗଲା ପରେ ଚେତିବେ ଜନତା ଓ ନେତା ପ୍ରଶାସନ ତାହା ଦେଖିବାକୁ ବାକି ରହିଲା